


ଓଡ଼ିଶା
ପ୍ରସଙ୍ଗ

Vol XLIV No. 9 UTKAL PRASANGA Regd No. O-05/88
Licence No. C. R. N. P. 5--Licensed to post without Pre-Payment





କର୍ମବୀର ଗୌରୀଶଙ୍କରଙ୍କର ବ୍ରୋଞ୍ଜ ମୂର୍ତ୍ତି
ଉଦ୍‌ଘାଟନ






# ଉତ୍କଳ ପ୍ରସଙ୍ଗ

ବୈଶାଖ ୧୯୦୯ ଶକାବ୍ଦ ୪୩ ଭାଗ ୧୦ମ ସଂଖ୍ୟା ମେ ୧୯୮୮

## ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ସୁବାସ ପାଣି

ସମ୍ପାଦକ : ସମର ବିଳାସ ପଟ୍ଟନାୟକ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ : ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

**ପ୍ରଚ୍ଛଦପଟ**

ଶ୍ରୀ ବଳଦେବ ମହାରଥୀ

**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ : ଟ ୨.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ ''ଉତ୍କଳ ପ୍ରସଙ୍ଗ''ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେହିଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

**ମୁଦ୍ରଣ :** ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

# ସୂଚୀପତ୍ର


| | | |
|---|---|---|
| ଓଡ଼ିଶାର ଗର୍ବ ଓ ଗୌରବ: କୋଣାର୍କ .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | .. ୧ |
| ଶ୍ରମ ସଂସ୍କୃତି ଓ ଶ୍ରମ ସଂଗଠନ .. | ଶ୍ରୀ ମୁରାରି ଜେନା | .. ୩ |
| କୃଷି ପର୍ବ: ଅକ୍ଷୟ ତୃତୀୟା .. | ଶ୍ରୀ କାଶୀନାଥ ପ୍ରଧାନ | .. ୬ |
| ସଂଗ୍ରାମୀ ବୀର ଚକରା ବିଶୋୟୀ .. | ଡ: ଦଣ୍ଡପାଣି ବେହେରା | .. ୮ |
| ଓଡ଼ିଶାରେ ସାର୍ବଜନୀନ ଟୀକାଦାନ .. | ଡା: ଲୀଳାବତୀ ପଟ୍ଟନାୟକ | .. ୧୦ |
| ଉତ୍ପାଦନ ବୃଦ୍ଧି ପାଇଁ ଶ୍ରମିକମାନଙ୍କ ଭୂମିକା .. | ଶ୍ରୀ ନରେଶ ଚନ୍ଦ୍ର ମହାପାତ୍ର | .. ୧୪ |
| ସଂହତିର ଆତ୍ମା ସଂସ୍କୃତ .. | ଅଧ୍ୟାପକ ଡ: ଗୋପୀନାଥ ମହାପାତ୍ର | ୧୭ |
| ସାର୍ଥକ ସ୍ୱପ୍ନ .. | | .. ୨୦ |
| ସମ୍ବାଦ ପରିକ୍ରମା . | | .. ୨୫ |
| କୋଲଣ ଗିରିର ଲୁପ୍ତ ବୌଦ୍ଧ ସଂସ୍କୃତି .. | ଶ୍ରୀ ମୁରଲୀଧର ମହାପାତ୍ର | .. ୩୬ |
| ଓଡ଼ିଶାର ଶିଳ୍ପ ସମୃଦ୍ଧି ପାଇଁ ଶିଳ୍ପ ଉନ୍ନୟନ ନିଗମ.. | ଶ୍ରୀ ଜଗଦୀଶ ପଟ୍ଟନାୟକ | .. ୪୦ |
| ପିଲଙ୍କ ପାଇଁ ଅଣ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା .. | ଶ୍ରୀମତୀ ଶଶିପ୍ରଭା ପଟ୍ଟନାୟକ | .. ୪୨ |
| ଆମେ ଓ ଆମର ପରମ୍ପରା .. | ଶ୍ରୀ ମଙ୍ଗୁଳୁ ଚରଣ ବିଶ୍ୱାଳ | .. ୪୫ |
| ଗୋପାଳ ପ୍ରହରାଜ ଓ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ | ଡକ୍ଟର ରାଧାଗୋବିନ୍ଦ ଦାସ | .. ୪୭ |
| କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟ ପ୍ରତିଷ୍ଠାନ .. | | .. ୪୯ |
| ମା'ଛୀରର ଉପାଦେୟତା .. | ଡା: ଚତୁର୍ଭୁଜ ନାୟକ | .. ୫୦ |

# ୧୯୮୮
# ମଇ ଦିବସ ଉପଲକ୍ଷେ

## ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



"୧୯୮୮ ମଇ ଦିବସ ଉପଲକ୍ଷେ ଓଡ଼ିଶାର ସମସ୍ତ ଶ୍ରମିକ ଓ ମଜଦୁର ଭାଇଭଉଣୀମାନଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

"ପୃଥିବୀର ଶ୍ରମଜୀବୀମାନଙ୍କ ପାଇଁ ମଇ ପହିଲା ଏକ ମହତ୍ତ୍ୱପୂର୍ଣ୍ଣ ସ୍ମରଣୀୟ ଦିବସ । ଶ୍ରମଜୀବୀମାନଙ୍କ ନ୍ୟାଯ୍ୟ ଅଧିକାର ହାସଲ କ୍ଷେତ୍ରରେ ଏହି ଦିବସଟି ଏକ ଜ୍ୱଳନ୍ତ ସ୍ମାରକୀ । ଓଡ଼ିଶାର ଲୋକ ସଂଖ୍ୟାର ପ୍ରାୟ ଏକ ତୃତୀୟାଂଶ ଶ୍ରମିକ ଶ୍ରେଣୀର ଲୋକ ଏବଂ ଏଥିମଧ୍ୟରୁ ପ୍ରାୟ ଦୁଇତୃତୀୟାଂଶ ମୁଖ୍ୟତଃ ଗ୍ରାମୀଣ ଏବଂ କୃଷି ଶ୍ରମିକ । ବିଗତ ୮ ବର୍ଷ ମଧ୍ୟରେ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଯେଉଁ ଅଗ୍ରଗତି ହୋଇଛି ତଦ୍ୱାରା ଶିଳ୍ପ ଶ୍ରମିକଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ଶିଳ୍ପ କ୍ଷେତ୍ରରେ ଓଡ଼ିଶାକୁ ଏକ ସୁଦୃଢ଼ ସମୃଦ୍ଧିଶାଳୀ ରାଜ୍ୟ ରୂପେ ଗଢ଼ିବା ହେଉଛି ଆମର ଲକ୍ଷ୍ୟ । ସେଥିପାଇଁ କୃଷି, ଶିଳ୍ପ, ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ ଆଦି କ୍ଷେତ୍ରରେ ଏକ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଶିଳ୍ପ ଏବଂ ଉତ୍ପାଦନ କ୍ଷେତ୍ରରେ ଅଗ୍ରଗତି ପାଇଁ ଶ୍ରମଶକ୍ତିର ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ ।

"ରାଜ୍ୟ ସରକାର ଶ୍ରମିକମାନଙ୍କ ପାଇଁ ବିଭିନ୍ନ ସୁଖ ସୁବିଧା ଏବଂ ନ୍ୟାୟୋଚିତ ଦାବୀ ଓ ପ୍ରାପ୍ୟ ହାସଲ କରିବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଏପର୍ଯ୍ୟନ୍ତ କୃଷି ସମେତ ୬୫ ଗୋଟି ନିୟୋଜନରେ ନିଯୁକ୍ତ ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରି ଦୈନିକ ୧୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏତଦ୍‌ବ୍ୟତୀତ ୧୪ ଗୋଟି ନୂତନ ନିଯୋଜନକୁ ସର୍ବନିମ୍ନ ମଜୁରି ଆଇନର ପରିସରଭୁକ୍ତ କରାଯାଇ ଦୈନିକ ଅନ୍ୟୁନ ୧୦ ଟଙ୍କା ମଜୁରି ହାର ପ୍ରବର୍ତ୍ତନ ପାଇଁ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶିତ ହୋଇଅଛି । ରାଜ୍ୟର ଦରିଦ୍ର ଲୋକଙ୍କ ଥଇଥାନ ପାଇଁ ସପ୍ତମ ଯୋଜନାରେ ପ୍ରାୟ ପାଞ୍ଚ ଲକ୍ଷ ପରିବାରଙ୍କୁ ସ୍ଥାୟୀ ଭାବରେ ଥଇଥାନ କରିବାର ବ୍ୟବସ୍ଥା କରାଯାଇଛି । ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ବର୍ତ୍ତମାନ ଆମ ଦେଶରେ

ପ୍ରଚଳିତ ପିଭିନ୍ନ ଶ୍ରମ ଆଇନ ସମେତ ଶ୍ରମିକ ବୀମା ଯୋଜନା, ଶ୍ରମିକ ଭବିଷ୍ୟନିଧି ଯୋଜନା, ମାତୃ ମଙ୍ଗଳ ଯୋଜନା ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଚଳିତବର୍ଷ ଅଧିକ ୩ ଗୋଟି ଶ୍ରମିକ ବୀମା ଚିକିତ୍ସାଳୟ – ବ୍ରାହ୍ମଣୀପାଳ (କେନ୍ଦୁଝର ଜିଲ୍ଲା), ବାଳଗୋପାଳପୁର (ବାଲେଶ୍ୱର ଜିଲ୍ଲା) ଏବଂ ଆସିକା (ଗଞ୍ଜାମ ଜିଲ୍ଲା) ପ୍ରତିଷ୍ଠା କରିବା ପାଇଁ ବ୍ୟବସ୍ଥା କରାଯାଉଛି । ଏତଦ୍‌ବ୍ୟତୀତ ଶିଳ୍ପ ଅଦାଲତର ସଂପ୍ରସାରଣକଳ୍ପେ ସମ୍ବଲପୁର ଏବଂ ଜୟପୁରଠାରେ ଦୁଇଟି ନୂତନ ଶିଳ୍ପ ଅଦାଲତ ପ୍ରତିଷ୍ଠିତ ହୋଇଛି । ଏହାଦ୍ୱାରା ଅଧିକରୁ ଅଧିକ ଶ୍ରମ ବିବାଦ ଏବଂ ମାମଲାର ବିଚାର ତ୍ୱରାନ୍ୱିତ ହୋଇପାରିବ । ସରକାର ଏଥିମଧ୍ୟରେ ରାଜ୍ୟ ଠିକା ଶ୍ରମିକମାନଙ୍କର ନିଯୁକ୍ତି ସର୍ତ୍ତାବଳୀ ବିଷୟରେ ବୃତାନ୍ତ ନିଷ୍ପତ୍ତି ଗ୍ରହଣ କରି ତାହା ପ୍ରଚଳିତ କରିଛନ୍ତି । ଦାଦନ ଶ୍ରମିକମାନଙ୍କର ଆପତ୍ତି ଅଭିଯୋଗ ସମ୍ବନ୍ଧରେ ଯଥାଶୀଘ୍ର ତଦନ୍ତ କରି ସଂପୃକ୍ତ ରାଜ୍ୟ ସରକାର ଓ ଅନୁଷ୍ଠାନମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରାଯାଇ ସମସ୍ୟାଗୁଡ଼ିକର ଆଶୁ ସମାଧାନର ବ୍ୟବସ୍ଥା ହେଉଛି । ବିଭିନ୍ନ ଶିଳ୍ପ ଓ କାରଖାନାରେ ଶ୍ରମିକଙ୍କ ସ୍ୱାସ୍ଥ୍ୟଗତ ନିରାପତ୍ତା ଏବଂ ସମ୍ଭାବିତ ଦୁର୍ଘଟଣାର ପ୍ରତିଷେଧକ ବ୍ୟବସ୍ଥା ପାଇଁ ରାଜ୍ୟର କାରଖାନା ଅଧିନିୟମକୁ ପ୍ରବର୍ତ୍ତନ କରି ଆବଶ୍ୟକୀୟ ଆଇନଗତ ବ୍ୟବସ୍ଥା ଲାଗୁ କରାଯାଇଛି । ବିଷାକ୍ତ ଇନ୍ଧନ ବ୍ୟବହାର କରୁଥିବା କାରଖାନାମାନଙ୍କରେ ଦୁର୍ଘଟଣା ପ୍ରତିରକ୍ଷାକଳ୍ପେ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ ଆୟୋଗ ଗଠନ କରାଯାଇ ସେମାନଙ୍କ ଦ୍ୱାରା ଏପର୍ଯ୍ୟନ୍ତ ୩୦ ଗୋଟି କାରଖାନାକୁ ପୁଙ୍ଖାନୁପୁଙ୍ଖ ନିରୀକ୍ଷଣ କରାଯାଇ ଆବଶ୍ୟକୀୟ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଉଛି । କୃଷି ଓ ଶିଳ୍ପ କ୍ଷେତ୍ରରେ ଶ୍ରମିକମାନଙ୍କର ନ୍ୟାୟୋଚିତ ଦାବୀ ସଂପର୍କରେ ସରକାର ସଂପୂର୍ଣ୍ଣ ସଚେତନ । ପରିଚାଳନା କ୍ଷେତ୍ରରେ ତଥା ଶ୍ରମ କଲ୍ୟାଣ ଯୋଜନାମାନଙ୍କରେ ଶ୍ରମିକମାନେ କିପରି ଅଧିକରୁ ଅଧିକ ଅଂଶୀଦାର ହେବେ ତାହାହିଁ ସରକାରଙ୍କ ଆନ୍ତରିକ ଇଚ୍ଛା ।

"ମୁଁ ଏହି ପବିତ୍ର ମଇ ଦିବସ ଉପଲକ୍ଷେ ସେମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ସଦିଚ୍ଛା ଏବଂ ସହାନୁଭୂତି ଘୋଷଣା କରିବା ସଙ୍ଗେସଙ୍ଗେ ଆଶା କରୁଛି ଯେ ଏକ ନୂତନ ଓଡ଼ିଶା ନିର୍ମାଣ ଲାଗି ସେମାନେ ସରକାରଙ୍କ ସହ ପୂର୍ଣ୍ଣ ସହଯୋଗ କରିବେ ।"

# ଓଡ଼ିଶାର ଗର୍ବ ଓ ଗୌରବ : କୋଣାର୍କ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଆମର ଶାସ୍ତ୍ରରେ କଳ୍ପନା କରାଯାଇଛି ଯେ ସୂର୍ଯ୍ୟ ହେଉଛନ୍ତି, ତିନି ଦେବତାଙ୍କ ସମାହାର । ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର । ବ୍ରହ୍ମା ସୃଷ୍ଟି କର୍ତ୍ତା, ବିଷ୍ଣୁ ପାଳନ କର୍ତ୍ତା ଓ ଶିବ ସଂହାର କର୍ତ୍ତା । ସୂର୍ଯ୍ୟ ମଧ୍ୟ ଏହି ତିନୋଟି ଗୁଣର ଅଧିକାରୀ ।

ଓଁ ନମଃ ସବିତ୍ରେ ଜଗଦେକ ଚକ୍ଷୁଷେ
ଜଗତ୍ ପ୍ରସୂତେ ସ୍ଥିତିନାଶ ହେତବେ,
ତ୍ରୟୀମୟାୟ ତ୍ରିଗୁଣାତ୍ମଧାରିଣେ
ବିରଞ୍ଚି ନାରାୟଣ ଶଙ୍କରାତ୍ମନେ ।

ତେଣୁ, ତିନି ଦେବତାଙ୍କୁ ନମସ୍କାର କରିବା ଦ୍ୱାରା ଯେଉଁ ଫଳ ଲାଭ ହୁଏ, ସୂର୍ଯ୍ୟଙ୍କୁ ନମସ୍କାର କଲେ ମଧ୍ୟ ସେହି ଫଳ ମିଳିଥାଏ । ଆମର ସୌରଜଗତ ସୂର୍ଯ୍ୟଙ୍କ ଉପରେ ନିର୍ଭର କରିଛି । ସେଥିପାଇଁ ପୃଥିବୀରେ ଅତି ପ୍ରାଚୀନ କାଳରୁ ସୂର୍ଯ୍ୟ ଉପାସନା ପ୍ରଚଳିତ ଅଛି । ଭାରତବର୍ଷରେ ଦୁଇଟି ସୂର୍ଯ୍ୟତୀର୍ଥ ରହିଛି । ଗୋଟିଏ ସୌରାଷ୍ଟ୍ରରେ ଓ ଅନ୍ୟଟି ପୂର୍ବ ସମୁଦ୍ର କୂଳରେ କୋଣାର୍କଠାରେ । ସୂର୍ଯ୍ୟ ଉପାସନା ପାଇଁ କୋଣାର୍କର ପ୍ରସିଦ୍ଧି ସାରା ଭାରତବର୍ଷରେ ରହିଛି । କୋଣାର୍କ ସମୁଦ୍ର କୂଳରେ ସୂର୍ଯ୍ୟୋଦୟ ଦୃଶ୍ୟ ଅତୀବ ମନୋରମ । ତେଣୁ, ଆମ ରାଜ୍ୟରୁ ଓ ରାଜ୍ୟ ବାହାରୁ ଅନେକ ଯାତ୍ରୀ ଆସନ୍ତି କୋଣାର୍କର ସୂର୍ଯ୍ୟୋଦୟ ଦେଖିବା ପାଇଁ । ମହାଭାରତ ଯୁଗର ଶାମ୍ବଙ୍କଠାରୁ ଆରମ୍ଭ କରି ଅର୍କକ୍ଷେତ୍ର ସମ୍ପର୍କରେ ଅନେକ କିମ୍ବଦନ୍ତୀ ରହିଛି ।

କୋଣାର୍କ ମନ୍ଦିର ନିର୍ମାଣ କାଳରେ ଓଡ଼ିଶା ଥିଲା ଭାରତବର୍ଷରେ ଶ୍ରେଷ୍ଠ ରାଜ୍ୟ । ସମ୍ରାଟ ସାହାଜାହାନ ତାଜମହଲ ନିର୍ମାଣ କରି ଯେପରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ, ସେହିପରି ଲାଙ୍ଗୁଳା ନରସିଂହ ଦେବ କୋଣାର୍କ ମନ୍ଦିର ନିର୍ମାଣ ପାଇଁ ବିପୁଳ ଅର୍ଥ ବ୍ୟୟ କରିଥିଲେ । ଏଣୁ, ଯେତେବେଳେ ଆମେ କୋଣାର୍କକୁ ସ୍ମରଣ କରିବା, ସେତେବେଳେ ଇତିହାସର ଗୋଟିଏ ପୃଷ୍ଠା ଆମକୁ ଚେତେଇ ଦେଉଛି ଯେ ଓଡ଼ିଶା ଦିନେ ଭାରତବର୍ଷରେ ଶୀର୍ଷସ୍ଥାନ ଅଧିକାର କରିଥିଲା । ଭାରତବର୍ଷରେ ଶୀର୍ଷସ୍ଥାନ ଅଧିକାର କରିବାକୁ ହେଲେ ଯାହାସବୁ ଆବଶ୍ୟକ, ସେ ସମସ୍ତ ଓଡ଼ିଶାରେ ଅଛି । ସମୁଦ୍ର, ଖଣିଜଦ୍ରବ୍ୟ, ଜଙ୍ଗଲ ସାଙ୍ଗକୁ ଅତି କର୍ମଠ ଓ ବୁଦ୍ଧିମାନ ଲୋକଶକ୍ତି ଓଡ଼ିଶାରେ ରହିଛି । ଓଡ଼ିଶାକୁ ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ କୋଣାର୍କ ଆମ ପାଇଁ ପ୍ରେରଣାର ଉତ୍ସ ।

କୋଣାର୍କ ହେଉଛି ଓଡ଼ିଶାର ଗର୍ବ ଓ ଗୌରବର କ୍ଷେତ୍ର । କୋଣାର୍କର ଉନ୍ନତି ପାଇଁ ସରକାର ଅନେକଗୁଡ଼ିଏ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇଛନ୍ତି । ସେ ମଧ୍ୟରେ ଦୁଇଟି ପରିକଳ୍ପନା ଅନ୍ୟତମ । ପ୍ରଥମ କଥା ହେଲା, କୋଣାର୍କଠାରେ ଗୋଟିଏ ମୁକ୍ତ ରଙ୍ଗମଞ୍ଚ ପ୍ରତିଷ୍ଠା କରାଯାଉଛି । ରାଜ୍ୟରୁ ଏବଂ ରାଜ୍ୟ ବାହାରୁ କଳାକାରମାନେ ଆସି ଏଠାରେ ନୃତ୍ୟ, ସଙ୍ଗୀତ ଓ ନାଟକ ପ୍ରଦର୍ଶନ କରିପାରିବେ । ମୂଳ ଉଦ୍ଦେଶ୍ୟ ହେଉଛି, ସବୁବେଳ ପାଇଁ ମନୋରଞ୍ଜନର ବ୍ୟବସ୍ଥା କରିବା । ଏହାକୁ ଏକ 'ଥ୍ରୀ ଡାଇମେନ୍‌ସନ୍ ଷ୍ଟେଜ୍' ଅତ୍ୟାଧୁନିକ ରଙ୍ଗମଞ୍ଚରେ' ପରିଣତ କରାଯିବ । ଏକ ସମୟରେ ୬୦/୭୦ ଜଣ କଳାକାର ଅଭିନୟ ପ୍ରଦର୍ଶନ କରିପାରିବେ । ରାମାୟଣ ଓ ମହାଭାରତ ପରି ଅଭିନୟ ମଧ୍ୟ ଏଠାରେ ହୋଇପାରିବ । ଏହି ଆଧୁନିକ ରଙ୍ଗମଞ୍ଚଟି ଆମ ପର୍ଯ୍ୟଟନ ବିଭାଗ ତରଫରୁ ନିର୍ମାଣ କରାଯାଉଛି । ଆଗାମୀ ଅକ୍ଟୋବର ମାସ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଉଭୟ ପର୍ଯ୍ୟଟନ ବିଭାଗ ଓ ସଂପୃକ୍ତ ଇଞ୍ଜିନିୟରମାନେ ପ୍ରତିଶ୍ରୁତି ଦେଇଛନ୍ତି । ଅକ୍ଟୋବର ମାସରେ ଏହାର ନିର୍ମାଣ ଶେଷ ହେଲେ ପ୍ରଥମ କରି ଏହି ରଙ୍ଗମଞ୍ଚରେ ରାମାୟଣ ଅଭିନୀତ ହେବ । କାରଣ ପୁରାଣରୁ ଆମେ ଜାଣିଥାଉଁ ଯେ ଯେତେବେଳେ ରାବଣ ସହିତ ରାମଚନ୍ଦ୍ର ଯୁଦ୍ଧ କରୁଥିଲେ, ସେତେବେଳେ ରାମ ଅନୁଭବ କଲେ, ସେ ନିଜେ କ୍ଳାନ୍ତ ଶ୍ରାନ୍ତ ହୋଇ ପଡ଼ୁଛନ୍ତି ଏବଂ ରାବଣକୁ ଯୁଦ୍ଧରେ ମାରି ପାରୁ ନାହାନ୍ତି । ଏହି ସମୟରେ ଅଗସ୍ତି ଋଷି ସେଠାରେ ରହି ଯୁଦ୍ଧ ଦେଖୁଥିଲେ । ସେ ରାମଚନ୍ଦ୍ରଙ୍କର ଶକ୍ତି ଲୋପ ପାଉଥିବା ଜାଣି ରାମଙ୍କୁ କହିଦେଲେ ଯେ ରାବଣକୁ ପରାସ୍ତ କରିବାକୁ ହେଲେ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରି ତାଙ୍କର ଶକ୍ତି ଲାଭ କରିବାକୁ ହେବ । ଏଇଠାରୁ ଆରମ୍ଭ ହୋଇଛି "ଆଦିତ୍ୟ ହୃଦୟ ସ୍ତୋତ୍ର" । ରାମଚନ୍ଦ୍ର ରାବଣକୁ ନିହତ କରିବା ପାଇଁ ଆଦିତ୍ୟ ହୃଦୟ ସ୍ତୋତ୍ର ପାଠ କରିଥିଲେ । ଭାରତବର୍ଷର ସମସ୍ତେ ଆଦିତ୍ୟ ହୃଦୟ ସ୍ତୋତ୍ର ପାଠ କରିବା ଦରକାର ବୋଲି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଛନ୍ତି । ଏହାଦ୍ୱାରା ସାହସ ଓ ଶକ୍ତି ଲାଭ ହେବ ଏବଂ ଆଳସ୍ୟ ଓ ଅବହେଳା ଦୂର ହେବ ଏବଂ ଭାରତର ପୂର୍ବ ସଂସ୍କୃତିକୁ ଆମେ ଫେରାଇ ଆଣିପାରିବା । ଏଦୃଷ୍ଟିରୁ ଆଗାମୀ ଦଶହରାରେ ରାମାୟଣ ଅଭିନୟ କରାଯାଇ ଏହି ଆଧୁନିକ ରଙ୍ଗମଞ୍ଚ ଉଦ୍‌ଘାଟନ କରାଯିବ ।

କୋଣାର୍କର ବିକାଶ ଲାଗି ଆଉ ଗୋଟିଏ ଉଲ୍ଲେଖନୀୟ ପଦକ୍ଷେପ ହେଲା, ଯାତ୍ରୀ ନିବାସ ଓ ଯାତ୍ରିକା ନିର୍ମାଣ । ଯାତ୍ରୀ ନିବାସ ହେଉଛି ଗୋଟିଏ ହୋଟେଲ ଏବଂ ଯାତ୍ରିକା ହେଉଛି ଗୋଟିଏ ଅତ୍ୟାଧୁନିକ ଧର୍ମଶାଳା । ସାଧାରଣ ଯାତ୍ରୀମାନେ ଆସି ଅଳ୍ପ ଖର୍ଚ୍ଚରେ ଯେପରି ରହି

ପାରିବେ, ସେଥିପାଇଁ ଯାତ୍ରୀକା ହେଉଛି ଏବଂ ମଧ୍ୟବିତ୍ତ ଶ୍ରେଣୀର ପର୍ଯ୍ୟଟକମାନଙ୍କ ପାଇଁ ଯାତ୍ରୀ ନିବାସ ନିର୍ମାଣ କରାଯାଉଛି । ତା'ଛଡ଼ା ସାଧାରଣ ଲୋକ ଯେପରି କୋଣାର୍କରେ ହୋଟେଲ ଓ ରେଷ୍ଟୁରାଣ୍ଟ କରିପାରିବେ ସେଥିପ୍ରତି ମଧ୍ୟ ସୁବିଧା କରାଯାଉଛି । କାରଣ, କେବଳ ସରକାରଙ୍କ ଦ୍ୱାରା ପର୍ଯ୍ୟଟନ ଶିଳ୍ପର ବିକାଶ କରାଯିବା ସମ୍ଭବ ନୁହେଁ । ଏଥିପାଇଁ ଜନସାଧାରଣଙ୍କ ପକ୍ଷରୁ ସମୁହ ଉଦ୍ୟମ ପ୍ରକାଶ ପାଇବା ଦରକାର । ପର୍ଯ୍ୟଟନ ହେଉଛି, ଆଧୁନିକ ଦୁନିଆଁରେ ଗୋଟିଏ ବାଟ, ଯେଉଁଥିରେ ବହୁଲୋକଙ୍କ ପାଇଁ ବିଭିନ୍ନ ପ୍ରକାର ବୃତ୍ତି ସାଙ୍ଗକୁ ବିଭିନ୍ନ ପ୍ରକାର ସଂସ୍ଥା ସୃଷ୍ଟି ହୋଇ ପାରିବ । କୋଣାର୍କରେ ଏଥିପାଇଁ ଯଥେଷ୍ଟ କ୍ଷେତ୍ର ରହିଛି ।

କୋଣାର୍କ ଅଞ୍ଚଳର ସର୍ବବିଧ ବିକାଶ ପାଇଁ କୋଣାର୍କ-ପୁରୀ ଉନ୍ନୟନ ସଂସ୍ଥା ଗଠନ କରାଯାଇଛି । କୋଣାର୍କରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ାଇବାକୁ ହେଲେ ଭୁବନେଶ୍ୱରକୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସିବା ଦରକାର । ବିଭିନ୍ନ ଆହୁ ବଡ଼ବଡ଼ ବାହାନମାନ ଆସି ଯେପରି ଭୁବନେଶ୍ୱର ବିମାନ ବନ୍ଦରରେ ଓହ୍ଲାଇ ପାରିବ, ସେଥିପାଇଁ ବିମାନ ବନ୍ଦରର ସଂପ୍ରସାରଣ ହେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୨ କୋଟି ଟଙ୍କା ଖର୍ଚ୍ଚ ହେବ । ବାହାର ପର୍ଯ୍ୟଟକମାନେ ଆସିଲେ, କୃଷି, ବାଣିଜ୍ୟ, ହସ୍ତଶିଳ୍ପ ସକୁଟିର ବିଭିନ୍ନ ଶିଳ୍ପ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ହେବ । ଜନସାଧାରଣଙ୍କ ଆର୍ଥିକ ଅବସ୍ଥା ଅଧିକ ସ୍ୱଚ୍ଛଳ ହେବ ।

ଖଜୁରାହ ତୁଳନାରେ କୋଣାର୍କ ଏକ ଅତୁଳନୀୟ କାରଣ ଏଠାରେ ଦୁଇଟି ଜିନିଷ ଅଛି । ଗୋଟିଏ ହେଉଛି, ଐତିହାସିକ ଭାସ୍କର୍ଯ୍ୟ ଓ ଅନ୍ୟଟି ସୁନ୍ଦର ବେଳାଭୂମି । ପର୍ଯ୍ୟଟକମାନଙ୍କ ପାଇଁ ଏହା ଅଧିକ ଆକର୍ଷଣୀୟ । କୋଣାର୍କ ନିକଟବର୍ତ୍ତୀ ରାମଚଣ୍ଡୀରେ ଜଳକ୍ରୀଡ଼ା ପାଇଁ ଏକ ବିହାର ହେବ ଏବଂ କୃଷ୍ଣସାର ମୃଗ ବିହାର ପ୍ରତିଷ୍ଠା କରାଯିବ । ଗାଡ଼ାଘାଟରେ ଉନ୍ନତି ମଧ୍ୟ କରାଯିବ । ଚନ୍ଦ୍ରଭାଗା ପୋତି ହୋଇ ଗୋଟିଏ ଛୋଟିଆ ବାଲିପୋଖରୀରେ ପରିଣତ ହେଲାଣି । ତେଣୁ, କୁମ୍ଭକ୍ଷେତ୍ର ଭଳି ଚନ୍ଦ୍ରଭାଗାରେ ଏକ ବିରାଟ ଜଳାଶୟ ନିର୍ମାଣ କରାଯିବ, ଯେପରିକି ଏକ ସମୟରେ ଲକ୍ଷଲକ୍ଷ ଯାତ୍ରୀ ବୁଡ଼ ପକାଇ ପାରିବେ ।

ସୂର୍ଯ୍ୟ ହେଉଛନ୍ତି ପରିବେଶର ଦେବତା । ତାଙ୍କରି ଲାଗି ସୃଷ୍ଟି । ସେଥିପାଇଁ ପରିବେଶ ସୁରକ୍ଷା ଉପରେ ଆମକୁ ଅଧିକ ଧ୍ୟାନ ଦେଇ କୋଣାର୍କ ଅଞ୍ଚଳରେ ଜଙ୍ଗଲର ସୁରକ୍ଷା କରିବାକୁ ହେବ । ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲ ସହ ସବୁଜ ଘାସ ପଡ଼ିଆ ଚତୁର୍ଦ୍ଦିଗରେ ରହିଲେ, ପର୍ଯ୍ୟଟକମାନଙ୍କ ପାଇଁ ତାହା ବିଶେଷ ଆକର୍ଷଣୀୟ ହେବ ।

ଏସବୁ ଦୃଷ୍ଟିରୁ ସୂର୍ଯ୍ୟ ଉପାସନାର କେନ୍ଦ୍ର କୋଣାର୍କର ବିକାଶ ଆମକୁ କରିବାକୁ ହେବ; ଯଦ୍ଦ୍ୱାରା କି କୋଣାର୍କ ଭବିଷ୍ୟତରେ ବିଶ୍ୱର ଏକ ମହାନ୍ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହୋଇପାରିବ ।

[ମୁଖ୍ୟମନ୍ତ୍ରୀଙ୍କ ଭାଷଣରୁ ସଂଗୃହୀତ]



# ଶ୍ରମ ସଂପୃକ୍ତି ଓ ଶ୍ରମ ସଂଗଠନ

ମୁରାରି ଜେନା

॥ ଏକହାତରେ ତାଳି ବାଜେ ନାହିଁ ॥

ଆଜିର ଚିନ୍ତାଧାରାରେ ମାଲିକ ଓ ଶ୍ରମିକ କେହି ଶିଳ୍ପକୁ ନିଜର ବା ଆପଣାର ବୋଲି କହିପାରିବେ ନାହିଁ । ଶିଳ୍ପ ହେଉଛି ସମୁଦାୟ ଗୋଷ୍ଠୀ ବା ସମାଜର । ସେ ମାଲିକ ହୁଅନ୍ତୁ ବା ଶ୍ରମିକ ହୁଅନ୍ତୁ ସେମାନେ ମୁଖ୍ୟତଃ ଗୋଷ୍ଠୀ ବା ସମାଜର ଦାସ । ସମାଜ ବା ଗୋଷ୍ଠୀର କର୍ତ୍ତବ୍ୟ ଅନୁରୋଧରେ ଉଭୟେ ଶ୍ରମିକ ଓ ମାଲିକ ଶିଳ୍ପ ଅନୁଷ୍ଠାନମାନଙ୍କର ଉତ୍ପାଦନରେ ପରସ୍ପର ସୁଶୃଙ୍ଖଳିତ କର୍ମୀ ହିସାବରେ ନିଜ ନିଜ ମଧ୍ୟରେ ଭେଦଭାବ ନ ରଖି ନିଜ ନିଜର ଦାୟିତ୍ୱ ତୁଲାଇ ଆଆନ୍ତି ବୋଲି ବହୁ ଚିନ୍ତାଶୀଳ ବ୍ୟକ୍ତି ଯୁକ୍ତି ବାଢ଼ି ଥାଆନ୍ତି । ତେଣୁ ଏ ପ୍ରକାର ଯୁକ୍ତିର ବଶବର୍ତ୍ତୀ ହୋଇ ଯଦି ପ୍ରତ୍ୟେକ ମାଲିକ ଓ ପ୍ରତ୍ୟେକ ଶ୍ରମିକ ନିଜକୁ ନିଜେ ସମାଜ ବା ଗୋଷ୍ଠୀର ଦାସ ବିଶ୍ୱରି ନିଜ ନିଜ ମଧ୍ୟରେ ଭେଦା ଭେଦ ଦୂର କରି ସମସ୍ତ ଶିଳ୍ପାନୁଷ୍ଠାନରେ ଉତ୍ପାଦନ ପଦ୍ଧତି ଅବ୍ୟାହତ ରଖିବେ, ତା'ହେଲେ ସେମାନଙ୍କର ପରସ୍ପରର ଉନ୍ନତି ସଙ୍ଗେ ସଙ୍ଗେ ଦେଶ ଓ ଜାତିର ସମୂହ ସ୍ୱାର୍ଥ ସେ ସାଧନ କରି ପାରିବେ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

॥ ଆମେ ଅନ୍ଧାରେ ଅଣ୍ଡାଳି ହେଉଛେ ॥

ଏଇ ପରିପ୍ରେକ୍ଷୀରେ ଶ୍ରମିକ ମାଲିକର ସମ୍ପର୍କ ଅନୁଧ୍ୟାନର ଶିଳ୍ପ ସଂପୃକ୍ତ ବା ଔଦ୍ୟୋଗିକ ସଂପୃକ୍ତି ଆଜିର ଶିଳ୍ପାନୁଷ୍ଠାନମାନଙ୍କରେ ଏକ ଜରୁରୀ ସମସ୍ୟା ରୂପେ ଦେଖାଦେଇଛି । ପୁନଶ୍ଚ କେତେକ ମତବ୍ୟକ୍ତ କରି କହିଛନ୍ତି ଯେ, ଏହି ଜରୁରୀ ସମସ୍ୟାର ସୁସ୍ଥ ସମାଧାନ ପାଇଁ କୌଣସି ବୈଜ୍ଞାନିକ ପ୍ରଣାଳୀ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇଥିଲା ପରି ମନେ ହେଉ ନାହିଁ । ଏ ସମ୍ପର୍କରେ ଶ୍ରୀ ଖଣ୍ଡୁଭାଇ ଦେଶାଇ ଦୃଢ଼ ମତବ୍ୟକ୍ତ କରି କହିଛନ୍ତି ଯେ,– ''ମାଲିକ ଓ ଶ୍ରମିକଙ୍କ ମଧ୍ୟରେ ସୁସ୍ଥ ଔଦ୍ୟୋଗିକ ସଂପର୍କର ମୂଳ ସୂତ୍ର ସ୍ଥାପନ କରିବାରେ ସମସ୍ତେ କେବଳ ଅନ୍ଧାରରେ ଅଣ୍ଡାଳି ହେଉଛେ''– ଆଜିର ନୂତନ ଚିନ୍ତାଧାରାରେ ନୂତନ ଯୁଗର ସମାଜ ସୃଷ୍ଟିରେ ଶିଳ୍ପ ଓ ଶ୍ରମ ଏପରି ଭାବେ ପରସ୍ପର ପରସ୍ପର ପ୍ରତି ବ୍ୟବହାର କରିବେ ଯେ ଯାହା ଫଳରେ କି ଉଭୟ ଗୋଷ୍ଠୀ ପ୍ରତି କୌଣସି ବାଧାବିଘ୍ନ ପହଞ୍ଚିବ ନାହିଁ । ଦୃଢ଼ଭାବେ ମତବ୍ୟକ୍ତ କରାଯାଇପାରେ ଯେ, ଶିଳ୍ପ ସଂପୃକ୍ତ ଏକ ଜାତୀୟ ସମସ୍ୟା ଏବଂ ଏହି ସମସ୍ୟା ପଛରେ ଦେଶର ଜାତିର ମଧ୍ୟ କର୍ତ୍ତବ୍ୟ ଓ ଦାୟିତ୍ୱ ଅଛି । ତେଣୁ ଦେଶ ପୁଞ୍ଜି ଓ ଶ୍ରମକୁ ଏପରି ଭାବେ ନିୟନ୍ତ୍ରଣ କରିବେ, ଯହିଁରେ ସମୁଦାୟ ସମାଜ ବା ଗୋଷ୍ଠୀର ସ୍ୱାର୍ଥ ଆଦୌ ବ୍ୟାହତ ହେବ ନାହିଁ । ଏଠାରେ ଉଲ୍ଲେଖ କରା ଯାଇପାରେ ଯେ, ମାର୍କସ ଶ୍ରମ ଓ ବିତ୍ତକୁ ଦୁଇ ବିରୁଦ୍ଧ ଶ୍ରେଣୀ ଭୁକ୍ତ କରିଥିଲେ ହେଁ ବାସ୍ତବରେ ଶ୍ରମରୁ ବିତ୍ତର ଉତ୍ପତ୍ତି–ଶ୍ରମର ଉଦ୍‌ବୃତ୍ତିରୁ ମୂଳ୍ୟହିଁ ଧନ, ବେଦଠାରୁ ତନ୍ତ୍ର ଯାଏ ପ୍ରକୃତି ଓ ପୁରୁଷ ମାଧ୍ୟମରେ ଭୂମି ଓ କୃଷି ବ୍ୟବସାରେ, ଖଳାଠାରୁ ଖଦାନ ମଧ୍ୟ ଦେଇ ସମାଜ କାଳେ କାଳେ ଶ୍ରମକୁହିଁ ଶକ୍ତି ରୂପରେ ପୂଜା କରି ଆସିଛି । ତେଣୁ ଶକ୍ତି ହିଁ ସୃଷ୍ଟିର କାରଣ ।

॥ ମନ ଥିଲେ ଫଳ ଫଳେ ॥

ଏହି ପ୍ରସଙ୍ଗରେ ଜାତିର ଜନକ ଓ ଆମ ଶ୍ରମ ଆନ୍ଦୋଳନର ଆବାହକ ମହାତ୍ମାଗାନ୍ଧିଙ୍କର ଉକ୍ତିଟିଏ ମନେ ପଡ଼ୁଛି– ''ଶ୍ରମର ଦାବୀ ଓ ଦାୟିତ୍ୱ କ୍ଷୀର ନୀର ସଂପର୍କ ପରି ଅଭିନ୍ନ । ତେଣୁ ଗୋଟିଏ ସୁଶୃଙ୍ଖଳିତ ଶ୍ରମ ଶକ୍ତି କେବଳ ଯେ ନିଜର ନ୍ୟାଯ୍ୟଦାବୀ କରି ବସିଲେ ସମସ୍ତ କଥା ତୁଟିଗଲା ତା' ନୁହେଁ, ତା ସଙ୍ଗେ ସଙ୍ଗେ ମଧ୍ୟ ସେମାନେ କେତେ ଗୁଡ଼ିଏ ଦାୟିତ୍ୱ ତୁଲାଇବାକୁ ସର୍ବଦା ପ୍ରସ୍ତୁତ ହେବା ଉଚିତ । ତେବେଯାଇ ଏହା ସେମାନଙ୍କର ନିଜ ଦାବୀ ଓ ଦାୟିତ୍ୱ ତୁଲାଇବା ସଙ୍ଗେ ସଙ୍ଗେ ଦେଶ ଓ ଦଶର ଦାବୀ ଓ ଦାୟିତ୍ୱ ତୁଲାଇବାକୁ ବିଶେଷ ଭାବେ ସକ୍ଷମ ହେବେ । ଏହାକୁ ଯେପରି ଶ୍ରମିକ ଶ୍ରମ ଅନୁଷ୍ଠାନ ଓ ଶ୍ରମିକ ନେତା ଭୁଲି ନ ଯାଆନ୍ତି ।''

॥ କୋଶଳା କିଆରିକି ମେଘନାଦ ପାଚେରି ॥

ଏହା ଅଛପା ନାହିଁ ଯେ, ଏକ ପକ୍ଷରେ ମାଲିକର ପ୍ରଧାନ ଲକ୍ଷ୍ୟ ପ୍ରତିଯୋଗୀ ମୂଲ୍ୟରେ ଭଲ ଧରଣର ଜିନିଷ ଉତ୍ପାଦନର ଅବ୍ୟାହତି ଓ ଅପର ପକ୍ଷରେ ଶ୍ରମିକର ଜୀବନ ଧାରଣର ମାନବୃଦ୍ଧି ପାଇଁ କେତେକ ନ୍ୟାୟୋଚିତ ସ୍ୱାର୍ଥ ନିହିତ । ପ୍ରଶ୍ନ ଉଠେ ଏ ବିପରୀତମୁଖୀ ସ୍ୱାର୍ଥ ମଧ୍ୟରେ ମିଳିତ ସମନ୍ୱୟ ପାଇଁ ବାଟ କଅଣ ? ସୌହାର୍ଦ୍ଦ୍ୟପୂର୍ଣ୍ଣ ଶ୍ରମିକ ମାଲିକ ସମ୍ପର୍କକୁ ଅନୁଶାସିତ କରୁଥିବା ପରିଚାଳନା କର୍ତ୍ତୃପକ୍ଷଙ୍କ ପାଇଁ ଯେ ଉକ୍ତି ମାନବୀୟ ଆବେଦନ ଭଦ୍ର ଓ ସୁଚିନ୍ତିତ ସହଯୋଗୀ ଭୂମିକା ଅତି ଜରୁରୀ ବୋଲି ଆମେ ଉପଲବ୍ଧି କରୁ ଏବଂ କରୁଛେ, ସେହିଭଳି ଶିଳ୍ପାନୁଷ୍ଠାନର ଜଳବାୟୁକୁ ସୁସ୍ଥ ରଖିବା ପାଇଁ ଏବଂ ଔଦ୍ୟୋଗିକ ଗଣତାନ୍ତ୍ରିକତାକୁ ଜାହିର ରଖିବା ପାଇଁ ସମଭାଗୀଆଳୀ ରୂପେ ଶ୍ରମସଂଗଠନର ସୁସ୍ଥ ସବଳ ଓ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ରହିଛି । ଏ କଥା ଆମର ଭୁଲିବାର ନୁହେଁ ଯେ, ଶିଳ୍ପ ସଂପୃକ୍ତି ଏକତରଫା ରାସ୍ତା ନୁହେଁ । ଏ ରାସ୍ତାର ନିର୍ଦ୍ଦିଷ୍ଟ ବିଧି ରହିଛି ।

## ॥ ଖୁଣ୍ଟ ଘୁରେ ଘୋଡ଼ା କୁଦେ ॥

କେତେକ ମତ ପ୍ରଦାନ କରି କହିଥାଆନ୍ତି ଯେ– ସ୍ୱାଧୀନତା ପ୍ରାକ୍‌କାଳ ତୁଳନାରେ ସଂପ୍ରତି ଅବଶ୍ୟ ଆଖିଦେଖା ଭଳି ଏ ଦେଶରେ ଶ୍ରମସଂଗଠନ ଏଠି ସେଠି ମୁଣ୍ଡ ଟେକି ଉଠିଛି ସତ, କିନ୍ତୁ ଆମ ଶ୍ରମ ଆନ୍ଦୋଳନରେ ସେ ଆଖିର ପଲ୍ଲବ ଏ ଯାଏ ବି ଆସିନି । ଏଣୁ ସେ ଆଖିର ଦୋଳୁଥ ଯେମିତି ହେବାର କଥା ସେମିତି ହୋଇଛି । ଶ୍ରମ ସଂଗଠନ ଗୁଡ଼ିକର ଏବେବି ସେମାନଙ୍କ ଭୂମିକାରେ ସେବା ମନୋଭାବ, ଶୃଙ୍ଖଳା ପରାୟଣତା, ହାର୍ଦ୍ଦିକତା ଓ ସହଯୋଗୀ ଦୃଷ୍ଟିଭଙ୍ଗୀ ଅନୁସୃତ କରିବାରେ ଅସମର୍ଥ । ଏବେବି ଶ୍ରମ ସଂଗଠନ ଗୁଡ଼ିକର ଅର୍ନ୍ତଦ୍ୱନ୍ଦ୍ୱ ଓ ଦଳୀୟ ଓ ହୀନ ନ୍ୟସ୍ତ ସ୍ୱାର୍ଥ ନିହିତ । ବୈରଭାବାପନ୍ନ ସଂଘର କାର୍ଯ୍ୟ କ୍ରମରେ ସାଧାରଣ ଅଭିଗତା ତଥା ବିଶୃଙ୍ଖଳାରେ ମଧ୍ୟ ତରଙ୍ଗାୟୋଳିତ । ଏହା ଶ୍ରମ ଆନ୍ଦୋଳନକୁ କେବଳ ଯେ ଘାତକ ଭାବେ ପ୍ରଭାବିତ କରୁଛି ତା ନୁହେଁ, ସଂପୃକ୍ତ ଶିଳ୍ପ ପ୍ରତିଷ୍ଠାନ, ଶିଳ୍ପ ସଂପର୍କ ଏବଂ ଗୋଷ୍ଠୀ ସ୍ୱାର୍ଥକୁ ତଥା ଆମ ଭଳି ଏକ ଗରୀବ ବିକାଶୋନ୍ମୁଖୀ ଦେଶର ଶିଳ୍ପ-ଅର୍ଥନୀତିକୁ ପଦେ ପଦେ ପ୍ରତିହତ କରୁଛି ।

ଏହି ପରିପ୍ରେକ୍ଷୀରେ ବିବେକୀ, ତାଗୁଆ ଓ ସଚ୍ଚୋଟ ଶ୍ରମସଂଗଠନର ଆବଶ୍ୟକତା ଏଥିପାଇଁ ସବୁଠାରୁ ବେଶୀ । କିନ୍ତୁ ଦୁର୍ଭାଗ୍ୟ ବଶତଃ ଆମ ଶ୍ରମ ଆନ୍ଦୋଳନ ଶ୍ରମିକମାନଙ୍କର ଶିକ୍ଷାସ୍ତରରେ ନିମ୍ନତା, ନିର୍ଧନତା ଓ ମଜୁରୀରେ ନିମ୍ନସ୍ତର, ଶ୍ରମିକ ଶ୍ରେଣୀର ବିଭିନ୍ନତା, ଶ୍ରମିକ ବର୍ଗଙ୍କର ପ୍ରବାସୀ ସ୍ୱଭାବ, ଦାୟିତ୍ୱ ସଚେତନତାର ଅଭାବ, ଦୃଢ଼ ଏକନିଷ୍ଠ ଓ ସେବାପରାୟଣ ନେତୃତ୍ୱର ଅଭାବ ଆଦି ବହୁ କାରଣରୁ ଏବେବି ଏହା ବିପର୍ଯ୍ୟସ୍ତ ଓ ବିଭ୍ରମିତ । ଯାହା ଫଳରେ ଶ୍ରମ ସଂଗଠନଗୁଡ଼ିକ ଏପରି କି ଶ୍ରମିକମାନଙ୍କର ନ୍ୟାର୍ଯ୍ୟ ଦାବୀ ଉପସ୍ଥାପିତ କରି ତାହା ସାମୂହିକ ସୌଦାଗରୀ ମାଧ୍ୟମରେ ପୂରଣ କରାଇବାରେ ଅସମର୍ଥ । ବହୁ ସମୟରେ କେହି କେହି ଏହାର ମହୌଷଧୀ ସ୍ୱରୂପ ଶ୍ରମ ସଂଗଠନକୁ ଦଳୀୟ ରାଜନୀତି ଓ ବହିରାଗତଙ୍କ ଅଭିଯୋଗରୁ ମୁକ୍ତି କରିବା ପାଇଁ ଡାକରା ବ୍ୟବସ୍ଥାପତ୍ର ଏବେବି ଦେବା ବନ୍ଦ କରି ନାହାନ୍ତି । ଏଠାରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କର କବିତାର କେତୋଟି ପଂକ୍ତି ମନରେ ପଡୁଛି ।

କାଟି ନଦୀଘୋଷ ଟଳିବ କି ଭାଇ, ସ୍ୱାର୍ଥକୁ ସାରଥୀ କଲେ
ଚାଖେକିରେ ଗାଡ଼ି ଦାନାର ଥୋବଡ଼ା, ଘୋଡ଼ା ମୁହେଁ ବାଂଧା ଥିଲେ
ଜାତିର ଉନ୍ନତି ସେ କାହୁଁ କରିବ, ସ୍ୱାର୍ଥେ ଯା'ର ବ୍ୟସ୍ତ ମନ
ଶାଗୁଣା ବିଲୁଆ ଚିକିତ୍ସକ ହେଲେ, ଶବ କି ପାଇବ ପ୍ରାଣ ??

## ॥ ମାନିଲେ ଦିଅଁ ନ ମାନିଲେ ପଥର ॥

ଅତୀତର ସୁନାମଧନ୍ୟ ଶ୍ରମିକନେତା ଓ ଆମ ସାଧାରଣ ତନ୍ତ୍ରର ରାଷ୍ଟ୍ରପତି ଶ୍ରୀଯୁକ୍ତ ଭି.ଭି. ଗିରିଙ୍କ ଭାଷାରେ "ଯଦି ଶ୍ରମିକ ସମାଜ ସଂଘବଦ୍ଧ ଗଣତାନ୍ତ୍ରିକ ସୁଶୃଙ୍ଖଳ ଓ ବଳଶାଳୀ ଶ୍ରମ ସଂଗଠନ ଗଢ଼ି ପାରିବେ ତା' ହେଲେ ସେମାନଙ୍କର ଉତ୍ତରୋତ୍ତର ଅଭିବୃଦ୍ଧି ସାଧନ ଯେ ନିଶ୍ଚିତ ହେବ ଏଥିରେ ଦ୍ୱିଧା ବା ଦ୍ୱି ମତର ଅବକାଶ ନ ଥାଇ ପାରେ" ଯେହେତୁ ଔଦ୍ୟୋଗିକ ସଂପର୍କ ମାନବିକ ସଂପର୍କର ସଦିଚ୍ଛା ଉପରେ ନିର୍ଭର କରେ । ତେଣୁ ସୁସ୍ଥ ଓ ରୁଚିକର ଶିଳ୍ପ ସଂପର୍କ ରକ୍ଷା ପାଇଁ ମାଲିକ, ଶ୍ରମିକ ଓ ଶ୍ରମ ସଂଗଠନର ଉଚିତ ମନୋଭାବ ରହିବା ଆବଶ୍ୟକ ।

## ॥ ହାତେ ମାପି ସ୍ୱଖଣ୍ଡେ ଖୁଲ ॥

୧–ଶ୍ରମ ସଂଗଠନର ନେତୃବୃନ୍ଦ ଧୈର୍ଯ୍ୟ ଓ ଶୃଙ୍ଖଳାବାନ ହେବା ଉଚିତ ।

୨–ନିଜର ଦାବୀ ସହ ଦାୟିତ୍ୱ ସଂପର୍କରେ ସଚେତନ ରହିବା ସଙ୍ଗେ ସଙ୍ଗେ ଶ୍ରମିକମାନଙ୍କୁ ସଚେତନ କରାଇବା ଆବଶ୍ୟକ ।

୩–ଶିଳ୍ପର ଆର୍ଥିକସ୍ଥିତି ଓ ସମସ୍ୟାଦି ସଂପର୍କରେ ପୂର୍ଣ୍ଣ ଅବଧାରଣା ପୋଷଣ କରିବା ଉଚିତ ।

୪–ଶ୍ରମିକର ଶିକ୍ଷା ଓ କଲ୍ୟାଣକାରୀ କାର୍ଯ୍ୟକ୍ରମକୁ ଉଦ୍‌ଭାବିତ ଓ ସଂପ୍ରସାରିତ କରିବା ଉଚିତ ।

୫–ଶିଳ୍ପ ଶୃଙ୍ଖଳା ପାଇଁ ସଦସ୍ୟ ଶ୍ରମିକଙ୍କୁ ପ୍ରସ୍ତୁତ ଓ ଉପଯୋଗୀ କରି ଗଢ଼ିବା ଉଚିତ, ଯେଉଁଥିରେ କି ସେମାନଙ୍କର ସ୍ୱାର୍ଥ ସିଦ୍ଧି ଓ ସମାଜର ସାମୂହିକ ହିତ ସାଧନ ହୋଇ ପାରିବ ।

୬–ସର୍ବାଧିକ ସମର୍ଥିତ-ଶ୍ରମିକ ସଂସ୍ଥାର ଶୃଙ୍ଖଳାଚରଣ ବିଧି ମୁତାବକ ସ୍ୱୀକୃତ ପ୍ରାପ୍ତି କ୍ଷେତ୍ରରେ ଜାଣିଶୁଣି ଦ୍ୱନ୍ଦ୍ୱ ଉପୁଜାଇବାରୁ ନିବୃତ୍ତ ରହିବା ।

୭–ଶ୍ରମିକର ସ୍ୱାର୍ଥକୁ ଦଳୀୟ ଓ ବ୍ୟକ୍ତିଗତ ହୀନ ରାଜନୈତିକ ସ୍ୱାର୍ଥରୁ ବଞ୍ଚାଇବା ଓ ଜାଣିଶୁଣି ଆଇନ ଶୃଙ୍ଖଳା ଉପରେ ପରିସ୍ଥିତି ସୃଷ୍ଟି କଲାଭଳି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ କାର୍ଯ୍ୟରୁ ନିବୃତ୍ତ ହେବା ଉଚିତ ।

୮–ଗଣତାନ୍ତ୍ରିକ ପଦ୍ଧତିରେ ଆସ୍ଥାବାନ ହେବା ସଙ୍ଗେ ସଙ୍ଗେ ବିବାଦ ଓ ବିଭେଦ ସମାଧାନ ପାଇଁ କୌଣସି ତରବରିଆ ପନ୍ଥା ନେବା ପରିବର୍ତ୍ତେ ଯୌଥବୁଝି ଆପୋଷ ଆଲୋଚନାଦି ସମସ୍ତ ଗଣତାନ୍ତ୍ରିକ ପଦ୍ଧତିରେ ଆସ୍ଥାରଖି ତାହାର ଆଶ୍ରୟ ନେବାରେ ନ୍ୟସ୍ତ ରହିବା ଉଚିତ ।

୯–ଦୃଢ଼ ଏବଂ ଅଧିକ ଫଳପ୍ରସୂ ସାଂଗଠନିକ କାର୍ଯ୍ୟକ୍ରମର ନିୟୋଜିତ ହେବା ଉଚିତ ।

୧୦–ଶ୍ରମ ସଂଗଠନର ଆଙ୍ଗିକ ଓ ଆନ୍ତରିକ ବିକାଶ ସାଧନ ନିମିତ୍ତ ଶ୍ରମିକଙ୍କ ମଧ୍ୟରୁ ଉପଯୁକ୍ତ ନେତୃତ୍ୱ ତିଆରି କରିବା ଉଚିତ ।

୧୧–ଏକ ଗଣତାନ୍ତ୍ରିକ ସମାଜରେ ନିଜର ସାମାଜିକ, ଅର୍ଥନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ସଂପାଦନ ନିମିତ୍ତ ସଂଗଠିତ ଶ୍ରମିକଙ୍କୁ ନିଜର କରିବା ଉଚିତ ।

୧୨–ପାରିପାର୍ଶ୍ୱିକ ଅର୍ଥନୈତିକ ସ୍ଥିତି ଓ ଦାୟିତ୍ୱ ସମେତ ନିଜର ସମସ୍ୟାକୁ ବୁଝିଲା ଭଳି ବୃହତର ବୁଝିବା ଶକ୍ତିର ଉଦ୍ରେକ କରିବା ।

୧୩–ଶ୍ରମିକମାନଙ୍କୁ ଶ୍ରମିକ ସଙ୍ଗଠନ ସଦସ୍ୟ ରୂପେ ତଥା ସାଧାରଣ ସମାଜର ନାଗରିକ ରୂପେ ଦାୟିତ୍ୱ ଓ କର୍ତ୍ତବ୍ୟ ସହ ପରିଚିତ କରାଇବା ଉଚିତ ।

## ॥ ଏ ମନ ଖୋଜୁଥାଇ ଯାହା ॥

ସାଧାରଣ ଭାବେ ଶିଳ୍ପ ସମ୍ପର୍କ କହିଲେ କାରଖାନା ହତା ଭିତରେ କାର୍ଯ୍ୟ ନିରତ ସାମୂହିକ ସମ୍ପର୍କକୁ ବୁଝାଏ । ବିଶେଷ ଭାବେ କହିଲେ ଏହା ପୁନଶ୍ଚ ଶ୍ରମ ସଂପର୍କ ପ୍ରଭାବାନ୍ବିତ । ଏଣୁ ମାଲିକ ଓ ଶ୍ରମିକ ପୃଥକ ଭାବେ ମୂଳଧନ ଏବଂ ଶ୍ରମର ସ୍ୱାର୍ଥକୁ ପ୍ରତିନିଧିତ୍ୱ କରିବା ସଙ୍ଗେ ସଙ୍ଗେ ଏ କଥା ଭୁଲିବା ଉଚିତ ନୁହେଁ ଯେ, ସେମାନେ ମଧ୍ୟ ଗୋଷ୍ଠୀ ସ୍ୱାର୍ଥର ପ୍ରତିନିଧିତ୍ୱ କରନ୍ତି, ବ୍ୟକ୍ତିଗତ ଭୂମିକାରେ ଗୋଷ୍ଠୀର ନାଗରିକ ରୂପେ ସାମୂହିକ ଭୂମିକାରେ ଶିଳ୍ପ ସମାଜର ସଦସ୍ୟ ରୂପେ । ପ୍ରକାରାନ୍ତରରେ ଯେତେବେଳେ ଗୋଷ୍ଠୀ ମାଲିକାନା ପର୍ଯ୍ୟବେକ୍ଷିତ, ଶିଳ୍ପ ପ୍ରତିଷ୍ଠାନର ମାଲିକ ଏବଂ ଶ୍ରମିକ ପରସ୍ପର ନିଜର ଲକ୍ଷ୍ୟ ବିଷୟରେ ସଜାଗ ଓ ସଚେଷ୍ଟ, ସେତେବେଳେ ସଂଖ୍ୟାଧିକ ମାନବିକ ସଂପର୍କକୁ ସ୍ୱାସ୍ଥ୍ୟକର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ କରିବା ପାଇଁ ନିୟନ୍ତ୍ରଣକାରୀ ଶ୍ରମ ସଂଗଠନ ଗୁଡ଼ିକ

ସବୁଦିଗରୁ ଏକ ବିଧିବଦ୍ଧ ମନୋବୃତ୍ତି ଜରିଆରେ ସବୁ ପ୍ରକାରେ ହାର୍ଦିକ ଉଦ୍ୟମ ଓ ଚେଷ୍ଟା କରିବା ଉଚିତ— ଶ୍ରମିକର ସ୍ୱାର୍ଥ ସାଧନ ପାଇଁ ଶିଳ୍ପର ସୁସ୍ଥିତି ପାଇଁ ଓ ଗୋଷ୍ଠୀ ସ୍ୱାର୍ଥର ସଂରକ୍ଷଣ ପାଇଁ.... ।

ପରିଶେଷରେ କୃଷ୍ଣ ଯଜୁର୍ବେଦରୁ ଗୋଟିଏ ଐଶ୍ୱର୍ଯ୍ୟ ପ୍ରାର୍ଥନାର ଆବୃତ୍ତିରେ ଏହି ଆଲୋଚନାକୁ ଏଠାରେ ସାଙ୍ଗ କରୁଅଛି—

''ଏହ ଶ୍ରୀଶ୍ଚହ୍ରୀଶ୍ଚ ଧୃତିଶ୍ଚ, ତପୋମେଧା ପ୍ରତିଷ୍ଠା
ଶ୍ରଦ୍ଧା ସତ୍ୟଂ ଧର୍ମଶ୍ଚୈତାନି, ମୋତିଷ୍ଠନ୍ତ ମନୁତିଷ୍ଠନ୍ତୁ ମା ମାଂ
ଶ୍ରୀଶ୍ଚହ୍ରୀଶ୍ଚ ଧୃତିଶ୍ଚ ତପୋ ମେଧା, ପ୍ରତିଷ୍ଠା ଶ୍ରଦ୍ଧା ସତ୍ୟଂ ''

[ଐଶ୍ୱର୍ଯ୍ୟର ଲକ୍ଷ୍ମୀ, ଲଜ୍ଜା, ଧୈର୍ଯ୍ୟ, ତପ ମେଧା, ପ୍ରତିଷ୍ଠା, ଶ୍ରଦ୍ଧା, ସତ୍ୟ, ଧର୍ମ ଏମାନେ ସମସ୍ତେ ଏଠାରେ ରହନ୍ତୁ କାରଣ ବିକାଶ ଓ ଉତ୍ଥାନ ସହିତ ସେମାନେ ଜଡ଼ିତ । ସେମାନେ କେବେ ଛାଡ଼ି ଯାଆନ୍ତୁ ନାହିଁ ।]

ଭଗତପୁର, କଟକ-୯



ମରୁଡ଼ି ରିଲିଫ୍ ପାଇଁ ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ତିନି ସେନାବାହିନୀ ମୁଖ୍ୟଙ୍କ ଦାନ ।



# କୃଷିପର୍ବ : ଅକ୍ଷୟ ତୃତୀୟା

ଶ୍ରୀ କାଶୀନାଥ ପ୍ରଧାନ

ମଣିଷ ଦିନେ ଥିଲା ଏକାନ୍ତ ଆଦିମ । ନଥିଲା ତା'ର ସାମାଜିକ ଜୀବନ । ମଣିଷ ଚିନ୍ତା ଭୂମିର କ୍ରମ ବିବର୍ତ୍ତନ ଧାରାରେ ସୂତ୍ରପାତ ହୁଏ ପାରିବାରିକ ଜୀବନ । ପାରିବାରିକ ଜୀବନ ହିଁ ମଣିଷର ସାମାଜିକ ଜୀବନଧାରାର ଅନ୍ୟତମ ସୋପାନ । ସମାଜକୁ ଏକ ବ୍ୟକ୍ତି ସହିତ ତୁଳନା କଲେ କଳା ଓ ସାହିତ୍ୟ ତା'ର ଆତ୍ମାଭିବ୍ୟକ୍ତି; ସଂସ୍କୃତି ତା'ର ଆତ୍ମା ଓ ଶାସନ ତା'ର ବର୍ମ ।

ସଂସ୍କୃତି ଏକ ବ୍ୟାପକ ଅର୍ଥ ବୋଧକ ସ୍ୱୟଂକ୍ରିୟ ପାରମ୍ପରିକ ପ୍ରକ୍ରିୟା । ଯାହାକି ଯେ କୌଣସି ଜନ ଜୀବନର ପ୍ରାତ୍ୟହିକ ଆଚରଣ ଓ ଅଭ୍ୟାସରେ ନିତ୍ୟ ପରିପ୍ରକାଶମାନ । କେହି କେହି ସଂସ୍କୃତିର ସଂକ୍ଷେପ ସଂଜ୍ଞା ନିରୂପଣ କରିବାକୁ ଯାଇ କହନ୍ତି, ଜନସମାଜର କୃଷ୍ଟି କୃତିରୁ ଯାହା ସଂଯମତାର ସହିତ ସାଇତି ରଖେ ବା ସଂରକ୍ଷଣ କରେ, ତାହା ସଂସ୍କୃତି ।

ଏଇ ପୃଷ୍ଠ ଭୂମିରେ ଆମେ ଓଡ଼ିଆ ସଂସ୍କୃତି ପର୍ଯ୍ୟାୟକୁ ଯେତେବେଳେ ଆସୁ ସେତେବେଳେ ଓଡ଼ିଆ ସଂସ୍କୃତିର ପ୍ରତିଭୂ ଶ୍ରୀଜଗନ୍ନାଥଙ୍କୁ ହିଁ ଭେଟୁ । ତେଣୁ ଯଥାର୍ଥରେ କୁହାଯାଏ, ଓଡ଼ିଆ ସଂସ୍କୃତି ମାନେ ହିଁ ଜଗନ୍ନାଥ ସଂସ୍କୃତି । ଓଡ଼ିଶାର ଧର୍ମଧାରା, ସାମାଜିକ ରୀତିନୀତି, ପୂଜାପାର୍ବଣ, ସାହିତ୍ୟ-ସଙ୍ଗୀତ ଓ କଳାକୃତିରେ ଆମେ ସେଇ ଚକାଡୋଳାର ବିମୂର୍ତ୍ତ ବିଭୂତି ହିଁ ଦେଖୁ ।

ଅତୀତରେ ଓଡ୍ର ଆଜି ଓଡ଼ିଆରୂପେ ବିଶ୍ୱଦରବାରରେ ସୁପରିଚିତ ତା'ର ଜଗନ୍ନାଥ ସଂସ୍କୃତି ଓ କଳାକୃତିକୁ ନେଇ । ଶ୍ରୀଜଗନ୍ନାଥ ଏଠି ଲୋକାଏତ । ଶ୍ରୀଜଗନ୍ନାଥଙ୍କ ପହୁଡ଼ ଭାଙ୍ଗିବାଠାରୁ ପୁଣି ପହୁଡ଼ ପଡ଼ିବା ଯାଏ ଯେତେ ରୀତିନୀତି ଆମ ଶ୍ରୀମନ୍ଦିରରେ ଚଳେ ତାହା ତ ଯେ କୌଣସି ଖାଣ୍ଟି ଓ ସଂଭ୍ରାନ୍ତ ଓଡ଼ିଆ ଘରର ଚଳଣୀ ଠାରୁ କୌଣସି ଗୁଣରେ ପାର୍ଥକ୍ୟ ନୁହେଁ; ପାର୍ଥକ୍ୟ କେବଳ ପରିମାଣରେ ଓ ଆଟୋପରେ ! ସେ ଜଗତର ନାଥ ଜଗନ୍ନାଥ କି ନା !!

ଓଡ୍ର ଦେଶକୁ ନେଇ ଓଡ୍ର ସମାଜ ଓ ସଂସ୍କୃତିର ଜନ୍ମ । ସମ୍ରାଟ କପିଳେନ୍ଦ୍ର ଦେବ ଓ ସାରଳା ଦାସ ସେହି ଓଡ୍ରଚେତନାର ଚରମ ବିକାଶ ଓ ବୈଭବର ପତାକ କହିଲେ ଅତ୍ୟୁକ୍ତି ହେବ ନାହିଁ । ଦିନକୁ ଲାଠିଏ ପଡ଼ନ୍ତି ଭୋଗ ଦେଇ ଯୁଗେ ଯୁଗେ ଶ୍ରୀଜଗନ୍ନାଥଙ୍କୁ ଯେତେ ନୁହେଁ, ଜଗନ୍ନାଥ ସଂସ୍କୃତିକୁ ପୁଷ୍ଟ କରୁଛି ଯେଉଁ ସମାଜ ବା ଯେଉଁ ଗୋଷ୍ଠୀ, ସେ ସମାଜଟି ବା ଗୋଷ୍ଠୀଟି ଜଗନ୍ନାଥ ଧର୍ମଧାରା ଓ ସଂସ୍କୃତିର ସମନ୍ୱିତ ରୂପ ତ୍ରିବେଣୀ ଧାରାରେ ଅବଗାହନ କରି ସମୟକ୍ରମେ ଅନ୍ୟରୂପ ନେଇଛି । ସେ ସମାଜଟିର ଭିତ୍ତିଭୂମି ନିଶ୍ଚିତ ରୂପେ ସେଇ ଓଡ୍ରଚେତନାର ଉତ୍ତର ସାଧକମାନଙ୍କ ଗୌରବାବହ ଫଳଶ୍ରୁତି, ଏଥିରେ ସନ୍ଦେହ ନାହିଁ ।

ଏହି ପରିପ୍ରେକ୍ଷୀ ଓ ପୃଷ୍ଠଭୂମିରେ କୃଷିପର୍ବ 'ଅକ୍ଷୟ ତୃତୀୟା'ର ଭିତ୍ତିଭୂମି ଅବଶ୍ୟ ଜଡ଼ିତ ଓ ମୁଦ୍ରିତ ଅକ୍ଷ ବା ଅଖ ଚକ୍ର ବା ଚକର, ମେରୁଦଣ୍ଡ ସ୍ୱରୂପ । ଅକ୍ଷ ବିନା ଚକ୍ରର ଅବସ୍ଥିତି ଓ ପ୍ରକ୍ରିୟା କଳ୍ପନାତୀତ । ଚକ୍ର ଯୁଗେ ଯୁଗେ ଗତି ବା ପ୍ରଗତିର ନିୟାମକ ଓ ପ୍ରତୀକ । ଚକାଡୋଳା ବର୍ଷକରେ ଥରେ ଶ୍ରୀମନ୍ଦିରରୁ ମାଉସୀମା ମନ୍ଦିରକୁ ବିଜେ ହୁଅନ୍ତି ରଥରେ ଭାଇଭଉଣୀଙ୍କ ସମବ୍ୟବହାରରେ । ଶ୍ରୀକ୍ଷେତ୍ରର ତିନିଦେବତାଙ୍କ ରୀତିନୀତି ନିର୍ଦ୍ଦିଷ୍ଟ ଓ ଶାସ୍ତ୍ର ଅନୁମୋଦିତ ନିୟମ କାନୁନ୍‌ର ବଶବର୍ତ୍ତୀ । ଅନୁରୂପ ତିନି ଠାକୁରଙ୍କ ରଥଯାତ୍ରାର ବିଧିବିଧାନ ପୂର୍ବ ନିର୍ଦ୍ଧାରିତ । ଏପରିକି ରଥଗଠନ ଓ ତା'ର ଆନୁସଙ୍ଗିକ ସଜ୍ଜିକରଣ ମଧ୍ୟ ଶିଳ୍ପଶାସ୍ତ୍ରର ଅନୁବର୍ତ୍ତୀ । କେଉଁଦିନ କିଁଣ କରିବାକୁ ହେବ, କିଏ କେଉଁ କର୍ମ କରିବ ତାହା ଶ୍ରୀକ୍ଷେତ୍ରର ଯୁଗ ଯୁଗର ପ୍ରଶାସନ ଓ ଅନୁଶାସନ ଦ୍ୱାରା ପରିଚାଳିତ । ପ୍ରବନ୍ଧର କଳେବର ଦୃଷ୍ଟିରୁ ସେ ସମ୍ବନ୍ଧରେ ସମ୍ୟକ ଆଲୋଚନା ନ କରି ସଂକ୍ଷେପରେ ଏତିକି କୁହାଯାଇ ପାରେ ଯେ ଅକ୍ଷ ତୃତୀୟା ଯାହାକି କାଳକ୍ରମେ ଏବେ ଅକ୍ଷୟ ତୃତୀୟାରୂପେ ବିଦିତ, ସେ ଦିନ ବର୍ଣ୍ଣିତ ତିନି ରଥମାନଙ୍କର ଅକ୍ଷ (ଅଖ) ପ୍ରସ୍ତୁତିରେ ଉଦ୍‌ଯୋଗ ପର୍ବର ଶୁଭାରମ୍ଭ ଦିବସ । ଏହା ପ୍ରତିବର୍ଷ ଜ୍ୟେଷ୍ଠ ଶୁକ୍ଳପକ୍ଷ ତୃତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ ।

ମାଆ ଧରିତ୍ରୀର ମୁକ୍ତୁଳା ଛାତିରେ ପ୍ରକୃତି ଓ ଜୀବକୁଳର ଆତଯାତ ଅନାଦି କାଳରୁ ଚାଲି ଆସୁଛି, ତାହା ନିର୍ଦ୍ଦିଷ୍ଟ ଭାବରେ କେହି କହି ପାରିବ ନାହିଁ । ଦିନ ଥିଲା, ପ୍ରକୃତିର କ୍ରୀଡ଼ନକ ଥିଲା ଏଇ ମଣିଷ, ଅନ୍ୟାନ୍ୟ ଜୀବକୁଳ ସହିତ । ମାତ୍ର ଅଗ୍ନି ଓ କୃଷିର ଆବିଷ୍କାର ହିଁ ମଣିଷକୁ ପ୍ରକୃତରେ ଦାସତ୍ୱରୁ ବହୁଭାବରେ ମୁକ୍ତି ଦେଇଛି ଓ ମଣିଷ ଆଜି ପ୍ରକୃତିକୁ ନିଜର ଦାସରେ ପରିଣତ କରିବାରେ ପ୍ରୟାସ ଓ ଆସ୍ପର୍ଦ୍ଧା ବଜାୟ ରଖିଛି । ପ୍ରକୃତି ସହିତ ମଣିଷର ଏ ସଂଗ୍ରାମର ଅନ୍ତ କେବେ ଓ ଅନ୍ତିମ ବିଜୟର ଟୀକା କାହା ଭାଗ୍ୟରେ ଅଛି କହି ହେବ ନାହିଁ ଆଜି । ତଥାପି ଏତିକି କୁହାଯାଇ ପାରେ, ଉଦର ପୋଷଣ ପାଇଁ ମଣିଷ ଦିନେ ଅତ୍ୟନ୍ତ ଦୟନୀୟ ଭାବେ ପ୍ରକୃତି ଉପରେ ଯେତେଟା ନିର୍ଭରଶୀଳ ଥିଲା ଆଜି ସେତେଟା ନୁହେଁ । କୃଷିର ଆବିଷ୍କାର ଓ ତହିଁର ବିକାଶ ହିଁ ମଣିଷର ପ୍ରଥମ ଦୁଇଟି ମୌଳିକ ଆବଶ୍ୟକତା ଓ ସମସ୍ୟାର ସମାଧାନ କରି

ପାରିଛି । ଅର୍ଥ ଓ ଅନ୍ନ ମୂଳେ ଏ ଜଗତ । ତେଣୁ ଏ ମାଟିର କବି ଭାଗବତକାର ଜଗନ୍ନାଥ ଦାସ ଯଥାର୍ଥରେ କୁହନ୍ତି :

ଅନ୍ନ ବିହୁନେ ହଂସ ହାନି
ଯୋଗ ସାଧିବୁ କାହା ଘେନି ।

ଅନ୍ନର ମହିମା ଅପାର । ବିଜ୍ଞାନର ଜୟଯାତ୍ରା ମୂଳରେ କୃଷି ଓ କୃଷିର ଅବଦାନ କୌଣସି ଦୃଷ୍ଟିରୁ ନ୍ୟୁନ ନୁହେଁ । ବିଜ୍ଞାନର ଜନ୍ମ ଅଗ୍ନି ଓ କୃଷିର ଆବିଷ୍କାରରୁ । କୃଷି ପୁଣି ଜନ୍ମ ଦେଇଛି କୃଷ୍ଟି ବା ସଂସ୍କୃତିକୁ ଯାହାକି ପ୍ରବନ୍ଧର ପ୍ରାରମ୍ଭରେ ଚିହ୍ନାଇ ଦିଆ ଯାଇଛି । ଓଡ଼ିଆ ସଂସ୍କୃତିରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷଯାତ୍ରା ଓ କୃଷି ଓ କୃଷକର ଜୟଯାତ୍ରାକୁ ଏକୀଭୂତ କରିବା ଉଦ୍ଦେଶ୍ୟରେ ବୋଧହୁଏ ଅକ୍ଷୟ ତୃତୀୟା ଏକ ବିଶେଷ ଭୂମିକା ଗ୍ରହଣ କରି ଆସିଛି କପିଳେନ୍ଦ୍ର ଦେବଙ୍କ ରାଜତ୍ୱକାଳରୁ ।

ଶ୍ରୀକ୍ଷେତ୍ରରେ ଏହି ଅକ୍ଷୟ ତୃତୀୟା ଦିନ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥମାନଙ୍କରେ ଅକ୍ଷ ପ୍ରସ୍ତୁତିର ଶୁଭ ଅବସରରେ ଓଡ଼ିଶାର କୃଷକ ତା'ର କୃଷିକର୍ମର ଅୟମାରମ୍ଭ 'ମୁଠି ଅନୁକୂଳ' ବା 'ମୁଠି ଛୁଆଁ' ରୂପେ ପାଳନ କରେ ଅକ୍ଷୟ ତୃତୀୟାର ଅମୃତ ମୁହୂର୍ତ୍ତରେ ।


ଓଡ଼ିଶାର କୃଷକ ସମାଜ ବର୍ଣ୍ଣିତ ସେହି ''ମୁଠି ଅନୁକୂଳ'' ପର୍ବ ନିତାନ୍ତ ନିଷ୍ଠାତାର ସହ ପାଳନ କରନ୍ତି । ନୂଆ ଲଙ୍ଗଳ, କୁଆଳି, ଯୋତ-ଦଉଡ଼ି ଏପରିକି ଧାନବୁଣା ଭୋଗେଇ ସମେତ ସଂଚିତ ଧାନ ବିହନ ଆଦି ସୁପ୍ରଭାତରୁ କ୍ଷେତକୁ ନେଇ ''ମୁଠି ଅନୁକୂଳ''ପର୍ବ ଭୂମିପୂଜା, ଭୂମିକର୍ଷଣ ଓ ବିହନ କ୍ଷେପଣ ମଧ୍ୟରେ ସମାପନ କରାଯାଏ । ସାଧାରଣତଃ ପରିବାର ମୁଖ୍ୟ ଏ ଅନୁକୂଳ ପର୍ବର ଶୁଭାରମ୍ଭ କରନ୍ତି । ପଞ୍ଜିକା ଅନୁକ୍ରମେ ଯାହାଙ୍କ ଭାଗ୍ୟରେ ସେ ବର୍ଷର ଆୟ-ବ୍ୟୟ ହିସାବ ଅନୁକୂଳ ବୋଲି ଘୋଷିତ ହୋଇଥାଏ, ତାହାଙ୍କ ହାତରେ 'ମୁଠି ଅନୁକୂଳ' ସମାହିତ ହୋଇଥାଏ । ବର୍ଷା ହେଲେ ପାଗଯୋଗ ଦେଖି ଯେତେବେଳେ, ଧାନବୁଣା ଆରମ୍ଭ ହୁଏ, ପ୍ରଥମେ 'ଅନୁକୂଳ ମୁଠି' ପାଇଁ ଅଭିପ୍ରେତ ଧାନ୍ୟ ହିଁ ପ୍ରଥମ ବିହନ କ୍ଷେପଣ (ବୁଣିବା) ରୂପେ ବ୍ୟବହୃତ ହୁଏ । ସଂକ୍ଷେପରେ ଏହାହିଁ ଅକ୍ଷୟ ତୃତୀୟା କୃଷି ପର୍ବର ଇତିବୃତ୍ତି ।

ଦୈନିକ ଷାଠିଏ ପଉଟି ଭୋଗ ଖାଉଥିବା ଶ୍ରୀଜଗନ୍ନାଥ ଓ ଏହି ଷାଠିଏ ପଉଟି ଭୋଗ ଯୋଗାଉଥିବା କୃଷକ ହିଁ ଓଡ଼ିଆ ଜାତିର ସାଂସ୍କୃତିକ ଜୀବନ ଯାତ୍ରାର ମୂଳାଧାର ଓ ବାର୍ତ୍ତାବହ ନିଶ୍ଚୟ । କୃଷକର ସନ୍ତାନ କପିଳା ଦିନେ କପିଳେନ୍ଦ୍ର ଦେବ ନାମରେ ଏ ଜାତିର ମହାମହିମ୍ନ ସମ୍ରାଟ ରୂପେ ଇତିହାସରେ ନାମ ରଖି ଯାଇଛନ୍ତି । ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣତଳେ ନିଜକୁ ଆୟାପିତ କରି ଏ ଜାତି ପାଇଁ ନବ ସଂସ୍କୃତିର ସୂତ୍ରପାତ କରି ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ରୀତିନୀତି, ବେଶ-ବିଭୂଷଣ ଓ ପର୍ବପର୍ବାଣି ସମେତ ଅନ୍ୟାନ୍ୟ ବିଧିବିଧାନ ସମ୍ବଳିତ ଏକ ସ୍ୱୟଂକ୍ରିୟ ପ୍ରଶାସନିକ ବ୍ୟବସ୍ଥା କରି ଯାଇଛନ୍ତି । ଯାହାମନେ ହୁଏ, ଶ୍ରୀକ୍ଷେତ୍ରରେ ପ୍ରଚଳିତ ଛତିଶ ନିଯୋଗ ଓ ଦୈନିକ ଷାଠିଏ ପଉଟି ଭୋଗର ବ୍ୟବସ୍ଥାଦି ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସମୟରୁ ହିଁ ଚଳି ଆସୁଛି । କପିଳେନ୍ଦ୍ର ଦେବଙ୍କ ଅନ୍ତେ କୃଷକ ସମ୍ରାଟ ପୁରୁଷୋତ୍ତମଦେବ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ଅନ୍ୟତମ ପୃଷ୍ଠପୋଷକ ରୂପେ ଇତିହାସ ପ୍ରସିଦ୍ଧ ।

ଜାତିର ଜନକ ମହାତ୍ମାଗାନ୍ଧୀ କହୁଥିଲେ 'କୃଷକ ହିଁ ମାଟିର ରାଜା !' ମାତ୍ର ଆଜିର ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ମଧ୍ୟରେ କୃଷକମାନଙ୍କର ଅବସ୍ଥା ଶୋଚନୀୟ କହିଲେ ଚଳେ । ପାରିଶ୍ରମିକ ଭିତ୍ତିକ କୃଷିଜାତ ପଦାର୍ଥର ମୂଲ୍ୟ ପାଇଁ ଉତ୍କଳ ସମେତ ଭାରତରେ ସମଗ୍ର କୃଷକ ସମାଜ ଆଜିବି ସଂଗ୍ରାମରତ !! ଏହି ପରିପ୍ରେକ୍ଷୀରେ କୃଷକ ସମାଜ ଉତ୍କଳର ସାଂସ୍କୃତିକ ଓ ସାମାଜିକ ଜୀବନ ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଆଜି ଆଉ ସମର୍ଥ ନୁହେଁ । କୃଷି ପର୍ବ 'ଅକ୍ଷୟ ତୃତୀୟା' ଶୁଭ ଅବସରରେ ଉତ୍କଳର କୃଷକ ସମାଜ ସମ୍ମିଳିତ ହୋଇ ଅତୀତର ହୃତଗୌରବ ଫେରାଇ ଆଣିବାରେ ବ୍ରତୀ ହେବା ନିମିତ୍ତ ସଂକଳ୍ପବଦ୍ଧ ହେବାର ଅବକାଶ ଏବେ ଦ୍ୱାରସ୍ଥ ନିଶ୍ଚୟ । ମାତ୍ର ଉତ୍କଳର କୃଷକ ସମାଜ ଏଥିପ୍ରତି ସଚେତନ କି ? ସେମାନଙ୍କର ଇଷ୍ଟ ଦେବ ଶ୍ରୀଜଗନ୍ନାଥ ଯେତେବେଳ ''ଦାରୁଭୂତ ମୁରାରି'', ସେତେବେଳେ ଉତ୍କଳର କୃଷି, କୃଷ୍ଟି ଓ କଳା ଶ୍ରୀହୀନ ହେବାରେ ଆଶ୍ଚର୍ଯ୍ୟ କ'ଣ ?? ନିକଟରେ ଜାପାନୀ ପରିବେଶ ବିଜ୍ଞାନୀ କହିଗଲେ, 'ଭାରତରେ ମାଟି ଓ ମଣିଷ ସୁପ୍ତ' । ଏ ସୁସୁପ୍ତିର ଅନ୍ତକେବେ କିଏ କହିବ ?

ପ୍ରବନ୍ଧର ଉପସଂହାର ବେଳେ ମନକୁ ଏତିକି ଆସେ, ଜଗନ୍ନାଥେ ପହୁଡ ଭାଙ୍ଗିଲେ, ଏଜାତି ଯାଇ ଚେଇଁବ— ଚେଇଁବ ଏ ଜାତିର ମାଟି ଆଉ ମଣିଷ ।

ଗୀତା ନିବାସ, ଧନୁପାଲି, ସମ୍ବଲପୁର-୭୬୮୧୦୦



# ସଂଗ୍ରାମୀ ବୀର ଚକରା ବିଷୋୟୀ

ଡ: ଦଣ୍ଡପାଣି ବେହେରା


ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ବିଶିଷ୍ଟ ନାୟକ ଥିଲେ– ଚକରା ବିଷୋୟୀ, ସେ ଘୁମୁସର ରାଜ୍ୟର ମାଳ ଅଞ୍ଚଳସ୍ଥ ଓଙ୍ଗୋଲେ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ଜାତିରେ ଥିଲେ ବେଣିଆ କନ୍ଧ । ତାଙ୍କର ପିତା ଶ୍ୟାମ ବିଷୋୟୀଙ୍କୁ ଏକ ସଂଘର୍ଷରେ ବ୍ରିଟିଶ ସୈନିକ ନୃଶଂସ ଭାବେ ହତ୍ୟା କରିଥିଲେ । ପୁତ୍ର ଚକରା ପିତାଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ବ୍ରିଟିଶ ଶାସକମାନଙ୍କ ବିରୁଦ୍ଧରେ ତୁମୁଳ ଆନ୍ଦୋଳନର ସୂତ୍ରପାତ କଲେ । ଏଥିପାଇଁ ତାଙ୍କର ପିତାଙ୍କର କନିଷ୍ଠ ଭ୍ରାତା କମଳ ଲୋଚନ ଦୋରା ବିଷୋୟୀ ତାଙ୍କୁ ଆବଶ୍ୟକୀୟ ପ୍ରେରଣା ଦେଇଥିଲେ । ୧୮୧୫ ରୁ ୧୮୧୮ ଯାଏଁ କମଳଲୋଚନ ଦୋରା ବିଷୋୟୀ ଥିଲେ ଘୁମୁସର ରାଜ୍ୟର ପରିଚାଳକ । ୧୮୧୮ରେ ଶ୍ରୀକର ଭଞ୍ଜ ପୁନଶ୍ଚ ଘୁମୁସର ସିଂହାସନାରୂଢ଼ ହେବା ପରେ କମଳଲୋଚନ ଦୋରା ବିଷୋୟୀ ଶ୍ରୀକର ଭଞ୍ଜଙ୍କର ପୁତ୍ର ଧନଞ୍ଜୟ ଭଞ୍ଜଙ୍କୁ ସିଂହାସନାସୀନ କରିବା ପାଇଁ ମାଳାଞ୍ଚଳ କନ୍ଧମାନଙ୍କୁ ନେଇ ବିଦ୍ରୋହ କଲେ । ତାଙ୍କ ନିକଟରେ ଥାନ୍ତି ତାଙ୍କର ଭ୍ରାତୃଷ୍ପୁତ୍ର ଚକରା । ବଣଜଙ୍ଗଲରେ ଇତସ୍ତତଃ କକାଙ୍କ ସହ ଭ୍ରମଣ କରି ଚକରା ଯୁଦ୍ଧ ବିଦ୍ୟାରେ ବିଶେଷକରି ଗରିଲା ଯୁଦ୍ଧ କୌଶଳରେ, ବିଶେଷ ଜ୍ଞାନ ଓ ଅଭିଜ୍ଞତା ହାସଲ କଲେ । ଘୁମୁସରର ସମସ୍ତ ମାଳଅଞ୍ଚଳ ତଥା ବୌଦ ଓ ଅନୁଗୁଳ ରାଜ୍ୟରେ କମଳ ଲୋଚନ ଦୋରା ବିଷୋୟୀ ନାହିଁ ନଥିବା ଗଣବିଦ୍ରୋହର ସୂତ୍ରପାତ କରିଥିଲେ । ଶେଷରେ ଅନୁଗୁଳର ରାଜା ସୋମନାଥ ସିଂହ ପାଞ୍ଚ ହଜାର ମୁଦ୍ରା ପୁରସ୍କାର ଲାଳସାରେ କମଳ ଲୋଚନ ଦୋରା ବିଷୋୟୀଙ୍କୁ ବ୍ରିଟିଶ ହସ୍ତରେ ସମର୍ପଣ କଲେ । ୧୮୩୫ ରୁ ୧୮୪୪ ଯାଏଁ ଦୋରା ବିଷୋୟୀଙ୍କର ନେତୃତ୍ୱରେ ବ୍ରିଟିଶ ଶାସନ ବିରୁଦ୍ଧରେ ସମଗ୍ର କନ୍ଧ ଅଧ୍ୟୁଷିତ ଅଞ୍ଚଳରେ ବିଦ୍ରୋହର ବହ୍ନି ଜଳି ଉଠିଲା । ୧୮୪୪ରେ ମାନ୍ଦ୍ରାଜ ନିକଟସ୍ଥ ଘୁଟି ସହରର କାରାଗାରରେ ବନ୍ଦୀ ଭାବେ କମଳଲୋଚନ ମୃତ୍ୟୁ ବରଣ କଲାପରେ ତାଙ୍କର ପୁତୁରା ଚକରା ବିଦ୍ରୋହର ନେତୃତ୍ୱ ନେଲେ । ୧୮୪୪ ରୁ ୧୮୫୬ ପର୍ଯ୍ୟନ୍ତ ଚକରା ସମଗ୍ର ଦକ୍ଷିଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାର କତିପୟ ଅଞ୍ଚଳରେ ବ୍ୟାପକ ବିଦ୍ରୋହ ସଂଗଠନ କଲେ । ତାଙ୍କର ବିଦ୍ରୋହର କେତୋଟି କାରଣ ହେଲା– (୧) ଭଞ୍ଜପରିବାରଙ୍କୁ ପୁନରପି ଘୁମୁସର ସିଂହାସନରେ ଆରୂଢ଼ କରାଇବା । (୨) ମେରିଆ ପ୍ରଥା ଅବା ନରବଳୀ ପ୍ରଥାକୁ ସୁସ୍ଥ ରଖିବା, (୩) ନିଜ ପରିବାରର ଅପହୃତ ଅଧିକାର, ସୁବିଧା ଓ ସୁଯୋଗକୁ ପୁନଃ ପ୍ରତିଷ୍ଠା କରିବ । ପୀତାମ୍ବର ଭଞ୍ଜ ନାମକ ଜଣେ ରାଜପୁତ୍ରକୁ ଘୁମୁସର ସିଂହାସନରେ ବସାଇବାକୁ ସେ' ବିଦ୍ରୋହ ଆରମ୍ଭ କଲେ । ଏହି ରାଜପୁତ୍ରଙ୍କୁ କନ୍ଧମାନେ ରାଜାଭାବେ ବିଶ୍ୱାସ କରୁଥିଲେ । କିନ୍ତୁ ପରିଶେଷରେ ଏହି ରାଜପୁତ୍ର ଅବା 'ରାଜାପିଲା' ବଣ ଜଙ୍ଗଲରେ ଚକରାଙ୍କ ସହ ବୁଲି କ୍ଳାନ୍ତ ଅନୁଭବ କରିଥିଲେ, ସେ' ଚକରାଙ୍କର ଅଭିଭାବକତ୍ୱରେ ଅତିଷ୍ଠ ହୋଇ ତାଙ୍କ ପକ୍ଷ ତ୍ୟାଗ କରି ବ୍ରିଟିଶପକ୍ଷ ଗ୍ରହଣ କରିବା ପରେ ଏକ "ସରକାରୀ ପେନ୍‌ସନ" ଲାଭ କରିଥିଲେ । ପୀତାମ୍ବର ଭଞ୍ଜଙ୍କର ବ୍ରିଟିଶ ପକ୍ଷ ଗ୍ରହଣରେ ଚକରା ବିସ୍ମିତ ହୋଇ ନ ଥିଲେ । ତାଙ୍କର ମନୋବଳ ଭାଙ୍ଗି ପଡ଼ି ନଥିଲା । ବରଂ ସେ ବିଦ୍ରୋହକୁ ଦ୍ୱିଗୁଣିତ କଲେ, ଉଭୟ ଜନ ସାଧାରଣ ତଥା କରଦ ରାଜ୍ୟମାନଙ୍କର ଶାସକବର୍ଗଙ୍କର ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ଲାଭ କରି ସେ ଓଡ଼ିଶାର ଏକ ବିସ୍ତୃତ ଅଞ୍ଚଳରେ ବିଦ୍ରୋହର ନିଆଁ ଜଳାଇଲେ । ଫଳରେ ଘୁମୁସର ବୌଦ, ଅନୁଗୁଳ, ସୋନପୁର, ମଦନପୁର, କଳାହାଣ୍ଡି, ଜୟପୁର, ପାରଳାଖେମୁଣ୍ଡି ଆଦି ରାଜ୍ୟମାନଙ୍କରେ ଚକରାଙ୍କର ନେତୃତ୍ୱରେ ବ୍ରିଟିଶ ବିରୋଧୀ ବିଦ୍ରୋହ ବ୍ୟାପକ ହେଲା । ସୀମିତ ସମ୍ବଳ ସତ୍ତ୍ୱେ ସେ ବ୍ରିଟିଶ ଶାସନର ଭିତ୍ତିକୁ ଦୋହଲାଇ ଦେଇଥିଲେ । କସ୍ମିନକାଳେ ବ୍ରିଟିଶ ସରକାରଙ୍କ ଦ୍ୱାରା ଧରାପଡ଼ି ନଥିଲେ କିମ୍ବା ଆହତ ହୋଇ ନଥିଲେ । ତାଙ୍କୁ ଧରିବା ପାଇଁ ସରକାରଙ୍କ ସମସ୍ତ ଯୋଜନା, ଆୟୋଜନ ଓ କୌଶଳ ବ୍ୟର୍ଥ ହୋଇଥିଲା ।

ତାଙ୍କୁ ଧରାଇବା ପାଇଁ ସରକାର ଘନ ଘନ ଅର୍ଥ ପୁରସ୍କାର ଘୋଷଣା କଲେ । ତଥାପି ଚକରା ସମର୍ଥକମାନଙ୍କ ଉପରେ ଏହି ଘୋଷଣାର କୌଣସି ପ୍ରଭାବ ପଡ଼ିନଥିଲା । ତାଙ୍କର ସମର୍ଥକମାନେ 'ସ୍ୱଭାବତଃ ଲୁଣ୍ଠନ କାର୍ଯ୍ୟ ଦ୍ୱାରା ଓ ହିଂସା ଭିଆଇ' ଜୀବନ ନିର୍ବାହ କରୁଥିଲେ । ଚକରାଙ୍କର ଯୁଦ୍ଧ କୌଶଳ ଓ ସମସ୍ତ ସରକାରୀ ବ୍ୟୂହରୁ ଖସି ପଳାୟନ କରିବାର ପାରଙ୍ଗମତାରେ ଭାରତର ତତ୍କାଳୀନ ବଡ଼ଲାଟ ଲର୍ଡ ଡେଲହାଉସୀ ଅତ୍ୟନ୍ତ ଅଭିଭୂତ ଓ ବିସ୍ମିତ ହୋଇ ଥିଲେ । କୌଣସି ଉପାୟରେ ବି ଚକରାଙ୍କୁ ଧରିବା ପାଇଁ ସେ ଏପ୍ରିଲ ୧୮୪୮ରେ ମାନ୍ଦ୍ରାଜ ପ୍ରେସିଡେନ୍‌ସିର ପ୍ରେସିଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ଚକରାଙ୍କର ସଂପର୍କରେ ଇଷ୍ଟ ଇଣ୍ଡିଆ କମ୍ପାନୀର ବୋର୍ଡ ଅଫ୍ କଣ୍ଟ୍ରୋଲର ପ୍ରେସିଡେଣ୍ଟଙ୍କ ନିକଟକୁ ଏକ ପତ୍ରରେ ବର୍ଣ୍ଣନା କରି ଲେଖିଥିଲେ– "ଚକରା ବିଷୋୟୀ ହେଉଛନ୍ତି ଏକ ଦୁଃସାହସୀ ବିଦ୍ରୋହୀ– ତାଙ୍କୁ ପର୍ବତ କନ୍ଦରରୁ ଉପତ୍ୟକା ଇଲାକା ପର୍ଯ୍ୟନ୍ତ ଖୋଜା ଚାଲିଛି । ତଥାପି ତାଙ୍କର

ହୋଇ ପଡ଼ିଛି । ବୋଧହୁଏ ସେ ବଣ ଜଙ୍ଗଲର ସନ୍ଧାନ ପାଇବା କଷ୍ଟକର ନିବୁଚ ଘଞ୍ଚ ଦେଶରେ ଆତ୍ମ ଗୋପନ କରି ରହିଛନ୍ତି ।" ସେ ପୁଣି ଲେଖିଥିଲେ-- "ଯଦିଚ ବର୍ତ୍ତମାନ ଚକରାଙ୍କୁ ଧରିବା ଦୁଷ୍କର , ତଥାପି ବି ଦିନେ ନା ଦିନେ ତାଙ୍କୁ ଓ ତାଙ୍କର ଅନୁଧାବକମାନଙ୍କୁ ନିଶ୍ଚିତ ଭାବେ ଧରାଯାଇ ସମଗ୍ର ଉପଦ୍ରୁତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ସ୍ଥାପନ କରାଯିବ । ଜଣେ ବିଦ୍ରୋହୀଙ୍କ ସଂପର୍କରେ ଲର୍ଡ ଡ଼େଲାହାଉସୀଙ୍କ ଭଳି ଭାରତର ଜଣେ ବଡ଼ଲାଟ ଇଷ୍ଟ ଇଣ୍ଡିଆ କମ୍ପାନୀର ବୋର୍ଡ ଅଫ କଣ୍ଟ୍ରୋଲ ପ୍ରେସିଡେଣ୍ଟଙ୍କ ନିକଟକୁ ଏଭଳି ଏକ ଗୁପ୍ତ ବିବରଣୀ ପଠେଇ ଥିବା ଅତ୍ୟନ୍ତ କୌତୁହଳମୟ ତଥା ବିସ୍ମୟ ମନେ ହୁଏ । ବଡ଼ଲାଟଙ୍କର ଦୃଷ୍ଟି ଆକର୍ଷଣ କରି ଚକରା ବିଶୋୟୀ ଭାରତର ଜଣେ ଅସାଧାରଣ ଜାତୀୟ ବିଦ୍ରୋହୀ ନେତା ଭାବେ ସର୍ବ ସ୍ୱୀକୃତ ଓ ସମ୍ମାନିତ ହୋଇଥିଲେ । ସମଗ୍ର ଓଡ଼ିଆ ଜାତି ପାଇଁ ସେ ସମୟରେ ଏହା ଗୌରବର ବିଷୟ ଥିଲା । ଚକରା ଚକରାଙ୍କୁ ଧରିବା ପାଇଁ ସରକାରଙ୍କର ଉଦ୍ୟମ ଅବ୍ୟାହତ ଥିଲା । କିନ୍ତୁ ସମସ୍ତ ସରକାରୀ ଉଦ୍ୟମକୁ ପଣ୍ଡ କରି ତାଙ୍କର ସଂଗ୍ରାମକୁ ଜାରି ରଖିଲେ । ୧୮୫୬ ରେ ଓଡ଼ିଶାର କମିଶନର ଜି.ଏଫ୍. କାକବାଇନ୍ ଚକରାଙ୍କ ସମ୍ପର୍କରେ ଲେଖିଥିଲେ ଯେ— ଏହା ନିଶ୍ଚିତ ଯେ ଚକରା ବିଶୋୟୀ ତାଙ୍କର ପୂର୍ବ ଗୋପନୀୟ ସ୍ଥାନ ଛାଡ଼ି ଭାରତର କେନ୍ଦ୍ର ଭାଗକୁ ଯାଇଛନ୍ତି । ଯେଉଁଠାରେ ତାଙ୍କୁ କେହି ଚିହ୍ନି ନଥିବେ ।

କାକବେରନ୍ ପୁନଶ୍ଚ ଲେଖିଥିଲେ— "ପ୍ରାୟ ଅଠର ମାସ ଧରି ଚକରା ବିଶୋୟୀଙ୍କ ସମ୍ପର୍କରେ କିଛି ଶୁଣାଯାଉ ନାହିଁ । ଏଭଳି କି ତାଙ୍କର ସମର୍ଥକମାନଙ୍କର ବିଷୟରେ ବିଶେଷ କିଛି ଶୁଣାଯାଉ ନାହିଁ । ହୁଏତ ସେମାନଙ୍କ ମଧ୍ୟରୁ କେତେ ଜଣ କାରାଗାରରେ କାଳାତିପାତ କରୁଛନ୍ତି । ଆଉ କେତେ ଜଣ ସମଗ୍ର କନ୍ଧ ଅଞ୍ଚଳରେ ବିକ୍ଷିପ୍ତ ଭାବେ ଆତ୍ମଗୋପନ କରୁଛନ୍ତି । ବିଦ୍ରୋହ ମଞ୍ଚରୁ ଚକରାଙ୍କ ଆକସ୍ମିକ ଅନ୍ତର୍ଦ୍ଧାନ ଫଳରେ ସମସ୍ତ ଉପଦ୍ରୁତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଅନୁଭୂତ ହେଲା ।

ଘୁମୁସର ବିଦ୍ରୋହରେ ମୁଖ୍ୟ ନାୟକ ଚକରା ବିଶୋୟୀ ୧୮୫୭ ସିପାହୀ ବିଦ୍ରୋହ ପୂର୍ବରୁ ଇହଲୀଳା ସମ୍ବରଣ କରିଥିବା ଅନୁମାନ କରାଯାଏ । ପ୍ରଖ୍ୟାତ ଐତିହାସିକ ସ୍ୱର୍ଗତ ପ୍ରଭାତ ମୁଖାର୍ଜିଙ୍କ ଭାଷାରେ— "ଚକରା ବିଶୋୟୀ ଅର୍ବାଚୀନ ଓ ଅଜ୍ଞାତ କନ୍ଧମୁଣ୍ଡାମାନଙ୍କର ଦଳପତି ଥିବାରୁ ତଥା ତାଙ୍କର ଜନ୍ମ ଓ ପରିବାର ସମ୍ପର୍କରେ ବିଶେଷ ଭାବେ କିଛି ଜଣାନଥିଲା । ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଇତିହାସ ପୃଷ୍ଠାରେ ଅବହେଳା ପ୍ରଦର୍ଶନ କରାଯାଉଛି । ଯଦି ତାଙ୍କର ସଂପର୍କରେ ସମ୍ୟକ ସ୍ଥାନ ହାସଲ କରାଯାଏ, ତାହାହେଲେ ତାଙ୍କୁ ନିଶ୍ଚିତଭାବେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଓ ସୁରେନ୍ଦ୍ର ସାଏଙ୍କ ସହ ସମାନ ସ୍ଥାନ ଦିଆଯିବ ।



ପ୍ରଥମ ଥର ପାଇଁ ଓଡ଼ିଶାରୁ ଉତ୍ପାଦିତ ଗ୍ୱ'ର ଆନୁଷ୍ଠାନିକ ବିକ୍ରୟ ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ତିୱାରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଶିଳ୍ପମନ୍ତ୍ରୀ •



# ଓଡ଼ିଶାରେ ସାର୍ବଜନୀନ ଟୀକାଦାନ

ଡା: ଲୀଳାବତୀ ପଟ୍ଟନାୟକ

ମା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଜାତୀୟ ପରିବାର କଲ୍ୟାଣ ଯୋଜନାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବା ଏକ ବିଶିଷ୍ଟ ବିଭାଗ । ଉକ୍ତ କାର୍ଯ୍ୟକ୍ରମଟି ପରିବାର ନିୟୋଜନ ସହିତ ସାମିଲ୍ ହେବା ପରେ ଯାଇ ତାହା ପରିବାର କଲ୍ୟାଣ ଯୋଜନାରେ ପରିଣତ ହୋଇଅଛି । ଶିଶୁ ସ୍ୱାସ୍ଥ୍ୟ ସମସ୍ୟାର ସଫଳ ସମାଧାନ ଉପରେ ପରିବାର କଲ୍ୟାଣ ଯୋଜନାର ଅଗ୍ରଗତି ନିର୍ଭର କରୁଅଛି । ମାତ୍ର ଶିଶୁ ସ୍ୱାସ୍ଥ୍ୟ ଅବସ୍ଥା ଆମ ରାଜ୍ୟରେ ଏପର୍ଯ୍ୟନ୍ତ ଏକ ବିରାଟ ସମସ୍ୟା ହୋଇ ରହିଛି ।

ପ୍ରତିବର୍ଷ ଜନ୍ମ ଗ୍ରହଣ କରୁଥିବା ଶିଶୁମାନଙ୍କ ମଧ୍ୟରୁ ଦଶ ଜଣରେ ଜଣେ ଶିଶୁ ତାର ପ୍ରଥମ ଜନ୍ମଦିନ ପାଳିତ ହେବା ଆଗରୁ ମୃତ୍ୟୁବରଣ କରୁଛି । ଆମ ରାଜ୍ୟ ତଥା ଦେଶରେ ଶିଶୁମୃତ୍ୟୁର ହାର ଅଧିକ ହେବାର ପ୍ରଧାନ କାରଣ ଗୁଡ଼ିକ ହେଉଛି ଛଅଗୋଟି ମାରାତ୍ମକ ସଂକ୍ରାମକ ରୋଗ ଓ ତରଳ ଝାଡ଼ା ଜନିତ ଜଳଶୂନ୍ୟତା । ଏହି ସୁନ୍ଦର ସଂସାରକୁ ଆସୁ ନ ଆସୁଣୁ, ମାଟି ଉପରେ ପାଦ ପକାଇ ଶିଖିବା ପୂର୍ବରୁ ଲକ୍ଷାଧିକ ସୁକୋମଳ ଶିଶୁମାନଙ୍କୁ ଯମାଳୟକୁ ବିଦା କରି ଦେଉଥିବା ସେହି ଭୟଙ୍କର ସଂକ୍ରାମକ ରୋଗଗୁଡ଼ିକ ହେଲା ଧନୁଷ୍ଟଙ୍କାର, ଡିଫ୍‌ଥେରିଆ, ହୁପିଂକାଶ ବା ଲହୁଖାକାଶ, ପୋଲିଓ ବା ଶିଶୁପକ୍ଷାଘାତ, ଯକ୍ଷ୍ମା ଓ ମିଳିମିଳା । ଦୁଃଖର ବିଷୟ ଏହି ଯେ, ଉକ୍ତ ରୋଗଗୁଡ଼ିକ ଭିତରୁ ପ୍ରତ୍ୟେକଟିର ପ୍ରତିରୋଧପାଇଁ ଫଳପ୍ରଦ ପ୍ରତିଷେଧକ ଟୀକା ପରିବାର କଲ୍ୟାଣ ତରଫରୁ ବିନା ମୂଲ୍ୟରେ ଲୋକଙ୍କ ନିକଟରେ ଯୋଗାଇ ଦେବାର ବ୍ୟବସ୍ଥା ରହିଥିଲେ ମଧ୍ୟ ପିତାମାତାମାନେ ସେମାନଙ୍କ ଶିଶୁମାନଙ୍କୁ ଏହି ଟୀକା ଦେବାପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁନାହାଁନ୍ତି । ଆମ ରାଜ୍ୟରେ ବାପା ମା ମାନଙ୍କର ଶିଶୁ ସ୍ୱାସ୍ଥ୍ୟ ସଂପର୍କରେ ଆବଶ୍ୟକ ସଚେତନତାର ଅଭାବ ହିଁ ଏଭଳି ଏକ ପରିସ୍ଥିତି ସୃଷ୍ଟି କରିଛି । ଅବଶ୍ୟ ନିରକ୍ଷରତା, ଅନ୍ଧ ବିଶ୍ୱାସ, କୁ ସଂସ୍କାର ଓ ପାରିବାରିକ ଜୀବନରେ ଘୋର ଅବହେଳା ମଧ୍ୟ ଏଥିପାଇଁ ଦାୟୀ ।

ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ଯେ କେତେ ବ୍ୟାପକ, ତାହା ଅନୁଧ୍ୟାନ କଲେ ଯାଇ ଜାଣିହୁଏ । ଉପରୋକ୍ତ ଛଅଗୋଟି ରୋଗ କବଳରେ ପଡ଼ି ମୃତ୍ୟୁ ବରଣ କରୁଥିବା ଶିଶୁମାନଙ୍କ ତୁଳନାରେ ସେହିସବୁ ରୋଗରେ ଆକ୍ରାନ୍ତ ହୋଇ କୌଣସି ମତେ ବଂଚି ଯାଇଥିବା ଶିଶୁଙ୍କର ଅବସ୍ଥା ତତୋଧିକ ଦୟନୀୟ । ସେଭଳି ଶିଶୁମାନଙ୍କ ମଧ୍ୟରୁ ଅନେକଙ୍କଠାରେ ମସ୍ତିଷ୍କର ଅଭିବୃଦ୍ଧି ହୋଇପାରେ ନାହିଁ, କେତେକଙ୍କ ଶରୀରରେ ପକ୍ଷାଘାତ ଓ ଫୁସ୍‌ଫୁସ୍ ଜନିତ ରୋଗ ଦେଖାଯାଏ । ଏହାଛଡ଼ା ଏହି ରୋଗ ଭୋଗ କରିଥିବା ଅନେକ ଶିଶୁ ଅନ୍ଧ, ଛୋଟା ହୋଇ ସାରା ଜୀବନ ଅକର୍ମଣ୍ୟ ହୋଇ ଅସହ୍ୟ ଯାତନା ଭୋଗ କରନ୍ତି ଓ ସମାଜ ଉପରେ

ଏକ ବୋଝ ହୋଇ ରହନ୍ତି । କ୍ରମେ ଏହି ସଂକ୍ରାମକ ରୋଗ ଭୋଗଜନିତ ଯନ୍ତ୍ରଣା ଓ ଶାରୀରିକ ବିକଳାଙ୍ଗ ଅବସ୍ଥା ପାରିବାରିକ ତଥା ସାମାଜିକ ଜୀବନରେ ଗୁରୁତର ସମସ୍ୟା ସୃଷ୍ଟି କରେ । ଦୁର୍ଭାଗ୍ୟର କଥା ଯେ ଯାହାକୁ ଅତି ସହଜରେ ପ୍ରତିରୋଧ କରାଯାଇ ପାରିଥାନ୍ତା, ପିତାମାତାମାନଙ୍କ ଅବହେଳା ଯୋଗୁଁ ତାହା ଏଭଳି ଗୁରୁତର ଅବସ୍ଥା ସୃଷ୍ଟି କରିପାରିଲା ।

ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁବର୍ଷ ଧରି ଲାଗି ରହିଥିବା ଏଭଳି ଏକ ପାରିବାରିକ, ସାମାଜିକ ତଥା ଜାତୀୟ ସମସ୍ୟାର ସଫଳ ସମାଧାନ ନିମନ୍ତେ ଆମ ରାଜ୍ୟ ସମେତ ସମଗ୍ର ଦେଶରେ ୧୯୮୫ ମସିହାରେ 'ସାର୍ବଜନୀନ ଟୀକାଦାନ କାର୍ଯ୍ୟକ୍ରମ' ନାମକ ଏକ ନୂତନ ବ୍ୟବସ୍ଥାର ପ୍ରଚଳନ ହେଲା । ଭାରତର ମହୀୟସୀ ମହିଳା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ପବିତ୍ର ଜନ୍ମତିଥି ନଭେମ୍ବର ମାସ ୧୯ ତାରିଖ ଦିନଟିକୁ ଚିର ସ୍ମରଣୀୟ କରି ରଖିବା ପାଇଁ ଶିଶୁ ସ୍ୱାସ୍ଥ୍ୟର ସୁରକ୍ଷା ନିମିତ୍ତ ତାକୁ ଉତ୍ସର୍ଗ କରାଗଲା ଏବଂ ୧୯୮୫ ମସିହାର ଠିକ୍ ସେହିଦିନ ଓଡିଶାର ଦୁଇଗୋଟି ଜିଲ୍ଲା (କଟକ ଓ ପୁରୀ)କୁ ମିଶାଇ ଏ ଦେଶର ୩୦ଟି ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ସାର୍ବଜନୀନ ଟୀକାଦାନ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା । ଶିଶୁ ମୃତ୍ୟୁ ହାରକୁ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ହ୍ରାସ କରିବା ଉଦ୍ଦେଶ୍ୟରେ ଜନ୍ମଠାରୁ ବର୍ଷକ ଭିତରେ ସମସ୍ତ ଶିଶୁଙ୍କୁ ଓ ସବୁ ଗର୍ଭବତୀ ମହିଳାମାନଙ୍କୁ ପ୍ରତିଷେଧକ ବ୍ୟବସ୍ଥା ଦ୍ୱାରା ସୁରକ୍ଷା ପ୍ରଦାନ କରିବାର ଲକ୍ଷ୍ୟନେଇ ଏଭଳି ଏକ ମହନୀୟ କାର୍ଯ୍ୟକ୍ରମ ଆରମ୍ଭ ହେଲା । ଏଥିସହିତ ଜଳଶୁଷ୍କତା ଜନିତ ମୃତ୍ୟୁ ନିବାରଣ ପାଇଁ ଚିନି, ଲୁଣ, ସରବତ ଓ ଘରେ ତିଆରି ଅନ୍ୟାନ୍ୟ ସାଧାରଣ ପାନୀୟ ଦେଇ ଶିଶୁମାନଙ୍କୁ ଆସନ୍ନ ମୃତ୍ୟୁମୁଖରୁ ବଂଚାଇବାର ବ୍ୟାପକ ବ୍ୟବସ୍ଥା ମଧ୍ୟ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଏପର୍ଯ୍ୟନ୍ତ (୧୯୮୮ ମାର୍ଚ୍ଚ ସୁଦ୍ଧା) ଆମ ରାଜ୍ୟର ସାତଟି ଜିଲ୍ଲା ଯଥା:- କଟକ, ପୁରୀ, ଫୁଲବାଣୀ, ଗଞ୍ଜାମ, ବାଲେଶ୍ୱର, କେଉଁଝର ଓ ସମ୍ବଲପୁର ବିଭିନ୍ନ ପର୍ଯ୍ୟାୟରେ ସାର୍ବଜନୀନ ଟୀକାଦାନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହେଲାଣି । ୧୯୮୮-୮୯ରେ 4ଟି ଜିଲ୍ଲା ଓ ୧୯୮୯-୯୦ରେ ଦୁଇଟି ଜିଲ୍ଲା ଉକ୍ତ କାର୍ଯ୍ୟକ୍ରମ ପରିସରଭୁକ୍ତ ହେବାର ସ୍ଥିର ହୋଇଛି, ଅର୍ଥାତ୍, ୧୯୯୦ ମସିହା ଶେଷସୁଦ୍ଧା ଅବଶିଷ୍ଟ ଛଅଟିଯାକ ଜିଲ୍ଲାକୁ ଏହି ନୂତନ ଶିଶୁସ୍ୱାସ୍ଥ୍ୟ ସୁରକ୍ଷା ବଳୟ ସଂପ୍ରସାରିତ ହେବାର ବ୍ୟବସ୍ଥା କରାଯାଉଅଛି । ସେପର୍ଯ୍ୟନ୍ତ ଏହି ଛଅଟି ଜିଲ୍ଲା ଯଥା:-କଳାହାଣ୍ଡି, ମୟୂରଭଞ୍ଜ, ଢେଙ୍କାନାଳ, ବଲାଙ୍ଗିର, କୋରାପୁଟ ଓ ସୁନ୍ଦରଗଡରେ ଅନ୍ୟକୌଣସି ପ୍ରତିଷେଧକ ଟୀକା କାର୍ଯ୍ୟକ୍ରମ ଯେ ସ୍ଥଳନାହିଁ, ଏଭଳି ଭାବିବା ଠିକ୍ ନୁହେଁ । ସେହି ଜିଲ୍ଲାମାନଙ୍କରେ 'ସଂପ୍ରସାରିତ ଟୀକାଦାନ କାର୍ଯ୍ୟକ୍ରମ' ( Expanded Programme of Immunisation ) ନାମକ ଆଉ ଏକ ବ୍ୟବସ୍ଥା ପରିବାର କଲ୍ୟାଣ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଅଛି ।

ସାର୍ବଜନୀନ ଟୀକାଦାନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ, ବିଧିବଦ୍ଧ ବ୍ୟବସ୍ଥା ହୋଇଛି । ଛ'ଗୋଟି ସଂକ୍ରାମକ ରୋଗର ପ୍ରତିରୋଧ ନିମନ୍ତେ ଏହି ଟୀକାସବୁ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଛି । ଶିଶୁକୁ ଧନୁଷ୍ଟଙ୍କାର ରୋଗ କବଳରୁ ରକ୍ଷା କରିବା ପାଇଁ ଗର୍ଭାବସ୍ଥାରୁ ମାମାନଙ୍କୁ ପ୍ରତିଷେଧକ ଟୀକା ଦିଆଯାଉଛି । ନବଜାତ ଶିଶୁର ଲାହିକଟା ପରବର୍ତ୍ତୀ ଅବସ୍ଥାରେ ହେଉଥିବା ଧନୁଷ୍ଟଙ୍କାର ରୋଗର ପ୍ରତିରୋଧ ନିମନ୍ତେ ଗର୍ଭାବସ୍ଥାର ୧୬ରୁ ୩୬ ସପ୍ତାହ ମଧ୍ୟରେ(4ମାସରୁ ୨ମାସ ଭିତରେ) ମାଙ୍କୁ ଦୁଇଟି ମାତ୍ରା ଧନୁଷ୍ଟଙ୍କାର ପ୍ରତିଷେଧକ ଇଞ୍ଜେକ୍ସନ ଦିଆଯାଉଛି । ଶିଶୁମାନଙ୍କୁ ଡିଫ୍‌ଥେରିଆ, ଧନୁଷ୍ଟଙ୍କାର, ଲହୁରାକାଶ ରୋଗ ସଂକ୍ରମଣରୁ ରକ୍ଷା କରିବା ପାଇଁ ଜନ୍ମ ହେବାର ୩ମାସରୁ ୨ମାସ ମଧ୍ୟରେ ଏକମାସ ବ୍ୟବଧାନରେ ୩ଟି ମାତ୍ରା ଡି.ପି.ଟି.ଟୀକା ଦିଆଯାଉଛି । କେତେକ ସୁବିଧା ଦୃଷ୍ଟିରୁ ଡି.ପି.ଟି.ସହିତ ପୋଲିଓ ପ୍ରତିଷେଧକ ଟୀକା ମଧ୍ୟ ତିନୋଟି ମାତ୍ରା ଦିଆଯାଉଛି । ଏହାଛଡା ଶୈଶବାବସ୍ଥାରେ ଯକ୍ଷ୍ମା ରୋଗର ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ଶିଶୁଟି ଜନ୍ମ ହେବା ପରେ କିମ୍ବା ଜନ୍ମର ୨ ମାସ ଭିତରେ ଗୋଟିଏ ମାତ୍ରା ଯକ୍ଷ୍ମା ପ୍ରତିଷେଧକ ଟୀକା ଦିଆଯାଉଅଛି । ସେଇଭଳି ମିଳିମିଳା ରୋଗ କବଳରୁ ଶିଶୁକୁ ରକ୍ଷା କରିବା ପାଇଁ ଜନ୍ମରୁ ୨ମାସରୁ ୧2ମାସ ଭିତରେ ଗୋଟିଏ ମାତ୍ରା ମିଳିମିଳା ପ୍ରତିଷେଧକ ଟୀକା ଦିଆଯାଉଛି । ଆଗେ ମିଳିମିଳା ଟୀକାର ପ୍ରଚଳନ ନ ଥିଲା ଏବେ ଏହା ସାର୍ବ ଜନୀନ ଟୀକାଦାନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ

ହୋଇଛି । ଏ ସମସ୍ତ ପ୍ରକାର ଟୀକା ଜିଲ୍ଲା ସଦର ମହକୁମା ଡାକ୍ତରଖାନାର ପୋଷ୍ଟପାର୍ଟମ୍ ସେଣ୍ଟର, ସବ୍‌ଡିଭିଜନାଲ ହସ୍‌ପିଟାଲର ପୋଷ୍ଟପାର୍ଟମ ସେଣ୍ଟର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଉପକେନ୍ଦ୍ର, ମାତୃମଙ୍ଗଳ କେନ୍ଦ୍ର ଆଦି ବିଭିନ୍ନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କେନ୍ଦ୍ର ମାନଙ୍କରେ ଦିଆଯାଉଅଛି । ଶିଶୁ ଦେହରେ ଅଳ୍ପଜ୍ୱର, କାଶ, ଶର୍ଦ୍ଦି, ତରଳଝାଡା ବା ଅନ୍ୟାନ୍ୟ ସାମାନ୍ୟ ଧରଣର ଅସୁସ୍ଥତା ଥିଲେ ମଧ୍ୟ ଶିଶୁକୁ ପ୍ରତିଷେଧକ ଟୀକା ଦିଆଯାଇପାରେ । ଟୀକା ନେବାପରେ କେତେକ ଶିଶୁଙ୍କଠାରେ ପ୍ରତିକ୍ରିୟା ସ୍ୱରୂପ ସାମାନ୍ୟ ଜ୍ୱର ଦେଖାଦେଇପାରେ, କିନ୍ତୁ ତାହା କ୍ଷତିକାରକ ନୁହେଁ । ଏଣୁ ସେଥିରେ ବାପ ମା ବିବ୍ରତ ହେବା ଅନୁଚିତ ।

ସାର୍ବଜନୀନ ଟୀକାଦାନ କାର୍ଯ୍ୟକ୍ରମ ଏକ ସୁଚିନ୍ତିତ ଓ ସୁପରିକଳ୍ପିତ ବ୍ୟବସ୍ଥା । ଏହାର ପ୍ରତ୍ୟେକଟି ଦିଗପ୍ରତି ଯଥୋଚିତ ଯତ୍ନ ନିଆଯାଉଅଛି । ଉଦାହରଣ ସ୍ୱରୂପ ଟୀକାଗୁଡ଼ିକର 'ଶୀତଳରକ୍ଷଣ ବ୍ୟବସ୍ଥା' ( Cold Chain System ) । ଟୀକାର କାର୍ଯ୍ୟକାରୀ କ୍ଷମତା ତାର ରକ୍ଷଣାବେକ୍ଷଣ ଓ ପରିବହନ ସମୟର ଯତ୍ନ ଉପରେ ନିର୍ଭର କରେ । ଏଣୁ ଛଅ ପ୍ରକାର ସଂକ୍ରାମକ ରୋଗର ଟୀକା ଶିଶିଗୁଡ଼ିକୁ ଟୀକା ଉତ୍ପାଦନ କେନ୍ଦ୍ରଠାରୁ ଆରମ୍ଭ କରି ସୁଦୂର ଗ୍ରାମାଂଚଳରେ ପ୍ରତିଷ୍ଠିତ ପରିବାର କଲ୍ୟାଣ ଉପକେନ୍ଦ୍ର ଗୁଡ଼ିକରେ ପହଂଚିବା ପର୍ଯ୍ୟନ୍ତ ପ୍ରତ୍ୟେକଟି ସ୍ତରରେ ଆବଶ୍ୟକ ଶୀତଳରକ୍ଷଣ ବ୍ୟବସ୍ଥା ଅବଲମ୍ବନ କରାଯାଉଛି । ଟୀକା ଉତ୍ପାଦନକାରୀ ସଂସ୍ଥା ଗୁଡ଼ିକ ଟୀକା ଶିଶିଗୁଡ଼ିକୁ ସିଧାସଳଖ ଉଡାଜାହାଜ ଯୋଗେ ରାଜ୍ୟର ରାଜଧାନୀକୁ ପଠାଇ ଦିଅନ୍ତି । ଉଡାଜାହାଜର ଭିତର ଅଂଶ ଶୀତତାପ ନିୟନ୍ତ୍ରିତ ହୋଇଥିବାରୁ ଶୀତଳ ରକ୍ଷଣ ସହଜ ହୋଇଥାଏ । ଟୀକା ଶିଶି ଗୁଡ଼ିକ ଭୁବନେଶ୍ୱର ଉଡାଜାହାଜ ଅଫିସରେ ପହଂଚିବାପରେ ସେଠାରୁ ଏକ ସ୍ୱତନ୍ତ୍ର 'ଟୀକାବହନକାରୀ ଗାଡ଼ି' ( Vaccine Van )ରେ ସେଗୁଡ଼ିକୁ ଆଣି 'ୱାକ୍ ଇନ୍ କୁଲର' ( Walk in Cooler ) ବା ଶୀତଳ କୋଠରୀରେ ରଖାଯାଏ । ପରେ ଏହାକୁ ସେହି ସ୍ୱତନ୍ତ୍ର ଗାଡ଼ିଯୋଗେ 'ଆଂଚଳିକ ଟୀକା ସଂରକ୍ଷଣ ଭଣ୍ଡାର' ଗୁଡ଼ିକୁ ପଠାଇ ଦିଆଯାଏ । ଆମ ରାଜ୍ୟରେ 4ଟି ସ୍ଥାନରେ ଯଥା:-ବାଲେଶ୍ୱର, ସମ୍ବଲପୁର, ଫୁଲବାଣୀ ଓ ବ୍ରହ୍ମପୁରରେ ଏଭଳି ଆଂଚଳିକ ଭଣ୍ଡାରମାନ ପ୍ରତିଷ୍ଠିତ ହୋଇଅଛି । ସେଠାରେ ମଧ୍ୟ ଶୀତଳ କୋଠରୀରେ ଟୀକାଶିଶିକୁ ରଖାଯାଏ । ସେଠାରୁ ଟୀକା ବହନକାରୀ ଗାଡ଼ି ଯୋଗେ ନେଇ ଜିଲ୍ଲା ଗୁଡ଼ିକର ସଦରମହକୁମାରେ ଥିବା ଆଇ.ଏଲ.ଆର.( I.L.R. )ବା ଡିପ୍ ଫ୍ରିଜର( Deep Freezer ) କିମ୍ବା ରେଫ୍ରିଜେରେଟର ମାନଙ୍କରେ ଟୀକାଶିଶିକୁ ସଂରକ୍ଷିତ ରଖାଯାଏ । ପରେ ସେଗୁଡ଼ିକୁ ଶୀତଳ ବାକ୍ସ( Cold Box )ରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ସେଠାରେ ରେଫ୍ରିଜେରେଟର୍‌ରେ ରଖାଯାଏ । ଶେଷରେ ଉପକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀମାନେ ଟୀକାବାହୀ ବାକ୍ସ( Vaccine Carrier )ରେ ବରଫ ଖଣ୍ଡ ରଖି ସେଥିରେ ଟୀକାଗୁଡ଼ିକୁ ନେଇ ଶିଶୁମାନଙ୍କୁ ଦେଇଥାନ୍ତି । ଅଧିକ ସଂଖ୍ୟାରେ ନେଲେ ଅବ୍ୟବହୃତ ଟୀକାଶିଶିଗୁଡ଼ିକରେ ଥିବା ଟୀକା ଖରାପ ହୋଇଯିବାର ସମ୍ଭାବନା ଥିବାରୁ ସେମାନେ କେବଳ ଗୋଟିଏ ଦିନ ପାଇଁ ଆବଶ୍ୟକ ସଂଖ୍ୟକ ଟୀକା ନିଅନ୍ତି । ଏଇଭଳି ଭାବରେ ଟୀକାଗୁଡ଼ିକର ସଂରକ୍ଷଣ ନିମନ୍ତେ ସୁବିସ୍ତୃତ ଶୀତଳରକ୍ଷଣ ବ୍ୟବସ୍ଥା ଅବଲମ୍ବନ କରାଯାଇଛି । ତାସତ୍ତ୍ୱେ ନିୟମିତ ଭାବରେ ଟୀକାର ଅବସ୍ଥା ତଦାରଖ କରିବା ପାଇଁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି ଓ ଦିଲ୍ଲୀସ୍ଥିତ ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ଅଧିନସ୍ଥ ଅନୁଷ୍ଠାନକୁ ପରୀକ୍ଷା ପାଇଁ ପଠାଯାଉଛି ।

ଆମ ରାଜ୍ୟରେ ସାର୍ବଜନୀନ ଟୀକାଦାନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ରାଜ୍ୟ ଓ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଅଛି, ଯଥା:- ପରିବାର କଲ୍ୟାଣ ନିର୍ଦ୍ଦେଶାଳୟରେ ଜଣେ କୋଲ୍ଡ ଚେନ୍ ଅଫିସର( Cold Chain Officer )ଓ ଜିଲ୍ଲା ପରିବାର କଲ୍ୟାଣ ସଂସ୍ଥାରେ ଜଣେ ଜିଲ୍ଲା ଟୀକାଦାନ ଅଧିକାରୀ ( District Immunisation Officer )ଙ୍କୁ ଅବସ୍ଥାପିତ କରାଯାଇଛି । ଏତଦ୍‌ବ୍ୟତୀତ ପରିବାର କଲ୍ୟାଣ ନିର୍ଦ୍ଦେଶିକାଙ୍କ ତତ୍ତ୍ୱାବଧାନରେ ରାଜ୍ୟସ୍ତରରେ ଜଣେ ଯୁକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକାଙ୍କ ସହାୟତାରେ ଓ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ବ୍ୟାପକ ବ୍ୟବସ୍ଥାର ତଦାରଖ କରାଯାଉଅଛି । ଏହାଛଡ଼ା ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନିମନ୍ତେ ବିଭିନ୍ନ ସ୍ତରରେ ଏହି

ବ୍ୟବସ୍ଥାର ସମୀକ୍ଷା କରାଯାଇ ବିହିତ ପଦକ୍ଷେପମାନ ଗ୍ରହଣ କରାଯାଉଛି ।

ଏହା ଏକ ଆନନ୍ଦ ଓ ଗର୍ବର କଥା ଯେ ଆମ ରାଜ୍ୟରେ ସାର୍ବଜନୀନ ଟୀକାଦାନ କାର୍ଯ୍ୟକ୍ରମ ଉଲ୍ଲେଖନୀୟ ସଫଳତା ହାସଲକରି ଭାରତ ସରକାରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇପାରିଛି । ଅଧିକନ୍ତୁ ନିକଟ ଅତୀତରେ ସାମ୍ ପେଟ୍ରିଣ୍ଡା ( Sam Patrinda ଙ୍କ ଅଧ୍ୟକ୍ଷତାରେ ଆମ ରାଜ୍ୟକୁ ଆସିଥିବ 'ନେସନାଲ୍ ମିସନ୍ ଅନ୍ ଇମ୍ୟୁନାଇଜେସନ୍ ( National Mission on Immunisation ମଧ୍ୟ ଏହି କାର୍ଯ୍ୟକ୍ରମର ଅଗ୍ରଗତିକୁ ପ୍ରଶଂସା କରିଛନ୍ତି । ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ୧୯୮୭-୮୮ ମସିହା ଏପ୍ରିଲଠାରୁ ଡିସେମ୍ବର ମସ ଭିତରେ ହାସଲ କରାଯାଇଥିବା ସଫଳତାର ସମୀକ୍ଷା ପରେ ଜଣାଯାଉଛି ଯେ ଓଡିଶାର ଏ କ୍ଷେତ୍ରରେ ଅଗ୍ରଗତି ସର୍ବଭାରତୀୟ ସ୍ତରଠାରୁ ବହୁ ଉପରେ ରହିଛି । ଅବଗତି ନିମନ୍ତେ ତଳେ ଏ ସମ୍ପର୍କରେ ଅନ୍ୟ କେତୋଟିର ଉଦାହରଣ ଉଲ୍ଲେଖ କରାଗଲା :–

| ଟୀକାର ନାମ | ଓଡିଶାର ସଫଳତା | ସର୍ବଭାରତୀୟ ସ୍ତର | ଅଧିକ ସଫଳତାର ଶତକଡା ହିସାବ |
|---|---|---|---|
| ୧. ଗର୍ଭବତୀ ମହିଳାମାନଙ୍କ ପାଇଁ ଧନୁଷ୍ଟଙ୍କାର ପ୍ରତିଷେଧକ ଟୀକା | ୨୦ ।% | ୭୨.୬% | ।୦.୫% |
| 2. ଡି.ପି.ଟି. | ୭୨.୫% | ୫୨.୬% | 3.୨% |
| 3. ପୋଲିଓ | .77.4% | ୬୨.2% | ୫.2% |
| 4. ବି.ସି.ଜି. | ।।୨.2% | ୨।.7% | 27.5% |

ଆମ ରାଜ୍ୟରେ ବ୍ୟାପକ ଶୀତଳ ରକ୍ଷଣ ବ୍ୟବସ୍ଥାର ଉପଯୋଗ, ତାଲିମପ୍ରାପ୍ତ କର୍ମସ୍ୱର୍ଗଙ୍କ କର୍ତ୍ତବ୍ୟନିଷ୍ଠା, ସୁଦକ୍ଷ ତଦାରଖ ବ୍ୟବସ୍ଥା ଓ ଫଳପ୍ରଦ ସ୍ୱାସ୍ଥ୍ୟଶିକ୍ଷା ଯୋଗୁଁ ଏଭଳି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିବା ସମ୍ଭବ ହୋଇପାରିଛି । ବିଭିନ୍ନ ସ୍ତରରେ ବିଦ୍ୟୁତ୍ ସରବରାହରେ ଅସୁବିଧା ଓ ପିତା ମାତାମାନଙ୍କ ଅବହେଳା ସତ୍ତ୍ୱେ ଏପରି ଏକ ଅଗ୍ରଗତି ପାଇଁ ଆମେ ଗର୍ବକରିବା ସ୍ୱାଭାବିକ । ଏଭଳି ସଫଳତାର ପ୍ରତିଫଳନ ଶିଶୁମୃତ୍ୟୁ ହାର ଉପରେ ପଡିଛି । ଏସ.ଆର. ଏସ.( Sample Registration System )ରିପୋର୍ଟ ଅନୁଯାୟୀ ୧୯୮୨ରେ ଶିଶୁମୃତ୍ୟୁହାର(ପ୍ରତି ।୦୦୦ ଜନ୍ମିତ ଶିଶୁରେ ହେଉଥିବା ମୃତ୍ୟୁ) ।33 ଥିବା ସ୍ଥଳେ ୧୯୮୬ ବେଳକୁ ଏହା ।23କୁ ହ୍ରାସ ପାଇଛି । ଏହି ଗତିରେ ଅଗ୍ରଗତି ଅବ୍ୟାହତ ରହିଲେ ୧୯୨୦ ମସିହା ଶେଷ ହେବା ପୂର୍ବରୁ ଆମେ ଆମର ଧାର୍ଯ୍ୟ ଲକ୍ଷ୍ୟରେ ପହଂଚି ପାରିଥିବୁ । ଅବଶ୍ୟ ଆଶାନୁରୂପ ସଫଳତା ହାସଲ କରିବା ପାଇଁ ଜନ ସହଯୋଗ ଆବଶ୍ୟକ । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକର ସକ୍ରିୟ ସହଯୋଗ ମିଳିଲେ ପିତାମାତାଙ୍କ ମନରେ ଶିଶୁସ୍ୱାସ୍ଥ୍ୟ ସମ୍ପର୍କରେ ଆବଶ୍ୟକୀୟ ସଚେତନତା ସୃଷ୍ଟି ହୋଇପାରିବ, ଯାହାଫଳରେ ଶତକଡା ଶହେ ସଫଳତା ଲାଭ କରିବା ସହଜ ହୋଇପାରିବ । ଆମ ରାଜ୍ୟରେ ଏହି ସାର୍ବଜନୀନ ଟୀକାଦାନ କାର୍ଯ୍ୟକ୍ରମର ସଫଳତା ଉପରେ ପରିବାର କଲ୍ୟାଣ ଯୋଜନାର ଭବିଷ୍ୟତ ନିର୍ଭର କରୁଛି । ପରିବାରରେ ଯେଉଁ ଦୁଇଟି ପିଲା ଜନ୍ମ ହେଲେ, ସେମାନେ ଯେ ପ୍ରତିଷେଧକ ଟୀକା ଦ୍ୱାରା ସୁରକ୍ଷିତ ହେବା ପରେ ସଂକ୍ରାମକ ରୋଗ କବଳରେ ପଡି ମୃତ୍ୟୁ ବରଣ କରିବେ ନାହିଁ, ଏଭଳି ଏକ ଆସ୍ଥା ଓ ବିଶ୍ୱାସ ବାପ ମାଙ୍କ ମନରେ ଦେଖାଦେଲେ ଯାଇ ସେମାନେ କାଳ ବିଳମ୍ବ ନକରି ପରିବାର କଲ୍ୟାଣର ଗର୍ଭନିରୋଧ ପଦ୍ଧତି ଗ୍ରହଣ କରିବା ପାଇଁ ଆଗଭର ହେବେ। ଏଣୁ ପରିବାର ତଥା ସମାଜର ମଙ୍ଗଳ ଦୃଷ୍ଟିରୁ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳତା ପାଇଁ କାର୍ଯ୍ୟ କରିବା ଆମ ସମସ୍ତଙ୍କର ସାମାଜିକ ଦାୟିତ୍ୱ ହେବା ଉଚିତ୍ ।

ପରିବାର କଲ୍ୟାଣ ନିର୍ଦ୍ଦେଶିକା
ଓଡିଶା ସରକାର, ଭୁବନେଶ୍ୱର ।

# ଉତ୍ପାଦନ ବୃଦ୍ଧି ପାଇଁ ଶ୍ରମିକମାନଙ୍କର ଭୂମିକା

**ଶ୍ରୀ ନରେଶ ଚନ୍ଦ୍ର ମହାପାତ୍ର**

ଆଜିକାଲି ଆମ ସମାଜ ଓ ଶିଳ୍ପକ୍ଷେତ୍ରରେ ଉତ୍ପାଦକତା କେବଳ ଏକ ସ୍ଲୋଗାନରେ ସୀମିତ ନୁହେଁ । ଯେହେତୁ ଯେ କୌଣସି ଶିଳ୍ପର ସ୍ଥିତି ଓ ଅଭିବୃଦ୍ଧି ପାଇଁ ବହୁଳ ପରିମାଣରେ ଉତ୍ପାଦନ ଓ ଉତ୍ପାଦକତା ନିହାତି ଜରୁରୀ । ଏଥିପାଇଁ ପୃଥିବୀର ବିକଶିତ ଦେଶ ଗୁଡ଼ିକ ଯଥା ଯୁକ୍ତରାଷ୍ଟ୍ର ଆମେରିକା, ସୋଭିଏଟ୍ ରୁଷିଆ, ଜାପାନ, ପଶ୍ଚିମ ଜର୍ମାନୀ ଓ ଇଉରୋପର ଅନ୍ୟାନ୍ୟ ଦେଶ ଗୁଡ଼ିକ ଉତ୍ପାଦନ ଓ ଉତ୍ପାଦକତାକୁ ସେମାନଙ୍କର ସଂସ୍କୃତି ଓ କାର୍ଯ୍ୟପନ୍ଥା ଭାବରେ ଗ୍ରହଣ କରି ନେଇଛନ୍ତି ଯଦ୍ବାରା ପୃଥିବୀରେ ସେମାନେ ଉନ୍ନତ ଓ ପ୍ରଗତିଶୀଳ ଦେଶ ରୂପେ ପରିଗଣିତ ହୋଇ ପାରିଛନ୍ତି । କେବଳ ଧନୀ ଓ ବିକଶିତ ଦେଶ ଗୁଡ଼ିକ ଯେ ଉତ୍ପାଦକତା ବୃଦ୍ଧିପାଇଁ ପଦକ୍ଷେପ ନେଇପାରିବେ ଏପରି ନୁହେଁ । କିନ୍ତୁ ଅନ୍ୟପକ୍ଷରେ ଯେ କୌଣସି ବିକାଶଶୀଳ ଦେଶ ନିଜର ସମୃଦ୍ଧି ଓ ବିକାଶ ପାଇଁ ଉତ୍ପାଦନ ଓ ଉତ୍ପାଦକତାର ବୃଦ୍ଧି ଓ ଆବଶ୍ୟକ ସମସ୍ତ ସମ୍ବଳର ପୂର୍ଣ୍ଣମାତ୍ରାରେ ବିନିଯୋଗ କରିବା ନିହାତି ବିଧେୟ, ଯଦ୍ବାରା ଶାନ୍ତି ଓ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବପର ହୋଇ ପାରିବ । ଏହି ସ୍ଥିତି ଶିଳ୍ପ, କୃଷି ଓ ସମାଜର ଅନ୍ୟ ଯେ କୌଣସି କ୍ଷେତ୍ରରେ ଉପଯୋଗ କରାଯାଇ ସଂସ୍କୃତିର ଅଭିବୃଦ୍ଧି କରାଯାଇପାରେ ।

ଆମ ଭାରତବର୍ଷରେ ପ୍ରାୟ ଏକ ତୃତୀୟାଂଶ ଜନ ସମୂହ ଶ୍ରମିକ ଓ କର୍ମଜୀବୀଙ୍କୁ ନେଇ ଗଠିତ । ଏହା ଆମ ସମାଜ ପକ୍ଷରେ ଜାତୀୟ ଅର୍ଥନୈତିକ ବିକାଶ ପାଇଁ, ଶିଳ୍ପ ଓ ଅନ୍ୟାନ୍ୟ ଉତ୍ପାଦକତା କ୍ଷେତ୍ରରେ ଏହି ବିରାଟ ମାନବିକ ସମ୍ବଳର ସଦୁପଯୋଗ ଏକ ସମସ୍ୟା । ବର୍ତ୍ତମାନ ସୁଦ୍ଧା ପ୍ରାୟ ଶତକଡ଼ା ଅଶୀ ଭାଗ ଲୋକ ଗାଁ ମାନଙ୍କରେ ବସବାସ କରୁଛନ୍ତି ଓ ତାଂକର ଜୀବିକା ନିର୍ବାହ ପାଇଁ କୃଷି ଉପରେ ନିର୍ଭର କରନ୍ତି । ଏଣୁ ଆମ ଦେଶରେ ଅର୍ଥନୈତିକ ବିକାଶ ଓ ପ୍ରଗତି ପାଇଁ ଗାଁ ମାନଙ୍କରେ କୃଷି ଓ କୃଷି ସହିତ ସଂଶ୍ଳିଷ୍ଟ ଶିଳ୍ପଗୁଡ଼ିକର ବିକାଶପାଇଁ ଉଚିତ୍ ପଦକ୍ଷେପ ନିଆଯିବା ଆବଶ୍ୟକ ।

ବର୍ତ୍ତମାନ ଆମଦେଶରେ ଉତ୍ପାଦନ ଓ ଉତ୍ପାଦକତାର ଆଂଦୋଳନ ଓ ଆଲୋଚନା କେବଳ ଶିଳ୍ପକ୍ଷେତ୍ରରେ ମାଲିକ, ଶ୍ରମିକ ଓ ଟ୍ରେଡୟୁନିୟନ ଓ ସରକାରଙ୍କ ମଧ୍ୟରେ ସୀମିତ । ଏଣୁ ସମୟ ଆସିଛି ଯେ ଏହି ଆଂଦୋଳନକୁ କେବଳ ଶିଳ୍ପ କ୍ଷେତ୍ରରେ ସୀମିତ ନ ରଖି କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ବିସ୍ତାର କରାଇବା ନିହାତି ଜରୁରୀ । ପ୍ରକୃତରେ ଦେଖିବାକୁ ଗଲେ ଆମ ଦେଶର ଅର୍ଥନୈତିକ ବିକାଶ ଓ ଅଭିବୃଦ୍ଧି ବହୁ ପରିମାଣରେ ଏହାରି ଉପରେ ନିର୍ଭର କରେ ।

ଶିଳ୍ପ କ୍ଷେତ୍ରରେ ଉତ୍ପାଦକତାର ବୃଦ୍ଧିପାଇଁ ହେଉଥିବା ଆନ୍ଦୋଳନର ଲକ୍ଷ୍ୟ କେବଳ ଉକ୍ତ ଶିଳ୍ପ ଗୁଡ଼ିକର ଅଭିବୃଦ୍ଧି ପାଇଁ ନୁହେଁ, କିନ୍ତୁ ଏହାରି ଫଳରେ ଅନ୍ୟାନ୍ୟ ଶିଳ୍ପଗୁଡ଼ିକୁ କଂଚାମାଲ ଯୋଗାଇବା, ସେମାନଙ୍କ ଅର୍ଥନୈତିକ ବିକାଶ ଓ କ୍ରେତାମାନଙ୍କୁ ସୁଲଭ ଦରରେ ମାଲ ଯୋଗାଇବା ଇତ୍ୟାଦି । ଉତ୍ପାଦନ ଓ ଉତ୍ପାଦକତାର ବୃଦ୍ଧିପାଇଁ ମାଲିକ ଓ ଶ୍ରମିକ ଉଭୟେ ସମୁଚିତ ଉଦ୍ୟମ ନିୟମିତ ଭାବରେ ଜାରି ରଖିବା ଆବଶ୍ୟକ ଯାହାଦ୍ୱାରା ସୁଫଳ ମିଳି ପାରିବ । କେବଳ ଉତ୍ପାଦକତାହିଁ ଯଥେଷ୍ଟ ନୁହେଁ ତା ସହିତ ଗୁଣାତ୍ମକ ମାନର ନିୟନ୍ତ୍ରଣ ମଧ୍ୟ ନିହାତି ଜରୁରୀ । ଉଚ୍ଚମାନର ଜିନିଷ ନ ହେଲେ ବଜାରରେ ବିକ୍ରିପାଇଁ ଜଟିଳ ପରିସ୍ଥିତି ସୃଷ୍ଟି ହେବ । ଉତ୍ପାଦନ ଆନ୍ଦୋଳନର ସଫଳତା ପାଇଁ ସାମାଜିକ ଦୃଷ୍ଟିକୋଣରୁ କର୍ମନିଯୁକ୍ତି ପାଇଁ ବିଶେଷ ଗୁରୁତ୍ୱ ପ୍ରଦାନ କରିବାକୁ ହେବ । ଏହି ଲକ୍ଷ୍ୟ ହାସଲ କରିବା ସକାଶେ ସରକାର, ମାଲିକ, ଶ୍ରମିକ ଓ ଟ୍ରେଡ୍ୟୁନିୟନ ଗୁଡ଼ିକର ପାରସ୍ପରିକ ବୁଝାମଣା ଓ ସହଯୋଗ ଏକାନ୍ତ ଆବଶ୍ୟକ । ଏହାର ବ୍ୟତିକ୍ରମ ଘଟିଲେ ଉତ୍ପାଦନ ଓ ଉତ୍ପାଦକତା ହ୍ରାସ ପାଇବା ସଙ୍ଗେ ସଙ୍ଗେ ଜାତୀୟ ଅର୍ଥନୀତି ବାଧାପ୍ରାପ୍ତ ହେବ ଓ ଦେଶରେ ବେକାର ସମସ୍ୟା ଗୁରୁତର ଅବସ୍ଥା ଧାରଣ କରିବ ।

ଶ୍ରମିକମାନେ ହିଁ ମାନବ ସମ୍ପଦ ହିସାବରେ ପରିଗଣିତ ଓ ଯେ କୌଣସି ଶିଳ୍ପ ଓ ଅନୁଷ୍ଠାନର ମେରୁଦଣ୍ଡ । କାରଣ ଶ୍ରମିକମାନେହିଁ ଉତ୍ପାଦନ ଓ ଉତ୍ପାଦକତାର ବୃଦ୍ଧିପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଏଣୁ ଶ୍ରମିକମାନଙ୍କୁ ଶିଳ୍ପ ପରିଚାଳନାରେ ଅଂଶ ଗ୍ରହଣ କରିବା ପାଇଁ ସମସ୍ତ ରାଷ୍ଟ୍ରାୟତ୍ତ ଓ ବେସରକାରୀ ସଂସ୍ଥା ଗୁଡ଼ିକରେ ସୁଯୋଗ ଦିଆଯିବା ଉଚିତ୍ । ଶ୍ରମିକମାନଙ୍କୁ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧିପାଇଁ ପ୍ରୋତ୍ସାହନ ପ୍ରଦାନ କରିବା ବିଧେୟ ଓ ସେମାନଙ୍କୁ ମାଲିକ ଓ ସରକାର ନୂତନ କାରିଗରି କୌଶଳ ହାସଲପାଇଁ ପ୍ରଶିକ୍ଷଣ ପ୍ରଦାନ କରିବାର ବ୍ୟବସ୍ଥା କରିବା ଆବଶ୍ୟକ । ଏହି ପଦ୍ଧତି ଅନୁସରଣ କରିବା ଦ୍ୱାରା ଯେଉଁ ଲାଭାଂଶ ଶିଳ୍ପସଂସ୍ଥା ପାଇବ ତାହା ସୁଲଭ ଭାବରେ ମାଲିକ, ଶ୍ରମିକ ଓ ଉପଭୋକ୍ତା ମାନଙ୍କ ମଧ୍ୟରେ ବଣ୍ଟନ କରିବାକୁ ହେବ । ଏଥିରୁ ଅନୁମେୟ ଯେ ଉତ୍ପାଦନ ଓ ଉତ୍ପାଦକତାର ଲକ୍ଷ୍ୟ ହାସଲ ସେପରି ସହଜ ଓ ସୁବିଧା ଜନକ ନୁହେଁ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ନିୟମିତ ଭାବରେ ଦୃଢ଼ ଉଦ୍ୟମ ସହଯୋଗ, ପରିଚାଳନାରେ ଅଂଶ ଗ୍ରହଣ, କାର୍ଯ୍ୟକରିବା ପାଇଁ ଉତ୍ସାହ, ପ୍ରେରଣା ଓ ସଂକଳ୍ପ ଏବଂ ପରିଶେଷରେ ମାଲିକ, ଶ୍ରମିକ, ଟ୍ରେଡ୍ୟୁନିୟନ ଓ ସରକାରଙ୍କ ତରଫରୁ ମିଳିତ ଉଦ୍ୟମ ହେବା ଆବଶ୍ୟକ ।

ଆମ ଭାରତବର୍ଷରେ ଅର୍ଥନୈତିକ ବିକାଶପାଇଁ ଓ ଜନସାଧାରଣଙ୍କର ଜୀବନ ଧାରଣ ପ୍ରଣାଳୀରେ ଉନ୍ନତି ସାଧନ ନିମନ୍ତେ ଧାରାବାହିକ ଭାବରେ ସମସ୍ତ ପଂଚବାର୍ଷିକ ଯୋଜନା ଗୁଡ଼ିକରେ ଉଦ୍ୟମ ହୋଇ ଆସିଛି । ସେହିପରି ସପ୍ତମ ପଂଚବାର୍ଷିକ ଯୋଜନାରେ ମଧ୍ୟ ଖାଦ୍ୟ, ଶିଳ୍ପ ବିକାଶ, କର୍ମନିଯୁକ୍ତି ପ୍ରଭୃତି ପାଇଁ ସୁବିଧା ସୁଯୋଗ ଓ ଉତ୍ପାଦନ ଓ ଉତ୍ପାଦକତାର ବୃଦ୍ଧିପାଇଁ ପନ୍ଥା ପରିସରଭୁକ୍ତ ହୋଇଛି । ସେହିପରି ନୂତନ କୋଡ଼ିଏ ସୂତ୍ରୀ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଅଛି । ଆମ ଦେଶର ଶିଳ୍ପକ୍ଷେତ୍ରରେ ଉତ୍ପାଦନ ଓ ଉତ୍ପାଦକତାର ବୃଦ୍ଧିପାଇଁ ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଉଦ୍ୟମ ପ୍ରଶଂସନୀୟ । ତାଙ୍କର ଉଦ୍ୟମ ଫଳରେ ୧୯୮୨ ମସିହାକୁ ଉତ୍ପାଦକତା ବର୍ଷ ହିସାବରେ ସାରା ଦେଶରେ ପାଳନ କରାଯାଇଥିଲା । ଉତ୍ପାଦନ ଓ ଉତ୍ପାଦକତାର ସଫଳ ଲକ୍ଷ୍ୟପ୍ରାପ୍ତି ହାସଲ ପାଇଁ ଶ୍ରମିକ ଓ ଟ୍ରେଡ୍ୟୁନିୟନମାନଙ୍କ ସହଯୋଗ ଏକାନ୍ତ ଆବଶ୍ୟକ । ଯେତେ ଉନ୍ନତ ଧରଣର କାରିଗରୀ ବିଜ୍ଞାନ, ମାନବିକ ସମ୍ବଳ ଶିଳ୍ପକ୍ଷେତ୍ର ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରୟୋଗ କଲେ ସୁଦ୍ଧା ଶ୍ରମିକମାନଙ୍କ ଇଚ୍ଛାକୃତ ସହଯୋଗ ବିନା ଉତ୍ପାଦନ, ଉତ୍ପାଦକତା ଓ ଗୁଣାତ୍ମକମାନ ହାସଲ କରିବା ସମ୍ଭବପର ନୁହେଁ । ଏହାର ଜ୍ୱଳନ୍ତ ଉଦାହରଣ ବହୁକ୍ଷେତ୍ରରେ ଦେଖିବାକୁ ମିଳିଛି । ବର୍ତ୍ତମାନ ସମୟରେ ସବୁକ୍ଷେତ୍ରରେ ଉତ୍ପାଦନ ଓ ଉତ୍ପାଦକତାର ବୃଦ୍ଧି ପାଇଁ ବାର୍ତ୍ତା ବହୁଳ ଭାବରେ ପ୍ରସାରିତ ହେବା ଉଚିତ୍ ଏବଂ ଏହା ଆମ ଜୀବନର ମାନ ହିସାବରେ ପ୍ରଚଳିତ ହେବା ବିଧେୟ ।

ସାଧାରଣତଃ ଉତ୍ପାଦକତାର ହାର ଉତ୍ପନ୍ନଦ୍ରବ୍ୟର ପରିମାଣ ଓ ଉତ୍ପାଦନ ପାଇଁ ବ୍ୟବହୃତ ହେଉଥିବା ସାମଗ୍ରୀ ଉପରେ ନିର୍ଭର କରେ । ଶ୍ରମିକମାନଙ୍କ

ଉତ୍ପାଦକତା ସେମାନଙ୍କର କୁଶଳୀ, ଶିକ୍ଷା, ତାଲିମ୍, କାର୍ଯ୍ୟକ୍ଷେତ୍ରର ପାରିପାର୍ଶ୍ୱ, ଉତ୍ତମ ବାତାବରଣ ଓ ଆଚରଣ ଉପରେ ନିର୍ଭର କରେ । ଆଜି ଶିଳ୍ପ କ୍ଷେତ୍ରରେ ଜାପାନ ସାରା ପୃଥିବୀରେ ସମୃଦ୍ଧିଶାଳୀ ରାଷ୍ଟ୍ର ହିସାବରେ ପରିଗଣିତ । ଜାପାନ ମ୍ୟାନେଜମେଣ୍ଟର ଶୈଳୀ ଓ ସଂସ୍କୃତି ହିଁ ଏହାର ମୂଳଭିତ୍ତି ।

ଏହାକୁ 'କ୍ୱାଲିଟି ସର୍କଲ' ଓ 'ତ୍ରୁଟିଶୂନ୍ୟ' ପଦକ୍ଷେପ ଆଖ୍ୟା ଦିଆଯାଇଅଛି । ଜାପାନର ଶ୍ରମିକମାନେ ଶିଳ୍ପ ଅନୁଷ୍ଠାନ ଗୁଡ଼ିକରେ ସଂପୂର୍ଣ୍ଣ ଓ ଓତଃପ୍ରୋତ ଭାବେ ଜଡ଼ିତ ଓ ତାଙ୍କ ଦେଶର ଉନ୍ନତ ଧରଣର ଉତ୍ପାଦନ, ଉତ୍ପାଦକତା ଓ ଗୁଣାତ୍ମକମାନ ପାଇଁ ନିରବଚ୍ଛିନ୍ନ ଭାବରେ ସର୍ଚ୍ଚିତ । ଏଥିପାଇଁ ସେହି ଦେଶ ଦ୍ୱିତୀୟ ମହାସମର ଠାରୁ ଉନ୍ନତି ପଥରେ ଅଗ୍ରସର ହେବାରେ ଲାଗି ପଡ଼ିଛି । ଜାପାନର ଶିଳ୍ପ କ୍ଷେତ୍ରରେ ଶ୍ରମିକଙ୍କ ଅନୁପସ୍ଥିତ କେବଳ ଶତକଡ଼ା 0.53 ଭାଗ ଯୁକ୍ତରାଷ୍ଟ୍ର ଆମେରିକାରେ ଶତକଡ଼ା 3.5 ଭାଗ, ପଶ୍ଚିମ ଜର୍ମାନୀରେ ଶତକଡ଼ା 7.7 ଭାଗ, ଫ୍ରାନ୍ସରେ ୫.3 ଭାଗ ଓ ଭାରତରେ ଶତକଡ଼ା 15 ଭାଗ ।

ଶିଳ୍ପ ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍ପାଦନ ଓ ଉତ୍ପାଦକତାର ବୃଦ୍ଧି ପାଇଁ ଶ୍ରମିକମାନଙ୍କ ଭୂମିକା ବହୁଳ ପରିମାଣରେ ଆବଶ୍ୟକ । ଏତଦ୍‌ବ୍ୟତୀତ ଶ୍ରମିକମାନଙ୍କ ସଂଗଠନ ଟ୍ରେଡ୍‌ୟୁନିୟନ ଗୁଡ଼ିକ ମଧ୍ୟ ଉତ୍ତମ ଭାବରେ ଏହି ଲକ୍ଷ୍ୟ ହାସଲପାଇଁ ସହଯୋଗ କରିବା ଉଚିତ୍ । ଆଜିର ଏହି ପରିପ୍ରେକ୍ଷୀରେ ଶ୍ରମିକମାନେ ଏକତ୍ରିତ ହୋଇ ମିଳିତ ଭାବରେ ଇଚ୍ଛାକୃତ କଠିନ ପରିଶ୍ରମ ଦ୍ୱାରା ସୁସ୍ଥ ବାତାବରଣ ସୃଷ୍ଟିକରି ଶିଳ୍ପସଂସ୍ଥା ଗୁଡ଼ିକର ଉତ୍ପାଦନ, ଉତ୍ପାଦକତା ଓ ଗୁଣାତ୍ମକମାନକୁ ବହୁଳ ଭାବରେ ବୃଦ୍ଧିକରି ଆମଦେଶକୁ ଜାପାନ ଓ କୋରିଆ ଦେଶ ପରି ସମୃଦ୍ଧି ଓ ଉନ୍ନତି ପଥରେ ଅଗ୍ରସର କରାଇବେ, ଏହା ହେଉଛି ଆଜି ଆମ ଶିଳ୍ପ ଶ୍ରମିକମାନଙ୍କ ପାଇଁ ଚଳନ୍ତି ସମୟର ସର୍ବଶ୍ରେଷ୍ଠ ଆହ୍ୱାନ ଓ ନିବେଦନ ।

---

ଡେପୁଟି ଚିଫ୍ ପର୍ସୋନେଲ ମ୍ୟାନେଜର,
ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍,
ରାଉରକେଲା ଇସ୍ପାତ୍ କାରଖାନା,
ରାଉରକେଲା-7690।।.



ପବନ ଚାଳିତ କଳ ସାହାଯ୍ୟରେ ଜଳସେଚନ ।

# ସଂସ୍କୃତିର ଆତ୍ମା-ସଂସ୍କୃତ

ଅଧ୍ୟାପକ ଡ: ଗୋପୀନାଥ ମହାପାତ୍ର

ସଂସ୍କୃତ ଭାଷା ହିଁ ଭାରତର ଆତ୍ମା । ଏ ଭାଷା ଆଧୁନିକ ଭାରତୀୟ ଭାଷାମାନଙ୍କର ଜନନୀ । ଆଧୁନିକ ଭାରତରେ ପ୍ରଚଳିତ ହିନ୍ଦୀ, ବଙ୍ଗଳା, ଓଡ଼ିଆ, ଅସମୀୟା, ଗୁଜୁରାଟି, ମରାଠି ପ୍ରଭୃତି ଭାଷାମାନେ ବେଶି ଦିନର ନୁହନ୍ତି । ମାତ୍ର ଇତିହାସକୁ ଅବଲୋକନ କଲେ ଦେଖାଯାଏ ଯେ, ପ୍ରଥମେ ଭାରତବର୍ଷରେ ବୈଦିକ ସଂସ୍କୃତ ଭାଷା ପ୍ରଚଳିତ ଥିଲା । ତାହାପରେ ସଂସ୍କୃତ ଭାଷା ରାଜଭାଷା ଭାବରେ ଗୃହୀତ ହେଲା । ରାଜା, ମନ୍ତ୍ରୀ, ବ୍ରାହ୍ମଣ ଓ ଦରବାରର ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତି ତଥା ସଭାସଦ୍ ଓ ପଣ୍ଡିତମାନେ ସଂସ୍କୃତରେ କଥୋପକଥନ, ଆଲୋଚନା ପର୍ଯ୍ୟାଲୋଚନାଦି କରୁଥିଲେ । ଅନ୍ୟମାନେ କିନ୍ତୁ ଦେଶଜ ଭାଷା ପ୍ରାକୃତରେ କଥାବାର୍ତ୍ତା କରୁଥିଲେ । ପ୍ରାକୃତରେ କଥାବାର୍ତ୍ତା କଲେ ମଧ୍ୟ ଏମାନେ ସଂସ୍କୃତ ଭାଷା ଭଲଭାବରେ ବୁଝିପାରୁଥିଲେ; କେବଳ କହିପାରୁ ନ ଥିଲେ । ସମାଜର ନାରୀମାନେ ତଥା ନିମ୍ନଶ୍ରେଣୀର ଲୋକମାନେ ହିଁ ପ୍ରାକୃତରେ କଥାବାର୍ତ୍ତା କରୁଥିଲେ । ଏସବୁ ତଥ୍ୟ ଆମକୁ ପ୍ରାଚୀନ ଯୁଗର ସଂସ୍କୃତ ନାଟକମାନ ପଢ଼ିଲେ ବେଶ୍ ବୁଝା ପଡ଼ିଥାଏ ।

ଭାରତର ବିଭିନ୍ନ ଅଞ୍ଚଳରେ ଲୋକମାନେ ଭିନ୍ନ ଭିନ୍ନ ପ୍ରକାରର ପ୍ରାକୃତରେ 'କଥାବାର୍ତ୍ତା କରୁଥିଲେ । ଏ ଭାଷାଗୁଡ଼ିକ ପ୍ରକୃତିଜ ବା ଅପଭ୍ରଂଶର ଆଧାରରେ ସ୍ୱତଃ ସୃଷ୍ଟ ହୋଇଥିଲା । ତେଣୁ ମଗଧର ବ୍ୟବହୃତ ପ୍ରାକୃତକୁ ମାଗଧୀ, ସୁରସେନ ରାଜ୍ୟର ପ୍ରାକୃତକୁ ସୌରସେନୀ ଇତ୍ୟାଦି ବିଭିନ୍ନ ନାମରେ ପ୍ରାକୃତ ଭାଷାଗୁଡ଼ିକୁ ନାମିତ କରାଯାଇଥିଲା । ଅର୍ଥାତ୍, ଦେଖିବସିଲେ, ସେକାଳରେ ଭାରତର ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ଭାଷାର ପ୍ରଚଳନ ଥିଲା । ସେ ଦୃଷ୍ଟିରୁ ସଂସ୍କୃତ ଭାଷା ଲୋକଭାଷା ନଥିଲା । ସେଥିପାଇଁ ବୁଦ୍ଧଦେବ ତାଙ୍କର ନୀତିବାଣୀକୁ ଲୋକରେ ପ୍ରସ୍ୱର କରିବା ପାଇଁ ନିଜର ଶିଷ୍ୟମାନଙ୍କୁ ପାଲୀ ଭାଷାରେ ଗ୍ରନ୍ଥ ରଚନା କରିବାକୁ କହିଥିଲେ ଓ ବୌଦ୍ଧ ଗ୍ରନ୍ଥମାନ ମୁଖ୍ୟତଃ ସଂସ୍କୃତରେ ରଚିତ ନହୋଇ ପାଲୀରେ ରଚିତ ହୋଇଥିଲା । ଜାତକ ଗ୍ରନ୍ଥ, ପିଟକ ଗ୍ରନ୍ଥ, ଧର୍ମପଦ ଆଦି ସେଥିପାଇଁ କେହି ସଂସ୍କୃତରେ ରଚିତ ନୁହନ୍ତି । ତଦନୁରୂପ ଜୈନ ଧର୍ମର ଗ୍ରନ୍ଥମାନ ମଧ୍ୟ ପ୍ରାକୃତରେ ଲିଖିତ । ଏସବୁର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଏହି ଧର୍ମ ଦର୍ଶନକୁ ନେଇ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ।

ଏପରି ଅବସ୍ଥାରେ ମଧ୍ୟ ସଂସ୍କୃତ ଭାଷା ରାଜଦରବାରରେ ପ୍ରଚଳିତ ଥିଲା । ଭାରତର ପଣ୍ଡିତ ସମାଜରେ ସଂସ୍କୃତ ଭାଷାରେ ହିଁ ଧର୍ମାଦି ଚର୍ଚ୍ଚା ହେଉଥିଲା । ବୈଦିକ ପଣ୍ଡିତ ଓ ବୌଦ୍ଧ ପଣ୍ଡିତମାନଙ୍କ ମଧ୍ୟରେ ଶାସ୍ତ୍ରାନୁସନ୍ଧାନ, ବାଦବିବାଦ ଆଦି ସଂସ୍କୃତରେ ସଂଘଟିତ ହେଉଥିଲା । ପ୍ରାକୃତଭାଷା ଲୋକଭାଷା ଥିଲେ ମଧ୍ୟ ସଂସ୍କୃତ ଭାଷା ଏକ ଯୋଗସୂତ୍ର ରକ୍ଷାକାରୀ ଭାଷା ଭାବରେ ସାରା ଭାରତରେ ବ୍ୟବହୃତ ହେଉଥିଲା । କାରଣ ପ୍ରାକୃତ ଭାଷାମାନ ଭାରତର ଗୋଟିଏ ଗୋଟିଏ ପ୍ରାନ୍ତରେ ସୀମିତ ଥିଲେ । ମାତ୍ର, ସଂସ୍କୃତ ପାଇଁ ସେପରି ସୀମାରେଖା ନଥିଲା । ଯେତେବେଳେ ଆଦି ଶଙ୍କରାଚାର୍ଯ୍ୟ ନିଜର ଅଦ୍ୱୈତ ଦର୍ଶନକୁ ସାରା ଭାରତରେ ପ୍ରତିଷ୍ଠା କରିବାକୁ ଚାହିଁଲେ, ସେତେବେଳେ ସେ ଭାରତବର୍ଷ ତମାମ ପଦଯାତ୍ରା କରି ସଂସ୍କୃତରେ ହିଁ ନିଜର ଭାବ ବିନିମୟ କରିଥିଲେ । ସଂସ୍କୃତ ଶଙ୍କରଙ୍କ ଜନ୍ମଭୂମି କେରଳର ଦେଶୀୟ ଭାଷା ନୁହେଁ । ଶଙ୍କରାଚାର୍ଯ୍ୟ ଆର୍ଯ୍ୟ ନଥିଲେ; ଥିଲେ ଦ୍ରାବିଡ଼; ଏକ କେରଳୀ ବ୍ରାହ୍ମଣ । ତାଙ୍କର ମାତୃଭାଷା ଥିଲା ଏକ ଦ୍ରାବିଡ଼ୀ ଭାଷା । ମାତ୍ର, ଦିଗ୍‌ବିଜୟ ପାଇଁ ଭାରତ ଭ୍ରମଣରେ ବାହାରିବା ବେଳକୁ ସେ ସଂସ୍କୃତରେ ଏକ ଅଖଣ୍ଡ ପାଣ୍ଡିତ୍ୟର ଅଧିକାରୀ ହୋଇ ସାରିଥିଲେ ଓ ସେହି ଭାଷାରେ ମଣ୍ଡନ ମିଶ୍ର ପ୍ରଭୃତି ବୌଦ୍ଧ ପଣ୍ଡିତମାନଙ୍କୁ ଆଲୋଚନା ଦ୍ୱାରା ପରାଜିତ କରିଥିଲେ । ଏଥିରୁ ସିଦ୍ଧାନ୍ତ ହେଲା ଯେ, ଭାରତରେ ସବୁବେଳେ ଭିନ୍ନ ଭିନ୍ନ ସ୍ଥାନୀୟ ଭାଷା ଥିଲେ ମଧ୍ୟ ସଂସ୍କୃତ ଭାଷା ଏକ ସଂଯୋଗ ରକ୍ଷାକାରୀ ଭାଷାରୂପେ ବ୍ୟବହୃତ ହୋଇ ଆସୁଅଛି । ପରବର୍ତ୍ତୀ ଯୁଗରେ ହିନ୍ଦୀର ପ୍ରଚଳନ ଓ ଇଂରାଜୀର ଅନୁପ୍ରବେଶ ଏହି ପରମ୍ପରାକୁ ବ୍ୟାହତ କରିଛି ।

ପ୍ରାଚୀନ ଯୁଗରେ ରାଜାମାନଙ୍କର ଅନୁଶାସନ, ଶିଳାଲେଖ ଆଦି ସଂସ୍କୃତ ଓ ପ୍ରାକୃତ ଭାଷାରେ ଦେଖିବାକୁ ମିଳେ । ଶିକ୍ଷିତ ଲୋକମାନଙ୍କ ପାଇଁ ରାଜାନୁଶାସନ ସଂସ୍କୃତରେ ଉଲ୍ଲିଖିତ ହେଉଥିବାବେଳେ, ଅଳ୍ପ ଶିକ୍ଷିତ ତଥା ସାଧାରଣ ଲୋକଙ୍କ ପାଇଁ ପାଲୀ ବା ପ୍ରାକୃତରେ ଅନୁଶାସନ ଲେଖାଯାଇଥାଏ । ସେ ଯାହାହେଉ, ସଂସ୍କୃତ ଏକ ସଂସ୍କାରିତ ଭାଷା; ବ୍ୟାକରଣ ନିୟମବଦ୍ଧ ଏକ ଶୃଙ୍ଖଳିତ ଚିରନ୍ତନ ଭାଷା । ଭାରତବର୍ଷର ଆକୁମାରୀ ହିମାଚଳ ସର୍ବତ୍ର ଏ ଭାଷା ସମାନ ନିୟମରେ ବନ୍ଧା ଓ ଯୁଗେ ଯୁଗେ ସମଭାବରେ ବ୍ୟବହୃତ । କ୍ଷେମେନ୍ଦ୍ର, କହ୍ଲଣ ଆଦି କାଶ୍ମୀରୀୟ ପଣ୍ଡିତମାନଙ୍କଠାରୁ ଆରମ୍ଭ କରି ସିଂହଳର କବି କୁମାର ଦାସଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଭାଷାରେ ସାହିତ୍ୟ ସୃଷ୍ଟିକରି ଏହି ବିଶାଳ ଭାରତ-ଉପମହାଦେଶରେ ବୌଦ୍ଧିକ ଯୋଗସୂତ୍ର ସ୍ଥାପନ କରିଛନ୍ତି । ଭାରତବର୍ଷର ସମସ୍ତ ରାଜଦରବାରମାନଙ୍କରେ ପାଣ୍ଡିତ୍ୟ ଓ ଜ୍ଞାନର ବିକାଶ ଏହି ସଂସ୍କୃତ ଭାଷାରେ ହିଁ ହୋଇଅଛି । ସଂସ୍କୃତ ବ୍ୟାକରଣର ନିୟମ ସାରା ଦେଶରେ ସମଭାବରେ ବ୍ୟବହୃତ ହୋଇ ଆସିଅଛି । ଏହି

ଦୃଷ୍ଟିରୁ ଦେଖିଲେ ଜଣାଯାଏ, ସଂସ୍କୃତ କେବଳ ଏକ ବୌଦ୍ଧିକ ଐକ୍ୟର ସଂଯୋଗକାରୀ ଭାଷା ନୁହେଁ; ଏହା ହେଉଛି ଏକ ରାଜଭାଷା, ଶିକ୍ଷିତ ସମାଜର ଭାଷା ଓ ରାଷ୍ଟ୍ରଭାଷା ତଥା ଭାରତର ସର୍ବଶ୍ରେଷ୍ଠ ପ୍ରମୁଖ ଭାଷା । ଏହା ଲୋକଭାଷା ନୁହେଁ, ଗ୍ରାମ୍ୟ ଭାଷା ନୁହେଁ; ତେଣୁ ଏ ଭାଷାରେ ସେପରି ଭାଷାଗତ ପରିବର୍ତ୍ତନ ଦେଖାଯାଏ ନାହିଁ । କଥିତ ଭାଷା ମାତ୍ରେ ହିଁ ପରିବର୍ତ୍ତନଶୀଳ; ମାତ୍ର ସଂସ୍କୃତ ତାହା ନୁହେଁ । କାରଣ ଏହା ସାଧାରଣରେ କଥିତ ନୁହେଁ । ଏହା ପଣ୍ଡିତମାନଙ୍କର ଭାଷା; ଶିକ୍ଷିତ ସମାଜର ଭାଷା; ଏକ ଶୃଙ୍ଖଳିତ ଭାଷା ।

**ରାମାୟଣ ମହାଭାରତରେ ଯୁଗ :**

ଯେଉଁ ମହାପୁରୁଷ ଦ୍ୱୟ ରାମାୟଣ ଓ ମହାଭାରତ ରଚନା କରିଥିଲେ କରିଥିଲେ, ସେମାନେ ତାହା ସାରା ଭାରତର ଜନସାଧାରଣଙ୍କୁ ଶୁଣାଇବା ପାଇଁ ଲେଖିଥିଲେ ଏବଂ ତାହାକୁ ସଂସ୍କୃତରେ ହିଁ ଲେଖିଥିଲେ । ଅର୍ଥାତ୍, ସେତେବେଳକୁ ଭାରତର ଜନସାଧାରଣ ସଂସ୍କୃତଭାଷାକୁ ସହଜରେ ବୁଝି ପାରୁଥିଲେ । ବୈଦିକ ଭାଷା ଓ ଚିନ୍ତାଧାରା ସେତେବେଳକୁ ଜନସାଧାରଣଙ୍କ ନିକଟରେ ଦୁର୍ବୋଧ୍ୟ ହୋଇପଡ଼ିଥିଲା । ତେଣୁ ଲୋକମାନଙ୍କୁ ମୁକ୍ତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଜନସମାଜର କଲ୍ୟାଣ କାମନାକରି ରାମାୟଣ ରଚନା କରାଯାଇଥିଲା । ବୈଦିକ ସୂର୍ଯ୍ୟପୂଜା,ଇନ୍ଦ୍ର ଉପାସନା ଇତ୍ୟାଦିକୁ ପ୍ରକାରାନ୍ତରେ ଏଥିରେ ପ୍ରାଧାନ୍ୟ ଦିଆଯାଇଥିଲା । ବିଷ୍ଣୁଙ୍କର ମହତ୍ତ୍ୱ ଏଥିରେ ଅଧିକତର ଭାବରେ ବଢ଼ାଇ ଦିଆଯାଇଥିଲା । ରାମଚନ୍ଦ୍ର ବିନ୍ଧ୍ୟପର୍ବତ ଅତିକ୍ରମକରି ଦାକ୍ଷିଣାତ୍ୟ ଓ ଶ୍ରୀଲଙ୍କା ପର୍ଯ୍ୟନ୍ତ ଯିବାଦ୍ୱାରା ଭାରତୀୟ ସଂସ୍କୃତି ସାରା ଭାରତରେ ବହୁ ଗୁଣରେ ଲୋକପ୍ରିୟ ହୋଇପାରିଥିଲା । ଉତ୍ତର ଭାରତ ଓ ଦକ୍ଷିଣ ଭାରତ ମଧ୍ୟରେ ଏକ ସମନ୍ୱୟ ପ୍ରତିଷ୍ଠା ଏହାଫଳରେ ସମ୍ଭବ ହେଲା ।

ମହାଭାରତ ଯୁଗରେ ମଧ୍ୟ ସାରା ଭାରତରେ ଏକ ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠା ହୋଇଥିଲା । ଏହି ମହାଭାରତ ଯୁଦ୍ଧରେ ସମଗ୍ର ଭାରତଖଣ୍ଡର ରାଜାମାନେ ଯୋଗ ଦେଇଥିଲେ । ସେତେବେଳେ ସାରା ଭାରତରେ ବୈଦିକ ଚିନ୍ତାଧାରା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇ ସନାତନ ଧର୍ମରେ ସମସ୍ତେ ଉଦ୍‌ବୁଦ୍ଧ ହୋଇଥିଲେ । "ଇତିହାସ ପୁରାଣାଭ୍ୟାଂ ବେଦଂ ସମୁପବୃଂହୟେତ୍" ନୀତି ସେତେବେଳେ ଅନୁସୃତ ହୋଇ ଏହି ମହାଭାରତ ରଚନା କରାଯାଇଥିଲା । ଏହା ବେଦର ମହତ୍ତ୍ୱକୁ ଜନସମାଜରେ ପ୍ରଖ୍ୟାପିତ କରିପାରିଥିବାରୁ ଏହାକୁ ପଞ୍ଚମବେଦ ବୋଲି ଆଖ୍ୟାୟିତ କରାଯାଇଥିଲା । "ଭାରତଃ ପଞ୍ଚମୋ ବେଦଃ" । ତାହାପରେ ଆର୍ଯ୍ୟଦର୍ଶନର ସାର ସଂଗ୍ରହ କରାଯାଇ ସଂସ୍କୃତରେ ଶ୍ରୀମଦ୍ ଭଗବଦ୍‌ଗୀତା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲେଖା ଯାଇଥିଲା । ଏହି ଗୀତା ମାଧ୍ୟମରେ ଲୋକମାନଙ୍କୁ ସାଂସାରିକ ଜୀବନଯାତ୍ରାରେ କର୍ତ୍ତବ୍ୟବୋଧ ଭଲଭାବରେ ବୁଝାଇ ଦିଆ ଯାଇଥିଲା ।

**ପୁରାଣ ଯୁଗ**

ପରେ ପରେ ଅଷ୍ଟାଦଶ ପୁରାଣ, ଉପପୁରାଣମାନ ଯାହାସବୁ ରଚନା କରାଗଲା, ସବୁ ସଂସ୍କୃତ ଭାଷାରେ ହିଁ ରଚନା କରାଗଲା । ଏ ସବୁ ଭାରତର ଗୋଟିଏ ଅଂଶରେ ରଚିତ ହୋଇ ନ ଥିଲା; ସାରା ଭାରତର ଜ୍ଞାନୀ, ସାଧକ ଓ ଦୂରଦ୍ରଷ୍ଟାମାନେ ବିଭିନ୍ନ ସମୟରେ ଭାରତର ବିଭିନ୍ନ ପ୍ରାନ୍ତରେ ଏହି ପୁରାଣମାନ ରଚନା କରିଥିଲେ । ଫଳରେ ପୁରାଣମାନଙ୍କରେ ରେବା ମାହାତ୍ମ୍ୟ, ଗଙ୍ଗା ମାହାତ୍ମ୍ୟ, କାଶୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ଆଦି ଭାରତର ବିଭିନ୍ନ ସ୍ଥାନର ମାହାତ୍ମ୍ୟ ସମଗ୍ର ଦେଶରେ ପ୍ରଚାରିତ ହେଲା । "ଗଙ୍ଗେ ଚ ଯମୁନେ ଚୈବ ଗୋଦାବରୀ ସରସ୍ୱତୀ । ନର୍ମଦେ ସିନ୍ଧୁ କାବେରୀ ଜଳେସ୍ମିନ୍ ସନ୍ନିଧିଂ କୁରୁ ॥" ଏହିପରି ପ୍ରତ୍ୟେକ ଆକୁମାରୀ ହିମାଚଳର ପବିତ୍ର ସ୍ଥାନମାନ ଭାରତୀୟ ମନସ୍ଥଳରେ ଦୃଢ଼ମୂଳ ଆସନ ଲାଭକଲା । ଫଳରେ ଭାରତୀୟ ସାଂସ୍କୃତିକ ଐକ୍ୟ ସଂଘଟିତ ହେଲା । କର୍ମକାଣ୍ଡରେ ଏହି ପବିତ୍ର ସ୍ଥାନମାନଙ୍କୁ ପ୍ରାଧାନ୍ୟ ଦିଆଯାଇ ପ୍ରତ୍ୟେକ ଭାରତୀୟ ନିଜକୁ ଭାରତମାତାର ଅମୃତ ସନ୍ତାନ ବୋଲି ଭାବିବାକୁ ପ୍ରେରଣା ଦିଆଗଲା । ଭାରତୀୟ ସଂସ୍କୃତି ଓ ସଭ୍ୟତାରେ ଏକପ୍ରାଣତା, ଜାତୀୟତାବୋଧ ଅଙ୍ଗୀକୃତ ହୋଇ ଜାତୀୟ ଏକତାକୁ ବଳିଷ୍ଠ କରି ଦିଆଗଲା । ମନେରଖିବାକୁ ହେବ: ଏସବୁ ଯାହାକିଛି କରାଗଲା ସବୁ ସଂସ୍କୃତ ଭାଷା ମାଧ୍ୟମରେ ହିଁ କରାଗଲା । କାରଣ, ସଂସ୍କୃତକୁ ଭାରତର ମୁଖ୍ୟ ଭାଷା, ରାଷ୍ଟ୍ରଭାଷା ଭାବରେ ବିଚାର କରାଯାଉଥିଲା ।

**କାବ୍ୟ ଯୁଗ**

ରାମାୟଣର ଅମର କାହାଣୀ, ମହାଭାରତର ମନୋରଞ୍ଜକ କଥାବସ୍ତୁ ଓ ଅନ୍ୟାନ୍ୟ ଲୌକିକ କାହାଣୀର ଆଧାରରେ ଭାରତୀୟ କବିମାନେ ରଚନାକଲେ ଅନେକ ରସାତ୍ମକ କାବ୍ୟ । ଦୁର୍ଜନ ନିନ୍ଦା ଓ ସଜ୍ଜନ ପ୍ରଶଂସା କ୍ରମରେ ଏଥିରେ ରହିଲା ସମାଜପାଇଁ ନୀତିଶିକ୍ଷା । ସବୁ ଲେଖାଗଲା ସଂସ୍କୃତ ଭାଷାରେ; ଏକ ମନୋଜ୍ଞ ଶୈଳୀରେ । ଅଶ୍ୱଘୋଷଙ୍କ ପରି ବୌଦ୍ଧ ପଣ୍ଡିତମାନେ ମଧ୍ୟ ପ୍ରାକୃତକୁ ଛାଡ଼ି କାବ୍ୟ ରଚନା କଲେ ସଂସ୍କୃତ ଭାଷାରେ । ତାଙ୍କଦ୍ୱାରା ଲେଖାଗଲା ସୌନ୍ଦରାନନ୍ଦ ଓ ବୁଦ୍ଧଚରିତ ପ୍ରାୟ ପ୍ରଥମ ଶତକରେ । ସେ ପୁଣି ରଚନା କଲେ ଶାରିପୁତ୍ର ପ୍ରକରଣ ଓ ରାଷ୍ଟ୍ରପାଳମ୍ । ତାଙ୍କର ଲେଖା ଖୁବ୍ ଲୋକପ୍ରିୟ ହୋଇଥିଲା ସେତେବେଳର ଭାରତରେ ।

ଭାସ, କାଳିଦାସ ମଧ୍ୟ ସେହି ପ୍ରଥମ ଶତକ (ଖ୍ରୀ:ପୂ:/ଖ୍ରୀ:ଅ) ବେଳେ ଜନ୍ମଲାଭ କରି ସେମାନଙ୍କ କାବ୍ୟକୃତିରେ ଭାରତୀୟ ଜନତାକୁ ମୁଗ୍ଧ କରିଥିଲେ । ସେମାନଙ୍କ ମାତୃଭାଷା ଯାହା ଥାଉ ନା କାହିଁକି, ସେମାନେ ସଂସ୍କୃତରେ ହିଁ ଲେଖିଥିଲେ ସମଗ୍ର ଭାରତର ସହୃଦୟ ପାଠକ ତଥା ଦର୍ଶକମାନଙ୍କ ପାଇଁ । କାଳିଦାସଙ୍କ ରଚନାବଳୀ ଚରମୋତ୍କର୍ଷ ଲାଭ କରିଥିଲା ଓ ସେ କବିଶ୍ରେଷ୍ଠ ଭାବରେ ଗୃହୀତ ହେଲେ । ତାଙ୍କ ରଚିତ ଅଭିଜ୍ଞାନ ଶାକୁନ୍ତଳଂ ନାଟକ ନାଟ୍ୟ ଜଗତରେ ଶ୍ରେଷ୍ଠତମ ସ୍ଥାନ ଲାଭ କରି ଭାରତୀୟ ସମାଜିକ ଚିନ୍ତାଧାରାକୁ ସାରା ବିଶ୍ୱରେ ପ୍ରସାର କରାଇ ପାରିଛି । "ପ୍ରତ୍ୟକ୍ଷାଭିଃ ପ୍ରପନ୍ନସ୍ତନୁଭିରବତୁବସ୍ତାଭିରଷ୍ଟାଭିରୀଶଃ"– ଏହି ଉକ୍ତି ଛଳରେ ଈଶ୍ୱରଙ୍କୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ନାସ୍ତିକମାନଙ୍କର ଯୁକ୍ତିକୁ ଖଣ୍ଡନ କରି ସେ ସମଗ୍ର ଭାରତର ଜନସମାଜକୁ ଈଶ୍ୱର ବିଶ୍ୱାସ କରିବା ପାଇଁ ଉପଦେଶ ଦେଇଛନ୍ତି । ଏଥିପାଇଁ ସେ ସଂସ୍କୃତ ଭାଷାକୁ ହିଁ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି । ଏହି ଭାଷାରେ ନିଜର ଭାବବ୍ୟକ୍ତ କରି ସେ ସାରା ଭାରତ ଭ୍ରମଣ କରିଛନ୍ତି, ବିଭିନ୍ନ ରାଜସଭାକୁ ଯାଇଛନ୍ତି ଓ କିମ୍ବଦନ୍ତୀ ଅନୁସାରେ ଶେଷରେ ଯାଇ ଶ୍ରୀଲଙ୍କାରେ ପହଞ୍ଚି ସେଠାରେ ହିଁ ଇହଲୀଳା ସାଙ୍ଗ କରିଛନ୍ତି । ଅତଏବ, କୁହାଯାଇପାରେ ତାଙ୍କ ସମୟରେ ମଧ୍ୟ ସଂସ୍କୃତଭାଷା ଭାରତର ସଂଯୋଗ ରକ୍ଷାକାରୀ ରାଷ୍ଟ୍ରଭାଷା ଥିଲା । ଏ ଭାଷାକୁ ଜାଣି ଭାରତବର୍ଷ ଭିତରେ ଯେକୌଣସି ସ୍ଥାନକୁ ଗଲେ ନିଜର ଭାବବ୍ୟକ୍ତି କରିବାରେ କୌଣସି ଅସୁବିଧା ହେଉ ନ ଥିଲା । କାରଣ, ସେତେବେଳକୁ ସାରା ଭାରତର ସବୁ ସ୍ଥାନରେ ପୁରାଣ, ଧର୍ମ ଶାସ୍ତ୍ରାଦିର ଆଦର ଥିଲା ।

ସପ୍ତମ ଶତାବ୍ଦୀ ବେଳକୁ କାଳିଦାସଙ୍କର କୀର୍ତ୍ତିପତାକା ଭାରତରେ ସର୍ବତ୍ର ଫରଫର ହୋଇ ଉଡୁଥିଲା । ଏପରିକି, ଦକ୍ଷିଣ ଭାରତ ସେଥିରୁ ବାଦ୍ ଯାଇ ନ ଥିଲା । ଦକ୍ଷିଣର ଚାଲୁକ୍ୟ ରାଜ ଦରବାରରେ ତାଙ୍କର ନାମ କୀର୍ତ୍ତନ କରାଯାଉଥିଲା । ସେହି ସମୟରେ ହୁଏ ଭାରବିଙ୍କର ଆବିର୍ଭାବ । ସେ ମଣ୍ଡନ କରନ୍ତି ଚାଲୁକ୍ୟ ରାଜା ବିଷ୍ଣୁବର୍ଦ୍ଧନଙ୍କର ରାଜସଭା । କାଳିଦାସଙ୍କର କୀର୍ତ୍ତି ଶୁଣି ତାଙ୍କ ଭଳି କବି ହେବା ପାଇଁ ବାସନାଯୋଗେ । ଭାରବି ଲେଖନ୍ତି ଅର୍ଥ ଗୌରବ ସମ୍ବଳିତ ମହାଭାରତ ଆଖ୍ୟାନର ପୃଷ୍ଠଭୂମିରେ 'କିରାତାର୍ଜ୍ଜୁନୀୟମ୍' ମହାକାବ୍ୟ । ପରେ ପରେ ଖ୍ରୀ:ଅ: ୬୩୪ ରେ ଖୋଦିତ ହୁଏ ଦ୍ୱିତୀୟ ପୁଲକେଶୀଙ୍କ ସମୟରେ ଐହୋଲ୍ ଶିଳାଲେଖ; ଯହିଁରେ କାଳିଦାସଙ୍କ ସହିତ ସ୍ଥାନପାଏ ଭାରବିଙ୍କର ସ୍ୱନାମଧନ୍ୟ ନାମ । – "ସବିଜୟତାଂ ରବିକୀର୍ତ୍ତିଃ କବିତାଶ୍ରିତ କାଳିଦାସ ଭାରବିକୀର୍ତ୍ତିଃ" ॥ ରାମାୟଣକୁ ଆଶ୍ରୟ କରି ଏହି ସପ୍ତମ ଶତକରେ ଭଟ୍ଟି ମଧ୍ୟ ଭଟ୍ଟିକାବ୍ୟ ରଚନା କରି ଭାରତରେ ପ୍ରତିଷ୍ଠା ଅର୍ଜନ କରିପାରିଛନ୍ତି ।

ଷଷ୍ଠ ଶତାବ୍ଦୀରେ ମୟୂର, ବାଣଭଟ୍ଟ ଓ ଶ୍ରୀଲଙ୍କାର ରାଜା ତଥା କବି କୁମାର ଦାସ ଏହି ସଂସ୍କୃତଭାଷାକୁ ଆଶ୍ରୟକରି ସେମାନଙ୍କର କାବ୍ୟ ସୃଷ୍ଟି

କରି ଯାଇଛନ୍ତି । ଅଷ୍ଟମ ଶତାବ୍ଦୀବେଳକୁ ମାଘ, ଦଣ୍ଡୀ ପ୍ରଭୃତି ଭାରତର ବିଭିନ୍ନ ପ୍ରାନ୍ତରେ ଅବତୀର୍ଣ୍ଣ ହୋଇ ସେମାନଙ୍କର ଅନୁପମ କାବ୍ୟକୃତି ସଂସ୍କୃତଭାଷାରେ ରଚନାକରି ସାରା ଦେଶରେ ଲୋକପ୍ରିୟ ହୋଇ ପାରିଛନ୍ତି । ନବମ ଶତକରେ ମୁରାରି ମିଶ୍ର 'ଅନର୍ଘରାଘବ" ନାମକ ନାଟକ ରଚନା କରି ସଂସ୍କୃତରେ ନିଜର ଅଭିବ୍ୟକ୍ତି ପ୍ରକାଶ କରିଛନ୍ତି । ସେହିଭଳି, ଦଶମ ଶତାବ୍ଦୀରେ ରାଜଶେଖର ଓ ଏକାଦଶ ଶତାବ୍ଦୀରେ କ୍ଷେମେନ୍ଦ୍ର, ମମ୍ମଟ ଏବଂ ଦ୍ୱାଦଶ ଶତକରେ ଶ୍ରୀହର୍ଷ ଏହି ସଂସ୍କୃତଭାଷାରେ ନିଜ ନିଜର କାବ୍ୟ କଳାଦ୍ୱାରା ଭାରତବର୍ଷରେ ସ୍ୱୀୟ ପ୍ରତିଭା ବିକିରଣ କରି ଯାଇଛନ୍ତି । ଦ୍ୱାଦଶ ଶତାବ୍ଦୀରେ ଓଡ଼ିଶାର ପୁରୀ ଶ୍ରୀ ଜଗନ୍ନାଥ ପୀଠରେ ଶ୍ରୀଜୟଦେବ ତଦୀୟ ରଚନା 'ଗୀତଗୋବିନ୍ଦ' ଗାନକରି ସମଗ୍ର ଭାରତର ଧର୍ମପ୍ରାଣ ଜନତାଙ୍କୁ ସଂସ୍କୃତର ଲଳିତ ପଦବନ୍ଧନରେ ମୁଗ୍ଧ କରିଥିଲେ । କହିବାର କଥା ହେଉଛି, ସେତେବେଳେ ଯାହାର ଯେଉଁ ପ୍ରାନ୍ତୀୟ ଭାଷା ମାତୃଭାଷା ହେଉନା କାହିଁକି, ସମସ୍ତେ ପାଠ ପଢ଼ିଲାବେଳେ ସଂସ୍କୃତକୁ ହିଁ ପଢ଼ୁଥିଲେ ଓ ସେହିଭାଷାରେ ସାରା ଭାରତରେ ଲେଖାପଢ଼ା ଚାଲୁଥିଲା । ସେହିଭାଷାରେ ଗ୍ରନ୍ଥ ରଚନା ହେଉଥିଲା ସାରା ଭାରତର ପାଠକମାନଙ୍କ ପାଇଁ । ଭାରତୀୟ ଦର୍ଶନ, ସାମାଜିକ ପ୍ରଥା ଓ ଅଖିଳ ଭାରତୀୟ ବୌଦ୍ଧିକ ଚିନ୍ତାଧାରାକୁ ନେଇ ଲେଖକମାନେ ଲେଖୁଥିଲେ ରାଷ୍ଟ୍ରର ମର୍ଯ୍ୟାଦାସମ୍ପନ୍ନ ଭାଷା ଏହି ସଂସ୍କୃତରେ । ବିନା ସମ୍ବିଧାନରେ ସଂସ୍କୃତଭାଷା ଏକ ଜାତୀୟଭାଷା ବା ରାଷ୍ଟ୍ରଭାଷା ଭାବରେ ପରମ୍ପରାକ୍ରମେ ଭାରତର ପ୍ରତ୍ୟେକ ପ୍ରାନ୍ତରେ ସ୍ୱତଃପ୍ରବୃତ୍ତ ଭାବରେ ଗୃହୀତ ହୋଇ ଯାଇଥିଲା । ଲେଖକମାନେ ଭାରତର ଯେକୌଣସି ପ୍ରାନ୍ତର ହେଲେ ମଧ୍ୟ ପାଠପଢ଼ି ଏକାଭଳି ସଂସ୍କୃତ ଆୟତ୍ତ କରୁଥିଲେ ଓ ଭାରତର ବିଭିନ୍ନ ରାଜସଭା ମଣ୍ଡନ କରୁଥିଲେ । ରାଜସଭାମାନ ବିଶ୍ୱବିଦ୍ୟାଳୟ ଭଳି ଉପାଧି ପ୍ରଦାନ କରୁଥିଲେ । ସଂସ୍କୃତଭାଷା କାହାର ମାତୃଭାଷା ନ ଥିବାରୁ ସମସ୍ତେ ସମାନଭାବରେ ଏହାର ଅଧିକାରୀ ହୋଇ ପାରୁଥିଲେ ।

କ୍ରମଶଃ ଇତିହାସର ଚକ ଘୂରିଗଲା । ୧୧୯୨ ଖ୍ରୀ:ଅ:ରେ ମହମ୍ମଦ ଘୋରି ଦିଲ୍ଲୀ ସମ୍ରାଟ ପୃଥ୍ୱୀରାଜଙ୍କୁ ଯୁଦ୍ଧରେ ଜିଣି ହତ୍ୟା କଲେ । ଭାରତରେ ମୁସଲମାନମାନେ ପ୍ରବେଶ କଲେ । ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀବେଳକୁ ଭାରତରେ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠିତ ହେଲା । ଏ ଦେଶରେ ହିନ୍ଦୁମାନଙ୍କ ସହିତ ମୁସଲମାନମାନେ ମଧ୍ୟ ବସବାସ କରିବାକୁ ଲାଗିଲେ । ସେତେବେଳକୁ ସଂସ୍କୃତର ରାଷ୍ଟ୍ରଭାଷାତ୍ୱ କେବଳ ସାଂସ୍କୃତିକ କ୍ଷେତ୍ରରେ ସୀମିତ ରହିଲା । ରାଜାମାନେ ମହମ୍ମଦୀୟ ହୋଇଥିବାରୁ ଉର୍ଦ୍ଦୁଭାଷାକୁ ପ୍ରାନ୍ତୀୟ ଭାଷା ସହିତ ମିଶାଇ ରାଜକାର୍ଯ୍ୟ ଚଳାଇଲେ । ତଥାପି ରାଜସଭାରେ ସଂସ୍କୃତ ପଣ୍ଡିତଙ୍କୁ ସ୍ଥାନ ଦେଇଥିଲେ । ପଣ୍ଡିତରାଜ ଜଗନ୍ନାଥ ପ୍ରଭୃତି ଏହି ମୋଗଲ ଦରବାରରେ ରହି ସଂସ୍କୃତଚର୍ଚ୍ଚା କରିଥିଲେ । ହେଲେ ଧୀରେ ଧୀରେ ସଂସ୍କୃତର ଲୋକପ୍ରିୟତା ତଥା ରାଜାନୁଗ୍ରହ କମି ଆସିଲା ।

ଭାରତରେ ମହମ୍ମଦ ଘୋରିଙ୍କ ପ୍ରବେଶ, ପରେ ପରେ ମୋଗଲ ରାଜତ୍ୱ ତଥା ପଠାଣ ରାଜତ୍ୱ ଥିଲେ ମଧ୍ୟ ଅନେକ ଦେଶୀୟ ରାଜ୍ୟ ଥିଲା, ଯହିଁରେ ହିନ୍ଦୁରାଜାମାନେ ଥିଲେ । ସେମାନେ ପୂରାପୂରି ସଂସ୍କୃତକୁ ଉତ୍ସାହିତ କରୁଥିଲେ । ଉଦାହରଣତଃ ଆମ ଓଡ଼ିଶାରେ ଗଡ଼ଜାତ ଓ ମୋଗଲବନ୍ଦୀ ଅଞ୍ଚଳରେ ହିନ୍ଦୁରାଜାମାନେ ଥିଲେ । ସେମାନେ ସଂସ୍କୃତକୁ ବଞ୍ଚାଇ ରଖି ପଣ୍ଡିତମାନଙ୍କୁ ଉତ୍ସାହିତ କରିଥିଲେ ଓ ସେହି ସମୟରେ ଅନେକ ସଂସ୍କୃତ ଗ୍ରନ୍ଥ ରଚିତ ହୋଇପାରିଥିଲା । ତ୍ରୟୋଦଶ ଶତକଠାରୁ ଦେଖି ବସିଲେ, କବି ଉମାପତି (ଖ୍ରୀ: ୧୨୭୧–୭୮), ସାନ୍ଧିବିଗ୍ରହିକ ଚନ୍ଦ୍ରଶେଖର ମହାପାତ୍ର (ଖ୍ରୀ:୧୩୩୫...), ସହୃଦୟାନନ୍ଦର ଲେଖକ କୃଷ୍ଣାନନ୍ଦ ସାନ୍ଧିବିଗ୍ରହିକ ମହାପାତ୍ର, (ଚତୁର୍ଦ୍ଦଶଶତକ), ସାହିତ୍ୟ ଦର୍ପଣାଦିର ଲେଖକ ବିଶ୍ୱନାଥ କବିରାଜ (ଚତୁର୍ଦ୍ଦଶ ଶତକ), ଲୋଚନଟୀକା ସାହିତ୍ୟ ଦର୍ପଣ ଉପରେ ପ୍ରଣେତା ଅନନ୍ତ ଦାସ (ପଞ୍ଚଦଶ ଶତକ), ରାଜା ପୁରୁଷୋତ୍ତମ ଦେବ (ଅଭିନବ ଗୀତ ଗୋବିନ୍ଦର ଲେଖକ–ପଞ୍ଚଦଶ ଶତକ), ରାୟରାମାନନ୍ଦ (ଜଗନ୍ନାଥ ବଲ୍ଲଭ ନାଟକର ଲେଖକ–ଷୋଡ଼ଶ ଶତକ), ଅଭିଧାନ ସମୁଚ୍ଚୟର ଲେଖକ ଚିନ୍ତାମଣି ମିଶ୍ର (ଖ୍ରୀ:ଅ:୧୫୭୪), ମୁଦିତମାଧବମ୍‌ର ଲେଖକ ଶତଞ୍ଜୀବ ମିଶ୍ର (ଖ୍ରୀ:୧୬୫୦), ମୁକୁନ୍ଦ ବିଳାସଂର ଲେଖକ ଯତୀନ୍ଦ୍ର ରଘୁନାଥପୁରୀ (ଖ୍ରୀ:୧୬୨୦), ଶ୍ରୀକୃଷ୍ଣ ମହାକାବ୍ୟର ଲେଖକ ନିତ୍ୟାନନ୍ଦ (ଖ୍ରୀ: ୧୬୯୦), ମଣିମାଳା ନାଟୀକାର ଲେଖକ ଅନାଦି ମିଶ୍ର (ଖ୍ରୀ:୧୬୮୮), ଇତ୍ୟାଦି ଓଡ଼ିଶାର ଅନେକ ବିଦ୍ୱାନ ଏହି ସମୟରେ ସଂସ୍କୃତରେ ଗ୍ରନ୍ଥମାନ ପ୍ରଣୟନ କରି ସାରା ଭାରତରେ ନିଜର ବିସ୍ତୃତ ଧାରାକୁ ବ୍ୟକ୍ତ କରିପାରିଥିଲେ । ଓଡ଼ିଶା ଭଳି ଭାରତର ଅନ୍ୟାନ୍ୟ ପ୍ରାନ୍ତରେ ମଧ୍ୟ ଏହିପରି ସଂସ୍କୃତ ଚର୍ଚ୍ଚା ହୋଇଥିଲା ।

ଇଂରେଜମାନେ ଖ୍ରୀ: ୧୮୦୩ରେ ଓଡ଼ିଶାକୁ ନିଜର ଅଧୀନକୁ ଆଣିଲେ । ତାହାପୂର୍ବରୁ ଭାରତର ଅନ୍ୟାନ୍ୟ ଅଞ୍ଚଳ ସେମାନଙ୍କର କରଗତ ହୋଇଥିଲା । ଏହି ଊନବିଂଶ ଶତାବ୍ଦୀରେ ମଧ୍ୟ ଭାରତରେ ଅନେକ ସଂସ୍କୃତ ଗ୍ରନ୍ଥ ପ୍ରଣୀତ ହୋଇଥିଲା । ହେଲେ ରାଜାନୁଗ୍ରହର ଅଭାବକୁ ତଥା ଇଂରାଜୀ ଶିକ୍ଷାର ପ୍ରସାର ହେତୁ ଆଉ ସଂସ୍କୃତ ସେପରି ଲୋକପ୍ରିୟ ହୋଇପାରିଲା ନାହିଁ । ବିଂଶ ଶତାବ୍ଦୀ ବେଳକୁ ଏପରି ଅବସ୍ଥା ଉପୁଜିଲା ଯେ, ଲୋକେ ଆଉ ସହଜରେ ସଂସ୍କୃତ ବୁଝିପାରିଲେ ନାହିଁ । ତେଣୁ ଭାରତ ସ୍ୱାଧୀନ ହେବାପରେ ଯେତେବେଳେ ବିଚାର ପଡ଼ିଲା ଯେ, ଭାରତର ରାଷ୍ଟ୍ରଭାଷା କାହାକୁ କରିବା, ସେତେବେଳେ ସଂସ୍କୃତର କନ୍ୟା ତଥା ଉତ୍ତର ଭାରତ ଓ ମଧ୍ୟ ଭାରତର ଆଧୁନିକ ଭାଷା ହିନ୍ଦିକୁ ରାଷ୍ଟ୍ରଭାଷା କରିବା ପାଇଁ ପ୍ରସ୍ତାବ ଆସିଲା । ମାତ୍ର, ଏହାକୁ ଦକ୍ଷିଣ ଭାରତରେ ବିରୋଧ କରାଗଲା । ପରମ୍ପରାକୁ ଭଙ୍ଗ ନକରି ଭାରତରେ କାଳେ କାଳେ ସଂଯୋଗ ରକ୍ଷା କରିଥିବା ତଥା ଭାରତର ସାଂସ୍କୃତିକ ଐକ୍ୟ ପ୍ରତିଷ୍ଠା କରୁଥିବା ସଂସ୍କୃତ ଭାଷାକୁ ରାଷ୍ଟ୍ରଭାଷା ଭାବରେ ଗ୍ରହଣ କରି ନେଇଥିଲେ ହୁଏତ ଅଧିକତର ସମୀଚୀନ ହୋଇଥାନ୍ତା ।

ସାତରାପୁର ରୋଡ଼, ଭୁବନେଶ୍ୱର–୨



କୌଣସି ଏକ ଶ୍ରେଷ୍ଠ ଜାତିର ଭାଗ୍ୟରେ ଅବହେଳା ଓ ଅବଜ୍ଞା ବେଶୀ ଦିନ ରହେ ନାହିଁ । ସେଥିପାଇଁ କବିମାନେ ଭାଗ୍ୟକୁ ଚକ୍ରର ସହିତ ତୁଳନା କରିଥାନ୍ତି । ବ୍ୟକ୍ତିର ଭାଗ୍ୟପରି ଜାତିର ଭାଗ୍ୟ ମଧ୍ୟ ପରିବର୍ତ୍ତନଶୀଳ ।

# ସାର୍ଥକ ସ୍ୱପ୍ନ

## ସ୍ୱପ୍ନ ଚମା କପିଳା

• ଶ୍ରୀ ଦେବେନ୍ଦ୍ରନାଥ ଦଳ,

ଚତୁଃପାର୍ଶ୍ୱରେ ଅତ୍ୟୁଚ୍ଚ ପର୍ବତଶ୍ରେଣୀ । ତା'ର ପାଦ ଦେଶରେ ସବୁଜ ଭରା ବୃକ୍ଷ ଲତା । ଅଳ୍ପଦୂରରେ ଠିକ୍ ଗୁରୁଣ୍ଡିଆ ରାଉରକେଲାର ପ୍ରଧାନ ସଡ଼କ ନିକଟରେ ଏକ ଛୋଟ କୁଡ଼ିଆଘର ସେତେବେଳକୁ ସୂର୍ଯ୍ୟଦେବତା ପାହାଡ଼ ଆଢୁଆଳରେ ଲୁଚି ଗଲେଣି । ଅଂଧାର ମାଡ଼ି ଆସୁଛି । ହୀମ ପ୍ରବାହରେ ଗ୍ରାମବାସୀ ଗ୍ରାମବାସୀମାନେ ତାଂକର ଘରର ଦ୍ୱାର ବଂଦକରି ଘରଭିତରେ ରହିଛନ୍ତି । ରାସ୍ତା କଡ଼ର କୁଡ଼ିଆଟି ଗୋଟିଏ ମୁନୀ ଆଶ୍ରମଭଳି ଦେଖାଯାଉଛି । କୁଡ଼ିଆ ଭିତରୁ ଜଣେ ଅର୍ଦ୍ଧ ବୃଦ୍ଧା ଆରେ ସ୍ୱପ୍ନି ସ୍ୱପ୍ନିରେ ଅତରମେ ଚିତ୍କାର କରିକରି ବାହାରକୁ ଆସିଲେ । ତାଂକର କଣ୍ଠ ସ୍ୱରରେ ଆଶଂକା ଭରି ରହିଥାଏ । ସେ ସଡ଼କଟପି ସ୍ୱପ୍ନି ସ୍ୱପ୍ନି ବୋଲି ଚିତ୍କାରକରି ଜଂଗଲଆଡ଼କୁ ଆଗେଇ ଯାଉଥାନ୍ତି କିଛି ସମୟପରେ ହତାଶଭାବ ନେଇ ପ୍ରତ୍ୟାବର୍ତ୍ତନ କଲେ ।

ବାରଣ୍ଡାରେ ସେହିଦିନ ତାଂକ ଘରକୁ ନୂତନଭାବରେ ବୁଣିଆହୋଇ ଆସିଥିବା ୭ ବର୍ଷର ଝିଅଟି ଠିଆହୋଇ ପଚାରିଲା ଆଲେ ସ୍ୱପ୍ନି କିଏଲେ ? କାହିଁକି ଏ ସଂଜ ବେଳଟାରେ ଏମିତି ପାଟି କରୁଛୁ ? ଆଲେ ସ୍ୱପ୍ନି ମୋ ସ୍ୱପ୍ନିକୁ ଡାକୁଛି । ସ୍ୱପ୍ନି କୁଆଡ଼େ ଗଲା । ଆଉ ଘଡ଼ିକେ ରାତିହୋଇଯିବ । ଜଂଗଲରୁ ହିଂସ୍ରଜନ୍ତୁମାନେ ବାହାରି ଆସିବେ । ତାକୁ ମାରିପକାଇବେ । ହେଇଟି ଶୁଣ, ଶିଆଳଟା କିପରି ଗାତଭିତରୁ ହୁକେ ହୋ ଲୁହି ବାହାରିଲାଣି । ମୋ ସ୍ୱପ୍ନିକୁ ମାରିଦେବ କହି ସ୍ତ୍ରୀଲୋକଟି ପ୍ରାୟ କାଂଦିବାକୁ ଆରମ୍ଭକଲେ । ଠିକ୍ ସେହିସମୟରେ କୁଡ଼ିଆର ବାଡ଼କଡ଼ରେ ସଡ ସଡ ଶବ୍ଦ ଶୁଣି ସ୍ତ୍ରୀ ଲୋକଟି ତରବରହୋଇ କୁଡ଼ିଆ ଭିତରକୁ ପଶିଯାଇ ହାତରେ ଡିବିରିଧରି ସେହିପରି କ୍ଷୀପ୍ର ଗତିରେ ବାଡ଼ ନିକଟକୁଗଲେ । ମୁହଁରେ ଆନନ୍ଦର ଚିହ୍ନ ପରିସ୍ଫୁଟହେଲା ଏବଂ ମୋ ସ୍ୱପ୍ନି ଆସିଲୁ କିଲେ କହି ଛେଳିଟିକୁ କିଳର ଲୁଗା କାନିରେ ବାଂଧି କୁଡ଼ିଆ ଭିତରକୁ ନେଇଗଲେ ।

ଭଁମେଇ ପାଖରେ ବସି ଡ଼ାକିଲେ ଆଲେ ଲୁମି ଶୁଣ । ମୁଁ କାହିଁକି ସ୍ୱପ୍ନିପାଇଁ ଏତେବ୍ୟସ୍ତ ତୁ ଜାଣିବୁ । ଏଇମୋର ଅଗସ୍ତି ମୁନୀଂକ ଆଶ୍ରମର କପିଳା ଗାଈପରି । ମୁନୀ ଆଶ୍ରମକୁ ଯେତେ ଅତିଥି ଆସଥିଲେ କପିଳା ଯେପରି ସମସ୍ତଂକୁ ତାର କ୍ଷୀରଦେଇ ସନ୍ତୁଷ୍ଟ କରୁଥିଲା ମୋର ସ୍ୱପ୍ନି ସେହିପରି ଲେ ମୋର ସମସ୍ତ ଅଭାବ ଅନାଟନକୁ ଘୁଂଚାଇଦେଇ ସାରିଛି । ଦୀର୍ଘ-ନିଶ୍ୱାସମାରି ଆଜକୁ ୯ ବର୍ଷତଳେ ତୋର ଅଜା ଆମକୁ ଛାଡ଼ି ସବୁଦିନପାଇଁ ଚାଲିଗଲେ । ରହିଗଲୁ ମୁଁ, ତୋର ମା, ମାଉସୀ ଓ ଦୁଇ ମାମୁଁ । ଜମିବାଡ଼ି କହିଲେ କିଛିହେଲେ ନାହିଁ । ବଂଚିବ କିପରି । ମୂଲଲଗି ଯାହା ଆଣିଲି ୩ଟା ପେଟକୁ ନିଅଣ । ଏହିପରି ଦୁଶ୍ଚିନ୍ତାରେ ପଡ଼ି ଦିନ କାଟୁଥାଏ । ଦିନେ ଆମର ଭାଗ୍ୟୋଦୟହେଲା । ଏହିଯେଉଁ ଅଫିସ ଦେଖୁଛୁ ସେହି ଅଫିସରେ ଜଣେବାବୁ ସଂଧ୍ୟାବେଳେ ମୁଁ ଏମିତି ନିଆଁ ପାଖରେ ବସିଥାଏ । ମୋର ଆଖିରୁ ଲୁହଝରି ଯାଉଥାଏ । ପଚାରିଲେ ମାଉସୀ ତୁ ପରା ମୁଡ଼ି ବିକୁ ? ମୁଢ଼ି ଅଛିକି ? ମୁଁ କାନ୍ଦକାନ୍ଦ ହୋଇ କହିଲି ବାବୁ ଅଳ୍ପ ମୁଢ଼ିଥିଲା । ପିଲାମାନେ ଖାଇଗଲେ । ମୁଢ଼ିନାହିଁ । ବାବୁଂକର ବୋଧହୁଏ ଦୟାହେଲା । ମୋ ନିକଟକୁ ଆସିଲେ । ନିଆଁ ପାଖରେ ବସିପଡ଼ି ପଚାରିଲେ ମାଉସୀ ତମେ କାଂଦୁଛ କାହିଁକି ? ବାବୁ କଅଣ କହିବି ଦୁଃଖକଥା । ଘରିକୋଣ ଖରଚି ଆଣିଲେ କାଲି ସକାଳପାଇଁ ଖୁଦ ଗଣ୍ଡିଏ ମିଳିବନାହିଁ । ପିଲମାନଂକୁ କଅଣ ଆହାରଦେବି । ହେଉଛି ତମେ ଏଥିପାଇଁ କାଂଦୁଛ । ତମର ରୋଜଗାରବାଟ ମୁଁ କହିଦେଉଛି । ଆଲେ ଘରେବସି ମୁଠା ମୁଠା ପଇସା ପାଇବ । ତମେ କାଲିସକାଳୁ ଆମ ବ୍ଲକ୍ ଅଫିସକୁ ଆସିବ । ମୁଁ ତମ ନାଁ, ଗାଁ ସବୁ ଠିକଣା ନେଇ ଯାଉଛି ! ତମକୁ ସରକାରଂକ ତରଫରୁ ଗୋଟିଏ ୟୁନିଟ ଛେଳି ମିଳିବ । ପାଖରେ ବଣ ଜଂଗଲ ଅଛି ତମେ, ଛେଳିପାଳି ବା ମୁଢ଼ିଭାଜି ବିକିବ । ତୁମ ସଂସାର ସୁଖରେ ଚଳିବ । ସତକୁ ସତ ତା ପରଦିନ ମୋ ନା ଡ଼ାକର ହେଲା ଶ୍ରୀମତୀ ଲକ୍ଷ୍ମୀ ପାତ୍ର, ଅଫିସର କହିଲେ ଯେ ତୁମେ ହାଟକୁ ଯିବ । ଆଜି ତ ଆମ ଗୁରୁଣ୍ଡିଆ ହାଟ । ସେହି ହାଟରୁ ୯ଟି ମାଈଛେଳି ଓ ଗୋଟିଏ ଅଣ୍ଡିରା ଛେଳି ବାଛିବ । ସରକାର ଟଂକାଦେବେ । ସରକାର ଯୋଜନା କରିଛନ୍ତି ଗରୀବ ଅନ୍ତ୍ୟୋଦୟ,

ଭୂମିହୀନ ମାନଂକୁ ଆର୍ଥିକ ସାହାଯ୍ୟଦେଇ ତାଂକ ଅବସ୍ଥାର ପରିବର୍ତ୍ତନ କରିବେ ।

ସଂଜବେଳକୁ ମୁଁ ଆଉ ତୋ'ର ମାଆ ଦୁହେଁ ୧୦ ଗୋଟି ଛେଳିନେଇ ଘରକୁ ଆସିଲୁ । ତାଂକ ଭିତରୁ ଏଇ ଦୁମିଟି କହି ଗୀ ସେକଟି ସୁମି ମୁହଁରେ ଚୁମନଦେଇ ତାକୁ କୋଳକୁ ଆଣିଲ । କହିଲ ମୋର ସଂସାରକୁ ଉଜ୍ଜଳ କରିଛି । ପ୍ରତି ୬ମା ସରୁ ୮ ମାସ ଭିତରେ ୨ଟି ଲେଖାଏଁ ଛୁଆ ପ୍ରସବକରେ । ସେହି ଛୁଆମାନେ ବଣ ଜଂଗଲରେ ଚରାବୁଲକରି ବର୍ଷେହେଲେ ବେଳକୁ ୧୨-୧୪କିଲୋ ଓଜନ ହୋଇଯାଆନ୍ତି । ଅନ୍ୟ ଛେଳିମାନେ ମଧ୍ୟ ଗୁଣ୍ଡୁଚିମୂଷା ସେତୁବଂଧ ବାଂଧିବାପରି ସାହାଯ୍ୟ କରନ୍ତି । ଛେଳି ବିକି ତୋ ମାଆର ବାହାଘର କଲି । ପିଲମାନଂକୁ ଦୁଇଓଳି ଭଲକରି ଖାଇବାକୁ ଦେଇ ପାରୁଛି । ତୋର ମାମୁଁ ଦୁଇଜଣଂକୁ ପାଠ ପଢିବାପାଇଁ ସ୍କୁଲକୁ ପଠାଉଛି । ସେମାନଂକର ପୋଷାକ ଓ ବହିପତ୍ର ସବୁ ମୋର ସୁମି ଦେଉଛି । ଏହା ବ୍ୟତୀତ ତାର କ୍ଷୀର ମଧ୍ୟ ବିକ୍ରି କରୁଛି । ଆମଗାଁର ବୁଢା ବୁଢୀକୁ କି ରୋଗ ଧରିଲ କେଜାଣି ରକତ ବାନ୍ତି କରୁଥିଲ । ଡାକ୍ତର କହିଲେ ଔଷଧ ସାଂଗରେ ଛେଳିକ୍ଷୀର ଖାଇବାପାଇଁ । ସୁମି ତ ଓଳିକୁ ପାଏ ଲେଖାଏଁ କ୍ଷୀର ଦିଏ । ବୁଢାବୁଢୀ ସେହି କ୍ଷୀର ପିଇ ବଂଚିଗଲ । କହୁନୁ ତାକୁ ମୁଁ ମୋର କପିଳା କହିଲି କଅଣ କ୍ଷତିହେଲ । ହଉ ଚାଲେ ରାତି ହେଲଣି ଭାତଖାଇ ଶୋଇପଡ଼ିବା ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ,
ରାଉରକେଲା

## ଉଇଁ ଆସୁଥିବା ସ୍ୱରୂପ

ଭରତଚଂଦ୍ର ବେହେରା

ଆଉ ମାତ୍ର ଅଧଘଣ୍ଟାଏ ଦରବରିଆରାବେ ଗଲିଲେ ଓଡିଶା ଟପି ମଧ୍ୟପ୍ରଦେଶକୁ ଚାଲିଯାଇହେବ । ଭାରତ ଛାଡ଼ ଆନ୍ଦୋଳନରେ ଓଡ଼ିଶାରେ ଶୁଭଦେଇଥିବା ପାପଡ଼ାହାଣ୍ଡି ଖୁବ୍ ନିକଟରେ । ମାତ୍ର ୯ ବର୍ଷର ବାଳକ "ଫିରିଙ୍ଗ ଭାରତଛାଡ଼" "ଆମ ଦେଶକୁ ଆମେ ଚଳାଇବୁ" ବୋଲି ଧ୍ୱନିଦେଇ ସରକାରୀ ଲୋକଙ୍କୁ ଟେକା ପଥର ମାରିଥିବା ତ୍ରିନାଥ ନାୟକଙ୍କୁ ଆଜି ପ୍ରାୟ ୪୯ ବର୍ଷ ଯାଂଭିତରେ ଦେଶ ସ୍ୱାଧୀନ ହେଲ, ହେଲେ ତା'ର ଅବସ୍ଥା ଯାହାଥିଲ-ସେଇଆ । ଘରେ ଏବେବି ବୁଢ଼ୀମା ବଂଚିଛି । ପିଲଛୁଆ ୫ଟା ପ୍ରାୟ ୯ ପ୍ରାଣୀ କୁଟୁମ୍ବକୁ ଗୋଟାଏ ଏକର ଜମି, 'ଢୋଙ୍କେ ପି ଦଣ୍ଡେ ଚି' ଅବସ୍ଥା କରେଇଛି । ବହୁ କଚକଣାପରେ କୋସାଗୁମୁଡ଼ା ବ୍ଲକ୍ ଅଧିକାରୀ ଗତ ୧୯୮୨-୮୩ ସାଲରେ ଟ୩,୦୦୦ ଦେଲେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନାରେ ତା ମନରେ ଏଇନୂଆ ଆର୍ଥିକ ସ୍ୱାଧିନତା ସ୍ୱାଦ ଲାଭ ହେବାକୁ ଆହ୍ୱାନକଲ । ନିକଟସ୍ଥ ଜଗଦଲପୁର ମାର୍କେଟରୁ ଲୁଗାପଟା ଖର୍ଦ୍ଦିକରି ଦୋକାନ ଦେଲ । କଠିନ ପରିଶ୍ରମକରି, ନିଜର ଆଠପ୍ରାଣୀ କୁଟୁମ୍ବକୁ ଚଳେଇ ସିଏ ବ୍ୟାଙ୍କର ସବୁଟଙ୍କା କାଲନ୍ତରସହ ଶୁଝିଲ । ଦୋକାନ ବଢ଼ାଇବାକୁ ବ୍ୟାଙ୍କ ଅଧିକାରୀ ବ୍ଲକ୍ ଅଧିକାରୀଙ୍କୁ ଅନୁରୋଧ କଲେ । ଗତ ୧୯୮୬-୮୭ସାଲରେ ପୁଣି ଟ୩,୦୦୦ଙ୍କା ପାଇଛି । ଏ ଅଞ୍ଚଳରେ ପ୍ରଗତି, ଭାବହାଣ୍ଡିରୁ ଗୋଟାଏ କି ଦିଟା ଚିପି ପରୀକ୍ଷା କଲପରି ରଘୁନାଥ ବିଶୋଇ ଆଉ ରାମ ଝିପାଲଙ୍କ ପାନ ଦୋକାନ ଓ ଚେହରାତି ଦୋକାନରୁ ହିଁ ପରୀକ୍ଷାକରିହେବ । ଏମାନଙ୍କ ମତରେ ଆମ ଉନ୍ନତି ଆମ ହାତରେ । ଯେପରି ଉଇଁ ଆସୁଥିବା ସ୍ୱରୂପକୁ କେହି ଅଟକାଇ ପାରିବେନି । ଆମ ଉନ୍ନତିକୁ ସେହିପରି କେହି ରୋକିପାରିବେନି ।

ଉ. ସୁ ଓଲୋ.ଇଂ ଅଧିକାରୀ

## ବିକଳାଙ୍ଗ ଯୁବକର ସ୍ୱପ୍ନ ସାର୍ଥକ ହେଲା

ଶ୍ରୀ ବରଦା ପ୍ରସନ୍ନ ଦାସ

ଟିଟିଲାଗଡ଼ ବ୍ଲକ୍ ଲୁଥରବନ୍ଧ ଗ୍ରାମର ଶାରୀରିକ ବିକଳାଙ୍ଗ ୩୫ ବର୍ଷ ବୟସର ଯୁବକ ଶ୍ରୀ ଭୋଳାନାଥ ନାୟକ । ନିଜର ଜୀବିକା ଅର୍ଜନ ନିମନ୍ତେ ଘୁରିବୁଲୁଥାଏ ଗୋଟିଏ ପନ୍ଥା ଖୋଜିବାରେ । ବିଗୁରି କ'ଣ କରିବ ! କେତେ କାହାପାଖକୁ ଯିବ । ଯାଇ ଯାଇ ଥକି ପଡ଼ିଲଣି । ମାତ୍ର ଧୈର୍ଯ୍ୟ ହରାଇ ନଥାଏ । ହଠାତ ଦିନେ ବି.ଡ଼ି.ଓ. ଙ୍କ ସଙ୍ଗେ ଭେଟ ହୋଇ ସରକାରଙ୍କ ଆଇ. ଆର.ଡ଼ି.ପି. ଯୋଜନା ସଂପର୍କରେ ଅବଗତ ହେଲ ଏବଂ ବି.ଡି.ଓ. ତାକୁ ଆର୍ଥିକ ସାହାଯ୍ୟ ଯୋଗାଇଦେବା ପାଇଁ ପଦକ୍ଷେପ ନେଲେ । ଫଳରେ ସେ ନିଜ ଚେଷ୍ଟାରେ ତା୬-୬-୮୬ରେ ଷ୍ଟେଟବ୍ୟାଙ୍କରୁ ଟ୪୫୦୦ଙ୍କା ଋଣନେଇ ଟିଟିଲାଗଡ଼ର କଚେରୀ ପାଖରେ ଗୋଟିଏ ପାନ ଦୋକାନ ଆରମ୍ଭ କଲ । ସରକାରଙ୍କ ତରଫରୁ ତାକୁ ୫୦୦ଟଙ୍କା ଛାଡ଼ ମିଳିଲ । କ୍ରମେ ସେ ପାନ ଦୋକାନଟିରୁ ଲଭ୍ୟାଂଶରକ ଜମାରଖି ସେଥିରୁ ତାର ଗୁଜରାଣ ମେଣ୍ଟାଇଲ । ବ୍ୟାଙ୍କର ମୂଳଧନ ଓ ସୁଧସହ ଆସ୍ତେ ଆସ୍ତେ ସେ ସମସ୍ତ ଟଙ୍କା ପରିଶୋଧ କରିସାରି ବର୍ତ୍ତମାନ ସେ କେବଳ ସଫଳ ହେଇନାହିଁ ଆହୁରି ବ୍ୟାଙ୍କ କର୍ତ୍ତୃପକ୍ଷ ଖୁସିହୋଇ ତାର ବ୍ୟବସାୟକୁ ବଢ଼ାଇବା ପାଇଁ ଆହୁରି ଅଧିକା ଆର୍ଥିକ ସାହାଯ୍ୟ ଦେବାପାଇଁ ନିଷ୍ପତ୍ତି ନେଇଛନ୍ତି । ତେଣୁ ସେ ବିକଳାଙ୍ଗ ହେଲେ ମଧ୍ୟ ତାର ଉଦ୍ୟମ ଯୋଗୁଁ ସେ ଆଜି ନିଜ ଗୋଡ଼ରେ ନିଜେ ଛିଡ଼ାହୋଇ ତାର ପରିବାର ଭରଣପୋଷଣ ଦାୟିତ୍ୱ ତୁଲାଇବାରେ ସକ୍ଷମ ହୋଇଛି ।

ଅ: ସୂଚନା ଓ ଲୋକ ସଂପର୍କ
ଅଧିକାରୀ, ଟିଟିଲାଗଡ଼

## ବଲାଙ୍ଗୀର ଜିଲ୍ଲାରେ ୧୯୮୭-୮୭ ବର୍ଷର ସଫଳତା

ଶ୍ରୀ ରଜନୀକାନ୍ତ ଶବର

ବଲାଙ୍ଗୀର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ, ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଏବଂ ମରୁଡ଼ି ପରିସ୍ଥିତିଜନିତ ଶ୍ରମଭିତ୍ତିକ କାର୍ଯ୍ୟକ୍ରମ ସବୁର ଡ଼ିସେମ୍ବର ୧୯୮୭ ସୁଦ୍ଧା ବାର୍ଷିକ ଅଗ୍ରଗତି ସମୀକ୍ଷା ହୋଇଥିଲ । ବଲାଙ୍ଗୀର ଜିଲ୍ଲାପାଳ ଶ୍ରୀ ରମେଶଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିମ୍ନ ପ୍ରକାରେ ବର୍ଷକ ମଧ୍ୟରେ ଜିଲ୍ଲାରେ କାର୍ଯ୍ୟକ୍ରମ ସବୁର ସଫଳତା ହାସଲ ହୋଇ ପାରିଥିଲ ।

ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କାର୍ଯ୍ୟକ୍ରମରେ ଆଇ:ଆର:ଡ଼ି:ପି: ମାଧ୍ୟମରେ ନୂତନ ଓ ପୁରାତନ ହିତାଧିକାରୀ ଉପକୃତ ଦିଗରେ ଚଳିତ ଆର୍ଥିକ ବର୍ଷରେ ଡ଼ିସେମ୍ବର ମାସ ଶେଷ ସୁଦ୍ଧା

ମୋଟ ଧାର୍ଯ୍ୟ ଲକ୍ଷ୍ୟ ୧୯,୫୦୦ ସ୍ଥଳେ ୧,୯୩୮ ଜଣ ହରିଜନ, ୧,୪୬୩ ଜଣ ଆଦିବାସୀଙ୍କୁ ମିଶାଇ ମୋଟ ୬,୯୪୧ ଜଣଙ୍କୁ ଉପକୃତ କରାଯାଇ ପାରିଛି । ଏନ୍:ଆର:ଇ:ପି: ଯୋଜନାରେ ୯ ଲକ୍ଷ ଶ୍ରମଦିବସ ଧାର୍ଯ୍ୟ ଲକ୍ଷ୍ୟ ସ୍ଥଳେ ୧୧.୬୩ ଲକ୍ଷ ଶ୍ରମ ଦିବସ ଏବଂ ଆର:ଏଲ:ଇ:ଜି:ପି: ଯୋଜନାରେ ୮.୨୮ ଲକ୍ଷ ଶ୍ରମ ଦିବସର ଧାର୍ଯ୍ୟ ଲକ୍ଷ୍ୟ ସ୍ଥଳେ ୧୨.୦୩ ଲକ୍ଷ ଶ୍ରମ ଦିବସ ସୃଷ୍ଟି ହୋଇ ପାରିଥିଲା । କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ୧୬୦ ଗୋଟି ୟୁନିଟ୍ ଧାର୍ଯ୍ୟ ଲକ୍ଷ୍ୟ ସ୍ଥଳେ ୬୫ ଗୋଟି ଏବଂ କାରୀଗରୀଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଧାର୍ଯ୍ୟଲକ୍ଷ୍ୟ ୫,୬୦୦ ୟୁନିଟ୍ ସ୍ଥଳେ ୨,୨୪୮ ଗୋଟି ପ୍ରତିଷ୍ଠା ହୋଇ ପାରିଛି ।

ବର୍ଷା ଜଳ ଉପରେ ନିର୍ଭର କରୁଥିବା କୃଷିର ବିକାଶ କାର୍ଯ୍ୟକ୍ରମରେ ଜଳସେଚନ ସୁବିଧା ପାଇଁ ୧୧ ଗୋଟି ଜଳ ଅମଳ ପ୍ରକଳ୍ପ ନିର୍ମାଣ ଧାର୍ଯ୍ୟ ଲକ୍ଷ୍ୟସ୍ଥଳେ ଡ଼ିସେମ୍ବର ମାସରେ ୧୪ଟି ପ୍ରକଳ୍ପ ନିର୍ମାଣ ହୋଇ ଏଯାଏଁ ସମୁଦାୟ ୨୬ଟି ନିର୍ମାଣ ହୋଇଛି । ଘାସ ଜମିର ଉନ୍ନତି ବିଧାନ କାର୍ଯ୍ୟକ୍ରମରେ ୩୮୦ ହେକ୍ଟର ଧାର୍ଯ୍ୟଲକ୍ଷ୍ୟ ସ୍ଥଳେ ୨୮୧ ହେକ୍ଟର ଜମିର ଉନ୍ନତି ବିଧାନ ହୋଇ ପାରିଛି । ଜଳସେଚନ ପରିସର ବୃଦ୍ଧି କାର୍ଯ୍ୟକ୍ରମରେ ୧,୦୦୦ ହେକ୍ଟର ଧାର୍ଯ୍ୟଲକ୍ଷ୍ୟସ୍ଥଳେ ୬୬୦ ହେକ୍ଟର ଅଧିକ ଜମିକୁ ଜଳ ସେଚନ ପରିସର ଭୁକ୍ତ କରାଯାଇଥିଲା ।

ଜଙ୍ଗଲ ସଂପଦ ବୃଦ୍ଧି ସାଧନ କ୍ଷେତ୍ରରେ ୧,୨୫୦ ହେକ୍ଟର ଧାର୍ଯ୍ୟଲକ୍ଷ୍ୟ ସ୍ଥଳେ ୪୪୭ ହେକ୍ଟର ଜମିରେ ବୃକ୍ଷ ରୋପଣ କରାଯାଇଥିଲା ।

ଜଳସେଚନ ବ୍ୟବସ୍ଥାର ଉନ୍ନତି ଉପଯୋଗ ଦିଗରେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ୫୨୮ ହେକ୍ଟର, ବନୀକରଣ ବିଭାଗ ଦ୍ୱାରା ୪୦୦ ହେକ୍ଟର ଏବଂ କାଡ଼ା ସଂସ୍ଥା ୧,୧୬୧ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ହୋଇଛି । କୃଷକମାନଙ୍କୁ ଏହି ବର୍ଷରେ ୧୬ ଗୋଟି କୃଷି ତାଲିମ ଦିଆଯାଇଥିଲା । ବୃହତ୍ ଓ ମଧ୍ୟମ ଜଳ ସେଚନ ଯୋଜନା ମାଧ୍ୟମରେ ୨୬.୭୧ ଲକ୍ଷ ହେକ୍ଟର ଜଳସେଚନର ସୁବିଧା ହାସଲ ହୋଇଥିବା ସ୍ଥଳେ ଲୋକମାନଙ୍କର ବ୍ୟକ୍ତିଗତ ଚେଷ୍ଟାରେ ୧.୮୨ ଲକ୍ଷ ହେକ୍ଟର ଜମିରେ ଜଳସେଚନର ସୁବିଧା ହାସଲ ହୋଇଥିଲା । ଅଧିକ ଶସ୍ୟ ଉତ୍ପାଦନ କାର୍ଯ୍ୟକ୍ରମରେ ୫୨.୮୫ ହଜାର ମେଟ୍ରିକଟନ୍ ଧାନ ୦.୭୪୫ ହଜାର ମେଟ୍ରିକ୍ ଟନ ତୈଳବୀଜ ଏବଂ ୩.୬୨୫ ହଜାର ମେଟ୍ରିକ୍ ଟନ ଡାଲିଜାତୀୟ ଶସ୍ୟ ଉତ୍ପାଦିତ ହୋଇଛି । ଭୂସଂସ୍କାର ବ୍ୟବସ୍ଥାର ସଫଳ ରୂପାୟନ ଦିଗରେ ୩୪ ଜଣ ହରିଜନ ଏବଂ ୬୮ ଜଣ ଆଦିବାସୀଙ୍କ ସମେତ ମୋଟ ୧୧୪ ଜଣଙ୍କୁ ୧୨୫.୨୩୦ ଏକର ବଳକା ଜମି ବିତରଣ କରାଯାଇଛି ।

ଗ୍ରାମାଞ୍ଚଳ ଶ୍ରମିକ ଶ୍ରେଣୀ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୭୨୫ ଧାର୍ଯ୍ୟଲକ୍ଷ୍ୟ ସ୍ଥଳେ ୩୨୦ ଜଣ ଗୋଟି ଶ୍ରମିକଙ୍କୁ ମୁକ୍ତ କରାଯାଇ ଥଇଥାନ କରିବାର ବ୍ୟବସ୍ଥା ହୋଇଥିଲା ।

ବିଶୁଦ୍ଧ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମରେ ୨୬୬ ଗୋଟି ଜଳଦୁର୍ଭିକ୍ଷ ଗ୍ରାମରେ ୯,୭୩୨ ଜଣ ହରିଜନ ଏବଂ ୯,୫୧୫ ଜଣ ଆଦିବାସୀଙ୍କ ସମେତ ମୋଟ ୫୫,୩୧୪ ଜଣଙ୍କୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ହୋଇପାରିଛି ।

ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଓ ଚିକିତ୍ସା ସୁବିଧା କାର୍ଯ୍ୟକ୍ରମରେ ୧୬,୭୧୩ ଜଣଙ୍କୁ ଡ଼ି. ପି. ଟି., ୪,୨୪୩ ଜଣଙ୍କୁ ଡ଼ି. ଟି., ୧,୫୪୦ ଜଣଙ୍କୁ ପୋଲିଓ, ୨୨,୧୦୨ ଜଣଙ୍କୁ ବି. ସି. ଜି. ଏବଂ ୨୧,୨୬୪ ଜଣଙ୍କୁ ଟିଟାନସ ପ୍ରଭୃତି ଟିକାଦାନ କରାଯାଇଛି । ସେହିପରି ଦୁଇସନ୍ତାନ ନୀତିର ରୂପାୟନ କାର୍ଯ୍ୟକ୍ରମରେ ୩,୭୯୧ ଜଣଙ୍କୁ ଅସ୍ତ୍ରୋପଚାର, ୩,୮୮୧ ଜଣଙ୍କୁ ଆଇ. ୟୁ. ଡ଼ି., ୭,୨୩୨ ଜଣଙ୍କୁ କପରଟି, ୧,୭୦୭ ଜଣଙ୍କୁ ଜନ୍ମନିରୋଧ ବଟିକା ଯୋଗାଇ ଦିଆଯାଇଛି ।

ବଲାଙ୍ଗୀର ଜିଲ୍ଲାରେ ଗତ ବର୍ଷରେ ଦୁଇଟି ସନ୍ତାନ ପରେ ଅସ୍ତ୍ରୋପଚାର କରି ସବୁଜ ପତ୍ରିକା ପାଇଥିବା ଏବଂ ଲଟେରୀ ମାଧ୍ୟମରେ ୧୦,୦୦୦ ଟଙ୍କା ଲେଖାଏଁ ପାଇବାକୁ କେତେକ ମହିଳା ଯୋଗ୍ୟା ବିବେଚିତା ହୋଇପାରିଛନ୍ତି । ସେମାନଙ୍କ ମଧ୍ୟରେ ଇଂସା ଗ୍ରାମର ଶ୍ରୀମତୀ ମିଂକି ବେହେରା, ଡଂଗରପଡ଼ା ଗ୍ରାମର ଶ୍ରୀମତୀ ସଜନୀ ଭୋଇ ଏବଂ ଟେଙ୍ଗରା ପଦର ଗ୍ରାମର ଶ୍ରୀମତୀ ଶଙ୍କି ବେହେରା ଅନ୍ତର୍ଭୁକ୍ତ । ସ୍ୱତନ୍ତ୍ର ଉତ୍ସବମାନଙ୍କରେ ଜିଲ୍ଲାପାଳ ସେମାନଙ୍କୁ ସବୁଜ ପତ୍ରିକା ସହ ୧୦,୦୪୦ ଟଙ୍କାର ଚେକ୍ ପ୍ରଦାନ କରିଥିଲେ ।

ଶିକ୍ଷାର ସଂପ୍ରସାରଣ କ୍ଷେତ୍ରରେ ୬ ବର୍ଷରୁ ୧୩ ବର୍ଷ ବୟସ ୧,୩୯,୨୪୦ ଜଣ ବାଳକ ଏବଂ ୮୮,୯୩୬ ଜଣ ବାଳିକା ସମେତ ମୋଟ ୨,୨୮,୧୭୬ ଜଣ ନାମ ଲେଖାଇଥିଲେ । ପ୍ରୌଢ଼ ଶିକ୍ଷା ସାକ୍ଷର ଯୋଜନାରେ ବଲାଙ୍ଗୀର ଏବଂ ଟିଟିଲାଗଡ଼ ପ୍ରକଳ୍ପ ଅଧୀନରେ ପ୍ରତ୍ୟେକ କେନ୍ଦ୍ରରେ ୩୦ ଜଣ ଲେଖାଏଁ ଗ୍ରହଣ କରି ମୋଟ ୬୦୦ କେନ୍ଦ୍ରରେ ମୋଟ ୧୮,୦୦୦ ପ୍ରୌଢ଼ ଓ ପ୍ରୌଢ଼ାଙ୍କୁ ନାମ ଲେଖାଇ, ଆବଶ୍ୟକ ସରଞ୍ଜାମ ଯୋଗାଇ ଶିକ୍ଷା ଦିଆଯାଇଛି । ଏଥିପାଇଁ ପ୍ରତ୍ୟେକ ପ୍ରକଳ୍ପ ମାଧ୍ୟମରେ ୧ ଲକ୍ଷ ୩୬ ହଜାର ୫୦୦ ଟଙ୍କା ଯୋଗାଇ ଦିଆଯାଇଛି ।

ଅନୁସୂଚିତ ଜାତି ଓ ସଂପ୍ରଦାୟର ଲୋକଙ୍କୁ ନ୍ୟାୟଦାନ କାର୍ଯ୍ୟକ୍ରମରେ ୪,୪୧୬ ଜଣ ଧାର୍ଯ୍ୟଲକ୍ଷ୍ୟ ସ୍ଥଳରେ ୬,୧୬୬ ଜଣ ହରିଜନ ଏବଂ ୭,୯୨୯ ଜଣ ଆଦିବାସୀଙ୍କ ଧାର୍ଯ୍ୟଲକ୍ଷ୍ୟ ସ୍ଥଳେ ୫,୯୬୯ ଜଣଙ୍କୁ ଉପକୃତ କରାଯାଇ ପାରିଛି ।

ବାସହୀନଙ୍କପାଇଁ ବାସଗୃହ ଯୋଗାଣ କାର୍ଯ୍ୟକ୍ରମରେ ୧,୨୦୦ ପରିବାର ଧାର୍ଯ୍ୟଲକ୍ଷ୍ୟ ସ୍ଥଳେ ୧,୩୪୨ ଟି ପରିବାରଙ୍କୁ ବାସପଯୋଗୀ ସ୍ଥାନ ବିତରଣ କରାଯାଇଛି ଏବଂ ଇନ୍ଦିରା ଆବାସ ଯୋଜନାରେ ୨୫୫ଟି ହରିଜନ ଆଦିବାସୀ ପରିବାର ଧାର୍ଯ୍ୟଲକ୍ଷ୍ୟ ସ୍ଥଳରେ ୨୯୯ ଟି ପରିବାରଙ୍କୁ ବାସଗୃହ ଯୋଗାଇ ଦିଆଯାଇଛି ।

ବସ୍ତି ଅଞ୍ଚଳର ଉନ୍ନୟନ କାର୍ଯ୍ୟକ୍ରମରେ ୧,୦୦୦ ଟି ଅଞ୍ଚଳରେ ଆବଶ୍ୟକ ଅନୁପାତରେ ଉନ୍ନତି ବିଧାନ କରାଯାଇପାରିଛି । ଅଧିକତର ଜଙ୍ଗଲ ସୃଷ୍ଟି କାର୍ଯ୍ୟକ୍ରମରେ ବନୀକରଣ ବିଭାଗ ଜରିଆରେ ୧,୧୭,୮୦,୮୦୦ ବୃକ୍ଷ ଚାରା ଉଦ୍ୟାନ ବିଭାଗ ଜରିଆରେ ୧,୨୬,୭୨୦ ଟି ବୃକ୍ଷ ଚାରା ଏବଂ ମୃତ୍ତିକା ସଂରକ୍ଷଣ ବିଭାଗ ଜରିଆରେ ୧୧,୦୨,୨୦୦ ଟି ବୃକ୍ଷ ଚାରା ରୋପଣ କରାଯାଇ ପାରିଛି ।

ଖାଉଟିମାନଙ୍କ ସ୍ୱାର୍ଥରକ୍ଷା କାର୍ଯ୍ୟକ୍ରମରେ ୨ ଗୋଟି ଅଧିକା ସ୍ଥାନରେ ସୁଲଭ ମୂଲ୍ୟ ଦୋକାନ ଖୋଲାଯାଇ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି । ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ଶକ୍ତି ଯୋଗାଣ କାର୍ଯ୍ୟକ୍ରମରେ ୬ ଗୋଟି ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇ ପାରିଥିଲା ଏବଂ ୭୧ ଟି ପମ୍ପସେଟକୁ ବୈଦ୍ୟୁତିକରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୪୪୮ ଟି ଉନ୍ନତି ଚୁଲ୍ଲୀ ଯୋଗାଇ ଦିଆଯାଇଥିଲା ଏବଂ ୧୫୦ ଗୋଟି ଗୋବର ଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା ହୋଇ ପାରିଥିଲା ।

ବଲାଙ୍ଗୀର ଜିଲ୍ଲାରେ ୧୯୮୬-୮୭ ଆର୍ଥିକ ବର୍ଷରେ ଅଭୂତ-ପୂର୍ବ ମରୁଡ଼ି ପରିସ୍ଥିତି ଦେଖାଯାଇ ଥିଲା । ଏହି ପରିପ୍ରେକ୍ଷୀରେ ଭୟାବହ ମରୁଡ଼ି ପରିସ୍ଥିତିର ମୁକାବିଲା କରିବା ପାଇଁ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ବେହେରାଙ୍କ ଅଧିନାୟକତ୍ୱରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ସକ୍ରିୟ ସହଯୋଗ କରିଥିଲେ ଏବଂ ଯଥୋପଯୁକ୍ତ ଉଦ୍ୟମ କରି ସଫଳ ଭାବରେ ଏହାର ମୁକାବିଲା କରିପାରିଥିଲେ । ମରୁଡ଼ି ପ୍ରତିକାର ପାଇଁ ଜିଲ୍ଲାର ୨୦ ଟି ବ୍ଲକ୍‌କୁ ୧୦୧ ଲକ୍ଷ ଟଙ୍କା ଅର୍ଥ ଅନୁଦାନ ଯୋଗାଇ ଦିଆଯାଇଥିଲା । ଏହି ଦିଗରେ ୬୫୧ ଟି କାମ ହାତକୁ ନେଇ ୨୩୭ ଟି କାମ ଗତ ଡିସେମ୍ବର ସୁଦ୍ଧା ସମାପ୍ତ ହୋଇଥିଲା । ଏଥିପାଇଁ ୫୮,୪୦,୯୧୮ ଟଙ୍କା ଖର୍ଚ୍ଚ ହୋଇଛି ।

ପୋଷ୍ଟ ଅଫିସ ପୁନଃପୌନିକ ଜମା ଯୋଜନାରେ ୨୪,୨୫,୫୦୦ ଟଙ୍କା, ଜାତୀୟ ସଞ୍ଚୟ ଯୋଜନା ସାର୍ଟିଫିକେଟ ଷଷ୍ଠ ପ୍ରଚଳନରେ ୨୪,୯୫,୫୦୯ ଟଙ୍କା, ଇନ୍ଦିରା ବିକାଶ ପତ୍ର ଯୋଜନାରେ ୫୫,୮୫,୫୦୦ ଟଙ୍କା, ମାସିକ ଆୟ ଯୋଜନାରେ ୯,୮୪,୨୦୦ ଟଙ୍କା ଜମା ହୋଇଛି । ଏହିପରି ସର୍ବମୋଟ ଜମାର ପରିମାଣ ୮୭,୬୮,୭୩୭ ଟଙ୍କା ଏହି ଜିଲ୍ଲା ତରଫରୁ ହୋଇ ପାରିଛି ।

ବଲାଙ୍ଗୀର ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗର କ୍ଷେତ୍ରକର୍ମଚାରୀ ମାନଙ୍କ ଦ୍ୱାରା ଗତ ବର୍ଷକ ମଧ୍ୟରେ ୬୭୫ ଗୋଟି ଗୋଷ୍ଠୀ ଆଲୋଚନା, ୪୩୫ ଗୋଟି ସାଧାରଣ ସଭା ଏବଂ ୨୧୨ ଗୋଟି ଚଳଚିତ୍ର ପ୍ରଦର୍ଶନ କରାଯାଇଥିଲା । ସେମାନେ ୭୨୪ ଗୋଟି ଗ୍ରାମ ପରିଦର୍ଶନ କରିଥିଲେ ଓ ୪,୪୦୦ ଟି ମାଗଣା ପୁସ୍ତିକା ଓ ପ୍ରଚାର ପତ୍ର ବାଣ୍ଟିଥିଲେ । ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଓ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ଉପସ୍ଥିତିରେ ଆୟୋଜନ ହୋଇଥିବା ସଭାସମିତି ଇତ୍ୟାଦି ସଂପର୍କିତ ୨୫୫ ଟି ସମ୍ବାଦ ପରିବେଷଣ ପାଇଁ ସମ୍ବାଦପତ୍ର ଓ ସାମ୍ବାଦିକମାନଙ୍କୁ ଯୋଗାଇ ଦିଆ ଯାଇଥିଲା । ଏହାଛଡ଼ା ୩୦୮ ଗୋଟି ସମ୍ବାଦ ପତ୍ରର କଟିଂ ଜିଲ୍ଲାପାଳଙ୍କୁ ଉପସ୍ଥାପନ କରାଯାଇଥିଲା । ଜିଲ୍ଲା ମଧ୍ୟରେ ୪୭୬ ଗୋଟି ବେତାର ଯନ୍ତ୍ର ଯୋଗାଇ ଦିଆ ଯାଇଛି, ସେଥିମଧ୍ୟରୁ ୨୩୩ ଗୋଟି ଚାଲୁଅବସ୍ଥାରେ ଥାଇ ଜନସାଧାରଣଙ୍କ ଆବଶ୍ୟକତା ପୂରଣ ହେଉଅଛି । ସେହିପରି ଜିଲ୍ଲା ମଧ୍ୟରେ ୧୮୨ ଗୋଟି ଦୂରଦର୍ଶନଯନ୍ତ୍ର ସ୍କୁଲମାନଙ୍କରେ ଛାତ୍ର ଛାତ୍ରୀ ତଥା ଜନସାଧାରଣଙ୍କୁ ଶିକ୍ଷା ତଥା ମନୋରଞ୍ଜନ ମୂଳକ କାର୍ଯ୍ୟକ୍ରମ ପାଇଁ ଯୋଗାଇ ଦିଆଯାଇଅଛି । ସେଥିମଧ୍ୟରୁ ପ୍ରାୟ ୧୭୫ ଗୋଟି ଚାଲୁଅବସ୍ଥାରେ ଅଛି । ଜିଲ୍ଲା ମଧ୍ୟରେ ୫୦୭ ଗୋଟି ପଲ୍ଲୀ ଶ୍ରୋତାମଣ୍ଡଳୀ ଗଠିତ ହୋଇଛି ଏବଂ ତନ୍ମଧ୍ୟରୁ ୩୫୧ ଗୋଟି ସକ୍ରୀୟ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି । ଜିଲ୍ଲାରେ ୨ ଗୋଟି ସରକାରୀ ସୂଚନା କେନ୍ଦ୍ର ଓ ପାଠାଗାର କାର୍ଯ୍ୟକାରୀ ହେଉଛି ଏବଂ ସମୁଦାୟ ୭୫,୧୨୮ ଜଣ ତହିଁରୁ ଲାଭବାନ ହୋଇ ପାରିଛନ୍ତି । ଏହାଛଡ଼ା ସଙ୍ଗୀତ ନାଟକ କାର୍ଯ୍ୟକ୍ରମ ଏବଂ ପ୍ରଦର୍ଶନୀ ମାଧ୍ୟମରେ ଜନସାଧାରଣଙ୍କୁ ଜିଲ୍ଲାର ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ବିଷୟରେ ସବୁ ଅବହିତ କରାଯାଇ ପାରିଛି ।

## ଦେବୀ ଜାନିର ଚା' ଦୋକାନ

ଶ୍ରୀ ଗୋଲକ ଚନ୍ଦ୍ର ବେହେରା

କୋରାପୁଟ ସଦର ବ୍ଲକ୍ ଅନ୍ତର୍ଗତ ମହାଦେନପୁଟ ଗ୍ରାମରେ ଶ୍ରୀମତୀ ଦେବୀ ଜାନିଙ୍କର ବାସସ୍ଥାନ ଅଟେ । ପ୍ରଥମେ ସେ ଖୁରୁ ପେଟିଂକୁ ବିବାହ କରିଥିଲେ । କିଛି ଦିନ ପରେ ତାହାର ସ୍ୱାମୀ ସବୁଦିନ ପାଇଁ ଇହଧାମରୁ ବିଦାୟ ନେଲେ । କର୍ମକୁ ଆଦରି ରହିବା ଛଡ଼ା ଅନ୍ୟ ପନ୍ଥା ନ ଥିଲା । ତଥାପି ଦେବୀ ଜାନି ତା ଜୀବନର ଚଲା ପଥରେ ସୁଖ, ଦୁଃଖ, ଅଭାବ, ଅନାଟନ, ବାଧାବିଘ୍ନ ନ ମାନି ଆଗେଇ ଚାଲିଲେ । ସେ ଜାଣେ ନି ତା ଜୀବନର ଶେଷ ପରିଣତି । ମଣିଷ ପରି ସେ ହେବ ଏବଂ ସଂସାର ଦକ୍ଷରୁ ବିଦାୟ ନେବା ପୂର୍ବରୁ ସ୍ମୃତିର ସ୍ମାରକୀ ସ୍ୱରୂପ କିଛି ଛାଡ଼ି ଦେଇ ଯିବ ତା'ର ଏଇ ଜନ୍ମ ମାଟିରେ । କିଛିଦିନ ପରେ ସେ ଶ୍ରୀ, ନାରାୟଣ ଦାସଙ୍କୁ ଦ୍ୱିତୀୟ ବିବାହ କଲେ । ଚାଷ କରିବାକୁ ଜମି ଖଣ୍ଡେ ନାହିଁ । କିନ୍ତୁ ଭୂଲି ବୁଲି କରି ଯାହା ସେ ପାଏ, ସେହିଥିରେ ହିଁ ସ୍ୱାମୀ ସ୍ତ୍ରୀ ଚଳିଯାନ୍ତି । କିଛିଦିନ ପରେ ଗୋଟିଏ ସନ୍ତାନ ଜାତ ହୁଏ ଦେବୀ ଜାନିର । ବର୍ତ୍ତମାନ ସ୍ୱାମୀ, ସ୍ତ୍ରୀ ଓ ଗୋଟିଏ ପୁଅ ମିଶି ୩ ପ୍ରାଣୀ କୁଟୁମ୍ବ ।

ଦେବୀ ଜାନିର ଆଜି ମଣିଷ ପରି ମଣିଷ ହୋଇ ବର୍ତ୍ତି ରହିବାର ଦୁର୍ବାର ବାସନା । ବୁଦ୍ଧି ଥିଲେ ଉପାୟ ଆସେ । ସ୍ୱାମୀଙ୍କ ପରାମର୍ଶ କ୍ରମେ ଦେବୀ ଜାନି ଗ୍ରାମ୍ୟ ଦରିଦ୍ରଙ୍କ ଆର୍ଥିକ ପୁନର୍ବସତି ଯୋଜନାରେ ଅନ୍ତର୍ଭୁକ୍ତ ହେଲା । ସେ କୋରାପୁଟ ପଞ୍ଚବଟୀ ଗ୍ରାମ୍ୟ ବ୍ୟାଙ୍କରୁ ୧,୭୦୦ ଟଙ୍କା ଋଣ ପାଇଲା ଏବଂ ମୋଟ ଋଣରୁ ୧,୨୭୫ ଟଙ୍କା ରିହାତି ମିଳିଲା । ଏହି ଋଣ ତାକୁ ୧୯୮୭ ମସିହାରେ ମିଳିଲା । ମହାଦେନପୁଟ ଗ୍ରାମ ଛକରେ ସେ ଗୋଟିଏ ଚା'ଦୋକାନ ଆରମ୍ଭ କଲା । ଚା' ସାଙ୍ଗକୁ ତେଲଭାଜି ଜିନିଷ ମଧ୍ୟ ପ୍ରସ୍ତୁତି କରୁଛି । ଚା' ଦୋକାନର ଚାହିଦା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ବର୍ତ୍ତମାନ ଦୈନିକ ବିକ୍ରି ହାରାହାରି ୮୦ ଟଙ୍କାରୁ ୧୦୦ ଟଙ୍କା ଭିତରେ ହେଉଛି । ତାହାର ସମସ୍ତ ଖର୍ଚ୍ଚ ବାଦ ଦେଇ ଲାଭ ଅଂଶରୁ କିଛି କିଛି ସଞ୍ଚୟ କରି ବ୍ୟାଙ୍କ ଋଣ ପରିଶୋଧ କରୁଛି । ଅଳ୍ପ ଦିନ ମଧ୍ୟରେ ସମସ୍ତ ବ୍ୟାଙ୍କ ଋଣ ପରିଶୋଧ କରି ଦ୍ୱିତୀୟ କିସ୍ତି ଋଣ ପାଇବା ପାଇଁ ମନରେ ଦୃଢ଼ ଆଶା ରଖିଛି ।

ଭାଗ୍ୟକୁ ଆଦରି ରହିବାର ଦିନ ଆଜି ଆଉ ନାହିଁ । ଜୀବନକୁ ସରସ ସୁନ୍ଦର କରିବାକୁ ହେବ । ଭବିଷ୍ୟତକୁ ଉଜ୍ଜ୍ୱଳ ଓ ଗତିଶୀଳ କରିବାକୁ ପଡ଼ିବ । ପୁଅର ଉଚ୍ଚ ଶିକ୍ଷା ପ୍ରତି ନଜର ଦେବାକୁ ହେବ ବୋଲି ଆଶା ପ୍ରକାଶ କରିଛି । ଅତୀତର ଦୁଃଖକୁ ସେ ସଂପୂର୍ଣ୍ଣ ଭୁଲି ଯାଇଛି । ବର୍ତ୍ତମାନ ଦେବୀଜାନି ପୂର୍ବଭଳି ଅଭାବ ଅନୁଭବ କରୁନାହିଁ । ସରକାରଙ୍କର ଗ୍ରାମ୍ୟ ଦରିଦ୍ରଙ୍କ ଆର୍ଥିକ ପୁନର୍ବସତି ଯୋଜନାକୁ ତା'ର ବହୁତ ପ୍ରଶଂସା ।

ଅନୁ ବିଭାଗୀୟ ସୂଚନା ଓ ଲୋକ ସଂପର୍କ
ଅଧିକାରୀ, କୋରାପୁଟ (ସଦର)

## ଆଦିବାସୀ ଅଞ୍ଚଳର ଉନ୍ନତି କଟେଲ୍ସ

ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡି ଉପଖଣ୍ଡ ଅନ୍ତର୍ଗତ ଗୁମ୍ମା ବ୍ଲକର ସେରଙ୍ଗ ଗ୍ରାମ ଅଞ୍ଚଳରେ ୧୯୭୯ଠାରୁ ଲଞ୍ଜିଆ ସଉରା ଆଦିବାସୀମାନଙ୍କ ସର୍ବାଙ୍ଗୀନ ଉନ୍ନତି କଳ୍ପେ ଓଡ଼ିଶା ସରକାରଙ୍କ ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ ତରଫରୁ ଗୋଟିଏ ମାଇକ୍ରୋ ପ୍ରୋଜେକ୍ଟ ସ୍ଥାପନ କରାଯାଇଅଛି । ଉକ୍ତ ସଂସ୍ଥା ତରଫରୁ ପୋଡ଼ୁଚାଷ ବିରୁଦ୍ଧେ ପ୍ରାୟ ୩,୦୦୦ ଏକର ଜମିରେ କାଜୁ, ବାଦାମ, କମଳା, ଲେମ୍ବୁ, ପଣସ, ସପୁରୀ , କଦଳୀ ଇତ୍ୟାଦି ଫଳଗଛ ରୋପଣ କରାଯାଇ କର୍ମ ସଂସ୍ଥାନ ଯୋଗାଇ ଦିଆଯାଇଅଛି । ଉକ୍ତ ଫଳଗଛଗୁଡ଼ିକ ଉପରେ ଆଦିବାସୀମାନେ ଅଧିକାର ସାବ୍ୟସ୍ତ କରି ପ୍ରତିବର୍ଷ ଉକ୍ତ ଫଳଗଛରୁ ଫଳ ବିକ୍ରୟ କରି ଲାଭବାନ ହୋଇ ଆସୁଛନ୍ତି । ଏହା ବ୍ୟତୀତ ଅନ୍ୟାନ୍ୟ ଭିତ୍ତିମୂଳକ ଯୋଜନା ମାଧ୍ୟମରେ କୃଷି ଉପକରଣ, କୁଟୀର ଶିଳ୍ପ ଉପକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ, ରାସ୍ତାଘାଟ ଉନ୍ନୟନ ଇତ୍ୟାଦି ବ୍ୟାପକ ଭାବେ କରାଯାଇଅଛି । ଏହି ସଂସ୍ଥା ଉକ୍ତ ଅଞ୍ଚଳରେ କାର୍ଯ୍ୟକାରୀ ହେବା ଦିନଠାରୁ ସ୍ଥାନୀୟ ଆଦିବାସୀମାନଙ୍କର ବାସଗୃହ, ପୋଷାକ ପରିଚ୍ଛଦ ରୁଚି ଇତ୍ୟାଦି ପରିବର୍ତ୍ତନ ହେବାର ଲକ୍ଷ୍ୟ କରାଯାଇ ଅଛି । ପ୍ରତ୍ୟେକ ଆଦିବାସୀ ପରିବାରର ସ୍ୱାସ୍ଥ୍ୟର ଯତ୍ନ ନେବାପାଇଁ ପୁରାତନ ପୂଜା ପଦ୍ଧତି ଉପରେ ନିର୍ଭର ନ କରି ଉକ୍ତ ପ୍ରୋଜେକ୍ଟ ଅଫିସ ଜରିଆରେ ଦାତବ୍ୟ ଚିକିତ୍ସା ଅନୁଷ୍ଠାନରେ ୨୫ ବର୍ଷରୁ ଊର୍ଦ୍ଧ୍ୱ ରୋଗୀଙ୍କର ଚିକିତ୍ସା କରାଯାଉଅଛି । ଏହା ଛଡ଼ା ପ୍ରତି ସପ୍ତାହରେ ପ୍ରୋଜେକ୍ଟ ଅଫିସ ଜରିଆରେ ପ୍ରତ୍ୟେକ ଆଦିବାସୀ ଗ୍ରାମମାନଙ୍କୁ ଯାଇ ଚିକିତ୍ସାର ବ୍ୟବସ୍ଥା କରାଯାଉଅଛି । ଆଦିବାସୀମାନେ ପୂର୍ବପରି ନିକଟସ୍ଥ ସାଉକାର କିମ୍ବା ମହାଜନ ଉପରେ ନିର୍ଭର ନ କରି ନିଜେ ରୋଜଗାରକ୍ଷମ ହୋଇ ପାରିଛନ୍ତି । ପ୍ରତ୍ୟେକ ଆଦିବାସୀ ପରିବାର ନିଜ ଅର୍ଜିତରେ ଆଜି ସମାଜରେ ମୁଣ୍ଡ ଟେକି ଆନନ୍ଦରେ ଚଳି ପାରୁଛନ୍ତି । ଉକ୍ତ ସଂସ୍ଥା ପ୍ରତ୍ୟେକ ଆଦିବାସୀ ପରିବାରର ଦୈନନ୍ଦିନ ଘଟଣା ସହିତ ସଂଶ୍ଳିଷ୍ଟ ହୋଇ ଆର୍ଥିକ ଉନ୍ନତି କରିବା ପାଇଁ ପ୍ରବଳ ଚେଷ୍ଟା କରିବା ସଙ୍ଗେ ସଙ୍ଗେ ସମୂହ କଲ୍ୟାଣ ପାଇଁ କାର୍ଯ୍ୟକରି ଆସୁଅଛି । ସମାଜର ଉନ୍ନତି ପରିକଳ୍ପେ ପ୍ରତ୍ୟେକ ଗ୍ରାମକୁ ରାସ୍ତାର ସୁବିଧା ସଙ୍ଗେ ସଙ୍ଗେ ଶିକ୍ଷାର ପ୍ରସାର ବହୁଳ ମାତ୍ରାରେ ଆଗେଇଛି । ଏହାଛଡ଼ା ସ୍ୱତନ୍ତ୍ର ଆତ୍ମ ନିଯୁକ୍ତି ନିମନ୍ତେ ବିଭିନ୍ନ ଧନ୍ଦା ମୂଳକ ଆର୍ଥିକ ଉନ୍ନତିରେ ପ୍ରତ୍ୟେକ ଗ୍ରାମର ଗରିବ ଆଦିବାସୀମାନଙ୍କୁ ବଢେଇ କାର୍ଯ୍ୟ, ଛୋଟ ବ୍ୟବସାୟ, ଫଳଚାଷ, ସିଲେଇ ମେସିନ୍, ଦୋକାନ ଇତ୍ୟାଦି ବ୍ୟବସାୟରେ ଅଧା ଛାଡ଼ରେ ଋଣ ବଣ୍ଟନ କରାଯିବା ଫଳରେ ଉକ୍ତ ସଂସ୍ଥା ସ୍ଥାପନ ଫଳରେ ଲଞ୍ଜିଆ ସଉରା ଆଦିବାସୀମାନଙ୍କର ଯଥାର୍ଥରେ ବିଶେଷ ପରିବର୍ତ୍ତନ ହେବାର ପରିଲକ୍ଷିତ ହୋଇଛି ।



ଧିନ ଲେଉଟା ଏସ୍ ଶୁକୁଣା ରଥ ....

# ସମ୍ବାଦ ପରିକ୍ରମା

## ରାଜ୍ୟ କୃଷି ବିପଣିକ ପରିଷଦ

ରାଜ୍ୟରେ କୃଷକମାନଙ୍କୁ ଠିକ୍ ସମୟରେ ରାସାୟନିକ ସାର ଯୋଗାଣ ବ୍ୟବସ୍ଥା କରିବା ଓ ସାର ବିକ୍ରୟ ପରିମାଣ କ୍ରମଶଃ ବୃଦ୍ଧି କରିବା ପାଇଁ କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା ମତ ପ୍ରକାଶ କରିଛନ୍ତି । ଗତ ୧୬ ତାରିଖ ଦିନ ରାଜ୍ୟ କୃଷି ବିପଣିକ ପରିଷଦ ବୈଠକରେ ସଭାପତିତ୍ୱ କରି କୃଷି ମନ୍ତ୍ରୀ ରାଜ୍ୟରେ ହେକ୍ଟର ପିଛା ହାରାହାରି ୧୦ କେ. ଜି. ଓ କଳାହାଣ୍ଡି ଜିଲ୍ଲାରେ ମାତ୍ର ୩ କେ. ଜି. ରାସାୟନିକ ସାର ବ୍ୟବହାର ହେଉ-ଥିବା ଉଲ୍ଲେଖ କରି କୃଷି ଉତ୍ପାଦନ ବୃଦ୍ଧି ପାଇଁ ଅଧିକ ସାର ପ୍ରୟୋଗ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଚାଷୀର ଉନ୍ନତି ପାଇଁ ଚିନ୍ତା କରିବା ସହିତ ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ଓ ଉପଯୁକ୍ତ ବଜାର ସୃଷ୍ଟି କରି ଚାଷୀଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ ।

କୃଷି ବିପଣିକ ପରିଷଦ ଅଧୀନରେ ଥିବା ଇଂଜିନିୟରିଂ ସେଲ୍‌ର କାର୍ଯ୍ୟ ପରିସର ବୃଦ୍ଧି କରିବା, ଏକ ପ୍ରଶ୍ନର ସଂସ୍ଥା ଖୋଲିବା, ବିଭିନ୍ନ ମାର୍କେଟ୍‌ମାନଙ୍କରେ ପ୍ରାଚୀର ନିର୍ମାଣ ବିଷୟରେ ଏବଂ ବିଭାଗୀୟ କର୍ମଚାରୀଙ୍କର ତାଲିମ୍ କାର୍ଯ୍ୟକ୍ରମ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା ।

ଏହି ପରିଷଦ ବୈଠକରେ କୃଷି ଓ ସମବାୟ ବିଭାଗ ଶାସନ ସଚିବ ଶ୍ରୀ କୈଳାସ ବିହାରୀ ବର୍ମା, ନିବନ୍ଧକ ଶ୍ରୀ ଏଲ୍. କିଣ୍ଡୋ, ଆପେକ୍ସ ମାର୍କେଟିଂ ସୋସାଇଟିର ଏମ୍. ଡି., ରାଜ୍ୟ ପଣ୍ୟାଗାର ନିଗମର ପ୍ରତିନିଧି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ବିଦ୍ୟୁତ୍ ସଂରକ୍ଷଣ

ଆମ ରାଜ୍ୟରେ ଘରୋଇ ବିଦ୍ୟୁତ୍ ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୬ ଲକ୍ଷରୁ ଅଧିକ । ଏମାନେ ସାଧାରଣତଃ ଲାଇଟ୍, ଫ୍ୟାନ୍, ରେଡ଼ିଓ, ଟେଲିଭିଜନ, ହିଟର, ଫ୍ରିଜ୍, ଶୀତ-ତାପ ନିୟନ୍ତ୍ରଣ ଯନ୍ତ୍ର ଏବଂ ଅନ୍ୟାନ୍ୟ ଆଧୁନିକ ବିଦ୍ୟୁତ୍ ଉପକରଣ ପାଇଁ ବିଦ୍ୟୁତ୍ ଶକ୍ତି ବ୍ୟବହାର କରିଥାନ୍ତି । ଏହିସବୁ ସାମଗ୍ରୀ ବ୍ୟବହାର କରିବା ସମୟରେ ନିଶ୍ଚିତ ଭାବରେ ସେମାନଙ୍କ ଜ୍ଞାତସାରରେ ହେଉ ବା ଅଜ୍ଞାଣତରେ ହେଉ, ବହୁ ମୂଲ୍ୟବାନ୍ ବିଦ୍ୟୁତ୍ ଶକ୍ତି ନଷ୍ଟ ହୁଏ । ତେଣୁ, ଆବଶ୍ୟକ ମୁତାବକ ବିଦ୍ୟୁତ୍-ଶକ୍ତି ବ୍ୟବହାର କରି ଅଯଥାରେ ଅପଚୟ ହେଉଥିବା ବିଦ୍ୟୁତ୍ ଶକ୍ତିର କିପରି ସଂଚୟ କରାଯାଇ ପାରିବ ସେଥିପ୍ରତି ପ୍ରତ୍ୟେକ ବିଦ୍ୟୁତ୍ ବ୍ୟବହାରକାରୀ ଦୃଷ୍ଟିଦେବା ଏକାନ୍ତ ଆବଶ୍ୟକ । ଏଥିପାଇଁ ସେମାନଙ୍କୁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବାକୁ ରାଜ୍ୟ ବିଦ୍ୟୁତ୍ ବୋର୍ଡ ପକ୍ଷରୁ ଅନୁରୋଧ କରାଯାଇଛି—

(୧) ଦିନବେଳେ ଆଲୋକ ପାଇଁ ବିଦ୍ୟୁତ୍ ଶକ୍ତି ପରିବର୍ତ୍ତେ ସୂର୍ଯ୍ୟ କିରଣର ଅଧିକ ସଦୁପଯୋଗ କରନ୍ତୁ ।

(୨) ଯେତେଦୂର ସମ୍ଭବ ସର୍ବଦା ଟ୍ୟୁବ ଲାଇଟ୍ ବ୍ୟବହାର କରନ୍ତୁ । ବଲ୍‌ବ ଅପେକ୍ଷା ଏଥିରେ କମ୍ ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ ହୁଏ ଏବଂ ଅଧିକ ଆଲୋକ ମିଳେ ।

(୩) ରେଡ଼ିଓ, ଟି. ଭି. କେହି ଶୁଣୁ ନ ଥିବା ବା ଦେଖୁ ନଥିବା ବେଳେ ବନ୍ଦ କରି ଦିଅନ୍ତୁ ।

(୪) ଘରେ କେହି ନ ଥିଲା ବେଳେ ଲାଇଟ୍, ଫ୍ୟାନ୍‌ର ସୁଇଚ୍‌ଗୁଡ଼ିକ ବନ୍ଦ କରି ଯାଆନ୍ତୁ ।

(୫) ବୈଦ୍ୟୁତିକ ଉପକରଣଗୁଡ଼ିକ ବ୍ୟବହାରରେ ଅଧିକ ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ ହେଉଥିବାରୁ ଆବଶ୍ୟକତା ମୁତାବକ ଏଗୁଡ଼ିକ ବ୍ୟବହାର କରନ୍ତୁ ।

(୬) ବିଦ୍ୟୁତ୍ ଶକ୍ତି ବ୍ୟବହାର ପାଇଁ ସର୍ବଦା ଭଲ କିସମର ବିଦ୍ୟୁତ୍ ସାମଗ୍ରୀ ବ୍ୟବହାର କରନ୍ତୁ । ଏହା ଫଳରେ ଆବଶ୍ୟକତା ମୁତାବକ ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ ହେବା ସଙ୍ଗେ ସଙ୍ଗେ ବିଦ୍ୟୁତ୍ ବିଲ କମ୍ ହୁଏ । ନିଜ ଘରର ୱାୟରିଂ ଭଲ ଭାବରେ ପରୀକ୍ଷା କରାନ୍ତୁ । ଏଥିରେ ଭୁଲ୍ ଥିଲେ ଲିକେଜ୍ ହୋଇ ବହୁ ପରିମାଣର ବିଦ୍ୟୁତ୍ ଶକ୍ତି ନଷ୍ଟ ହୁଏ ।

(୭) ବେନିୟମ ଭାବେ ବିଦ୍ୟୁତ୍ ଶକ୍ତି ବ୍ୟବହାର କରନ୍ତୁ ନାହିଁ । ଅନ୍ୟ କେହି ଏପରି କରୁଥିଲେ, ନିକଟବର୍ତ୍ତୀ ବିଦ୍ୟୁତ୍ ଯୋଗାଣ ଅଫିସରେ ଖବର ଦିଅନ୍ତୁ ।

## ଅନ୍ତର୍ଜାତୀୟ ସମବାୟ ସପ୍ତାହ

ସମବାୟ ଆନ୍ଦୋଳନ ଜନ କଲ୍ୟାଣ କାର୍ଯ୍ୟରେ ସହାୟକ ହୋଇଥିବାରୁ ରାଜ୍ୟରେ କୃଷି ଉନ୍ନତି ଓ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ସଫଳତାର ସହିତ ଅଗ୍ରଗତି କରିଛି ବୋଲି କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା କହିଛନ୍ତି । ଆଜି ରାଜ୍ୟ ସୂଚନା ଭବନରେ ରାଜ୍ୟ ସମବାୟ ୟୁନିୟନ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ବେହେରା ସମବାୟ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି ପାଇଁ ସମସ୍ତ ସଭ୍ୟ ତଥା ଜନସାଧାରଣଙ୍କର ସହଯୋଗ କାମନା କରିଥିଲେ । ରାଜ୍ୟରେ ପରିଚାଳିତ ହେଉଥିବା କେନ୍ଦ୍ର ସମବାୟ ବ୍ୟାଙ୍କ, ଲ୍ୟାଂପ୍‌ସ, ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି, ଶୀତଳ ଭଣ୍ଡାର, ସୂତାକଳ, ଚିନିକଳ, ସେବା ସମବାୟ ସମିତି ଓ ଖାଉଟି ସମବାୟ ସମିତିଗୁଡ଼ିକର କାର୍ଯ୍ୟ ବିଷୟରେ ଉଲ୍ଲେଖ କରି କୃଷିମନ୍ତ୍ରୀ ଚଳିତବର୍ଷ ନବରଙ୍ଗପୁର, କଳାହାଣ୍ଡି ଓ କେନ୍ଦୁଝରଠାରେ ଥିବା ସମବାୟ ତେଲ କଳଗୁଡ଼ିକୁ ଚାଲୁ କରାଯିବ ବୋଲି ସୂଚନା ଦେଇଥିଲେ ।

ଚଳିତ ଖରିଫରେ ମରୁଡ଼ି ପରିସ୍ଥିତି ଉପୁଜିଥିବାରୁ ଚାଷୀମାନଙ୍କୁ ବ୍ୟାପକ ଭାବରେ ରବିଚାଷ ପାଇଁ ଉତ୍ସାହିତ କରାଯାଉଛି ଏବଂ କୃଷି କାର୍ଯ୍ୟରେ ସହାୟତା ପାଇଁ ୨୮ କୋଟି ଟଙ୍କା ଋଣ ପ୍ରଦାନ କରାଯିବ ବୋଲି କୃଷି ଓ ସମବାୟ ମନ୍ତ୍ରୀ ପ୍ରକାଶ କରିଥିଲେ । ରାଜ୍ୟ ସରକାର ୨୦୦ ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ଼ କରିଥିବାରୁ ଲ୍ୟାଂପସ୍‌ରୁ ଋଣ ନେଇ ପରିଶୋଧ କରିପାରୁ ନ ଥିବା ୩୪ ହଜାର ଗରିବ ଆଦିବାସୀ ଉପକୃତ ହୋଇଛନ୍ତି ଓ ସେମାନେ ଦ୍ୱିତୀୟ ଥର ଋଣ ପାଇବା ପାଇଁ ସକ୍ଷମ ହୋଇଛନ୍ତି ବୋଲି ପ୍ରକାଶ କରି ରାଜ୍ୟର ଲ୍ୟାଂପସ୍‌ଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କୃଷିମନ୍ତ୍ରୀ ପ୍ରକାଶ କରିଥିଲେ ।

ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରବିଜନ-ବିଶିଷ୍ଟ ସମବାୟ ସହଯୋଗୀ—ଗଞ୍ଜାମ ଜିଲ୍ଲାର ଶ୍ରୀ ରାମନାଥ ଦାସ, କଟକର ଶ୍ରୀ ଶୈଳେନ୍ଦ୍ର ରାୟ, ସମ୍ବଲପୁର ଜିଲ୍ଲାର ଶ୍ରୀ ଶିବ ପ୍ରସାଦ ମିଶ୍ର ଓ ଢେଙ୍କାନାଳ ଜିଲ୍ଲାର ଶ୍ରୀ ପ୍ରଫୁଲ୍ଲ କୁମାର ପଟ୍ଟନାୟକଙ୍କୁ ମନ୍ତ୍ରୀ ଶ୍ରୀ ବେହେରା ପୁଷ୍ପଗୁଚ୍ଛ ଓ ଉପାୟନ ପ୍ରଦାନ କରି ସମ୍ମାନୀତ କରିଥିଲେ ।

ବାଲେଶ୍ୱର ଜିଲ୍ଲାର ପୁରୁଷୋତ୍ତମପୁର ସେବା ସମବାୟ ସମିତି ତାର ଅମାନତ ଜମା ୨୭ ଲକ୍ଷ ଟଙ୍କା କରିପାରିଥିବାରୁ ରାଜ୍ୟସ୍ତରୀୟ ପ୍ରଥମ ପୁରସ୍କାର ପାଇଥିଲା । ସମବାୟ ବ୍ୟାଙ୍କମାନଙ୍କ ମଧ୍ୟରେ ସୁନ୍ଦରଗଡ଼, ନଗର ସମବାୟ ବ୍ୟାଙ୍କ ମଧ୍ୟରେ କଟକ, ଭୂ-ଉନ୍ନୟନ ବ୍ୟାଙ୍କ ମଧ୍ୟରେ ଦେବଗଡ଼, ପାଇକାରୀ ସମବାୟ ଭଣ୍ଡାର ମଧ୍ୟରେ ସମ୍ବଲପୁର, ଆଞ୍ଚଳିକ ବାଣିଜ୍ୟ ସମିତି ମଧ୍ୟରେ ସୁନ୍ଦରଗଡ଼, ଗୃହ ନିର୍ମାଣ ସମବାୟ ସମିତି ମଧ୍ୟରେ କଟକ ବାରବାଟୀ, କର୍ମଚାରୀ ସମବାୟ ସମିତି ଭାବରେ କଟକ ଷ୍ଟେଟବ୍ୟାଙ୍କ କର୍ମଚାରୀ ସଂଘ ସମିତି, ସମବାୟ ଶୀତଳ ଭଣ୍ଡାର ଭାବରେ ଜଗତପୁର, ଲ୍ୟାଂପସ୍ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ମଙ୍ଗସପୁର, ଟସର ଓ ସିଲକ୍ ସମବାୟ ସମିତି ମଧ୍ୟରେ ମୟୂରଭଞ୍ଜର ସୁଦୁଆ, ବୁଣାକାର ସମବାୟ ସମିତି ମଧ୍ୟରେ ସମ୍ବଲପୁର ବସ୍ତ୍ରାଳୟ ଏବଂ ଦୁଗ୍ଧ ଉତ୍ପାଦନ ସମିତି ମଧ୍ୟରେ ଢେଙ୍କାନାଳ ଜିଲ୍ଲାର ନେଉଳପୋଖ ସମିତିକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଅସାଧାରଣ କାର୍ଯ୍ୟ ଦକ୍ଷତା ପାଇଁ ଆସ୍କା ଚିନିକଳ, ଟିକାବାଲି ବନ ବାଣିଜ୍ୟ ସମିତି ଓ ପୁରୁଣାପାଣି ଖଣି ଶ୍ରମିକ ଠିକାଦାର ସମବାୟ ସମିତିକୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା ।

ଏହି ଉତ୍ସବରେ ବିଭାଗୀୟ ଶାସନ ସଚିବ ଶ୍ରୀ କୈଳାସ ବିହାରୀ ବର୍ମା, ନିବନ୍ଧକ ଶ୍ରୀ ଏଲ. ଜିଣ୍ଡୋ ସମ୍ମାନୀୟ ଅତିଥି ଭାବେ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟ ସମବାୟ ୟୁନିୟନର ସଭାପତି ଶ୍ରୀ ବସନ୍ତ କୁମାର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ ।

— —

## ଠିଆନାଳଠାରେ ଜଳସେଚନ

ଗତ ୧୭ ତାରିଖ ସନ୍ଧ୍ୟାରେ ବରକୋଟ ବ୍ଲକର ଠିଆନାଳଠାରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ଏବଂ ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଦୁଇଟି ଉଠା ଜଳସେଚନ ପଏଣ୍ଟ ଉଦ୍‌ଘାଟନ କରିଛନ୍ତି । ସମ୍ବଲପୁର ଡ଼ି. ଆର. ଡ଼ି. ଏ. ଅନୁଦାନରେ ନିର୍ମିତ ଏହି ଦୁଇଟି ପଏଣ୍ଟରେ ୨ ଲକ୍ଷ ୨୨ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ଏଠାରୁ ମୋଟ ୧୦୦ ଏକର ଜମିକୁ ଜଳ ଯୋଗାଇ ଦିଆଯିବ ଏବଂ ଏହାଦ୍ୱାରା ବର୍ତ୍ତମାନ ସମୁଦାୟ ୧୧୯ ଜଣ ଚାଷୀ ଉପକୃତ ହେବେ । ସେଥି ମଧ୍ୟରେ ୯୮ ଜଣ ନାମମାତ୍ର ଓ କ୍ଷୁଦ୍ରଚାଷୀ ଅନ୍ତର୍ଭୁକ୍ତ । ଆସନ୍ତା ମାର୍ଚ୍ଚ ମାସ ମଧ୍ୟରେ ଏହି ଦୁଇଟି ପଏଣ୍ଟର ପକ୍କା କେନାଲ ତିଆରି କରିବା ପାଇଁ ମନ୍ତ୍ରୀ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସିଂହ ଉପସ୍ଥିତ ଜନସାଧାରଣଙ୍କୁ କହିଲେ ଯେ, ସରକାର ଗରିବ ଲୋକଙ୍କର ଉନ୍ନତି ନିମନ୍ତେ ବହୁ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ସେଥିମଧ୍ୟରୁ ଉଠା ଜଳସେଚନ ପଏଣ୍ଟ ସ୍ଥାପନ ଅନ୍ୟତମ । ଏହି ପଏଣ୍ଟଗୁଡ଼ିକ ଚାଲିବାପାଇଁ ଉଠା ଜଳସେଚନ ଓ ବିଦ୍ୟୁତ୍ ବିଭାଗ ଅଫିସରଙ୍କର ସହଯୋଗ ନିତାନ୍ତ ଦରକାର । ସ୍ଥାନୀୟ ଜନସାଧାରଣ ମଧ୍ୟ ଉକ୍ତ କାର୍ଯ୍ୟରେ ସରକାରୀ ଅଫିସରମାନଙ୍କୁ ସାହାଯ୍ୟ କରିବା ଉଚିତ । ଚଳିତବର୍ଷ ସମ୍ବଲପୁର ଜିଲ୍ଲାର ପଦ୍ମପୁର ସବ୍‌ଡ଼ିଭିଜନରେ ଭୂତଳ ଜଳ ଅନୁସନ୍ଧାନ କାର୍ଯ୍ୟ କରାଯାଉଛି ଏବଂ ପର୍ଯ୍ୟାୟକ୍ରମେ ଏହା ଅନ୍ୟାନ୍ୟ ଅଞ୍ଚଳରେ କାର୍ଯ୍ୟକାରୀ ହେବ । ଜଳସେଚନ ଓ ବିଦ୍ୟୁତ୍‌ରେ ସରକାର ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ମୋଟ ବ୍ୟୟ ଅଟକଳର ୪୮ ଭାଗ ଖର୍ଚ୍ଚ କରିଛନ୍ତି ଓ ସପ୍ତମ ଯୋଜନାରେ ଶତକଡ଼ା ୫୨ ଭାଗ ଖର୍ଚ୍ଚ କରିବା ପାଇଁ ବ୍ୟବସ୍ଥା କରାଯାଉଛି । ପୂର୍ବରୁ ତିଆରି ହୋଇଥିବା ଉଠା ଜଳସେଚନ ପଏଣ୍ଟଗୁଡ଼ିକରେ ବାକୀ ଥିବା ଫିଲ୍‌ଡ ଚ୍ୟାନେଲଗୁଡ଼ିକୁ ପର୍ଯ୍ୟାୟକ୍ରମେ ସଂପୂର୍ଣ୍ଣ କରିବା ପାଇଁ ସରକାର ସ୍ଥିର କରିଛନ୍ତି ବୋଲି ଶ୍ରୀ ସିଂହ କହିଥିଲେ ।

ଏହି ସଭାରେ ବିଧାୟକ ଶ୍ରୀ ରାଜ କିଶୋର ପ୍ରଧାନ ସଭାପତିତ୍ୱ କରିଥିଲେ । ସ୍ଥାନୀୟ ଏସ. ଡ଼ି. ଓ., ତହସିଲଦାର, ଉଠା ଜଳସେଚନ, ରାସ୍ତା ଓ କୋଠାବାଡ଼ି ନିର୍ମାଣ, କ୍ଷୁଦ୍ର ଜଳସେଚନର ଏସ. ଇ. ମାନେ ଯୋଗ ଦେଇଥିଲେ ।

ସେଦିନ ସଂଧ୍ୟାରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସିଂହ ବରକୋଟ ଡ଼ାକ ବଙ୍ଗଳାଠାରେ ସମ୍ବଲପୁର କ୍ଷୁଦ୍ର ଜଳସେଚନ ସୁପରିଟେଣ୍ଡିଂ ଇଂଜିନିୟର, ଉଠା ଜଳସେଚନ ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର୍, ରାସ୍ତା ଓ କୋଠାବାଡି ନିର୍ମାଣ ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର, ସଦର ଏସ୍. ଡି. ଓ., ତହସିଲଦାର ଏବଂ ସ୍ଥାନୀୟ ସରପଂଚଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।

## ଆୟୁର୍ବେଦିକ୍ ଡ଼ାକ୍ତରଖାନା

ଗତ ନଭେମ୍ବର ୧୬ ତାରିଖରେ ସମ୍ବଲପୁର ଜିଲ୍ଲାର ରିଆମାଳ ବ୍ଲକ୍ ଅନ୍ତର୍ଗତ ନୂଆଡିହି ଠାରେ ସୂଚନା ଓ ଲୋକସଂପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଏକ ସରକାରୀ ଆୟୁର୍ବେଦିକ ଡାକ୍ତରଖାନା ଉଦ୍‌ଘାଟନ କରିଥିଲେ । ଚିକିତ୍ସାଳୟ ଭଳି ଏକ ଅତ୍ୟାବଶ୍ୟକ ଅନୁଷ୍ଠାନର ଅଭାବ ବହୁଦିନରୁ ଏହି ଅଂଚଳରେ ଅନୁଭୂତ ହେଉଥିଲା । ଶ୍ରୀ ସିଂହଙ୍କ ଦ୍ୱାରା ଏପରି ଏକ ଅନୁଷ୍ଠାନ ଉଦ୍‌ଘାଟନ ହେବା ଫଳରେ ସ୍ଥାନୀୟ ଲୋକମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ପଡ଼ିଥିଲେ । ତିନି କୋଠରୀବିଶିଷ୍ଟ ଏହି ଡାକ୍ତରଖାନାଟି ରିଆମାଳ ବ୍ଲକ ଦ୍ୱାରା ୪୦ ହଜାର ଟଙ୍କାରେ ନିର୍ମିତ ହୋଇଛି ।

ଶ୍ରୀ ସିଂହ ଉଦ୍‌ବୋଧନ ଦେଇ କହିଲେ ଯେ ସମାଜରେ ଥିବା ଦରିଦ୍ରତମ ଲୋକମାନେ କିପରି ସ୍ୱାସ୍ଥ୍ୟ, ଶିକ୍ଷା ଓ ସରକାରୀ ସାହାଯ୍ୟ ପାଇପାରିବେ, ସେଥିପାଇଁ ବ୍ୟବସ୍ଥା କରାଯାଉଛି । ଆୟୁର୍ବେଦର ଉପକାରିତା ବିଷୟରେ ଉଲ୍ଲେଖ କରି ଶ୍ରୀ ସିଂହ କହିଲେ ଯେ ଏହା ଆମ ଦେଶର ପୁରାତନ ଚିକିତ୍ସା । ଏହାଦ୍ୱାରା କେତେକ ଅସାଧ୍ୟ ରୋଗରୁ ଆରୋଗ୍ୟ ଲାଭ କରାଯାଉଛି, ଯାହାକି ଏଲୋପାଥି ଚିକିତ୍ସାରେ ସମ୍ଭବ ହୋଇପାରୁନାହିଁ ।

୧୯୮୦ ମସିହା ପରଠାରୁ କେନ୍ଦ୍ର ଓ ରାଜ୍ୟ ସରକାର ଲୋକମାନଙ୍କୁ ଜଳସେଚନ ସୁବିଧା ଯୋଗାଇ ଦେବା ନିମନ୍ତେ ଉଠା ଜଳସେଚନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି ଏବଂ ଚଳିତ ବର୍ଷ ବର୍ଷାଭାବ ସମୟରେ ଏହାର ଉପକାରିତା ଉପଲବ୍ଧି କରାଯାଇଛି ବୋଲି ସେଠ ରାଷ୍ଟ୍ରମନ୍ତ୍ରୀ ପ୍ରକାଶ କରିଥିଲେ । ରେଂଗାଲି ଭଳି ବହୁମୁଖୀ ଯୋଜନାରେ ଦେଶ ଓ ରାଜ୍ୟର ଉନ୍ନତି ସାଧିତ ହେବ ବୋଲି ଆଶା ପ୍ରକାଶ କରି ଶ୍ରୀ ସିଂହ ଏହି ଯୋଜନାରେ ବାସଚ୍ୟୁତ ଲୋକମାନଙ୍କର ଦେଶ ପ୍ରତି ଦାନ ଅତୁଳନୀୟ ବୋଲି କହିଥିଲେ । ରିଆମାଳ ବ୍ଲକ୍‌ରେ ରେଂଗାଲି ଯୋଜନା ଦ୍ୱାରା ବାସଚ୍ୟୁତ ଲୋକ ୧୦ ଟି ନୂତନ ଗାଁରେ ଥଇଥାନ ହୋଇଛନ୍ତି ଏବଂ ସେମାନଙ୍କୁ ସରକାରଙ୍କର ସମସ୍ତ ସାହାଯ୍ୟ ଓ ଅନୁଦାନ ଯୋଗାଇ ଦେବା ନିମନ୍ତେ ଗ୍ରାମଗୁଡ଼ିକୁ ଅତିଶୀଘ୍ର ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯିବ ବୋଲି ଶ୍ରୀ ସିଂହ କହିଥିଲେ ।

ଉକ୍ତ ସଭାରେ ସ୍ଥାନୀୟ ବିଧାୟକ ଶ୍ରୀ ରାଜକିଶୋର ପ୍ରଧାନ ସଭାପତିତ୍ୱ କରିଥିଲେ । ପୂର୍ବତନ ବିଧାୟକ ଶ୍ରୀ ଅଶ୍ୱିନୀ ବେହେରା ଓ ସ୍ଥାନୀୟ ପଂଚାୟତ ସମିତି ଚେୟାରମ୍ୟାନ୍ ଏଥିରେ ଯୋଗ ଦେଇଥିଲେ ।

## ବେଗାର ଶ୍ରମିକ ଥଇଥାନ

ଚଳିତ ଆର୍ଥିକ ବର୍ଷର ଗତମାସ ସୁଧା ଗୋତି ଶ୍ରମିକଙ୍କ ଥଇଥାନ ବାବଦରେ ରାଜ୍ୟରେ ମୋଟ ୧ କୋଟି ୧୭ ଲକ୍ଷ ୮୭ ହଜାର ଟଙ୍କା ବ୍ୟୟ ହୋଇଛି । ଏହି ସମୟ ମଧ୍ୟରେ କୋରାପୁଟ ଜିଲ୍ଲାରେ ଗୋତି ମୁକ୍ତ ୭୬୯ ଜଣ ଶ୍ରମିକଙ୍କ ଥଇଥାନ ବାବଦରେ ୪୯ ଲକ୍ଷ ୮୮ ହଜାର ଟଙ୍କା ବ୍ୟୟ ହୋଇଥିବାବେଳେ ବଲାଂଗୀର ଓ କଳାହାଣ୍ଡି ଜିଲ୍ଲାରେ ଯଥାକ୍ରମେ ୨୧୯ ଜଣ ଏପରି ଶ୍ରମିକଙ୍କ ଥଇଥାନ ବାବଦରେ ୧୪ ଲକ୍ଷ ୯୩ ହଜାର ଟଙ୍କା ଏବଂ ୧୩୭ ଜଣଙ୍କ ଥଇଥାନ ବାବଦରେ ୧୪ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟ ହୋଇଛି । ଅନ୍ୟାନ୍ୟ ଜିଲ୍ଲା ଗୁଡ଼ିକ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରେ ୧୭୫ ଜଣଙ୍କ ଥଇଥାନ ବାବଦରେ ୮ ଲକ୍ଷ ୫୧ ହଜାର ଟଙ୍କା, ଢେଙ୍କାନାଳ ଜିଲ୍ଲାରେ ୧୧୬ ଜଣଙ୍କ ଥଇଥାନ ଲାଗି ୭ ଲକ୍ଷ ୩୭ ହଜାର ଟଙ୍କା, ଗଞ୍ଜାମ ଜିଲ୍ଲାରେ ୭୫ ଜଣଙ୍କ ପାଇଁ ୬ ଲକ୍ଷ ୬୭ ହଜାର ଟଙ୍କା ଓ ଫୁଲବାଣୀ ଜିଲ୍ଲାରେ ୩୫ ଜଣ ଶ୍ରମିକଙ୍କ ଥଇଥାନ ବାବଦରେ ୫ ଲକ୍ଷ ୧ ହଜାର ଟଙ୍କା ବ୍ୟୟ କରାଯାଇଛି । ସେହିପରି ଏହି କାର୍ଯ୍ୟକ୍ରମ ଦ୍ୱାରା ସମ୍ବଲପୁର ଜିଲ୍ଲାରେ ୩ ଲକ୍ଷ ୨୧ ହଜାର ଟଙ୍କା, ପୁରୀ ଜିଲ୍ଲାରେ ୨ ଲକ୍ଷ ୭୨ ହଜାର ଟଙ୍କା, ସୁନ୍ଦରଗଡ଼ ଜିଲ୍ଲାରେ ୨ ଲକ୍ଷ ୪୫ ହଜାର ଟଙ୍କା, ବାଲେଶ୍ୱର ଜିଲ୍ଲାରେ ୧ ଲକ୍ଷ ୨୬ ହଜାର ଟଙ୍କା ଓ କେନ୍ଦୁଝର ଜିଲ୍ଲାରେ ୧ ଲକ୍ଷ ୧ ହଜାର ଟଙ୍କା ବ୍ୟୟ ହୋଇଛି ।

ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ ଚଳିତ ଆର୍ଥିକ ବର୍ଷରେ ଗତମାସ ସୁଧା ରାଜ୍ୟରେ ୪୩୦ ଜଣ ତଫସିଲଭୁକ୍ତ ଜାତି ଓ ୮୭୭ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ମୋଟ ୧,୭୨୬ ଜଣ ଗୋତିମୁକ୍ତ ଶ୍ରମିକଙ୍କ ଥଇଥାନ୍ କରାଯାଇଛି ।

## ସ୍ୱାସ୍ଥ୍ୟସେବା ଓ ପରିବାର କଲ୍ୟାଣ

ରାଜ୍ୟରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ଅନୁଯାୟୀ ଗତ ମାସରେ ମୋଟ୍ ୧୫,୨୦୦ ଜଣ ଗର୍ଭନିରୋଧ ଅସ୍ତ୍ରୋପଚାର କରିଛନ୍ତି । ସେମାନଙ୍କ ମଧ୍ୟରେ ବଂଧ୍ୟାକରଣ ଅସ୍ତ୍ରୋପଚାର କରିଥିବା ୧୩,୬୨୦ ଜଣ ମହିଳା ଅନ୍ତର୍ଭୁକ୍ତ । ଏହି ମାସରେ ୫୦,୮୬୭ ଜଣ ମହିଳା 'ଓରାଲ ପିଲ' ସେବନ କରିଥିବା ବେଳେ ୯,୬୨୫ ଜଣ ମହିଳା 'କପର—ଟି' ଗ୍ରହଣ କରିଛନ୍ତି । ସନ୍ତାନ ଜନ୍ମକ୍ଷମ ଦଂପତିମାନଙ୍କ ମଧ୍ୟରେ ଗତମାସରେ ମୋଟ୍ ୧୦ ଲକ୍ଷ ୭୦ ହଜାର ୫୧୨ଟି ଅନ୍ୟାନ୍ୟ ଗର୍ଭନିରୋଧକ ସାମଗ୍ରୀ ବଣ୍ଟନ କରାଯାଇଛି ।

ଗତ ମାସରେ ୪,୫୬୫ଜଣ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଧନୁଷ୍ଟଙ୍କାର ପ୍ରତିଷେଧକ ବୋଷ୍ଟର ଇଂଜେକ୍‌ସନ୍ ଦିଆଯାଇଛି । ଏହି ରୋଗର ପ୍ରତିଷେଧ ପାଇଁ ଯଥାକ୍ରମେ ୪୦,୬୨୨ ଓ ୩୫,୫୭୨ ଜଣଙ୍କୁ ପ୍ରଥମ ଓ ଦ୍ୱିତୀୟ ମାତ୍ରା ଟିକା ଦିଆଯାଇଛି । ସେହିପରି ୩ରୁ ୭ବର୍ଷର ଶିଶୁଙ୍କ ମଧ୍ୟରୁ ୫୭,୪୬୪ ଜଣଙ୍କୁ ପ୍ରଥମ ମାତ୍ରା, ୬୦,୨୯୪ ଜଣଙ୍କୁ ଦ୍ୱିତୀୟ ମାତ୍ରା, ୫,୯୬୪ଜଣଙ୍କୁ ତୃତୀୟ

ମାତ୍ରା ଓ ୫,୫୩୩ ଜଣଙ୍କୁ ବୋଷ୍ଟର ଡ଼ି. ପି. ଟି. ଦିଆଯାଇଛି । ଡ଼ି. ଟି. ଦିଆଯାଇଥିବା ୩ରୁ ୫ ବର୍ଷର ଶିଶୁଙ୍କ ମଧ୍ୟରୁ ୪୧,୯୮୪ ଜଣଙ୍କୁ ପ୍ରଥମ ମାତ୍ରା, ୩୨,୬୦୦ଜଣଙ୍କୁ ଦ୍ୱିତୀୟ ମାତ୍ରା ଓ ୧,୪୧୩ ଜଣଙ୍କୁ ବୋଷ୍ଟର ଦିଆଯାଇଛି । ମୋଟ୍ ୬,୩୫୭ ଜଣ ଶିଶୁଙ୍କୁ ପୋଲିଓ ପ୍ରତିଷେଧକ ବୋଷ୍ଟର ଦିଆଯାଇଥିବା ବେଳେ ୪୨,୮୦୮ଜଣ ଶିଶୁଙ୍କୁ ପ୍ରଥମ ମାତ୍ରା, ୪୬,୦୪୭ଜଣଙ୍କୁ ଦ୍ୱିତୀୟ ମାତ୍ରା ଓ ୪୮,୨୯୩ଜଣଙ୍କୁ ତୃତୀୟ ମାତ୍ରା ଟିକା ଦିଆଯାଇଛି । ସେହିପରି ୪୪,୬୯୫ଜଣ ଓ ୩୫,୯୭୩ଜଣ ଶିଶୁଙ୍କୁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ମାତ୍ରା ନିମୋନିଆ ରୋଗ ପ୍ରତିଷେଧକ ଟିକା ଦିଆଯାଇଛି । ଦଶବର୍ଷର ୨୮,୦୨୨ ଜଣଙ୍କୁ ପ୍ରଥମ ମାତ୍ରା ଓ ୨୩,୩୫୩ ଜଣଙ୍କୁ ଦ୍ୱିତୀୟ ମାତ୍ରା ଟି. ଟି. ଦିଆଯାଇଛି । ଏବଂ ୧୬ ବର୍ଷର ୧୨,୯୯୦ ଜଣ ପିଲାଙ୍କୁ ପ୍ରଥମ ଓ ୧୦,୮୮୨ ଜଣ ପିଲାଙ୍କୁ ଦ୍ୱିତୀୟ ମାତ୍ରା ଟି.ଟି. ଦିଆଯାଇଛି । ଜୀବନିକା 'କ' ର ଅଭାବଜନିତ ରୋଗର ପ୍ରତିଷେଧକ ପାଇଁ ୧୪,୪୪୦ ଜଣଙ୍କୁ ପୂର୍ଣ୍ଣମାତ୍ରା ଦିଆଯାଇଛି । ପୁଷ୍ଟିସାର ଅଭାବଜନିତ ରକ୍ତ ହୀନତା ଲାଗି ୫୯,୦୩୯ଜଣ ମହିଳା, ୪୪,୩୫୨ଜଣ ପ୍ରସୂତି ଓ ୬୯,୬୫୫ ଜଣ ଶିଶୁଙ୍କୁ ପୂର୍ଣ୍ଣମାତ୍ରା ଦିଆଯାଇଛି । ଗତମାସରେ ୭୫,୪୨୫ ଜଣଙ୍କୁ ଯକ୍ଷ୍ମା ପ୍ରତିଷେଧକ ଓ ୨୧ ହଜାର ୮୨୩ ଜଣଙ୍କୁ ମିଳିମିଳା ରୋଗର ପ୍ରତିଷେଧକ ଟିକା ଦିଆଯାଇଛି ।

## ଭୁବନେଶ୍ୱର ପୌରାଞ୍ଚଳରେ ପ୍ରକଳ୍ପ

ଭୁବନେଶ୍ୱର ପୌରସଂସ୍ଥା ଦ୍ୱାରା ପୌରାଞ୍ଚଳରେ ବିଭିନ୍ନ ସ୍ଥାନରେ ନିର୍ମିତ ୩ଟି ବିଦ୍ୟାଳୟ, ଗୋଟିଏ ସୁଲଭ ଶୌଚାଳୟ ଏବଂ ଗୋଟିଏ ଲୋକ ସମାଜ କେନ୍ଦ୍ର (କମ୍ୟୁନିଟି ସେଣ୍ଟର)କୁ ନଭେମ୍ବର ୨୪ରେ ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବଟକୃଷ୍ଣ ଜେନା ବିପୁଳ ଜନ ସମାବେଶ ମଧ୍ୟରେ ଉଦ୍‌ଘାଟନ କରିଛନ୍ତି । ପ୍ରାୟ ୧୨ ଲକ୍ଷ ୧୩ ହଜାର ୮୦୬ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହିସବୁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ମାତ୍ର ୫ ମାସରୁ ଦେଢ଼ବର୍ଷ ମଧ୍ୟରେ ସଂପୂର୍ଣ୍ଣ କରାଯାଇଛି ।

୪ ଲକ୍ଷ ୧ ହଜାର ଟଙ୍କା ବ୍ୟୟରେ ବରମୁଣ୍ଡା ପୌର ଉଚ୍ଚ ବିଦ୍ୟାଳୟର ୫ଟି ବଡ ପ୍ରକୋଷ୍ଠବିଶିଷ୍ଟ ପ୍ରଥମ ମହଲାର ନିର୍ମାଣ କାର୍ଯ୍ୟ ଏକବର୍ଷ ମଧ୍ୟରେ ସଂପୂର୍ଣ୍ଣ କରାଯାଇଛି । ସେହିପରି ବାପୁଜୀ ନଗରର କେଦାରପଲ୍ଲୀ ଲୋକ ସମାଜ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ମାତ୍ର ୫ ମାସରେ ଏବଂ ବିନ୍ଦୁସାଗର କୂଳରେ ହୁଡାଭୋଇ ସାହି ନିମ୍ନ ପ୍ରାଥମିକ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ୬ ମାସ ମଧ୍ୟରେ ସଂପୂର୍ଣ୍ଣ କରାଯାଇଛି । ଏହି ଦୁଇଟି ପ୍ରକଳ୍ପ ପାଇଁ ଯଥାକ୍ରମେ ୭୨,୬୦୨ ଟଙ୍କା ଏବଂ ୧,୧୧,୫୦୦ ଟଙ୍କା ବ୍ୟୟ କରାଯାଇଛି ।

ଏହା ବ୍ୟତୀତ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜେନା ଶହୀଦ ନଗର ହାଟ ନିକଟରେ ୩ ଲକ୍ଷ ୨୬ ହଜାର ୩୦୦ ଟଙ୍କା ବ୍ୟୟରେ ଏକ ସୁଲଭ ଶୌଚାଳୟ ଏବଂ ୩ଲକ୍ଷ ୨ ହଜାର ୪୦୫ ଟଙ୍କା ବ୍ୟୟରେ ନିର୍ମିତ ଗୌତମ ନଗର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଥମ ମହଲା ଗୃହ ଉଦ୍‌ଘାଟନ କରିଛନ୍ତି ।

ଏହି ଉତ୍ସବଗୁଡିକରେ ନଗରପାଳ ତଥା ଜିଲ୍ଲାପାଳ ଶ୍ରୀ ମହେଶ ପ୍ରସାଦ ପୁରୋହିତ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ରାମଚନ୍ଦ୍ର ପଣ୍ଡା, ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ନିର୍ବାହୀ ଯନ୍ତ୍ରୀ ଶ୍ରୀ ବିଜେନ୍ଦ୍ର ନାଥ ମହାନ୍ତି, ସହକାରୀ ଯନ୍ତ୍ରୀ ଶ୍ରୀ ଅସୀମ କାନୁନ୍‌ଗୋ ଓ ଶ୍ରୀ ଗୁଣନିଧି ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ସଂପୃକ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀମାନେ ଯୋଗ ଦେଇଥିଲେ ।

## ଜାତୀୟ ଗ୍ରାମ୍ୟ ନିଯୁକ୍ତି

ଜାତୀୟ ଗ୍ରାମ୍ୟ ନିଯୁକ୍ତି କାର୍ଯ୍ୟକ୍ରମ ଅନୁଯାୟୀ ଗତ ଜୁଲାଇ ମାସ ଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ସାମାଜିକ ବନୀକରଣ ଯୋଜନା ଦ୍ୱାରା ୯,୬୫୧.୮୦ ହେକ୍ଟର ଜମିରେ ୧ କୋଟି ୭୩ ଲକ୍ଷ ୫୮ହଜାର ବୃକ୍ଷ ରୋପଣ କରାଯାଇଛି । ବନ୍ୟାଜଳ ନିଷ୍କାସନ ଓ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ସମେତ କ୍ଷୁଦ୍ରଜଳସେଚନ କାର୍ଯ୍ୟକ୍ରମ ଅନୁଯାୟୀ ଏହି ସମୟ ମଧ୍ୟରେ ୮୬ଟି ପୁଷ୍କରିଣୀ ଓ ୪ଟି ସେଚକୂପ ଖନନ କରାଯାଇଛି । ଏହାଦ୍ୱାରା ୫୮୪ ହେକ୍ଟର ଖରିଫ ଜମିରେ ଜଳସେଚନ ସୁବିଧା ସୃଷ୍ଟି କରାଯାଇ ପାରିଛି । ଏହି ତିନି ମାସ ମଧ୍ୟରେ ଜଳସେଚନ ସୁବିଧା ଲାଗି ୪.୫୩ କି:ମି: ଦୈର୍ଘ୍ୟର କ୍ଷେତ୍ର କେନାଲ ମଧ୍ୟ ଖନନ କରାଯାଇଛି । ଏହା ଫଳରେ ୪୧୧ ହେକ୍ଟର ଜମିରେ ଜଳସେଚନ ହୋଇପାରିବ । ଏହା ବ୍ୟତିତ ୨.୨୮ କି:ମି: ଦୈର୍ଘ୍ୟର ସଂଯୋଜକ ନାଳ ଓ ବିଭିନ୍ନ ଗ୍ରାମରେ ୧୭୪ଟି ପୋଖରୀ ଖୋଳାଯାଇଛି । ଏହି ସମୟମଧ୍ୟରେ ୧୮୬ ହେକ୍ଟର ଜମିରେ ମୃତ୍ତିକା ସଂରକ୍ଷଣ ଓ ଆବାଦ କରାଯାଇଛି ।

ସାମୂହିକ କଲ୍ୟାଣ କଳ୍ପେ ଉପରୋକ୍ତ ସମୟ ମଧ୍ୟରେ ପାନୀୟ ଜଳ ଯୋଗାଣ ନିମନ୍ତେ ୮୫ଟି କୂପ ଖନନ, ୧,୧୬୯ କି:ମି: ଦୈର୍ଘ୍ୟର ଗ୍ରାମ୍ୟରାସ୍ତା, ୪୦୪ ଟି ସ୍କୁଲ ଗୃହ ନିର୍ମାଣ, ୪୧ଟି ପଞ୍ଚାୟତ ଗୃହ, ୨୩୯ ଟି ବାସଗୃହ, ୧୦୬ ଟି ପକ୍‌କାଗୃହ, ୮୭ ଟି ଅନ୍ୟାନ୍ୟ ଗୃହ ଓ ୪୦ ଟି ମହିଳା ମଣ୍ଡଳ ଗୃହର ନିର୍ମାଣ, ୨୮ ଟି ବାସ୍ତୁ ଉନ୍ନୟନ ଏବଂ ୭୬ ଟି ସ୍ୱାସ୍ଥ୍ୟକର ପାଇଖାନା ତିଆରି କରାଯାଇଛି ।

## ମତ୍ସ୍ୟଜୀବୀ ଦୁର୍ଘଟଣା ବୀମା

ଦରିଦ୍ର ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ସହାୟତା ଦେବା ଉଦ୍ଦେଶ୍ୟରେ ଓଡିଶାରେ ଭାରତ ସରକାରଙ୍କ ସହାୟତାରେ ମତ୍ସ୍ୟଜୀବୀ ଦୁର୍ଘଟଣା ବୀମା ନାମକ ଏକ ମତ୍ସ୍ୟଜୀବୀ କଲ୍ୟାଣକର କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ରାଜ୍ୟର ୧୦ ହଜାର ନୂଆ ମତ୍ସ୍ୟଜୀବୀଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯିବା ସଙ୍ଗେ ସଙ୍ଗେ ୧୬,୪୩୩ ଜଣ ମତ୍ସ୍ୟଜୀବୀଙ୍କ ବୀମା ପଲିସି ନବୀକରଣ କରାଯିବା ପାଇଁ ବ୍ୟବସ୍ଥା ହେଉଛି ।

ମତ୍ସ୍ୟଜୀବୀଙ୍କ ପାଇଁ ଅନ୍ୟ ଏକ କଲ୍ୟାଣକର କାର୍ଯ୍ୟକ୍ରମ ସଂଚୟ ଓ ସାହାଯ୍ୟ ଯୋଜନା ମଧ୍ୟ ରାଜ୍ୟରେ ପ୍ରବର୍ତ୍ତନ କରାଯାଇଛି । ମାଛ ମାଛଧରା ଓ ତିରୋଟ ସମୟରେ ଚଳିତ ବର୍ଷ ୩ ହଜାର ସାମୁଦ୍ରିକ ମତ୍ସ୍ୟଜୀବୀ ସରକାରଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇ ଉପକୃତ ହେବେ ବୋଲି ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ୪,୫୦୦ ଜଣ ମତ୍ସ୍ୟଜୀବୀଙ୍କୁ ଏହାର ଅନ୍ତର୍ଭୁକ୍ତ କରାଯିବା ପାଇଁ ବ୍ୟବସ୍ଥା ହୋଇଛି ।

---

## କୋରାପୁଟ ଜିଲ୍ଲା ଉନ୍ନୟନ ସମୀକ୍ଷା

କୋରାପୁଟ ଜିଲ୍ଲା ଉନ୍ନୟନ ପରିଷଦ ବୈଠକ ସଂପ୍ରତି ଜିଲ୍ଲାପାଳ ଶ୍ରୀ ରବିନାରାୟଣ ସେନାପତିଙ୍କ ଅଧ୍ୟକ୍ଷତାରେ

ଅନୁଷ୍ଠିତ ହୋଇଯାଇଛି । ସମୀକ୍ଷାରୁ ପ୍ରକାଶ ଯେ ୧୯୮୫ ସୁଦ୍ଧା ୫,୨୧୨ଟି ଗ୍ରାମକୁ ଜଳକ୍ଲିଷ୍ଟ ଗ୍ରାମ ରୂପେ ଚିହ୍ନଟ କରାଯାଇଛି । ପାନୀୟ ଜଳ ଲାଗି ବର୍ତ୍ତମାନ ସୁଦ୍ଧା ୬,୧୬୮ଟି ନଳକୂପ ବସାଯାଇ ପାରିଛି । ତନ୍ମଧ୍ୟରୁ ଚଳିତ ବର୍ଷ ଖୋଳାଯାଇଥିବା ୫୯୦ଟି ନଳକୂପ ଅନ୍ତର୍ଭୁକ୍ତ । ଚଳିତ ବର୍ଷ ଆହୁରି ୧,୪୯୪ଟି ନଳକୂପ ଓ ମରୁଡ଼ି ସାହାଯ୍ୟ ପାଇଁ ୨୮୫ଟି ନଳକୂପ ଖନନ ପାଇଁ ମଞ୍ଜୁର ହୋଇଛି । ବର୍ତ୍ତମାନ ୧୯ଟି ରିଗ୍ ମେସିନ୍ ଓ ୩୩ଟି ବାରିକ୍ସ ମେସିନ୍ ଜିଲ୍ଲାରେ ନଳକୂପ ଖନନ କାର୍ଯ୍ୟରେ ଲାଗିଛି ଏବଂ ଆଉ ଅଧିକ ସଂଖ୍ୟକ ରିଗ୍ସ ଆଣିବା ପାଇଁ ବ୍ୟବସ୍ଥା ଚାଲିଛି । ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨,୪୪୮ଟି ନଳକୂପ ବସାଯିବାର କାର୍ଯ୍ୟକ୍ରମ ରଖାଯାଇଛି । ସଂପୂର୍ଣ୍ଣ ଅଚଳ ନଳକୂପଗୁଡ଼ିକୁ ବାହାରକରି ନୂତନ ନଳକୂପ ବସାଯିବ ଏବଂ ଯେଉଁ ନଳକୂପରୁ ଗୋଳିଆ ପାଣି ନିର୍ଗତ ହେଉଛି ସେଠାରେ ଫିଲିଟର ବସାଯିବ । ଅଚଳ ନଳକୂପଗୁଡ଼ିକୁ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ମରାମତି କରାଯିବାର ବୈଠକରେ ନିଷ୍ପତ୍ତି ହୋଇଛି ।

ଚଳିତ ଆର୍ଥିକ ବର୍ଷରେ ଜିଲ୍ଲାରେ ୪୯ଟି ନୂତନ ନିମ୍ନ ପ୍ରାଥମିକ ବିଦ୍ୟାଳୟ ଖୋଲିବା, ୮୧ଟି ନିମ୍ନ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଣତ କରିବା ଓ ୨୯ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପରିଣତ କରିବାର ସମୀକ୍ଷାରୁ ଜଣାଯାଇଛି । ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୧,୨୩୧ଟି ବିଦ୍ୟାଳୟ ଗୃହ ଓ ୨୦୧ଟି ସୁଲଭ ଛାତ୍ରାବାସ ନିର୍ମାଣ କରାଯାଇଛି ଏବଂ ୧୦ଟି ଆୟୁର୍ବେଦିକ ଚିକିତ୍ସାକେନ୍ଦ୍ର ରାୟଗଡ଼ା ଅଞ୍ଚଳରେ ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ବୈଠକରେ ପ୍ରକାଶ ।

ଜିଲ୍ଲାରେ ୨୦୭ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ୫୨ଟି କାର୍ଯ୍ୟକ୍ଷମ ଓ ୨୧ଟି ପ୍ରକଳ୍ପର ମରାମତି ନିମନ୍ତେ ୧୬.୭୦ଲକ୍ଷ ଟଙ୍କା ବ୍ୟୟ ବରାଦରେ କାର୍ଯ୍ୟ ଚାଲିଛି ଏବଂ ଚଳିତ ରବି ପାଇଁ ଜଳ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ ଦ୍ୱାରା ୧୮,୩୭୫ ଏକରକୁ ଜଳ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି ।

ମରୁଡ଼ି ପରିସ୍ଥିତିର ମୁକାବିଲା ଓ କୃଷିର ଉନ୍ନତି ପାଇଁ ଗତ ଖରିଫ୍‌ରେ ୭,୪୭୩.୫୩ କ୍ୱିଣ୍ଟାଲ ଅଧିକ ଉତ୍ପାଦନକ୍ଷମ ଧାନ, ମକା, ମାଣ୍ଡିଆ, ସୋୟାବିନ୍, ଡାଲି ଜାତୀୟ ଓ ତୈଳବୀଜ ଜାତୀୟ ବିହନ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଯୋଗାଇ ଦିଆଯାଇଛି । ଚାଷୀମାନଙ୍କୁ ୪,୪୮୨ ମେଟ୍ରିକ୍ ଟନ୍ ରାସାୟନିକ ସାର ମଧ୍ୟ ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ ୫,୨୩୬ ୬,୩୬୦ଟି ଡାଲି ଜାତୀୟ ଓ ତୈଳବୀଜ ଜାତୀୟ କ୍ଷୁଦ୍ର ବିହନ ପୁଡ଼ିଆ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବିତରଣ କରାଯାଇଛି । ଏହା ବ୍ୟତୀତ ଅନୁରୂପ ୧୯,୩୯୦ ଓ ୩,୮୪୦ଟି ଡାଲି ଜାତୀୟ ଓ ତୈଳବୀଜ ବିହନ ପୁଡ଼ିଆ ଚାଷୀଙ୍କୁ ବିତରଣ କରାଯାଇଛି ।

ଜିଲ୍ଲାରେ ୩୭୦,୪୦୬ଟି କୃଷି ପରିବାର ମଧ୍ୟରୁ ୨୪,୬୦୪ଟି ପରିବାରକୁ ସମବାୟ ଅନ୍ତର୍ଭୁକ୍ତ କରାଯାଇଛି । ଖରିଫ ଋତୁରେ ବ୍ୟାଙ୍କ ଜରିଆରେ ୫,୫୪୦ ମେଟ୍ରିକ ଟନ୍ ସାର ଚାଷୀଙ୍କୁ ଯୋଗାଇ ଦିଆଯାଇଛି ଓ ୩୩୦ଟି ଗ୍ରାମାଞ୍ଚଳ ଓ ୬୦ଟି ସହରାଞ୍ଚଳ ସୁଲଭ ଖାଉଟି ସମବାୟ ଦୋକାନ ଜରିଆରେ ଅତ୍ୟାବଶ୍ୟକ ଜିନିଷପତ୍ର ଯୋଗାଇ ଦିଆଯାଇଛି । ଚଳିତ ରବି ପାଇଁ ୭୦ ଲକ୍ଷ ଟଙ୍କା କୃଷିଋଣ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ସମୀକ୍ଷାରୁ ଜଣାଯାଇଛି ।

ଏହି ବୈଠକରେ ବିଧାୟକ ସର୍ବଶ୍ରୀ ନୃସିଂହାନନ୍ଦ ବ୍ରହ୍ମା, ରାମଚନ୍ଦ୍ର ଉଲକା, ଭାଗିରଥୀ ଗମାଂଙ୍ଗୋ, ଗୁପ୍ତ ପ୍ରସାଦ ଦାସ, ଚନ୍ଦ୍ରମା ସାନ୍ତା, ଗଙ୍ଗାଧର ମାଢ଼ୀ, ଡମ୍ବରୁ ମାଝୀ ଓ ବାସୁଦେବ ମାଝୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ରାସ୍ତା ନିର୍ମାଣ ବ୍ୟୟ

ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ (ଏମ୍: ଏନ୍: ପି:) ଅନୁଯାୟୀ ଚଳିତ ୭ମ ଯୋଜନା କାଳ ମଧ୍ୟରେ ଜାତୀୟ ରାଜପଥ ଓ ପ୍ରକଳ୍ପ ସଂସ୍ଥାର ଉଦ୍ୟମରେ ସମୁଦାୟ ୧୫୮ଟି ନୂତନ ଓ ଅସଂପୂର୍ଣ୍ଣ ସେତୁ ନିର୍ମାଣ କରିବା ଏବଂ ୬୦୦ କି: ମି: ରାସ୍ତାର ଉନ୍ନୟନ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । ସେହିପରି ୧,୫୦୦ ଓ ତଦୂର୍ଦ୍ଧ୍ୱ ଲୋକସଂଖ୍ୟା ବିଶିଷ୍ଟ ୧୪୦ଟି ଗ୍ରାମ, ୧,୦୦୦ରୁ ୧,୫୦୦ ଲୋକ ସଂଖ୍ୟା ବିଶିଷ୍ଟ ୧୪୩ଟି ଗ୍ରାମ ଏବଂ ୧,୦୦୦ରୁ କମ୍ ଲୋକ ସଂଖ୍ୟା ବିଶିଷ୍ଟ ୬୨୨ ଗ୍ରାମ— ଏହିପରି ସମୁଦାୟ ୯୦୫ଟି ଗ୍ରାମ ପାଇଁ ସବୁଦିନିଆ ରାସ୍ତା ଯୋଗାଯୋଗ କରିବାର ବ୍ୟବସ୍ଥା ହୋଇଛି । ଏହା ବ୍ୟତୀତ ମୟୂରଭଞ୍ଜ ଜିଲ୍ଲାର ଜାଶିପୁର ବ୍ଲକକୁ ରାଇରଙ୍ଗପୁର ସବ୍‌ଡିଭିଜନ ସଦର ମହକୁମା ସହିତ, ବୋଡେନ୍ ଓ ସିନାପାଲୀ ବ୍ଲକକୁ ଭବାନୀପାଟଣା ସହିତ, ନୂଆପଡ଼ା କୁଣ୍ଡା ବ୍ଲକକୁ ଜୟପୁର ସହିତ ଏବଂ ଗୁଡ଼ାରୀ ଓ ଚନ୍ଦ୍ରପୁର ବ୍ଲକ୍‌କୁ ଗୁଣୁପୁର ସହିତ ଅଗ୍ରାଧିକାର ଭିତ୍ତିରେ ସଂଯୋଗ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

ଏ ବାବଦରେ ୭ମ ପଞ୍ଚବାର୍ଷିକ ଟିଠା ଯୋଜନାରେ ୪୦ କୋଟି ଟଙ୍କା ବିନିଯୋଗ କରିବାକୁ ବ୍ୟବସ୍ଥା ହୋଇଛି । ତନ୍ମଧ୍ୟରୁ ଷଷ୍ଠ ଯୋଜନା କାଳମଧ୍ୟରେ ଆରମ୍ଭ କରାଯାଇଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ବାବଦରେ ୧୫ କୋଟି ୪୩ ଲକ୍ଷ ଟଙ୍କା ଏବଂ ଚଳିତ ଯୋଜନା କାଳ ମଧ୍ୟରେ ନୂତନ ନିର୍ମାଣ କାର୍ଯ୍ୟକରିବା ବାବଦରେ ୨୪ କୋଟି ୫୭ଲକ୍ଷ ଟଙ୍କା ବିନିଯୋଗ କରାଯିବ । ଏହି ଅର୍ଥ ମଧ୍ୟରୁ ଆଦିବାସୀ ଅଞ୍ଚଳମାନଙ୍କରେ ରାସ୍ତାଘାଟର ବିକାଶ ପାଇଁ ୧୩ କୋଟି ୮୯ଲକ୍ଷ ୨୦ ହଜାର ଟଙ୍କା ବିନିଯୋଗ କରି ୪୪ଟି ସେତୁର ନିର୍ମାଣ ସଂପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ ୨୦୪ କି: ମି: ରାସ୍ତାର ଉନ୍ନୟନ କରାଯିବ ।

## ଢେଙ୍କାନାଳର ଦାରିଦ୍ର୍ୟ ଦୂରୀକରଣ

ରାଜ୍ୟ କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା ଗତ ୨ ଓ ୩ ତାରିଖ ଦିନ ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ, ହିନ୍ଦୋଳ ଓ କିଶୋର ନଗର ବ୍ଲକ୍‌ରେ ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ଉପରୋକ୍ତ ବ୍ଲକ୍‌ମାନଙ୍କରେ ଅନୁଷ୍ଠିତ ଆଲୋଚନା ବୈଠକରେ କୃଷିମନ୍ତ୍ରୀ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ପ୍ରତି ବିଶେଷ ଗୁରୁତ୍ୱ ପ୍ରଦାନ କରିବା ସହିତ ଉନ୍ନୟନ ଯୋଜନା ପାଇଁ ମଞ୍ଜୁରୀ ଅର୍ଥ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବ୍ୟୟ କରିବା ପାଇଁ ବି.ଡି.ଓ. ଓ ଅନ୍ୟ ବିଭାଗୀୟ ଅଫିସରମାନଙ୍କୁ ପରାମର୍ଶ ଦେଇଥିଲେ ।

କିଶୋରନଗର ବ୍ଲକ୍‌ରେ ଚଳିତ ବର୍ଷ ୭୪୫ ଜଣଙ୍କୁ ଆଇ : ଆର : ଡି : ଓ ୩୩୮ ଜଣ ବ୍ୟକ୍ତିଙ୍କୁ ଇ: ଆର : ଆର : ପି ଯୋଜନାରେ ଆର୍ଥିକ ସହାୟତା ଓ ସମ୍ବଳ ପ୍ରଦାନ କରାଯିବାକୁ ଲକ୍ଷ୍ୟ କରାଯାଇଛି ଏବଂ ରାସ୍ତା, ବିଦ୍ୟାଳୟ ଗୃହ, ପୁଷ୍କରିଣୀ ଓ ବନ୍ଧ କାର୍ଯ୍ୟ ପାଇଁ ଏନ୍ - ଆର . ଇ - ପି .ରେ ୪ ଲକ୍ଷ ଟଙ୍କା ଓ ଆର : ଏଲ୍ : ଇ : ଜି : ପି : ରେ ଏକ ଲକ୍ଷ ୬୬ ହଜାର ଟଙ୍କା ମଞ୍ଜୁରୀ ହୋଇଛି । ଏହି ବ୍ଲକ୍‌ରେ ୨୫ଟି ଗ୍ରାମରେ ଇନ୍ଦିରା ଆବାସ ଯୋଜନାରେ ବାସଗୃହ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି ।

କୃଷିମନ୍ତ୍ରୀ କିଶୋର ନଗର ବ୍ଲକ୍‌ର ବୋଇସିନା ଗୋଳିଆ ବନ୍ଧ ଓ ନୁଣକାପୋଖରୀ ଜଳ ଅମଳ ପ୍ରକଳ୍ପ ବୁଲି ଦେଖିଥିଲେ ଏବଂ ପୁଇଗ୍ଧା ଆଦିବାସୀ ଉଚ୍ଚ ବିଦ୍ୟାଳୟ ଓ ନାକଟି ଫଳ ବଗିଚା ପରିଦର୍ଶନ କରିଥିଲେ ।

କୃଷିମନ୍ତ୍ରୀ ହିନ୍ଦୋଳ ବ୍ଲକ୍‌ର ବାଉଁଶ ପୋଖରୀ ଗ୍ରାମକୁ ଯାଇ ଆର : ଆର : ଡି : ଋଣ ସହାୟତାରେ ତେଜରାତି କରିଥିବା ଶ୍ରୀ ହାଡ଼ିବନ୍ଧୁ ମହାପାତ୍ର ଓ ଶ୍ରୀ ସୁରେଶ ଚନ୍ଦ୍ର ବେହେରା ଏବଂ ସେଟକୁପ ଖୋଳି ଡିଜେଲ୍ ପମ୍ପ ବ୍ୟବହାର କରୁଥିବା ଶ୍ରୀ କୃଷ୍ଣ ବେହେରାଙ୍କୁ ପ୍ରତ୍ୟକ୍ଷ ଭାବରେ ଭେଟି ସେମାନଙ୍କର ଆର୍ଥିକ ଉନ୍ନତି ହେଉଥିବା ବିଷୟରେ ବୁଝିଥିଲେ । ହୁରୁମିଠା ବିଦ୍ୟାଳୟର ଶ୍ରେଣୀଗୃହ ନିର୍ମାଣ ଓ ପଦାଗ୍ରାମ ଇନ୍ଦିରା ଆବାସ ଯୋଜନା ଏବଂ ଦୁଦୁରାକୋଟ ଗ୍ରାମର ନୂତନ ବାଉଁଶ ଓ ଶାଳ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସେ ବୁଲି ଦେଖିଥିଲେ । ସାମାଜିକ ବନୀକରଣ ଯୋଜନାରେ ଗ୍ରାମବାସୀମାନଙ୍କ ଦ୍ୱାରା ନୂତନ ଜଙ୍ଗଲଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଉତ୍ତମ ଭାବରେ ସଂପାଦନ ହୋଇପାରିବ ବୋଲି କୃଷିମନ୍ତ୍ରୀ ପ୍ରକାଶ କରିଥିଲେ । ଏହି ବ୍ଲକ୍‌ରେ ୧,୨୬୦ ଜଣ ବ୍ୟକ୍ତିଙ୍କୁ ଆଇ : ଆର : ଡି : ଅର୍ଥ ସାହାଯ୍ୟ ଦେବାକୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ଓ ୮୨ଟି ଉନ୍ନୟନ କାର୍ଯ୍ୟ ପାଇଁ ଏନ୍ : ଆର : ଇ : ପି : ରେ ୬ ଲକ୍ଷ ୮୦ ହଜାର ଟଙ୍କା ଏବଂ ଆର : ଏଲ୍ : ଇ : ଜି : ପି : ରେ ୨ ଲକ୍ଷ ୬୬ ହଜାର ଟଙ୍କା ମଞ୍ଜୁରୀ ମିଳିଛି ।

ଗନ୍ଧିଆ ବ୍ଲକ୍‌ରେ ଦେଓଗାଁଠାରେ କୃଷିମନ୍ତ୍ରୀ ଶ୍ରୀ ବେହେରା ସ୍ୱାସ୍ଥ୍ୟ ସହାୟକ କେନ୍ଦ୍ର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଝିଲ୍ଲୀ ଗ୍ରାମର ଇନ୍ଦିରା ଆବାସ ଯୋଜନାରେ ନିର୍ମିତ ହେଉଥିବା ୨୪ଟି ବାସଗୃହ ବୁଲି ଦେଖିଥିଲେ ଏବଂ ସେ ଗ୍ରାମର ୩ ଜଣ କୁମ୍ଭକାର ଆଇ-ଆର : ଡି : ହିତାଧିକାରୀଙ୍କୁ ଭେଟି ସେମାନଙ୍କର ଆର୍ଥିକାବସ୍ଥା ବିଷୟରେ ବୁଝିଥିଲେ । କପିଳାସଠାରେ ୬ ହେକ୍ଟର ଜମିରେ ନୂତନ ଭାବେ କରାଯାଇଥିବା ଚମ୍ପାଫୁଲ ଗଛ ବଗିଚା ଏବଂ ଗନ୍ଧିଆ ଗ୍ରାମର କାଷ୍ଠ ଶିଳ୍ପ କେନ୍ଦ୍ର କୃଷିମନ୍ତ୍ରୀ ପରିଦର୍ଶନ କରିଥିଲେ । ଗନ୍ଧିଆ ବ୍ଲକ୍‌ରେ ଚଳିତ ବର୍ଷ ଇ : ଆର : ଆର : ପି : ରେ ୫୦୪ ଜଣ ଓ ଆଇ : ଆର : ଡି : କାର୍ଯ୍ୟକ୍ରମରେ ୧,୨୦୧ ଜଣ ବ୍ୟକ୍ତିଙ୍କୁ ଅର୍ଥିକ ସହାୟତା ପ୍ରଦାନ କରିବାକୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

## ଜାତୀୟ ରାଜପଥ ଓ ପ୍ରକଳ୍ପ ସଂସ୍ଥାର ତରଫରୁ

ଚଳିତ ସପ୍ତମ ଯୋଜନା (୧୯୮୫–୮୬) ଆରମ୍ଭରୁ ଗତ ଜୁଲାଇ ମାସ ଶେଷ ସୁଦ୍ଧା ଜାତୀୟ ରାଜପଥ ଓ ପ୍ରକଳ୍ପ ସଂସ୍ଥାର ଉଦ୍ୟମରେ ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟର ବିଭିନ୍ନ ନଦୀ, ନାଳ ଉପରେ ଛୋଟ-ବଡ଼ ସମୁଦାୟ ୬୩ଟି ସେତୁର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି । ତନ୍ମଧ୍ୟରେ ଚଳିତ ଯୋଜନାର ପ୍ରଥମ ଆର୍ଥିକ ବର୍ଷରେ (ଆଦିବାସୀ ଅଞ୍ଚଳରେ ନିର୍ମିତ ହୋଇଥିବା ୩ଟି ସେତୁ ସମେତ) ୧୧ଟି ସେତୁ ଅନ୍ତର୍ଭୁକ୍ତ । ସେହିପରି ଗତ ଆର୍ଥିକ ବର୍ଷରେ ୩୦ଟି ଏବଂ ଚଳିତ ଆର୍ଥିକ ବର୍ଷର ଜୁଲାଇ ମାସ ଶେଷ ସୁଦ୍ଧା ୨୨ଟି ସେତୁର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି ।

ଚଳିତ ବର୍ଷ ସଂପୂର୍ଣ୍ଣ ହୋଇଥିବା ସେତୁଗୁଡ଼ିକ ମଧ୍ୟରେ କଟକ ଜିଲ୍ଲାର ଲୁଣାନଦୀରେ ବରପଦା ସେତୁ, ତିର୍ତ୍ତୋଲ-ଗରଦପୁର ରାସ୍ତାରେ ପାଇକା ସେତୁ, ପୁରୀ ଜିଲ୍ଲାର ବ୍ରହ୍ମଗିରି-ଡ଼ଙ୍ଗ ରାସ୍ତାରେ ଭାର୍ଗବୀ ସେତୁ, ଢ଼େଙ୍କାନାଳ ଜିଲ୍ଲାରେ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ସାପୁଆ ଓ ବଉଳି ସେତୁ ଅନ୍ତର୍ଭୁକ୍ତ । ସେହିପରି କେନ୍ଦୁଝର ଜିଲ୍ଲାର ପଦ୍ମପୁର-ଉଖୁଣ୍ଡା ରାସ୍ତାରେ ଅରଡ଼େଇ ସେତୁ, କୋରାପୁଟ ଜିଲ୍ଲାର ଫଟଡ଼ା-ଦୁଷ୍ମନ୍ତପୁର ରାସ୍ତାରେ ପୋଡ଼ାଯୋଡ଼ି ସେତୁ ଏବଂ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ-ଠାକୁରମୁଣ୍ଡା ରାସ୍ତାରେ ସିମୀନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବା ଫଳରେ ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକୁ ସବୁଦିନିଆ ରାସ୍ତା ଦ୍ୱାରା ସଂଯୋଗ କରାଯାଇ ପାରିଛି । ବର୍ତ୍ତମାନ କଟକ ଉପକଣ୍ଠରେ ଝିଙ୍କିରିଆ-ବେଣ୍ଟକାର ରାସ୍ତାରେ କାଠଯୋଡ଼ି ସେତୁର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି ଏବଂ ଏହାକୁ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସଂପୂର୍ଣ୍ଣ କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଅଛନ୍ତି । ଏହା ସଂପୂର୍ଣ୍ଣ ହେଲେ ଅବହେଳିତ ବୟାଳିଶ ମୌଜାକୁ ସବୁଦିନିଆ ରାସ୍ତା ଯୋଗାଯୋଗ ସମ୍ଭବ ହେଇପାରିବ ।

ଏହା ବ୍ୟତୀତ ୭ମ ଯୋଜନାର ପ୍ରାରମ୍ଭରୁ ଗତ ଜୁଲାଇ ଶେଷସୁଦ୍ଧା ବିଭିନ୍ନ ଜିଲ୍ଲାରେ ସମୁଦାୟ ୨୯୮ କି:ମି: ରାସ୍ତାର ଉନ୍ନୟନ କରାଯାଇଛି । ସେହିପରି ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧୫୦୦ ଓ ତଦୂର୍ଦ୍ଧ୍ୱ ଲୋକ ସଂଖ୍ୟା ବିଶିଷ୍ଟ ୭୧ଟି ଗ୍ରାମ, ୧୦୦୦ରୁ ୧୫୦୦ ଲୋକ ସଂଖ୍ୟା ବିଶିଷ୍ଟ ୬୬ଟି ଗ୍ରାମ ଏବଂ ୧୦୦୦ରୁ କମ୍ ଲୋକ ସଂଖ୍ୟା ବିଶିଷ୍ଟ ୨୭୮ଟି ଗ୍ରାମକୁ ସବୁଦିନିଆ ରାସ୍ତାରେ ସଂଯୋଗ କରାଯାଇଛି ।

ଗତ ୨ଟି ଆର୍ଥିକ ବର୍ଷ ମଧ୍ୟରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା ବାବଦରେ ସମୁଦାୟ ୧୯ କୋଟି ୬୨ ଲକ୍ଷ ୩୨ ହଜାର ଟଙ୍କା ବ୍ୟୟ କରାଯାଇଛି । ତନ୍ମଧ୍ୟରେ ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକରେ ବ୍ୟୟ ହୋଇଥିବା ୨ କୋଟି ୫୩ ଲକ୍ଷ ୭୨ ହଜାର ଟଙ୍କା ଅନ୍ତର୍ଭୁକ୍ତ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୭ମ ଯୋଜନା କାଳ ମଧ୍ୟରେ ଏହି ସଂସ୍ଥା ଦ୍ୱାରା ଏମ୍:ଏନ୍:ପି: ଅନୁଯାୟୀ ରାସ୍ତାଘାଟ ନିର୍ମାଣ ଓ ଉନ୍ନୟନ ବାବଦରେ ସର୍ବମୋଟ ୪୦ କୋଟି ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ଏଥିପାଇଁ ୧୦ କୋଟି ଟଙ୍କା ବ୍ୟୟ କରାଯିବ ।

## ନୂଆ ସବ୍-ଟ୍ରେଜେରୀ

ଗତ ଶୁକ୍ରବାର ଓ ଶନିବାର ଦିନ କୋରାପୁଟ ଜିଲ୍ଲା ପଟାଙ୍ଗୀ ଓ ଖଇରପୁଟଠାରେ ରାଜସ୍ୱ, ଅର୍ଥ ଓ ଆଇନ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଦୁଇଟି ନୂତନ ସବ୍-ଟ୍ରେଜେରୀ ଉଦ୍‌ଘାଟନ କରିଛନ୍ତି । ଏହାକୁ ଉଦ୍‌ଘାଟନ କରି ଶ୍ରୀ ପଟ୍ଟନାୟକ କହିଲେ ଯେ ଅଷ୍ଟମ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ୧୯୮୫

ଛୁ ୧୯୮୮–୮୯ ମଧ୍ୟରେ ରାଜ୍ୟରେ ୫୮ଟି ସବ୍-ଟ୍ରେଜେରୀ ଖୋଲିବା ପାଇଁ ନିଷ୍ପତ୍ତି କରାଯାଇଛି । ତଦନୁଯାୟୀ ବିଭିନ୍ନ ସ୍ଥାନରେ ଏହା ଖୋଲାଯାଉଛି । ଚଳିତ ବର୍ଷ କୋରାପୁଟ ଜିଲ୍ଲାରେ ଆଉ ୩ଟି ସବ୍-ଟ୍ରେଜେରୀ ଖୋଲିବା ପାଇଁ ପ୍ରସ୍ତାବ ରହିଛି । ଏହାଫଳରେ ଜନସାଧାରଣ ଅଧିକ ସୁବିଧା ପାଇବେ । ସ୍ୱାଧୀନତା ସଂଗ୍ରାମୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପ୍ରଭୃତି ଏଠାରୁ ସେମାନଙ୍କର ପେନ୍‌ସନ୍ ମଧ୍ୟ ପାଇପାରିବେ । ଯାହା ଫଳରେ କି ସେମାନଙ୍କୁ ଆଉ ଅଧିକ ଦୂରକୁ ଯିବାକୁ ହେବନାହିଁ ।

ପଟାଙ୍ଗୀଠାରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ଶ୍ରୀମତୀ ଚନ୍ଦ୍ରମା ସାନ୍ତା ପୌରୋହିତ୍ୟ କରି କହିଲେ ଯେ ଏହି ସବ-ଟ୍ରେଜେରୀ ଖୋଲାଯିବା ଫଳରେ ଏ ଅଞ୍ଚଳର ଏକ ବହୁଦିନର ଆଶା ପୂରଣ ହୋଇଛି ଏବଂ ଜନସାଧାରଣ ସେଥିପାଇଁ ଆନନ୍ଦିତ । ଉକ୍ତ ସଭାରେ ଟ୍ରେଜେରୀସମୂହର ନିର୍ଦ୍ଦେଶକ, ଜିଲ୍ଲାପାଳ ତଥା ଜିଲ୍ଲାର ଅନ୍ୟାନ୍ୟ ଉଚ୍ଚ ପଦସ୍ଥ ଅଫିସରମାନେ ଯୋଗ ଦେଇଥିଲେ ।

ଏଠାରେ ଉଲ୍ଲେଖନୀୟ ଯେ ଏହି ଦୁଇଟି ନୂତନ ସବ୍-ଟ୍ରେଜେରୀକୁ ମିଶାଇ କୋରାପୁଟ ଜିଲ୍ଲାରେ ଟ୍ରେଜେରୀ, ସ୍ୱତନ୍ତ୍ର ଟ୍ରେଜେରୀ ଓ ସବ୍-ଟ୍ରେଜେରୀ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି । ପୂର୍ବରୁ କୋରାପୁଟ ଜିଲ୍ଲା ସଦର ମହକୁମାରେ ଜିଲ୍ଲା ଟ୍ରେଜେରୀ, ଜୟପୁରଠାରେ ଏକ ସ୍ୱତନ୍ତ୍ର ଟ୍ରେଜେରୀ, ଗୁଣୁପୁର, ନବରଙ୍ଗ-ପୁର, ରାୟଗଡ଼ା, ମାଲକାନଗିରି, ବାଲିମେଳା, ଉମରକୋଟ, କାଶୀନଗର, ବିଷମ କଟକ, ବୋରିଗୁମ୍ମା ଓ କୋଟପାଡ଼ ଠାରେ ଗୋଟିଏ ଲେଖାଏଁ ସବ୍-ଟ୍ରେଜେରୀ କାର୍ଯ୍ୟ କରୁଥିଲା । ନୂତନ ଭାବେ ଖୋଲାଯାଇଥିବା ପଟାଙ୍ଗୀ ସବ୍-ଟ୍ରେଜେରୀ ଅଧୀନରେ ଦାମନଯୋଡ଼ି, ପଟାଙ୍ଗୀ, ନନ୍ଦପୁର ଓ ସିମିଳିଗୁଡ଼ା ଥାନା ଅଞ୍ଚଳ ରହିଥିବା ବେଳେ ଗଡ଼ିଗୁଡ଼ା ସବ୍-ଟ୍ରେଜେରୀ ଅଧୀନରେ ନବରଙ୍ଗପୁର ସବ୍‌ଡିଭିଜନର ଡେବ୍ରୁଳିଖୁଣ୍ଟା ଓ ଖଡ଼ିଗୁଡ଼ା ଥାନା ଅଞ୍ଚଳ ରହିବ ବୋଲି ଜଣାପଡ଼ିଛି । ପଟାଙ୍ଗୀ ସବ୍-ଟ୍ରେଜେରୀ ପ୍ରତ୍ୟେକ ସପ୍ତାହର ସୋମବାର ଓ ଶୁକ୍ରବାର ବ୍ୟତୀତ ମାସର ପ୍ରଥମ ଓ ଶେଷ କାର୍ଯ୍ୟକାରୀ ଦିନରେ ମଧ୍ୟ ଖୋଲାରହିବ । ସେହିପରି ଖଡ଼ିଗୁଡ଼ା ସବ୍-ଟେଜେରୀ ପ୍ରତ୍ୟେକ ମାସର ପ୍ରଥମ ଓ ଶେଷ କାର୍ଯ୍ୟକାରୀ ଦିନ ବ୍ୟତୀତ ସୋମବାର ଓ ବୁଧବାର ଦିନ ଖୋଲା ରହିବ ।

---

## ନୂତନ ଶିଳ୍ପ ପ୍ରତଷ୍ଠା

ସପ୍ତମ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ଦୁଇବର୍ଷ ମଧ୍ୟରେ ରାଜ୍ୟରେ ୫,୯୮୬ ଟି କ୍ଷୁଦ୍ର ଶିଳ୍ପ ଏବଂ ୨ ଲକ୍ଷ ୨୭ ହଜାର ୯୧୩ ଟି ପାରମ୍ପାରିକ କୁଟୀର ଶିଳ୍ପ ପ୍ରତିଷ୍ଠିତ ହୋଇପାରିଛି । ଏଥି ମାଧ୍ୟମରେ ୪,୨୧,୨୭୫ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିଛି ଏବଂ ଏଥିପାଇଁ ୧୩୯ କୋଟି ୪ ଲକ୍ଷ ୮୪ ହଜାର ଟଙ୍କା ବିନିଯୋଗ କରାଯାଇଛି । ଉପରୋକ୍ତ ଦୁଇବର୍ଷ ମଧ୍ୟରେ କ୍ଷୁଦ୍ର ଶିଳ୍ପ ଏବଂ କୁଟୀର ଶିଳ୍ପ ସଂଖ୍ୟା ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଯଥେଷ୍ଟ ଅଧିକ ହୋଇପାରିଛି । ୧୯୮୫-୮୬ ରେ ୩,୩୦୦ ଟି କ୍ଷୁଦ୍ର ଶିଳ୍ପ ଏବଂ ୬୯ ହଜାର କୁଟୀର ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୩,୪୮୨ ଟି କ୍ଷୁଦ୍ର ଶିଳ୍ପ ଏବଂ ୯୪,୫୬୮ ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ପାରିଛି । ସେହିପରି ୧୯୮୬-୮୭ରେ ୨,୫୦୦ କ୍ଷୁଦ୍ର ଶିଳ୍ପ ଏବଂ ୭୨ ହଜାର କୁଟୀର ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୨୫୦୪ଟି କ୍ଷୁଦ୍ର ଶିଳ୍ପ ଏବଂ ୧,୩୩,୩୪୫ ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ବେଳକୁ ରାଜ୍ୟରେ ମୋଟ୍ ୯,୧୧୯ ଟି କ୍ଷୁଦ୍ର ଶିଳ୍ପ ଥିଲା ବେଳେ ଏହି ଯୋଜନା ଶେଷ ବେଳକୁ ଆଉ ଅଧିକ ୧୪,୩୧୮ଟି କ୍ଷୁଦ୍ର ଶିଳ୍ପ ଏବଂ ୩,୬୫,୯୧୬ ଟି କୁଟୀର ଶିଳ୍ପ ପ୍ରତିଷ୍ଠିତ ହୋଇପାରିଥିଲା । ଏଥି ମାଧ୍ୟମରେ ୬,୮୪,୧୬୯ ଜଣ ବ୍ୟକ୍ତିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିଥିଲା ।

## ଜନ ସମସ୍ୟା ସମାଧାନ ଶିବର

କୋରାପୁଟ ସବ୍‌ଡିଭିଜନ୍‌ର ଡଲଗୁମାଣ୍ଡିଠାରେ ଗତ ୫ତାରିଖରେ ଆୟୋଜିତ ଜନ କଲ୍ୟାଣ ଶିବିର ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବଟକୃଷ୍ଣ ଜେନା ଉଦ୍‌ଘାଟନ କରି ଗ୍ରାମାଞ୍ଚଳ ଲୋକମାନଙ୍କ ବିଭିନ୍ନ ସମସ୍ୟାକୁ ସମାଧାନ କରିବା ଦିଗରେ ସ୍ଥାନୀୟ ଅଫିସରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ ଏବଂ ଲୋକମାନେ ସେମାନଙ୍କର ଛୋଟ ଛୋଟ ସମସ୍ୟା ପାଇଁ ଯେପରି ବାରମ୍ବାର ସରକାରୀ ଦପ୍ତରକୁ ନ ଦୌଡ଼ନ୍ତି, ସେଥିପ୍ରତି ସଚେତନ ରହିବାକୁ ଅଫିସରମାନଙ୍କୁ ପରାମର୍ଶ ଦେଇଥିଲେ । କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ସର୍ବବିଧ ଉନ୍ନତି ପାଇଁ ବ୍ୟାପକ ଯୋଜନା କରିଛନ୍ତି ଓ ବିଶେଷ କରି ଆଦିବାସୀ ହରିଜନ ସଂପ୍ରଦାୟର ଲୋକମାନଙ୍କ ଆର୍ଥିକ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି ବୋଲି ଶ୍ରୀ ଜେନା ତାଙ୍କର ଭାଷଣରେ ଉଲ୍ଲେଖ କରିଥିଲେ ।

ସେଠାରେ ଆୟୋଜିତ ଶିବିରରେ ବିଭାଗୀୟ ଅଫିସରମାନେ ଉପସ୍ଥିତ ରହି ଲୋକମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କରିଥିଲେ । ସଭାସ୍ଥଳରେ ମନ୍ତ୍ରୀ ଶ୍ରୀ ଜେନା ୭୦ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୧୩ ଜଣଙ୍କୁ ବିଧବା ଭତ୍ତା ଓ ୭୮ ଜଣଙ୍କୁ ଆଇ: ଆର: ଡ଼ି: କାର୍ଯ୍ୟକ୍ରମରେ ଋଣ ପ୍ରଦାନ କରିଥିଲେ । ସ୍ଥାନୀୟ ବିଧାୟକ ଶ୍ରୀ ଅନନ୍ତ ରାମ ମାଝୀ ଉଦ୍‌ଘାଟନ ଉତ୍ସବରେ ସଭାପତିତ୍ୱ କରିଥିଲେ ।

## ଗରିବ ଲୋକଙ୍କୁ ଅର୍ଥ ସାହାଯ୍ୟ

ଶ୍ରମ ଓ ନିଯୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପାଳ ଚନ୍ଦ୍ର ମହାପାତ୍ର ଗତ ୮ ତାରିଖ ଦିନ ବାଲେଶ୍ୱର ସଦର ବ୍ଲକ୍‌ଠାରେ ଏହି ବ୍ଲକ୍ ଅନ୍ତର୍ଗତ ୧୨ଟି ଗ୍ରାମ ପଞ୍ଚାୟତର ୧୨୭ ଜଣ ଗରିବ ଲୋକଙ୍କୁ ଇ. ଆର. ଆର. ପି. ଯୋଜନା ମାଧ୍ୟମରେ ୮୬,୮୮୨ ଟଙ୍କା ବଣ୍ଟନ କରିଥିଲେ । ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ମହାପାତ୍ର କହିଲେ ଯେ ଉପଭୋକ୍ତାମାନେ ଏହି ଅର୍ଥର ସଦୁପଯୋଗ କରି ନିଜର ଗୁଜୁରାଣ ମେଣ୍ଟାଇବା ସଙ୍ଗେ ସଙ୍ଗେ ନିଜ ଗୋଡ଼ରେ ନିଜେ ଠିଆ ହୋଇପାରିବେ । ବିଂଶସୂତ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ସମାଜର ଦରିଦ୍ରତମ ପରିବାରକୁ ଆର୍ଥିକ ସହାୟତା ଓ ସମ୍ବଳ ପ୍ରଦାନ କରି ସେମାନଙ୍କ ଅବସ୍ଥା ସ୍ୱଚ୍ଛଳ କରିବାକୁ ଉଦ୍ୟମ କରିଆସୁଛନ୍ତି ବୋଲି ଶ୍ରୀ ମହାପାତ୍ର କହିଥିଲେ ।

---

## ହସ୍ତଶିଳ୍ପର ଅଭିବୃଦ୍ଧି

ହସ୍ତଶିଳ୍ପର ଉନ୍ନତି ଘଟାଇବା ଓ ଏଥିପାଇଁ ନୂତନ କାରିଗରୀ କୌଶଳ ଯୋଗାଇ ଦେବା ଉପରେ ରାଜ୍ୟସରକାର ବିଶେଷ ଗୁରୁତ୍ୱ ଆରୋପ କରୁଛନ୍ତି । ଏହା ଫଳରେ ଆମର ପାରମ୍ପରିକ ଶିଳ୍ପରେ ଅଯଥା ଯେଉଁ ଶାରୀରିକ ପରିଶ୍ରମ କରିବାକୁ ପଡୁଥିଲା, ତାହା ଦୂରହେବା ସଙ୍ଗେସଙ୍ଗେ ଉତ୍ପାଦିତ ପଦାର୍ଥର ମାନ ବୃଦ୍ଧି ଘଟୁଛି ଏବଂ ଅଧିକ ଉତ୍ପାଦନ ସମ୍ଭବ ହୋଇପାରୁଛି । ସପ୍ତମ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ୨ ବର୍ଷ ମଧ୍ୟରେ ୧୫ଟି ବଛା ବଛା ଲୋକପ୍ରିୟ ପାରମ୍ପରିକ ଶିଳ୍ପର ବିକାଶ ପାଇଁ ୧୮ ଟି ଅଞ୍ଚଳରେ ୧୮ ଟି ସାଧାରଣ ସେବା ସୁବିଧା କେନ୍ଦ୍ର ଖୋଲଯିବା ପାଇଁ ଚିହ୍ନଟ କରାଯାଇଛି । ଏହି କେନ୍ଦ୍ରଗୁଡ଼ିକ ମଧ୍ୟରୁ ୧୯୮୮-୮୯ରେ ୧୦ ଗୋଟି, ୧୯୮୯-୯୦ ରେ ୮ଟି ଖୋଲଯିବ ।

ପଞ୍ଚମ ପଞ୍ଚବାର୍ଷିକ ଯୋଜନା ଶେଷବେଳକୁ ରାଜ୍ୟରେ ୧୮୧ଟି ପ୍ରାଥମିକ ହସ୍ତଶିଳ୍ପ ସମବାୟ ସମିତି ଥିଲା ଓ ସଭ୍ୟ ସଂଖ୍ୟା ୫,୮୭୯ ଥିଲା । ଏହି ସମିତି ଜରିଆରେ ୭ହଜାର ଲୋକଙ୍କୁ ଧନ୍ଦା ଯୋଗାଇ ଦିଆଯାଇ ପାରୁଥିଲା ଏବଂ ୧ କୋଟି ୨୦ ଲକ୍ଷ ଟଙ୍କାର ଜିନିଷ ଉତ୍ପାଦିତ ହୋଇପାରୁଥିଲା । ଷଷ୍ଠ ଯୋଜନା କାଳରେ ଆଉ ୯୦ଟି ସମିତି ଗଠିତ ହେବା ଫଳରେ ସମିତିଗୁଡ଼ିକର ସଂଖ୍ୟା ୨୭୧ରେ ପହଞ୍ଚିଲା ଓ ସଭ୍ୟସଂଖ୍ୟା ୯,୬୩୮ରେ ପହଞ୍ଚିପାରିଲା । ଏହିସବୁ ସମିତି ମାଧ୍ୟମରେ ୧୫ ହଜାର ଲୋକଙ୍କୁ କାମଧନ୍ଦା ମିଳିପାରୁଥିଲା, ଯାହାକି ପଞ୍ଚମ ପଞ୍ଚବାର୍ଷିକ ଯୋଜନା ଶେଷବେଳ ସଂଖ୍ୟାର ଦୁଇଗୁଣରୁ ଅଧିକ ।

ସପ୍ତମ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ବର୍ଷରେ ହସ୍ତଶିଳ୍ପରୁ ୩ କୋଟି ୮୭ ଲକ୍ଷ ୪୯ ହଜାର ଟଙ୍କାର ଦ୍ରବ୍ୟ ଉତ୍ପାଦିତ ହୋଇଥିଲା । ଦ୍ୱିତୀୟ ବର୍ଷରେ ତାହା ବୃଦ୍ଧି ପାଇ ୪ କୋଟି ୫୦ ଲକ୍ଷ ୬୪ ହଜାର ଟଙ୍କା ହୋଇପାରିଥିଲା । ତେଣୁ ହସ୍ତଶିଳ୍ପ ସାମଗ୍ରୀରୁ ଆୟ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି ।

---

## ଅଗ୍ରାଧିକାର ଭିତ୍ତିରେ ଜଳସେଚନ ଯୋଜନା

ରାଜ୍ୟରେ ନିର୍ମାଣାଧୀନ ବିଭିନ୍ନ ଜଳସେଚନ ଯୋଜନା ପାଇଁ ଅଗ୍ରାଧିକାର ଭିତ୍ତିରେ ବ୍ୟୟ ବରାଦ୍ଦ ପାଇଁ ଓଡ଼ିଶା ସରକାର ନୀତିଗତ ନିଷ୍ପତ୍ତି କରିଛନ୍ତି । ସବୁ ଯୋଜନା ପାଇଁ କିଛି କିଛି ଅର୍ଥ ଯୋଗାଇ ଦେବା ଫଳରେ ଯୋଜନାଗୁଡ଼ିକର ନିର୍ମାଣ କ୍ଷେତ୍ରରେ ଅଯଥା ବିଳମ୍ବ ସୃଷ୍ଟି ହୋଇ ଏହାର ଖର୍ଚ୍ଚ ଅଟକଳ ଆଶାତୀତଭାବେ ବୃଦ୍ଧି ପାଉଥିବା ଯୋଗୁ ଏହି ବ୍ୟବସ୍ଥାର ପରିବର୍ତ୍ତନ କରି ଯେଉଁ ଯୋଜନାର କାର୍ଯ୍ୟ ସପ୍ତମ ଯୋଜନାମଧ୍ୟରେ ସଂପୂର୍ଣ୍ଣ ହୋଇପାରିବ, ଯାହାର ନିର୍ମାଣ ଦ୍ୱାରା ସର୍ବାଧିକ ଉପକାର ମିଳିପାରିବ ଏବଂ ଯେଉଁ ଯୋଜନା ଉତ୍କଟ ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଜଳସେଚନ ସୁବିଧା ସୃଷ୍ଟି କରିପାରିବ, ସେଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଅଧିକ ଅର୍ଥ ଯୋଗାଇ ଦେବା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର ହୋଇଛି । ଏ ସଂପର୍କରେ ଆବଶ୍ୟକ ତଥ୍ୟ ସଂଗ୍ରହ, ସମୀକ୍ଷା ତଥା ଅର୍ଥ ଯୋଗାଣ ନୀତି ନିର୍ଦ୍ଧାରଣ ପାଇଁ ରାଜ୍ୟ ସରକାର ଏକ କମିଟି ଗଠନ କରିଥିଲେ ।

ସପ୍ତମ ଯୋଜନା କାଳମଧ୍ୟରେ ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନା ପାଇଁ ୫ଶହ ୫୦ କୋଟି, କ୍ଷୁଦ୍ର ଜଳସେଚନ ପାଇଁ ୫୫କୋଟି, ଉଠା ଜଳସେଚନ ପାଇଁ ୫୫ କୋଟି, ବନ୍ୟା ନିୟନ୍ତ୍ରଣ ପାଇଁ ୧୭ କୋଟି ଏବଂ ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା ପାଇଁ ୨୨ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଅନେକ କ୍ଷେତ୍ରରେ ବନ୍ଧ ନିର୍ମାଣ ଦିଗରେ ବହୁ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ କେନାଲ ନିର୍ମାଣରେ ବିଳମ୍ବ ହେଉଥିବା ଯୋଗୁଁ ଯୋଜନାର ସୁଫଳ ମିଳୁ ନ ଥିବା ବିଷୟରେ ରାଜ୍ୟସରକାର ସଚେତନ ଅଛନ୍ତି ଓ ଏହି ସମସ୍ୟାର ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି । ନିକଟରେ ଭୁବନେଶ୍ୱରଠାରେ ଜଳସେଚିତ ଅଞ୍ଚଳରେ ଜଳ ଓ ଭୂମିର ପରିଚାଳନା ସଂପର୍କରେ ଅନୁଷ୍ଠିତ ଦଶମ ପ୍ରଶିକ୍ଷଣ କେନ୍ଦ୍ରର ଉଦ୍‌ଯାପନ ଦିବସରେ ଭାଷଣ ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ନଳିନୀକାନ୍ତ ପଣ୍ଡା ଏହି ତଥ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ରାଜ୍ୟ ତଥା ଦେଶର ଅର୍ଥନୈତିକ ପ୍ରଗତି ପାଇଁ ଜଳସେଚନ ଓ ବିଦ୍ୟୁତ ଇଞ୍ଜିନିୟରମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ଦୃଷ୍ଟିରୁ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସେମାନେ ସକ୍ରିୟ ଉଦ୍ୟମ କରିବେ ବୋଲି ଆଶା ପ୍ରକାଶ କରିଥିଲେ ।

ଓଡ଼ିଶାର ଅର୍ଥନୀତି କୃଷିଭିତ୍ତିକ ହୋଇଥିବା ଦୃଷ୍ଟିରୁ ଜନସାଧାରଣଙ୍କୁ ଉନ୍ନତ କୃଷି ପଦ୍ଧତିର ପ୍ରଦର୍ଶନ, ରାସାୟନିକ ସାର ପ୍ରୟୋଗ, ଶସ୍ୟ ଖସଡ଼ାର ପରିବର୍ତ୍ତନ ପ୍ରଭୃତି ସଂପର୍କରେ ସଚେତନ କରିବା ପାଇଁ ସୂଚନା ଓ ଲୋକ ସଂପର୍କ ବିଭାଗର କ୍ଷେତ୍ର କର୍ମଚାରୀମାନେ ସକ୍ରିୟ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି ।

---

## ରାଜଧାନୀର ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ

ଭୁବନେଶ୍ୱର ବରମୁଣ୍ଡାଠାରେ ଏକ ଅତ୍ୟାଧୁନିକ ବସ୍-ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରାରମ୍ଭିକ ପଦକ୍ଷେପ ନିଆଯାଉଛି । ଏଥିପାଇଁ ରାଜ୍ୟ ସରକାର ଭୁବନେଶ୍ୱର ଉନ୍ନୟନ ସଂସ୍ଥାକୁ ୧୫ ଏକର ଜମି ହସ୍ତାନ୍ତର କରିସାରିଛନ୍ତି । ବର୍ତ୍ତମାନର ବସ୍‌ଷ୍ଟାଣ୍ଡରେ ସ୍ଥାନାଭାବ ଯୋଗୁଁ ଅତ୍ୟଧିକ ଗହଳି ହୋଇ ଅନେକ ଦୁର୍ଘଟଣା ଘଟୁଥିବା ଯୋଗୁଁ ଏହାକୁ ସ୍ଥାନାନ୍ତରିତ କରିବାପାଇଁ ବହୁଦିନରୁ ଜନମତ ପ୍ରକାଶ ପାଉଛି ଓ ଏହାପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରି ଏକ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନୂତନ ବସ୍‌ଷ୍ଟାଣ୍ଡର ନିର୍ମାଣ ଓ ଏହି ସ୍ଥାନାନ୍ତର କାର୍ଯ୍ୟ ସମାପ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି ।

ଗତକାଲି ଏ ସଂପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀ ନଳିନୀକାନ୍ତ ପଣ୍ଡା ସଂପୃକ୍ତ ବିଭାଗୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ଏହି ବସ୍‌ଷ୍ଟାଣ୍ଡର ନିର୍ମାଣ ଓ ପରିଚାଳନା ଦାୟିତ୍ୱ ଭୁବନେଶ୍ୱର ଉନ୍ନୟନ ସଂସ୍ଥାକୁ ଦିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ଏହି ନିର୍ମାଣ ପାଇଁ ୧ କୋଟି ୩୨ ଲକ୍ଷ ଟଙ୍କା ବ୍ୟୟ କରାଯିବ ଓ ଏହାର କାର୍ଯ୍ୟ ୧୯୮୮ ନଭେମ୍ବର ମାସ ସୁଦ୍ଧା ଶେଷ କରାଯିବ । ଏହି ଯୋଜନା ପାଇଁ 'ହୁଡ୍‌କୋ' ର ଆର୍ଥିକ ସହାୟତା ଗ୍ରହଣ ପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ପ୍ରାରମ୍ଭିକ ସ୍ତରରେ ବସ୍‌ଷ୍ଟାଣ୍ଡ ବ୍ୟତୀତ ରାଜ୍ୟ ପରିବହନ ନିଗମ ଓ ଓ. ଆର. ଟି. କଂପାନୀ ପାଇଁ ଗ୍ୟାରେଜ, ଆବଶ୍ୟକୀୟ ଦୋକାନ ଗୃହ ଓ ସୁଲଭ ଶୌଚାଳୟ ପ୍ରଭୃତି ମଧ୍ୟ ନିର୍ମିତ ହେବ। ଏହି ସ୍ଥାନାନ୍ତର ଫଳରେ ଜନସାଧାରଣ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ନୂତନ ବସ୍‌ଷ୍ଟାଣ୍ଡଠାରୁ ସହରର ସମସ୍ତ ଅଞ୍ଚଳକୁ ଯଥେଷ୍ଟ ସଂଖ୍ୟକ ଟାଉନ୍ ବସ୍ ଚଳାଚଳ ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବାକୁ ଓ ସହର ମଧ୍ୟରେ ଟାଉନ୍ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥିର କରାଯାଇଛି। ଭୁବନେଶ୍ୱର ସହରର ଭବିଷ୍ୟତ ଆବଶ୍ୟକତା ପ୍ରତି ଦୃଷ୍ଟି ଦେଇ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ଓ ଏହାର ପରିପୂରଣ ପାଇଁ ବସ୍‌ଷ୍ଟାଣ୍ଡ ସଂପ୍ରସାରଣ ସକାଶେ ଉପଯୁକ୍ତ ବ୍ୟବସ୍ଥା ରଖିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି ।

ଏହି ଆଲୋଚନାରେ ପରିବହନ ନଗର ଉନ୍ନୟନ ଓ ପାଇନ ବିଭାଗର ଶାସନ ସଚିବ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଭୁବନେଶ୍ୱର ଉନ୍ନୟନ ସଂସ୍ଥାର ଉପାଧ୍ୟକ୍ଷ ଇଷ୍ଟେଟ୍ ନିର୍ଦ୍ଦେଶକ ଓ ନଗର ଉନ୍ନୟନ ନିର୍ଦ୍ଦେଶାଳୟ, ରାଜ୍ୟ ପରିବହନ ନିଗମ ଏବଂ ଓ. ଆର. ଟି. ପ୍ରତିନିଧିମାନେ ଯୋଗ ଦେଇଥିଲେ ।

——

## ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ

ହରିଜନ ଓ ଆଦିବାସୀ କଲ୍ୟାଣ ଉପମନ୍ତ୍ରୀ ଶ୍ରୀମତୀ ପରମା ପୂଜାରୀ ଫୁଲବାଣୀଠାରେ ଗତ ୭ ତାରିଖ ଦିନ ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ବିଭାଗୀୟ ଅଫିସରମାନଙ୍କୁ ପରାମର୍ଶ ଦେଇଥିଲେ । ସ୍ଥାନୀୟ ବିଧାୟକ ଶ୍ରୀ ଅଭିମନ୍ୟୁ ବେହେରା ଆଲୋଚନା ବୈଠକରେ ଉପସ୍ଥିତ ଥିଲେ । ଉପମନ୍ତ୍ରୀ ଶ୍ରୀମତୀ ପୂଜାରୀ ଫୁଲବାଣୀ ଓ ଖଜୁରୀପଡା ବ୍ଲକ୍‌ର ସିଲେଇ କେନ୍ଦ୍ର ପଦନା ଗ୍ରାମର ସେବାଶ୍ରମ, ବୈତା ପିରିଜୁଡ଼ି ଲମ୍ବାଗୁଡୁରି ଗ୍ରାମର ଶିକ୍ଷାନୁଷ୍ଠାନ ଏବଂ ଫୁଲବାଣୀ କଲେଜର ଛାତ୍ରୀ ନିବାସ ପରିଦର୍ଶନ କରିଥିଲେ । ପ୍ରେମଝରି ଓ ବରଡାଠାରେ ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ପରିଦର୍ଶନକରି ସେଥିରେ ଥିବା ତ୍ରୁଟି ସଂଶୋଧନ କରିବାକୁ ଶ୍ରୀମତୀ ପୂଜାରୀ ବିଭାଗୀୟ ଅଫିସରଙ୍କୁ ପରାମର୍ଶ ଦେଇଥିଲେ ।

ଉପମନ୍ତ୍ରୀ ଶ୍ରୀମତୀ ପୂଜାରୀ ପୂର୍ବଦିନ କଳିଙ୍ଗ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ସମ୍ମାନୀୟା ଅତିଥିରୂପେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତ ଆଦର୍ଶ ଜୀବନ ଯାପନ ପାଇଁ ମନଯୋଗ ସହକାରେ ଶିକ୍ଷାଲାଭ କରିବାକୁ ପରାମର୍ଶ ଦେଇଥିଲେ । ଅବକାରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନାଗାର୍ଜୁନ ପ୍ରଧାନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।

## ଏନ୍. ଆର୍. ଇ. ପି. କାର୍ଯ୍ୟକ୍ରମ

ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମ ଅନୁଯାୟୀ ଗତମାସରେ ରାଜ୍ୟରେ ପ୍ରାୟ ୨୨ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇ ଶ୍ରମଜୀବୀମାନଙ୍କ ପାଇଁ ନିଯୁକ୍ତି ସୁବିଧା ସୃଷ୍ଟି କରାଯାଇ ପାରିଛି । ଏହାଦ୍ୱାରା ୭ ଲକ୍ଷ ୯୧ ହଜାର ଶ୍ରମ ଦିବସରେ ତଫସିଲଭୁକ୍ତ ଜାତି ଓ ୭ ଲକ୍ଷ ୫୨ ହଜାର ଶ୍ରମ ଦିବସରେ ତଫସିଲଭୁକ୍ତ ସଂପ୍ରଦାୟର ଶ୍ରମିକମାନେ ମଜୁରୀ ଉପାର୍ଜନ ସୁବିଧା ପାଇପାରୁଛନ୍ତି । ଏତଦ୍ୱାରା ପ୍ରାୟ ୮ ଲକ୍ଷ ଶ୍ରମ ଦିବସରେ ଭୂମିହୀନ ଓ ୫ ଲକ୍ଷ ୬୩ ହଜାର ଶ୍ରମ ଦିବସରେ ମହିଳା ଶ୍ରମିକମାନେ ଉପକୃତ ହୋଇଛନ୍ତି ।

ଗତମାସରେ ଏହି କାର୍ଯ୍ୟକ୍ରମ ଲାଗି ଖାଦ୍ୟଶସ୍ୟର ମୂଲ୍ୟ ସମେତ ମଜୁରୀ ଓ ଅଣ-ମଜୁରୀ ବାବଦରେ ୩କୋଟି ୩୮ ଲକ୍ଷ ୫୯ ହଜାର ଟଙ୍କା ବ୍ୟୟ ହୋଇଛି । ଶ୍ରମିକମାନଙ୍କୁ ଖାଦ୍ୟଶସ୍ୟ ଆକାରରେ ଦିଆଯାଇଥିବା ଚାଉଳ ଓ ଗହମର ପରିମାଣ ଯଥାକ୍ରମେ ୩,୬୪୭·୧୦ ମେଟ୍ରିକ୍ ଟନ୍ ଓ ୪,୦୨୧·୮୪ ମେଟ୍ରିକ୍ ଟନ୍ ।

ଚଳିତ ଆର୍ଥିକ ବର୍ଷରେ ଗତମାସ ସୁଦ୍ଧା ଏନ୍: ଆର: ଇ: ପି: କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟରେ ମୋଟ ୧ କୋଟି ୭୧ ଲକ୍ଷ ୧୧ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇଛି । ସେଥିମଧ୍ୟରୁ ୩୮ ଲକ୍ଷ ୯୫ ହଜାର ଶ୍ରମ ଦିବସରେ ତଫସିଲଭୁକ୍ତ ଜାତି ଓ ୪୦ ଲକ୍ଷ ୯୧ ହଜାର ଶ୍ରମ ଦିବସରେ ତଫସିଲଭୁକ୍ତ ସଂପ୍ରଦାୟର ଶ୍ରମଜୀବୀମାନେ ଉପକୃତ ହୋଇଛନ୍ତି । ଏହାଦ୍ୱାରା ୩୬ ଲକ୍ଷ ୧୨ ହଜାର ଶ୍ରମ ଦିବସରେ ଭୂମିହୀନ ଓ ୨୩ ଲକ୍ଷ ୭ ହଜାର ଶ୍ରମ ଦିବସରେ ମହିଳା ଶ୍ରମିକମାନେ ଉପକୃତ ହୋଇଛନ୍ତି ।

ଏଥିପାଇଁ ଖାଦ୍ୟଶସ୍ୟର ମୂଲ୍ୟ ସମେତ ମଜୁରୀ ଓ ଅଣ-ମଜୁରୀ ବାବଦରେ ମୋଟ୍ ୨୦ କୋଟି ୪୮ ଲକ୍ଷ ୨ ହଜାର ଟଙ୍କା ବ୍ୟୟ ହୋଇଛି ।

——

## ଡ଼ଂଗରିଆ କଂଧ ଉନ୍ନୟନ ଯୋଜନା

କୋରାପୁଟ ଜିଲ୍ଲା ଗୁଣୁପୁର ସବ୍‌ଡିଭିଜନ ଅନ୍ତର୍ଗତ ବିଷମ—କଟକ ଓ ମୁନିଗୁଡା ପାର୍ବତ୍ୟ ଅଞ୍ଚଳରେ ସମୁଦ୍ର ପତ୍ତନଠାରୁ ଏକ ହଜାରରୁ ୫ ହଜାର ଫୁଟ ଉଚ୍ଚରେ ବାସ କରୁଥିବା ଡଙ୍ଗରିଆ କଂଧମାନଙ୍କର ସର୍ବବିଧ ଉନ୍ନତି ପାଇଁ ବିଷମ—କଟକଠାରୁ ୭ କିଲୋମିଟର ଦୂର ଘଟିକୋଣାଠାରେ 'କୁଇ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା' କାର୍ଯ୍ୟ କରୁଛି । ଏହି ସଂସ୍ଥା ଅଧୀନରେ ୭ଟି ଗ୍ରାମପଞ୍ଚାୟତର ୬୭ଟି ଗ୍ରାମ ମଧ୍ୟରେ ବିଷମ—କଟକ ବ୍ଲକର ୩୨ଟି ଓ ମୁନିଗୁଡା ବ୍ଲକ୍‌ର ୩୫ଟି ଗ୍ରାମ ଅନ୍ତର୍ଭୁକ୍ତ ।

ଏହି ସଂସ୍ଥା ଆରମ୍ଭରୁ ଅର୍ଥାତ୍ ୧୯୭୮ ମସିହା ଜୁଲାଇରୁ ଅଦ୍ୟାବଧି ୫୬ ଲକ୍ଷ ଟଙ୍କା ବ୍ୟୟ କରିଛି । ତନ୍ମଧ୍ୟରେ ବିଭିନ୍ନ କୃଷି କାର୍ଯ୍ୟକ୍ରମ, ଫଳବୃକ୍ଷ ପ୍ରସାରଣ, ମୃତ୍ତିକା ସଂରକ୍ଷଣ, ପଶୁ ପାଳନ, ଭିତ୍ତିଭୂମି ଉନ୍ନୟନ, ସ୍ୱାସ୍ଥ୍ୟସେବା ଇତ୍ୟାଦି

କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ଚାଷ ପାଇଁ ୪୨୫ ଜଣଙ୍କୁ କୃଷି ଯନ୍ତ୍ରପାତି ଓ ୧୪୬ ଜଣଙ୍କୁ ହଳ ବଳଦ ଯୋଗାଇ ଦେବା ବାବଦରେ ଯଥାକ୍ରମେ ୨,୬୮୨ ଟଙ୍କା ଓ ୧ ଲକ୍ଷ ୨୮ ହଜାର ୪୧୭ ଟଙ୍କା ଦିଆଯାଇଛି । ଏଠିକାର ଜଳବାୟୁ ଅପେକ୍ଷାକୃତ ଥଣ୍ଡା ଥିବାରୁ ଫଳଚାଷ ପାଇଁ ଏହା ଅତୀବ ଅନୁକୂଳ । ଏଥିପାଇଁ ଫଳୋଦ୍ୟାନ ବିଭାଗ ତରଫରୁ ମୋଟ୍ ୧,୩୭୦ ଏକର ଜମିରେ ବିଭିନ୍ନ ପ୍ରକାରର ଫଳଚାଷ କରାଯାଇଛି । ତନ୍ମଧ୍ୟରେ ମୁଖ୍ୟତଃ ୨୬୬ ଏକରରେ କଦଳୀ, ୪୨୧ ଏକର ଜମିରେ ସପୁରୀ, ୨୯୭ ଏକର ଜମିରେ ମିଠା କମଳା ଅନ୍ତର୍ଭୁକ୍ତ । ଫଳଚାଷ ବାବଦରେ ୧୮ ଲକ୍ଷ ୯୮ ହଜାର ୮୩୦ ଟଙ୍କା ବ୍ୟୟ କରାଯାଇଛି ।

ଡଙ୍ଗରିଆ କନ୍ଧମାନେ ବାସ କରୁଥିବା ଅଞ୍ଚଳରେ ୧,୧୬୩ ଏକର ଚାଷଜମି ରହିଛି । ଆଦିବାସୀମାନେ ମାଣ୍ଡିଆ, ବାଜରା, ମକା, ହରଡ, ମୁଗ, ଅଳସୀ, ସୋରିଷ, ହଳଦୀ ପ୍ରଭୃତି ଚାଷ କରନ୍ତି । କୃଷିର ଉନ୍ନତି ପାଇଁ ପ୍ରତିଥର ଖରିଫ୍ ଓ ରବି ଋତୁରେ ଏହି ପରିବାରଙ୍କୁ ଉନ୍ନତ ବିହନ ଓ ସାର ଯୋଗାଇ ଦିଆଯାଉଛି ।

ଗ୍ରାମଗୁଡ଼ିକର ମୋଟ୍ ଲୋକସଂଖ୍ୟା ହେଉଛି ୪,୬୧୬ ଏବଂ ତନ୍ମଧ୍ୟରେ ପୁରୁଷଙ୍କ ସଂଖ୍ୟା ହେଉଛି ୨,୦୨୮ ଏବଂ ମହିଳାମାନଙ୍କ ସଂଖ୍ୟା ୨,୬୮୮ । ଫଳଚାଷ ହେଉଛି ଏମାନଙ୍କର ପ୍ରଧାନ ବେଉସା । ଏମାନଙ୍କୁ ଫଳଚାଷପାଇଁ ସପୁରୀ, ମିଠା କମଳା, ଅମୃତଭଣ୍ଡା, କଦଳୀ ଇତ୍ୟାଦି ଫଳଚାରାମାନ ଉକ୍ତ ସଂସ୍ଥା ତରଫରୁ ଯୋଗାଇ ଦିଆଯାଉଛି । ପାହାଡ ଉପରେ ଏହି ସଂସ୍ଥା ୭ଟି ନର୍ସରୀ ତିଆରି କରି ବିଭିନ୍ନ ପ୍ରକାରର ଫଳଚାରା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ଆଳୁଚାଷ ମଧ୍ୟ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଉଛି ।

ଶିକ୍ଷାର ପ୍ରସାର ପାଇଁ ଏହି ଅଞ୍ଚଳରେ ଚାଟଶାଳୀ ସମେତ ପ୍ରୌଢ଼ଶିକ୍ଷା କେନ୍ଦ୍ର ରହିଛି ଏବଂ ସ୍ୱାସ୍ଥ୍ୟ ସେବା ମଧ୍ୟ ଏମାନଙ୍କୁ ଯୋଗାଇ ଦିଆଯାଉଛି । ଏମାନଙ୍କର ସାମାଜିକ ଚଳଣୀରେ ପରିବର୍ତ୍ତନ ଆଣିବା ପାଇଁ ଉକ୍ତ ସଂସ୍ଥା ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି ।

---

## ମଦନପୁର-ରାମପୁର ବ୍ଲକ୍ ଜଳ ପ୍ରକଳ୍ପ ପ୍ରତିଷ୍ଠା

କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ବ୍ଲକ୍‌ରେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ୧୩ ଗୋଟି ଜଳ ପ୍ରକଳ୍ପ ମରୁଡ଼ିର ପ୍ରତିକାର ନିମନ୍ତେ ପ୍ରତିଷ୍ଠା କରାଯାଇଛି ବୋଲି ସେଚ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ପ୍ରକାଶ କରିଛନ୍ତି । ଗତକାଲି କଳାହାଣ୍ଡି ଜିଲ୍ଲାର ରୂପରାରୋଡ଼ଠାରେ ହରିବୋଲ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରୀ ସିଂହ କହିଲେ ଯେ ପ୍ରତି ଜିଲ୍ଲାରେ କ୍ରୀଡ଼ାର ଭିତ୍ତିଭୂମି ମଧ୍ୟ ପ୍ରସ୍ତୁତ କରାଯାଉଛି ।

ଏହାପୂର୍ବରୁ ଗତ ୯ ତାରିଖ ଦିନ ସେ ଡାଙ୍ଗବାହାଲ, ଟାଙ୍ଗେରମୁଣ୍ଡା, ଅଇତରା, ଗୋଛା ଡେଙ୍ଗା, ଡେଲକୋନା, ସିକେଲକୁପା, କୁମେରପଟା, ମଦନପୁର, ପାଟମୁଣ୍ଡା, ମହନଗିରି ପ୍ରଭୃତି ଗ୍ରାମ ପରିଦର୍ଶନ କରି ୪୦ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ୬୦ ଜଣଙ୍କୁ ବ୍ୟବସାୟ ଋଣ ବଣ୍ଟନ କରିଥିଲେ । ମୋହନଗିରିଠାରେ ଏକ ସାଧାରଣ ସଭାରେ ରାମପୁର-ମୋହନଗିରି ରାସ୍ତାର ଉନ୍ନତି ଲାଗି ସରକାର ୩ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରିଥିବା ସେ ସୂଚାଇଥିଲେ । ଏହି ଅବସରରେ ସେ ଅନ୍ତରଳା ଗ୍ରାମରେ ଦୁଇଟି ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଥିଲେ ।

---

## ଆଦିବାସୀ ଅଞ୍ଚଳର ଅଭିଯୋଗ ଦୂରୀକରଣ

ପ୍ରଶାସନିକ ଅଧିକାରୀମାନେ ଅନୁନ୍ନତ ଆଦିବାସୀ ଅଞ୍ଚଳରେ ଫଳପ୍ରଦ ଜନ ସଂପର୍କ ସ୍ଥାପନ କରି ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ଓ ଅଭିଯୋଗ ଦୂରୀକରଣ ପାଇଁ ସକ୍ରୀୟ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ଅନୁନ୍ନତ ଅଞ୍ଚଳର ବିଭିନ୍ନ ସମସ୍ୟାର ଆଶୁ ସମାଧାନ ତଥା ଜନସାଧାରଣଙ୍କର ଅଭାବ ଓ ଅସୁବିଧାଗୁଡ଼ିକର ପର୍ଯ୍ୟାଲୋଚନା କରି ସେଗୁଡ଼ିକର ଦୂରୀକରଣ ପାଇଁ ଜିଲ୍ଲାସ୍ତରରେ ପ୍ରଶାସନିକ କଳକୁ ଅଧିକ ସକ୍ରିୟ କରିବା ଉପରେ ସେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି ।

ଅନୁନ୍ନତ ଅଞ୍ଚଳରେ ପାନୀୟ ଜଳର ଅଭାବ, ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଣରେ ଅବ୍ୟବସ୍ଥା, ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ପାଇଁ ଋଣ ଓ ସରକାରୀ ସାହାଯ୍ୟ ମଞ୍ଜୁରୀରେ ବିଳମ୍ବ, ଆଦିବାସୀ ଜମି ହସ୍ତାନ୍ତର ପ୍ରଭୃତି କ୍ଷେତ୍ରରେ ପ୍ରଶାସନିକ ଅବହେଳା ପ୍ରଦର୍ଶନ ଯୋଗୁଁ ଲୋକମାନେ ଯେପରି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ ମୁଖ୍ୟ ଶାସନ ସଚିବ ଶ୍ରୀ ନଳିନୀକାନ୍ତ ପଣ୍ଡା ସମସ୍ତ ଶାସନ ସଚିବ, ବିଭାଗୀୟ ମୁଖ୍ୟ ତଥା ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅଞ୍ଚଳରେ ସାପ୍ତାହିକ ହାଟମାନଙ୍କରେ ନିକଟବର୍ତ୍ତୀ ଗ୍ରାମମାନଙ୍କର ଆଦିବାସୀମାନେ ସମ୍ମିଳିତ ହେଉଥିବା ଦୃଷ୍ଟିରୁ ଏଥିରେ ଯେତେଦୂର ସମ୍ଭବ ନିୟମିତଭାବେ ସବ୍‌ଡିଭିଜନାଲ ଅଧିକାରୀ, ବ୍ଲକ୍ ଉନ୍ନୟନ ଅଧିକାରୀ ଏବଂ ରାଜସ୍ୱ ତଥା ଯୋଗାଣ ବିଭାଗର ଅଧିକାରୀମାନେ ଯୋଗ ଦେଇ ଆଦିବାସୀମାନଙ୍କର ଅଭାବ ଅସୁବିଧା ସଂପର୍କରେ ଅନୁଧ୍ୟାନ କରିବା ଓ ତାହା ଦୂର କରିବା ପାଇଁ ଆଶୁ ଓ ସକ୍ରୀୟ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଉପଦେଶ ଦେଇଛନ୍ତି । ଜିଲ୍ଲାପାଳମାନେ ମଧ୍ୟ ଆଦିବାସୀ ଅଞ୍ଚଳର କେତେକ ମୁଖ୍ୟ ହାଟ ପରିଦର୍ଶନ କରି ଲୋକମାନଙ୍କ ସହ ଉତ୍ତମ ସଂପର୍କ ସ୍ଥାପନ କରିବା ଉପରେ ଗୁରୁତ୍ୱ ଆରୋପ କରି ସମାଜର ଦୁର୍ବଳ ଶ୍ରେଣୀ ଲୋକମାନଙ୍କର ଅର୍ଥନୈତିକ ତଥା ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସଂପୃକ୍ତ କର୍ମଚାରୀମାନେ ନିଷ୍ଠାର ସହିତ ନିଜର କର୍ତ୍ତବ୍ୟ ସଂପାଦନ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ ।

## ସଘନ ଗୋ-ଉନ୍ନୟନ ଯୋଜନା

କଟକ, ବ୍ରହ୍ମପୁର ଓ ସମ୍ବଲପୁର ସଘନ ଗୋ-ଉନ୍ନୟନ ଯୋଜନା ଅଞ୍ଚଳରେ ଗତ ସେପ୍ଟେମ୍ବର ମାସରେ ୫୩ ହଜାର ୨୯୩ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ପ୍ରତିଷେଧକ ଟିକା ଦିଆଯିବା ସଙ୍ଗେ ସଙ୍ଗେ ୪୩ ହଜାର ୪୯୪ଟି ଗାଈଗୋରୁଙ୍କର ସାଧାରଣ ରୋଗର ଚିକିତ୍ସା କରାଯାଇଛି । ଉକ୍ତ ସମୟ ମଧ୍ୟରେ ୪ ହଜାର ୪୭୪ଟି ଗାଈଙ୍କୁ କୃତ୍ରିମ ପ୍ରଜନନ ଦ୍ୱାରା ଗର୍ଭାଧାନ କରାଯାଇଥିଲା । ପୂର୍ବରୁ ପ୍ରଜନନ କରାଯାଇଥିବା ଗାଈଙ୍କଠାରୁ ୯୩୬ଟି ଅଣ୍ଡିରା ଓ ୮୩୦ଟି ସଙ୍କର ଜାତୀୟ ମାଈ ବାଛୁରୀ ଜନ୍ମିଥିଲେ । ଏହାବ୍ୟତୀତ ୫ ହଜାର ୨୨୦ଟି ଅଣ୍ଡିରା ବାଛୁରୀଙ୍କୁ ଧରାଣ କରାଯାଇଥିଲା ।

ବ୍ୟକ୍ତିଗତ କ୍ଷେତ୍ରରେ ଘାସଚାଷ ପାଇଁ ଗୋ-ପାଳନ କରୁଥିବା ଚାଷୀମାନଙ୍କୁ ୨'୪୦ କ୍ୟୁଣ୍ଟାଲ ଘାସମଞ୍ଜି ଏବଂ ୪ ହଜାର ୩୫୦ ଘାସମୂଳ ଯୋଗାଇଦିଆଯାଇ ଉକ୍ତ ଅଞ୍ଚଳର ଚାଷୀମାନଙ୍କର ପ୍ରାୟ ୧୯ ଏକର ଜମିରେ ଘାସଚାଷ କରାଯାଇଥିଲା ।

ଉପରୋକ୍ତ ଯୋଜନା ଅଞ୍ଚଳରୁ ଉକ୍ତ ମାସ ମଧ୍ୟରେ ମୋଟ୍ ୯୪ ହଜାର ୫୫୪ ଲିଟର କ୍ଷୀର ସଂଗୃହୀତ ହୋଇ ବିକ୍ରୟ କରାଯାଇଛି ବୋଲି ପଶୁପାଳନ ଓ ପଶୁ ଚିକିତ୍ସା ବିଭାଗ ସୂତ୍ରରୁ ପ୍ରକାଶ ।

---

## ଗୋତି ଶ୍ରମିକ ଥଇଥାନ


ଚଳିତ ଆର୍ଥିକ ବର୍ଷରେ ଗତ ଅକ୍ଟୋବର ଶେଷ ସୁଦ୍ଧା ମୟୂରଭଞ୍ଜ ଜିଲ୍ଲାରେ ୧୭୫ ଜଣ ଗୋତିମୁକ୍ତ ଶ୍ରମିକଙ୍କ ଥଇଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ୧୩ ଜଣ ତଫସିଲଭୁକ୍ତ ଜାତି ଓ ୧୧୯ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ । ଏ ବାବଦରେ ୮ ଲକ୍ଷ ୫୧ ହଜାର ଟଙ୍କା ବ୍ୟୟ ହୋଇଛି ।

ରାଜ୍ୟରେ ଗୋତି ଶ୍ରମିକଙ୍କ ଥଇଥାନ ଯୋଜନା ଆରମ୍ଭ ହେବା ଦିନଠାରୁ ଗତ ଅକ୍ଟୋବର ସୁଦ୍ଧା ୩୬ ଲକ୍ଷ ୧୦ ହଜାର ଟଙ୍କା ବ୍ୟୟରେ ୩୯୩ ଜଣ ତଫସିଲଭୁକ୍ତ ଜାତି ଓ ୧,୭୦୬ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ମୋଟ ୨,୪୮୯ ଜଣ ଗୋତିମୁକ୍ତ ଶ୍ରମିକଙ୍କ ଥଇଥାନ କରାଯାଇଛି ।

---



# କୋଲଣଗିରିର ଲୁପ୍ତ ବୌଦ୍ଧ ସଂସ୍କୃତି



ଶ୍ରୀ ମୁରଲୀଧର ମହାପାତ୍ର

ଓଡ଼ିଶାର ବଙ୍ଗୋପସାଗର ଉପକୂଳ ନିକଟବର୍ତ୍ତୀ କଟକଜିଲ୍ଲାର ବୈତରଣୀ, ବିରୂପା ଓ ବ୍ରାହ୍ମଣୀ-ଚିତ୍ରୋତ୍ପଳା ନଦୀ ଉପତ୍ୟକାରେ ବୌଦ୍ଧଧର୍ମର ବହୁଳ ପ୍ରସାର ହୋଇଥିବାର ପ୍ରତ୍ନତାତ୍ତ୍ୱିକ ପ୍ରମାଣ ମିଳେ । ବର୍ତ୍ତମାନ ବୌଦ୍ଧଧର୍ମ ପୂର୍ବଭଳି ପ୍ରଭାବଶାଳୀ ହୋଇ ନଥିଲେ ମଧ୍ୟ ଏହା କେବଳ ଓଡ଼ିଶା ମଧ୍ୟରେ ସୀମିତ ନୁହେଁ ବରଂ ସମଗ୍ର ବିଶ୍ୱ ଇତିହାସ ପୃଷ୍ଠାରେ ଏହାର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ଯୋଗୁ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ । ରତ୍ନଗିରି, ଲଳିତଗିରି ଓ ଉଦୟଗିରି ଖନନ ପରେ ଏହି ସବୁ ସ୍ଥାନମାନଙ୍କରୁ ମିଳିଥିବା ବିହାର, ମହାବିହାର, ଧାତବ ପଦାର୍ଥ, ପଥରର ସୁନ୍ଦର ସୁନ୍ଦର ମୂର୍ତ୍ତି, ମାଟି ପାତ୍ର ଓ ଅନ୍ୟାନ୍ୟ ବୌଦ୍ଧ ସଂସ୍କୃତିର ନମନୀୟ ଲକ୍ଷ୍ୟକରି ବହୁ ଗବେଷକ, ସାହିତ୍ୟିକ, ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍‌ମାନେ ବୌଦ୍ଧ ସଂସ୍କୃତିକୁ ଅନୁଶୀଳନ କରିଛନ୍ତି । ଏହି ପ୍ରସଙ୍ଗରେ କେହି ଏହି ତିନି ଗିରିକୁ ବୌଦ୍ଧ ସଂସ୍କୃତିର "ରତ୍ନତ୍ରିଭୁଜ" ବୋଲି ଆଖ୍ୟା ଦେଇଛନ୍ତି-(ଜଗନ୍ନାଥ ଦାଶ ୧୯୮୫-ସମ୍ବାଦ) । ଓଡ଼ିଶାର ବହୁତ ସ୍ଥାନ ରତ୍ନଗିରି, ଲଳିତଗିରି ଓ ଉଦୟଗିରି ପରି ଖନନ ହୋଇ ନଥିଲେ ମଧ୍ୟ ସେଠାରୁ ମିଳୁଥିବା ବୌଦ୍ଧ କଳାର ନମୁନାଗୁଡ଼ିକ ବହୁ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ଓ ଗବେଷକମାନଙ୍କ ଦୃଷ୍ଟିକୁ ଆସିଛି । ସେଥି ମଧ୍ୟରୁ କୋଲଣଗିରିର ଲୁପ୍ତ ବୌଦ୍ଧ ସଂସ୍କୃତି ଅନ୍ୟତମ ।


କୋଲଣଗିରି କଟକ ଜିଲ୍ଲାର, ଯାଜପୁର ସବ୍‌ଡିଭିଜନ, ବଡଚଣା ପଞ୍ଚାୟତ, ଚଉପୁର ଗ୍ରାମପଞ୍ଚାୟତ ମଧ୍ୟରେ ଅନ୍ତର୍ଗତ । ଏହାର ଉତ୍ତର-ପୂର୍ବଦିଗକୁ ୯୦ କି.ମି. ଦୂରରେ ବଙ୍ଗୋପସାଗର ଓ ଉପକୂଳରେ ଓଡ଼ିଶାର ବୃହତ୍ତମ ବନ୍ଦର ପାରାଦ୍ୱୀପ, ଦକ୍ଷିଣରେ ୪୦ କି.ମି. ଦୂରରେ କେନ୍ଦ୍ରାପଡା ଏବଂ ୫ ନମ୍ବର ଜାତୀୟ ରାଜପଥ ଏହାର ନିକଟ ଦେଇ ପାରାଦ୍ୱୀପଠାରୁ ଦୈତାରୀ ପର୍ଯ୍ୟନ୍ତ, ଚଣ୍ଡିଖୋଲକୁ କେନ୍ଦ୍ର କରି ସଂଯୋଗ ହୋଇଅଛି । ଅନ୍ୟ ଏକ ଅସମ୍ପୂର୍ଣ୍ଣ ନବନିର୍ମିତ ଜାତୀୟ ରାଜପଥ କାଳିଦାସପୁର ନିକଟସ୍ଥ କୃଷ୍ଣଦାସପୁରଠାରୁ ଆସି ଉଦୟଗିରି କେନ୍ଦ୍ରକରି କୋଲଣଗିରି ପାଦ ଛୁଇଁ ରତ୍ନଗିରିକୁ ଆସୁଅଛି । କୋଲଣଗିରି ପ୍ରାଚୀନ 'ପୁଷ୍ପଗିରି' ବୌଦ୍ଧବିହାରର ଅନ୍ୟତମ ସ୍ଥାନ କେନ୍ଦ୍ର ବୋଲି ପ୍ରତୀୟମାନ ହୁଏ । ଏହାର ୨ କି.ମି. ବ୍ୟବଧାନରେ ଦକ୍ଷିଣକୁ ବିରୂପାନଦୀ ପ୍ରବାହିତ ହେଉଛି । ଏବଂ ପ୍ରାୟ ୮ କି.ମି. ଦୂରରେ ପ୍ରସିଦ୍ଧ ଲଳିତଗିରିର ବୌଦ୍ଧ ସଂସ୍କୃତି ଶୋଭା ପାଏ । କୋଲଣଗିରିର ପଶ୍ଚିମକୁ ୬ କି.ମି. ଦୂରରେ ଅନ୍ୟ ଏକ ପ୍ରସିଦ୍ଧ ବୌଦ୍ଧ ମହାବିହାର ଯୋହାର ପୂର୍ବନାମ ଅଟେ ଉଦୟଗିରି ସନ୍ଧାନ ମିଳେ । ଭାରତ ସରକାରଙ୍କ ୧୯୮୫-୮୭ ମସିହା ପ୍ରତ୍ନତତ୍ତ୍ୱ ବିଭାଗ ଖନନ ଦ୍ୱାରା ମିଳିଥିବା ତମ୍ବା ଓ ଟେରାକୋଟା ଫଳକ ଅନୁସାରେ ଏହାକୁ "ମାଧବପୁର ମହାବିହାର" ବୋଲି ଚିହ୍ନଟ କରାଯାଇଛି । ପୂର୍ବଦିଗରେ କୋଲଣଗିରିର ୬ କି.ମି. ଦୂରକୁ ବ୍ରାହ୍ମଣୀନଦୀ ପ୍ରବାହିତ ଏବଂ ମାତ୍ର ୩ କି.ମି. ଦୂରରେ ଇତିହାସ ପ୍ରସିଦ୍ଧ "ରତ୍ନଗିରି ମହାବିହାର" ବୌଦ୍ଧ ସଂସ୍କୃତିର ଶୋଭା ବର୍ଦ୍ଧନ କରୁଛି । ଏହି କୋଲଣଗିରି ପାହାଡ ପାଦ ଛୁଇଁ କେଲୁଅ ନାମରେ ଏକ ନଦୀ 'ରତ୍ନଗିରିକୁ ସ୍ପର୍ଶ କରି ମହାକାଳପଡା ନିକଟରେ ବିରୁପାନଦୀ ସହ ସଂଯୁକ୍ତ ହୋଇଅଛି । ଯାହାକି କାଳକ୍ରମେ ପୋତି ହୋଇ ଗଲାଣି । ଯାହା ଜଣାପଡେ ବସୁକଳ୍ପ ରାଜାଙ୍କ ରାଣୀ କଲ୍ୟାଣୀଙ୍କର ନାମାନୁସାରେ ଏହି ନଦୀ ନାମ କୁଲ୍ୟା ବା କେଲୁଣୀ ବୋଲି କୁହାଯାଇଛି । ଏହା ବ୍ୟତୀତ ପାହାଡର ଉତ୍ତର ଦିଗକୁ ଲାଗି ଏକ ବିରାଟ ପୋଖରୀର ଆକାର ରହିଛି, ଏହାର ନାମ 'କେଲୁଣୀ ପୋଖରୀ' ବୋଲି ଲୋକ ମୁଖରୁ ଶୁଣାଯାଏ । ସେହି ମର୍ମରେ ହୁଏତ ରାଣୀ କଲ୍ୟାଣୀଙ୍କର ଡାକ ନାମକ୍ରମେ ଅପଭ୍ରଂଶ ହୋଇ ଲୋକ ମୁଖରେ କେଲୁଣୀ ହୋଇଥାଇପାରେ । ତା'ଛଡା, ଏହାଡି ଦାସଙ୍କର ଗୁପ୍ତଟିକା ମାଳିକା ଓ ନିର୍ଘଣ୍ଟ ଏବଂ ଅଚ୍ୟୁତାନନ୍ଦଙ୍କ ପଦ୍ମକଳ୍ପର ୪୨ ଅଧ୍ୟାୟରେ ବର୍ତ୍ତମାନର କୋଲଣଗିରି "କୁଲାତଗିରି" ବୋଲି ପ୍ରମାଣିତ । ଏହି ଲମ୍ବା ପାହାଡର ଶୀର୍ଷ ଦେଶରେ ୨ଟି ବଟବୃକ୍ଷ ଯାହାକି ବର୍ତ୍ତମାନ ଅଛି ତାହାର ନାମ ଗୋବନ ବଟ ବୋଲି ମାଳିକା ପ୍ରମାଣ କରେ ।



ପ୍ରାଚୀନ ବୌଦ୍ଧପୀଠମାନଙ୍କ ମଧ୍ୟରେ ମାଟିତଳେ ଅଦ୍ୟାବଧି ପୋତି ରହିଥିବା ବୌଦ୍ଧପୀଠ କୋଲଣଗିରି ଅନ୍ୟତମ । ପୂର୍ବରୁ ରତ୍ନଗିରି, ଲଳିତଗିରି ଓ ଉଦୟଗିରି ସମ୍ବନ୍ଧରେ ସାହିତ୍ୟିକ, ଐତିହାସିକ ଓ ଗବେଷକମାନେ ବହୁଳ ଆଲୋଚନା କରିଛନ୍ତି । ମୁଁ କୋଲଣଗିରିର ଜନୈକ ଗ୍ରାମବାସୀ ତଥା ନୃତତ୍ତ୍ୱ ଛାତ୍ର ହିସାବରେ ନୃତାତ୍ତ୍ୱିକ ଅଭିଜ୍ଞତା ଓ ପ୍ରତ୍ନତାତ୍ତ୍ୱିକ ଜ୍ଞାନକୁ ଭିତ୍ତି କରି କୋଲଣଗିରିର ବୌଦ୍ଧ ସଂସ୍କୃତିକୁ ଅନୁଶୀଳନ କରୁଅଛି । ଖନନର ସାହାଯ୍ୟ ନେଇ ନଥିଲେ ମଧ୍ୟ ମୁଖ୍ୟତଃ ଉପରକୁ ଦିଶୁଥିବା ଭଗ୍ନାବଶେଷରୁ ଓ ଭୂପୃଷ୍ଠସ୍ଥ ମୂର୍ତ୍ତିମାନଙ୍କୁ ଲକ୍ଷ୍ୟ କରି ଏହି ପ୍ରବନ୍ଧ ରଚନା କରାଯାଇଛି । କୋଲଣଗିରିର ଲୁପ୍ତ ସଂସ୍କୃତିଗୁଡ଼ିକୁ ଆଲୋଚନା କରିବା ଅବସରରେ ତଥାକଥିତ ଓ ବହୁ ଗବେଷକମାନଙ୍କ ଦ୍ୱାରା ଆଲୋଚିତ 'ପୁଷ୍ପଗିରି' ମହାବିହାର ସମ୍ପର୍କରେ କିଛିଟା ପ୍ରାରମ୍ଭିକ ସୂଚନା ଆବଶ୍ୟକ । ରତ୍ନଗିରି, ଲଳିତଗିରି, ଉଦୟଗିରି ସାଙ୍ଗକୁ କୋଲଣଗିରି ଓ ବଜ୍ରଗିରି ମଧ୍ୟ ଏହି ପୁଷ୍ପଗିରି ମହାବିହାରର ଅଂଶ ବିଶେଷ ବୋଲି କିମ୍ବଦନ୍ତୀରୁ ସୂଚନା ମିଳେ ।

"ପୁଷ୍ପଗିରି" ନାମଟି ଖ୍ରୀ: ୮ମ ଶତାବ୍ଦୀରେ କଳିଙ୍ଗର ମହେନ୍ଦ୍ରାଚଳ ନିକଟବର୍ତ୍ତୀ ଗୋଟିଏ ସ୍ଥାନକୁ ନିର୍ଦ୍ଦେଶ କରୁଥିବା ଏକ ତାମ୍ର ଶାସନରେ ଉଲ୍ଲେଖ ଅଛି । ପାରଳାଖେମଣ୍ଡି ସବ୍‌ଡ଼ିଭିଜନ ଅନ୍ତର୍ଗତ ଗୁରାଣ୍ଡି ଗ୍ରାମ ନିକଟବର୍ତ୍ତୀ ଅତାବା ଗ୍ରାମରେ ଥିବା ଏକ ପ୍ରାଚୀନ ମନ୍ଦିର ଧର୍ମଲିଙ୍ଗେଶ୍ୱରଠାରୁ ପ୍ରାଚୀନ ଗଙ୍ଗାବଂଶୀୟ ମହାରାଜା ଦେବେନ୍ଦ୍ର ବର୍ମାଙ୍କର ଗୋଟିଏ ଦାନପାତ୍ର ମିଳିଥିଲା । ସେଥିରେ "ପୁଷ୍ପଗିରି ପାଞ୍ଚାଳି" ନାମ ଖୋଦିତ ହୋଇଛି । ଏଣୁ ସେଠାରେ ପୁଷ୍ପଗିରି ନାମରେ ପାଞ୍ଚଟି ଗ୍ରାମ ବିଶିଷ୍ଟ ଗୋଟିଏ ବୌଦ୍ଧ ମହାବିହାର ଖ୍ରୀ:୮ମ ଶତାବ୍ଦୀ ପୂର୍ବରୁ ରହିଥିବା ଅନୁମିତ ହୁଏ । ଏହା ବିଷୟରେ ଅଧିକ ପ୍ରମାଣ ନମିଳିବା ପର୍ଯ୍ୟନ୍ତ ରତ୍ନଗିରିଠାରେ "ପୁଷ୍ପଗିରି ମହାବିହାର" ପ୍ରତିଷ୍ଠା ଲାଭ କରିଥିବା ସିଦ୍ଧାନ୍ତ ସ୍ଥିର କରିବା ସତ୍ୟମୂଳକ ଇତିହାସ ଦୃଷ୍ଟିରୁ ସମ୍ଭବ ନୁହେଁ"* । ହୁଏନସାଂଙ୍କ ଦ୍ୱାରା ଲିଖିତ ପୁଷୋ-ପଏ-କିଲି (ପୁଷ୍ପଗିରି)କୁ ସେ ଉଦୟଗିରି, ଲଳିତଗିରି ଓ ରତ୍ନଗିରିର ଆଶ୍ରମିକ ପ୍ରତିଷ୍ଠାନ ବୋଲି ଧରି ନେଇଥିଲେ । ସେହିପରି କୋଲଣଗିରିରେ ମିଳୁଥିବା ଭଗ୍ନାବଶେଷଗୁଡ଼ିକୁ ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ଏହା ମଧ୍ୟ ଏକ ବୌଦ୍ଧାଶ୍ରମ ଥିବାର ଅନୁମାନ କରାଯାଏ ଓ ଏହା ଭୌମକର ବଂଶୀୟ ରାଜାଙ୍କର କୀର୍ତ୍ତି ବୋଲି ମଧ୍ୟ ଏହିଭାବରେ କୁହାଯାଇପାରେ । ମହାପରାକ୍ରମଶାଳୀ ଓ ବୌଦ୍ଧଧର୍ମାବଲମ୍ବୀ ଭୌମକର ବଂଶର ଅନୁଗାମୀ ରାଜା ବସୁକଳ୍ପଙ୍କର ରତ୍ନା, ଉଦୟା, ଲଳିତା, ବଜ୍ରା ଓ କଲ୍ୟାଣୀ ନାମରେ ପାଞ୍ଚ ରାଣୀ ଥିଲେ ବୋଲି ଲୋକଙ୍କର ମତ । ତେଣୁ ଏହି ଛୋଟ ଛୋଟ ପାହାଡର ନାମ ରାଣୀଙ୍କ ନାମାନୁସାରେ ରତ୍ନଗିରି, ଲଳିତଗିରି, ଉଦୟଗିରି, ବଜ୍ରଗିରି ଓ କୋଲଣଗିରି ରହିଅଛି । ଏହା ପୂର୍ବ ପୁରୁଷଙ୍କ କଥାକୁ ଲକ୍ଷ୍ୟ କରିବା ସଙ୍ଗେ ଆମେ ରଚନା ମାଧ୍ୟମରେ ଅବସରପ୍ରାପ୍ତ ସ୍ଥାନୀୟ ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କଠାରୁ ଶୁଣିବାକୁ ମିଳେ ।

ଏହି ପାହାଡର (କୋଲଣଗିରି) ଶୀର୍ଷ ଦେଶଟି ସମତଳ ଓ ଏଠାରେ ପୁରାତନ ବୌଦ୍ଧ ବିହାରର ଭଗ୍ନାବଶେଷ ଇତସ୍ତତଃଭାବରେ ପଡ଼ିଥିବା କେତେକ ବୌଦ୍ଧମୂର୍ତ୍ତି ଦୃଷ୍ଟିଗୋଚରକୁ ଆସେ । ଖନନ ଅଭାବରୁ ପାହାଡରେ ଲୁପ୍ତ ରହିଥିବା ଇତିହାସ ପ୍ରସିଦ୍ଧ ବୌଦ୍ଧ ମୂର୍ତ୍ତି ସମ୍ବନ୍ଧୀୟ ଧାରଣା ଏପର୍ଯ୍ୟନ୍ତ ଲୋକ ଲୋଚନକୁ ଆସି ପାରୁନାହିଁ । ବିହାରଟି ପାହାଡ ଶୀର୍ଷରେ ପ୍ରାୟ ୪୦ ମିଟର ବିଶିଷ୍ଟ ଥିବାର ଜଣାଯାଏ । ଭୂପୃଷ୍ଠସ୍ଥ ଅନୁଶୀଳନ (Surface Analysis) ଅନୁଯାୟୀ ମହାକାଳ ପୀଠଟି ବିହାରର ପଶ୍ଚିମକୁ ରହିଅଛି । ଆକାର ଅନୁଯାୟୀ ଏହି ପୀଠଟିକୁ ପ୍ରଧାନସ୍ତୂପ ବୋଲି ଅନୁମାନ କରାଯାଏ । ମହାକାଳପୀଠ ଉପରେ ୪ଟି ବୌଦ୍ଧ ମୂର୍ତ୍ତି ପୂଜା ପାଆନ୍ତି । ଆଉ ୪ଟିର ଭଗ୍ନାବଶେଷ ଏହି ପୀଠ ଠାରୁ କିଛି ଦୂରରେ ପଡ଼ିଅଛି । ଏହି ପ୍ରଧାନ ସ୍ତୂପ ଦୈର୍ଘ୍ୟ ପ୍ରାୟ ୧୩ ମିଟର । ଏହି ବିହାରର ୫୦ ମିଟର ବ୍ୟବଧାନରେ ୨୬ଟି ପାହାଚ (ପ୍ରସ୍ତରରେ ନିର୍ମିତ) ଦକ୍ଷିଣ ଦିଗକୁ ରହିଛି । ଏହି ବିହାରରେ ବ୍ୟବହୃତ ଇଟା ଆକାର ପ୍ରକାର ଭେଦରେ ଉଦୟଗିରି, ଲଳିତଗିରି, ଓ ରତ୍ନଗିରି, ସହିତ ବହୁ ସାମଞ୍ଜସ୍ୟ ଥିବାର ଅନୁମାନ କରାଯାଏ । ଏହି ବିହାରଠାରୁ ପୋଡା ମାଟିର ଟାଇଲଖଣ୍ଡମାନ, ଗୁଳି, ବାଟି, ମାଟି ପାତ୍ରର ଭଗ୍ନାବଶେଷ, ଧୂପଦାନୀ, ପୂଜା ସାମଗ୍ରୀ ପାତ୍ରଖଣ୍ଡମାନ ପଥର ଶିଳ, ଶିଳପୁଆ, ପେଷଣା ପଥର, Terracotta Pupil ଓ ପଥରର ସୁନ୍ଦର ମୂର୍ତ୍ତୀ ବିଭିନ୍ନ ସ୍ଥାନରେ ପଡ଼ିଥିବାର ଲକ୍ଷ୍ୟ କରାଯାଇଛି ।



**ମହାକାଳ ନିକଟରେ ମୂର୍ତ୍ତୀ :**

ଏହା ସଂପ୍ରତି କୋଲଣଗିରି ଗ୍ରାମର ଗ୍ରାମ ଦେବତୀ ଭାବରେ ପୂଜିତ, ବିବାହ ସମୟରେ ସାଧାରଣତଃ ଲୋକେ ଦିଅଁ ମଙ୍ଗୁଳା କାର୍ଯ୍ୟ ଏଠାରେ କରିଥାଆନ୍ତି । ଏହି ମହାକାଳ ପୀଠରେ ଥିବା ମୂର୍ତ୍ତୀ ରତ୍ନଗିରି, ଲଳିତଗିରି ଓ ଉଦୟଗିରିର ମହାକାଳଠାରୁ କେତେକାଂଶରେ ଭିନ୍ନ । ସ୍ଥାନୀୟ ଲୋକମାନେ ଏହି ସ୍ଥାନରେ ଥିବା ବୌଦ୍ଧ ସଂସ୍କୃତିର ମୂର୍ତ୍ତୀଗୁଡ଼ିକୁ ମହାକାଳ ନାମରେ ନାମିତ କରାଇ ତାହାକୁ ପୂଜା କରୁଛନ୍ତି । ଏହି ସ୍ଥାନରେ ଭଗ୍ନାବଶେଷ ମୂର୍ତ୍ତୀଗୁଡ଼ିକର ଆକାର ଓ ଅବସ୍ଥିତି ନିମ୍ନରେ ପ୍ରଦତ୍ତ ହେଲା ।

୧–ମହାକାଳପୀଠରେ ଅନ୍ୟ ବୌଦ୍ଧ ବିହାରଠାରୁ ମିଳିଥିବା ମୂର୍ତ୍ତୀ ଭଳି ଏଠାରେ ବଜ୍ରପାଣୀ ଅବଲୋକିତେଶ୍ୱରଙ୍କର ମୂର୍ତ୍ତୀ ଦେଖିବାକୁ ମିଳେ । ଏହି ମୂର୍ତ୍ତୀଟି ଦୁଇ ହସ୍ତ ବିଶିଷ୍ଟ ପୁରୁଷ ବାମ ହସ୍ତରେ ବଜ୍ର, ଦକ୍ଷିଣ ହସ୍ତ ବାମ ହସ୍ତ ସହ ସଂଯୋଗ ହୋଇ ବଜ୍ରକୁ ଲାଗି ରହିଛି ଓ ବକ୍ଷଠାରୁ ମୂର୍ତ୍ତୀ ଭଗ୍ନ ଅବସ୍ଥା । ଏହି ମୂର୍ତ୍ତୀଟିର ମସ୍ତକର ଦୁଇ ପାର୍ଶ୍ୱରେ ଧ୍ୟାନ ମଗ୍ନ ଦୁଇଟି ବୁଦ୍ଧଙ୍କର ମୂର୍ତ୍ତୀ ଶୋଭା ପାଉଛି । ଦୈର୍ଘ୍ୟ ୬୦ ସେ.ମି. ପ୍ରସ୍ଥ ୫୫ ସେ.ମି. ମୂର୍ତ୍ତୀର ନିମ୍ନ ଭାଗରେ ଏକ ପଦ୍ମ ଫୁଲ ପଡ଼ିଥିବାର ଲକ୍ଷ୍ୟ କରାଯାଏ ।

୨–ମହାକାଳଠାରେ ୨ୟ ମୂର୍ତ୍ତୀର ଲମ୍ବ ୮୦ ସେ.ମି. ପ୍ରସ୍ଥ ୪୦ ସେ.ମି । ଏହାର ଦକ୍ଷିଣ ହସ୍ତଟିର କିୟଦ୍ ଅଂଶ ଭଗ୍ନ ଅଟେ । ମହାକାଳଠାରେ ଏହି ମୂର୍ତ୍ତୀଟିର ବାମହସ୍ତରେ ତ୍ରିଶୂଳ ଥିବାର ଅନୁମାନ କରାଯାଏ । ପାଦଦେଶରେ ଏକ ପୁରୁଷ ମୂର୍ତ୍ତୀ ଧ୍ୟାନ ଅବସ୍ଥାରେ ପଦ୍ମାସୀନ । ଏହି ମୂର୍ତ୍ତୀଟିକୁ ଲୋକେଶ୍ୱର ବୋଲି ଅନୁମାନ କରାଯାଏ ।

୩–ପୀଠରେ ଥିବା ତୃତୀୟ ମୂର୍ତ୍ତୀଟିର ଲମ୍ବ ୪୦ .ସେ.ମି ପ୍ରସ୍ଥ ୩୫ ସେ.ମି. ସିଂହର ଆକୃତି ମୂର୍ତ୍ତୀ ସହ ଏକ ପୁରୁଷ ମୂର୍ତ୍ତୀ ପଦ୍ମାସୀନ ଥିବାର ଜଣାପଡେ ।

୪–୨୦ ସେ.ମି. ଦୈର୍ଘ୍ୟ ୧୫ ସେ.ମି. ପ୍ରସ୍ଥ ବିଶିଷ୍ଟ ଦୁଇ ହସ୍ତ ବିଶିଷ୍ଟ ପୁରୁଷ ମୂର୍ତ୍ତୀଟି ପଦ୍ମାସୀନ, ମୁଖଭାଗ ଭଗ୍ନ ଅଟେ ।

୫–ମହାକାଳଠାରୁ କିଛି ଦୂରରେ ପଡ଼ିଥିବା ଗୋଟିଏ ବଡ ମୂର୍ତ୍ତିର ଦୁଇ ହସ୍ତ ମଧ୍ୟରୁ ଗୋଟିଏ ହସ୍ତରେ ପଦ୍ମ, ଏହା ବ୍ୟତୀତ ଅନ୍ୟ ସମସ୍ତ ଅଙ୍ଗ ଭଗ୍ନ ।

୬–ମହାକାଳର ଅନତି ଦୂରରେ ପଡ଼ିଥିବା ମୂର୍ତ୍ତିଟିର ଲମ୍ବ ୬୯ ସେ.ମି ପ୍ରସ୍ଥ ୭୫ ସେ.ମି. ଏହାର ଜଂଘ ଠାରୁ ଉପରକୁ ଭଗ୍ନ ଅଟେ ଓ ନିମ୍ନ ଦେଶରେ ଜଣେ ଶ୍ରମଣ ବସିଥିବାର ଅନୁମାନ କରାଯାଏ ।

୭–ଏହି ଚତୁର୍ଭୁଜା ସ୍ତ୍ରୀ ମୂର୍ତ୍ତିଟିର ଦୁଇ ବାମ ହସ୍ତ ମଧ୍ୟରୁ ଗୋଟିଏ ହସ୍ତ ପଦ୍ମ ଅନ୍ୟ ହସ୍ତ ଓ ମୁଖ ଭଗ୍ନ । ବୌଦ୍ଧ ଦେବୀ ତାରା ବୋଲି ଅନୁମାନ । ଏହାର ୩ଟି ଭଗ୍ନ ଅଂଶ ପଡ଼ିଥିବାର ଜଣାଯାଏ ।

୮–ମହାକାଳପୀଠରେ ଦକ୍ଷିଣକୁ କିଛି ଦୂରରେ ବଡ ବୌଦ୍ଧ ମୂର୍ତ୍ତିର ମୁକୁଟ ଧାରଣ କରିଥିବା ମସ୍ତକ । ଏହାର ଲମ୍ବ ୧.୫ ମି ଓ ପ୍ରସ୍ଥ ୬୫ ସେ.ମି ଏହାର ଅବଶିଷ୍ଟ ଅଂଶ ଅନ୍ୟ କେଉଁଠି ରହିଥିବାର ଅନୁମାନ । ଏହି ମୂର୍ତ୍ତିଟିକୁ ମୈତ୍ରେୟ ବୋଲି କୁହାଯାଇପାରେ ।

**ନୃସିଂହନାଥ ମନ୍ଦିରଠାରେ ଥିବା ମୂର୍ତ୍ତି :**

ନୃସିଂହନାଥ ମନ୍ଦିରଟି କୋଲଣଗିରି ଗ୍ରାମର ମଧ୍ୟସ୍ଥଳରେ ଅବସ୍ଥିତ । ଏହା ବିହାରର ପଶ୍ଚିମ ଦିଗକୁ ରହିଛି । ଏହି ମନ୍ଦିରଟି ଏବେ ନୂଆ ନିର୍ମାଣ କରାଯାଇଛି । ଏହି ଇଷ୍ଟ ଦେବତା (ନୃସିଂହ ମୂର୍ତ୍ତିଙ୍କୁ) ରତ୍ନଗିରି ଗ୍ରାମର ମଙ୍ଗରାଜଙ୍କ ଘରୁ କୋଲଣଗିରି ଗ୍ରାମର ଖଣ୍ଡାୟତ ସାହିର ମୁଖ୍ୟ ଶ୍ରୀଚନ୍ଦନ ମହାପାତ୍ର ଯୌତୁକ ଆକାରରେ ଆଣିଥିଲେ । ଏହି ମନ୍ଦିରରେ ନୃସିଂହ, ଶେଷଦେବ ଓ ସୁଭଦ୍ରା ପୂଜା ପାଉଛନ୍ତି । ଏହି ମନ୍ଦିର କାନ୍ଥର ସମ୍ମୁଖର ଦୁଇ ପାର୍ଶ୍ୱରେ ଦ୍ୱାରପାଳ ଓ ନର୍ତ୍ତକୀଗଣ ରହିଛନ୍ତି । ପଛପଟେ ଏକ ସିଂହମୂର୍ତ୍ତି ବୌଦ୍ଧ ଧର୍ମର ଏବଂ ଏକ ଅସ୍ପଷ୍ଟ ମୂର୍ତ୍ତି ମନ୍ଦିରର ଶୋଭା ବର୍ଦ୍ଧନ ଲାଗି କାନ୍ଥରେ ଲଗାଯାଇଛି । ଏହି ମୂର୍ତ୍ତିଗୁଡ଼ିକ ସମ୍ଭବତଃ ବିହାରଠାରୁ ସ୍ଥାନାନ୍ତରିତ ହୋଇଥିବା ଅନୁମାନ କରାଯାଏ ।



**ବାସୁଳେଇ ନିକଟରେ ମୂର୍ତ୍ତି :**

ବାସୁଳେଇ କୋଲଣଗିରି ଗ୍ରାମର ଗ୍ରାମ ଦେବତୀ ରୂପେ ପୂଜା ପାଆନ୍ତି । ଏହି ସ୍ଥାନଟି ଗ୍ରାମର ବ୍ରାହ୍ମଣ, ଖଣ୍ଡାୟତ ସାହିର ମଧ୍ୟଭାଗ ପାହାଡରେ ମଧ୍ୟ ଛକ, ନୃସିଂହ ନାଥ ମନ୍ଦିରର କିଛି ଦୂରରେ ପଶ୍ଚିମକୁ ରହିଅଛି । ଏହି ଛୋଟ ଠାକୁରାଣୀ ମନ୍ଦିରରେ ଥିବା ମୂର୍ତ୍ତିଗୁଡ଼ିକୁ ବ୍ରାହ୍ମଣ, ବାରିକ, ଓ ମାଳି ପୂଜା କରନ୍ତି । ବାସୁଳେଇ ନିକଟରେ ଥିବା ପୁରୁଷ ଓ ସ୍ତ୍ରୀ ମୂର୍ତ୍ତିଗୁଡ଼ିକ ବୌଦ୍ଧ ସଂସ୍କୃତିର ବୋଲି ସ୍ପଷ୍ଟ ଜଣା ପଡେ । କିନ୍ତୁ ଏହି ମୂର୍ତ୍ତିଗୁଡ଼ିକ ବାସୁଳେଇ ନାମରେ ନାମିତ କରାଯାଇ ପୂଜା କରାଯାଇଥିବାରୁ ଏହା କେତେକାଂଶରେ ସୁରକ୍ଷିତ ହୋଇ ପାରିଛି । ଏହି ମୂର୍ତ୍ତିଗୁଡ଼ିକର ଆକାର ଓ ଅବସ୍ଥିତି ନିମ୍ନରେ ପ୍ରଦତ୍ତ ହେଲା :

୧–ମସ୍ତକହୀନ, ଚତୁର୍ଭୁଜା ନାରୀ ମୂର୍ତ୍ତିଟି ପଦ୍ମାସୀନ, ପାଦଦେଶରେ ଛୋଟ ଛୋଟ ତିନି ମୂର୍ତ୍ତି ପୂଜା ସାମଗ୍ରୀ ସହ ବନ୍ଦନା ରତ ଅଛେ । ଏହି ମୂର୍ତ୍ତି ବଜ୍ରତାରାଙ୍କ ମୂର୍ତ୍ତି ଅନୁମାନ କରାଯାଏ ।

୨–ଏହି ମୂର୍ତ୍ତିଟି ସିଂହ ଆକୃତି ବିଶିଷ୍ଟ ଅଟେ ।

୩–ବାସୁଳେଇ ମନ୍ଦିର ନିକଟରେ ପଦ୍ମାସୀନ ଗୋଟିଏ ଧ୍ୟାନମଗ୍ନ ବୁଦ୍ଧ ମୂର୍ତ୍ତି ମନ୍ଦିର ଦ୍ୱାର ବନ୍ଧକୁ ଲାଗି କରି ରହିଅଛି ।

୪–ମନ୍ଦିର ମଧ୍ୟରେ ଗୋଟିଏ ଅସ୍ପଷ୍ଟ ଛୋଟ ମୂର୍ତ୍ତି ପୂଜା ପାଆନ୍ତି ।

**ମଠ ନିକଟରେ ଥିବା ମୂର୍ତ୍ତି :**

କୋଲଣଗିରି ଗ୍ରାମର ମଧ୍ୟଭାଗରେ 'ବ୍ରହ୍ମମଠ' ନାମରେ ଏକ ମଠ ରହିଅଛି । ନାଥ ସଂପ୍ରଦାୟରୁ ଏଠାରେ ମହନ୍ତ ହୁଅନ୍ତି । ଖଣ୍ଡାୟତ ସାହିର ମୁଖ୍ୟ ଶ୍ରୀଚନ୍ଦନ ମହାପାତ୍ର ମଠକୁ ୧୫/୧୬ ଏକର ସମ୍ପତ୍ତି ଦାନ କରିଥିଲେ । ଏହି ମଠର ବଉଳଗଛକୁ ଡେରା ହୋଇଥିବା ବଡ ପଥରରେ ନିର୍ମିତ ଦ୍ୱାରପାଳ ବୋଲି ଅନୁମାନ କରାଯାଏ । ଆଉ ତିନୋଟି ଛୋଟ ମୂର୍ତ୍ତି ପଥରର ମଧ୍ୟଭାଗରେ ରହିଅଛି । ପ୍ରତ୍ୟେକ ମୂର୍ତ୍ତିର ଦକ୍ଷିଣ ହସ୍ତରେ ଖଡ଼ଗ ଓ ବାମ ହସ୍ତରେ ଢ଼ାଲ ଅଛି । ଅଭିଜ୍ଞ ପ୍ରତ୍ନତତ୍ତ୍ୱବିତ୍‌ମାନେ ଏହାକୁ ଅନୁଶୀଳନ କଲେ ବହୁ ନୂତନ ତଥ୍ୟ ମିଳିପାରନ୍ତା । ଆଉ ଏକ ସିଂହମୂର୍ତ୍ତି ମଠଘର କାନ୍ଥରେ ରହିଅଛି, କୋଲଣଗିରି ଗ୍ରାମର ନିକଟସ୍ଥ ବେଙ୍ଗପୁର ଗ୍ରାମର ନନ୍ଦଘର ନିକଟବର୍ତ୍ତୀ ଗୋଧିମୁଣ୍ଡ ବୋଲି ନାମିତ ହୋଟମଣ୍ଡଳରେ ବୌଦ୍ଧ ସଂସ୍କୃତିର ମହାବିହାର କିମ୍ବା ବିହାରର ମୁଖ୍ୟ ପ୍ରକୋଷ୍ଠ "ଦ୍ୱାରବନ୍ଧ" ଦେଖିବାକୁ ମିଳେ । ଏହି ଦ୍ୱାର ବନ୍ଧରେ ଉକ୍ତ ମଧ୍ୟସ୍ଥ ୩ଟି ଛୋଟ ମୂର୍ତ୍ତି ଜୀର୍ଣ୍ଣତାରତ ଅବସ୍ଥାରେ ରହିଛି । ନାଗରାଜ ମୂର୍ତ୍ତି ଦ୍ୱାରବନ୍ଧର ନିମ୍ନ ଦେଶରେ ରହିଛି । ଦ୍ୱାରବନ୍ଧ କୋଲଣଗିରିରୁ ସ୍ଥାନାନ୍ତରିତ ହୋଇ ଥିବାର ମନେ ହୁଏ । ଏହି ପାହାଡରୁ ବହୁତ ମୂର୍ତ୍ତି କେନ୍ଦ୍ରାପଡାର ଜଣେ ଜମିଦାର କିଛି ବର୍ଷପୂର୍ବେ ତାଙ୍କର ଘରର ଶୋଭାବର୍ଦ୍ଧନ ଲାଗି ନେଇଥିବା ସ୍ଥାନୀୟ ଲୋକମାନେ ମତ ଦିଅନ୍ତି । ଗ୍ରାମବାସୀଗଣ ବୌଦ୍ଧ ସଂସ୍କୃତି ସମ୍ବନ୍ଧୀୟ ଜ୍ଞାନ ଅଭାବରୁ ଏହି ମୂର୍ତ୍ତିଗୁଡ଼ିକୁ ପୂଜା କରୁଥିଲେ ମଧ୍ୟ ସୁରକ୍ଷା ଦିଗରେ ବିଶେଷ ପଦକ୍ଷେପ ନେଇ ନାହାନ୍ତି । ତେଣୁ ଏହାର ସୁରକ୍ଷା ଅଭାବରୁ ମୂର୍ତ୍ତିଗୁଡ଼ିକ କାଳକ୍ରମେ ନଷ୍ଟ ହୋଇ ଗଲାଣି । ସ୍ଥାନୀୟ ଲୋକମାନେ ଶୋଭାବର୍ଦ୍ଧନ ଲାଗି, ମୂର୍ତ୍ତି, ଇଟା, Votive Stupa (ଚଇଁରା ଆକୃତି ସ୍ତୂପ) ଓ ଇଟା ଗୁଡ଼ିକୁ ନିଜର ବ୍ୟବହାର ଲାଗି ନେଉଥିବାର ଜଣାଯାଏ । ପୋଡାମାଟିରେ ନିର୍ମିତ ସ୍ତ୍ରୀ ମୂର୍ତ୍ତିଟିଏ (Terracotta Plaque) କୋଲଣଗିରି ଗ୍ରାମର ଏକ ବାଳକ ଠାରୁ ମିଳିଅଛି । ଏପରି ଦୁର୍ଲ୍ଲଭ ଭଗ୍ନାବଶେଷକୁ ଗୃହଶୋଭାରେ ବ୍ୟବହାର କରିବା ବ୍ୟତୀତ ଖେଳିବାରେ ମଧ୍ୟ ପିଲାମାନେ ବ୍ୟବହାର କରୁଛନ୍ତି ।

ଏହି ପ୍ରମାଣ ମୂଳକ ତଥ୍ୟ ଅନୁଯାୟୀ କୋଲଣଗିରି ପାହାଡ ଶିଖରରେ ଏକ ନୂତନ ବିହାରର ସନ୍ଧାନ ମିଳିବ ବୋଲି ନିଶ୍ଚିତ ଭାବରେ ଜଣାପଡେ । ଗତ ତା ୩।୫।୮୫ ରିଖ ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ଅଧ୍ୟାପକ ଶ୍ରୀ ଜଗନ୍ନାଥ ଦାଶଙ୍କ ସହ ଲେଖକ, ରତ୍ନଗିରି, ଲଳିତଗିରି ଓ ଉଦୟଗିରି ଯାଇ ଶେଷରେ କୋଲଣଗିରିକୁ ଆସି ଏହାକୁ ଅନୁଶୀଳନ କରିବାକୁ ଆରମ୍ଭ କରିଥିଲେ । କୋଲଣଗିରିର ଏହି ମୂର୍ତ୍ତିଗୁଡ଼ିକ ଆକାର ଓ ସାମଞ୍ଜସ୍ୟ ଅନ୍ୟ ସମସ୍ତ ବୌଦ୍ଧ ସଂସ୍କୃତିର ମୂର୍ତ୍ତି ସହ ସମାନ ବୋଲି ଜଣାଯାଏ । ଏ ସଂପର୍କରେ ଶ୍ରୀଯୁକ୍ତ ଦାଶ ଦୈନିକ 'ସମ୍ବାଦ' ୧୯୮୫ରେ ପ୍ରଥମ ଥର ପାଇଁ କିଛି କିଛି ତଥ୍ୟ ପ୍ରକାଶ କରିଥିଲେ ତାହା ସମସ୍ତଙ୍କ ମନକୁ ଆକର୍ଷଣ କରିଅଛି । ଭାରତ ସରକାରଙ୍କର ପ୍ରତ୍ନତତ୍ତ୍ୱ ବିଭାଗ, ଖନନ ଶାଖା-୪, ଭୁବନେଶ୍ୱରର ଅଧ୍ୟକ୍ଷ ଶ୍ରୀ କେ. ନିଗମ୍ ଓ ଟେକ୍‌ନିକାଲ୍ ଆସିଷ୍ଟାଣ୍ଟ ଶ୍ରୀ ଷ ୧୯୮୫-୮୬ ମସିହାର ଉଦୟଗିରି ଖନନ ପୂର୍ବରୁ କୋଲଣଗିରି ଗ୍ରାମବାସୀଙ୍କର ଆବେଦନ ପତ୍ର ଯୋଗୁ ଆସିଥିଲେ । ସେ ମହାଶୟ ଏହି

ପାହାଡର ଶୀର୍ଷ ଦେଶକୁ ଯାଇ ମୂର୍ତ୍ତିଗୁଡ଼ିକର ଫଟୋ, ମାଟିପାତ୍ରର ଭଗ୍ନାଂଶ, ଟାଇଲ ଖଣ୍ଡମାନ ଓ ଅନ୍ୟ ବୌଦ୍ଧ ସଂସ୍କୃତିର ନମୁନାମାନ ନେଇଯାଉଛନ୍ତି । ବର୍ତ୍ତମାନର ଉପ-ଅଧ୍ୟକ୍ଷ ଡଃ ଅମରେନ୍ଦ୍ର ନାଥଙ୍କ ମତରେ 'ପୁଷ୍ପଗିରି' ବିହାର କେଉଁଠି ରହିଛି ତାହା ସଠିକ ଜଣାପଡ଼ି ନାହିଁ । ଲଳିତଗିରି ଖନନରୁ ଏପର୍ଯ୍ୟନ୍ତ କୌଣସି ବିହାର ବା ମହାବିହାର ଫଳକ ମିଳି ନାହିଁ । ତେଣୁ ଏହିସବୁ ନମୁନାଗୁଡ଼ିକ ଲକ୍ଷ୍ୟ କଲେ କୋଲଣଗିରିରେ ବିହାର କିମ୍ବା ମହାବିହାର ମିଳିବା ନିଃସନ୍ଦେହ । ଏ ପର୍ଯ୍ୟନ୍ତ ଖନନ କାର୍ଯ୍ୟ ହୋଇ ନଥିବାରୁ ଅଧିକ ପ୍ରମାଣ ଯୋଗ୍ୟ ତଥ୍ୟ ମିଳୁ ନାହିଁ । ଯେଉଁ କେତେକ ମୂର୍ତ୍ତି, ମାଟିପାତ୍ର, ଇଟା ଓ ଅନ୍ୟ ଛୋଟ ବଡ ଆଦି ଛୋଟ ବୌଦ୍ଧ କଳାର ନମୁନା ଗୁଡ଼ିକର ଲକ୍ଷ୍ୟ କରି ଅନୁମାନ କରାଯାଏ ଯେ ଏଠାରେ ମାଟିତଳେ ଥିବା ପ୍ରାଚୀନ କୀର୍ତ୍ତିଗୁଡ଼ିକ ଉଦ୍ଧାର କରାଗଲେ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍, ସାହିତ୍ୟିକ ଓ ଗବେଷକମାନଙ୍କ ପାଇଁ ଏହା ଯେ ଭବିଷ୍ୟତରେ ବିଶେଷ ଆହାର ଯୋଗାଇବ ଏଥିରେ ସନ୍ଦେହର ଅବକାଶ ନାହିଁ । ହଜାର ହଜାର ବିଦେଶୀ ପର୍ଯ୍ୟଟକମାନଙ୍କ ମନମୁଗ୍ଧ କରାଉଛି ଏହି ମାଟିତଳେ ଥିବା କୀର୍ତ୍ତିଗୁଡ଼ିକ ଉଦ୍ଧାର କରିବା ପାଇଁ କାଳବିଳ ନକରି ସରକାର ଯତ୍ନବାନ ହେବା ଉଚିତ ।

---

ଗ୍ରାମ-କୋଲଣଗିରି , ଭାୟା-ଉଦୟପୁର
ପୋଷ୍ଟ-କର୍ମଗଡ , ଜିଲ୍ଲା-କଟକ



# ଓଡ଼ିଶାର ଶିଳ୍ପ ସମୃଦ୍ଧି ପାଇଁ ଶିଳ୍ପ ଉନ୍ନୟନ ନିଗମ

ଶ୍ରୀ ଜଗଦୀଶ ପଟ୍ଟନାୟକ

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । ଭାରତର ଅନ୍ୟାନ୍ୟ ପ୍ରଦେଶ ତୁଳନାରେ ଓଡ଼ିଶାରେ ମୁଣ୍ଡ ପିଛା ଆୟ ଖୁବ୍ କମ୍ । ତେଣୁ ଏହି ପ୍ରଦେଶର ଲୋକ ଶକ୍ତିକୁ ଶିଳ୍ପ ବିକାଶ କରିଆରେ ଲଗାଇ ଲୋକଙ୍କର ଜୀବନ ସମୃଦ୍ଧ କରିବା ତଥା ଆର୍ଥିକ ଦିଗରୁ ମଧ୍ୟ ଉନ୍ନତ କରିବା ପାଇଁ ୧୯୬୨ ମସିହାରେ ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ ଗଠିତ ହୋଇଥିଲା । ପ୍ରଥମତଃ ଶିଳ୍ପର ବିକାଶ କରିବାକୁ ଗଲେ କେତେଗୁଡ଼ିଏ ମୌଳିକ ଶିଳ୍ପ ହାତକୁ ନେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ତା'ହେଲେ ଏହି ମୌଳିକ ଶିଳ୍ପଗୁଡ଼ିକର ସହଯୋଗୀ ଓ ସହକାରୀ ଶିଳ୍ପ ଭାବରେ ଅନ୍ୟାନ୍ୟ ଶିଳ୍ପ ସଂସ୍ଥାଗୁଡ଼ିକ ଗଢି ଉଠିବ ଓ ରାଜ୍ୟରେ କର୍ମ ନିଯୁକ୍ତି ପରିସର ସଙ୍ଗେ ସଙ୍ଗେ ଆର୍ଥିକ ବିକାଶର ସମ୍ଭାବନା ବୃଦ୍ଧି ପାଇବ ।

ନିଗମଟିର ପ୍ରାଥମିକ ଅବସ୍ଥାରେ ହୀରାକୁଦ ଡ୍ୟାମ୍ ପ୍ରୋଜେକ୍ଟର ଇଞ୍ଜିନିୟରିଂ ୱାର୍କସପ୍‌ଟିକୁ ଏକ ସ୍ୱତନ୍ତ୍ର ଶିଳ୍ପ ସଂସ୍ଥା ରୂପେ ହୀରାକୁଦଠାରେ ଏକ ଲାଭଜନକ ଶିଳ୍ପ ଭାବରେ ଗଢ଼ିବାକୁ ସ୍ଥିର କରାଗଲା । ତତ୍ ପରବର୍ଷ ଅର୍ଥାତ୍ ୧୯୬୩ ମସିହାରେ କଳିଙ୍ଗ ଇଣ୍ଡଷ୍ଟ୍ରିଜ୍‌ରୁ ଲୋ-ସାଫ୍‌ଟ ଫର୍ଣ୍ଣେସଟିକୁ ନେଇ ବରବିଲଠାରେ କଳିଙ୍ଗ ଲୁହା କାରଖାନା ପ୍ରତିଷ୍ଠା କରାଗଲା । ଏହିପରି କ୍ରମାଗତ ଭାବେ ନୂଆ ନୂଆ ଶିଳ୍ପ ସଂସ୍ଥାଗୁଡ଼ିକ ହାତକୁ ନେଇ ଉକ୍ତ କର୍ପୋରେସନ୍ ଶିଳ୍ପ ପ୍ରସାର ଦିଗରେ ଓଡ଼ିଶାକୁ ଆଗେଇ ନେଲା ଓ ବହୁତ ଲୋକ ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ପାଇଲେ । ବର୍ତ୍ତମାନ ଏହି ନିଗମ ଅନ୍ତର୍ଭୁକ୍ତ ୧୫ଟି ଶିଳ୍ପ କାରଖାନା ଓଡ଼ିଶାର ବିଭିନ୍ନ ସ୍ଥାନରେ ସଫଳତାର ସହିତ ଚାଲିଛି ।

ପ୍ରାୟ ଦେଢ଼କୋଟି ଟଙ୍କା ମୂଳ ଧନରେ ଉକ୍ତ ନିଗମ କାର୍ଯ୍ୟ ଆରମ୍ଭ କରିଥିଲା । ବର୍ତ୍ତମାନ ସୁଦ୍ଧା ଏହାର ମୂଳଧନ ବୃଦ୍ଧି ପାଇ ଏକ ଶହ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇ ପାରିଛି । ନିମ୍ନ ଲିଖିତ ସାରଣୀରୁ ଏହାର ବର୍ତ୍ତମାନ ମୋଟ ମୂଳଧନ ଓ ଗତବର୍ଷ ମୋଟ ମୂଳଧନର ଏକ ତୁଳନାତ୍ମକ ସମୀକ୍ଷା ଜଣାପଡ଼ିବ ।

| | | କୋଟି ଟଙ୍କା ମୂଲ୍ୟରେ |
|---|---|---|
| | ୩୧-୩-୧୯୮୬ | ୩୧-୩-୧୯୮୭ |
| ୧. ମୂଳଧନ | ୨୬.୫୧ | ୨୭.୭୬ |
| ୨. ସରକାରୀ ଋଣ | ୧୪.୦୩ | ୧୪.୦୩ |
| ୩. ଟାର୍ମ ଲୋନ୍ | ୧୦.୬୦ | ୧୪.୨୩ |
| ୪. ବ୍ୟବସାୟିକ ଲାଭ | ୧୩.୬୬ | ୧୫.୪୩ |
| ୫. ଡେପ୍ରିସିଏସନ୍ | ୩୦.୪୨ | ୩୨.୮୫ |
| ୬. ଅନୁଦାନ ସୂତ୍ରରୁ | .. | ୫.୦୦ |
| ୭. କେନ୍ଦ୍ରୀୟ ରିହାତି | ୦.୧୫ | ୦.୧୫ |
| | ୯୫.୪୩ | ୧୦୯.୪୫ |

ଉକ୍ତ ନିଗମ ବର୍ତ୍ତମାନ ସୁଦ୍ଧା ଲୌହଖଣ୍ଡ, ସିମେଣ୍ଟ, ଫେରୋକ୍ରୋମ, ଆଲୁମିନିୟମ ତାର, ଟର୍ଷ୍ଟିଲ୍, ଲୁହାଛଡ, ବିଦ୍ୟୁତ ତାମ୍ବାର୍, ସୂତା, ବିଅର୍, ଷ୍ଟୋନଜାତ ଦ୍ରବ୍ୟ, ସୋଡ଼ିଅମ୍ ଡାଇକ୍ରୋମେଟ୍, ସୋଡ଼ିଅମ ସଲ୍‌ଫେଟ ପ୍ରଭୃତି ଶିଳ୍ପଜାତ ଦ୍ରବ୍ୟ ଉତ୍ପାଦନ କରୁଛି । ବଜାରରେ ତୀବ୍ର ପ୍ରତିଯୋଗିତା ଥିଲେ ମଧ୍ୟ ଏହି ନିଗମ ପ୍ରାୟ ପ୍ରତ୍ୟେକ ବର୍ଷ ୧୦୦ କୋଟି ଟଙ୍କାର ଶିଳ୍ପ ଜାତ ଦ୍ରବ୍ୟ ବଜାରକୁ ପଠାଇବାରେ ସମର୍ଥ ହୋଇ ପାରିଛି ।

ଗତ ଆର୍ଥିକ ବର୍ଷରେ ଉକ୍ତ ନିଗମର ଉତ୍ପାଦନ ୧୦୩ କୋଟି ୭୯ ଲକ୍ଷ ଟଙ୍କା ଓ ବିକ୍ରୟ ୯୬ କୋଟି ୨୦ ଲକ୍ଷ ଟଙ୍କା ହୋଇ ପାରିଛି । ତତ୍ ପୂର୍ବବର୍ଷ ଏହି ପରିମାଣ ଯଥାକ୍ରମେ ୧୦୨ କୋଟି ୯୫ ଲକ୍ଷ ଓ ୯୯ କୋଟି ୬୯ ଲକ୍ଷ ଟଙ୍କା ହୋଇପାରିଛି । ବାର୍ଷିକ ପ୍ରାୟ ଏହି ବ୍ୟବସାୟ ଫଳରେ ମୋଟ୍ ୧୮ କୋଟିରୁ ୨୦ କୋଟି ଟଙ୍କା ପର୍ଯ୍ୟନ୍ତ ପରୋକ୍ଷ ଭାବରେ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ରାଜକୋଷକୁ ଯାଇଥାଏ । ବରଗଡଠାରେ ହୀରା ସିମେଣ୍ଟ କାରଖାନାକୁ ଲାଗି ଏକ ସ୍ଲାଗ୍ ସିମେଣ୍ଟ ମିଲ୍ ୧୯୮୫-୮୬ ମସିହାରେ ସଫଳତାର ସହିତ ଉତ୍ପାଦନ ଆରମ୍ଭ କରିଛି । ଏହି ମିଲ୍‌ର ବାର୍ଷିକ ଉତ୍ପାଦନ କ୍ଷମତା ୧ ଲକ୍ଷ ୬୯ ହଜାର ମେଟ୍ରିକ୍ ଟନ୍ ।

ଗତ ଡିସେମ୍ବର ମାସ ମଧ୍ୟରେ ବଡ଼ବିଲସ୍ଥିତ କଳିଙ୍ଗ ଲୁହା କାରଖାନା ୧୨ ହଜାର ୩୯୪ ମେଟ୍ରିକ ଟନ ତରଳ ଲୁହା ଉତ୍ପାଦନ କରି ମାସିକ ଉତ୍ପାଦନରେ ଶତକଡା ୧୪୯ ଭାଗ ଅଧିକ ଉତ୍ପାଦନ କରି ରେକର୍ଡ ସୃଷ୍ଟି କରିଛି ।

ରାଜ୍ୟରେ ନୂଆ ନୂଆ ଶିଳ୍ପର ପ୍ରତିଷ୍ଠା ତଥା ବର୍ତ୍ତମାନ ଅବସ୍ଥିତ ଶିଳ୍ପ ଗୁଡ଼ିକର ସଂପ୍ରସାରଣ ଦିଗରେ ଉକ୍ତ ନିଗମ କେତେଗୁଡ଼ିଏ ନୂଆ ଯୋଜନା ହାତକୁ ନେଇଛନ୍ତି ଓ ସେଗୁଡ଼ିକ କାର୍ଯ୍ୟକାରୀ କରିବା ଦିଗରେ ତ୍ୱରାନ୍ୱିତ ପଦକ୍ଷେପ ଗ୍ରହଣ କରାଯାଉଛି । ଏହାଛଡା ବିଭିନ୍ନ ଶିଳ୍ପ ସଂସ୍ଥାରେ ଆଧୁନିକୀକରଣ ଓ ପୁରାତନ ମେସିନ୍ ବଦଳରେ ନୂତନ ମେସିନ୍ ପ୍ରତିଷ୍ଠା ପ୍ରଭୃତି କାର୍ଯ୍ୟ ହାତକୁ ନିଆଯାଇଛି । ବଡବିଲସ୍ଥିତ ସ୍ପନ୍ ପାଇପ୍ ପ୍ଲାଣ୍ଟରେ ଏହି ଯୋଜନା ଅନୁସାରେ ଦୁଇଟି ସ୍ପିନିଂ ମେସିନ୍ ଏବଂ ଗୋଟିଏ ଏନିଏଲିଙ୍ଗ୍ ଚୁଲ୍ଲୀ ପ୍ରତିଷ୍ଠା କରାଯାଇଛି । ଏହା ଫଳରେ ପ୍ଲାଣ୍ଟଟିର ଦୈନିକ ଉତ୍ପାଦନ ୪୦/୫୦ ମେଟ୍ରିକ୍ ଟନ୍‌ରୁ ୭୦/୮୦ ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି ।

ଆଗାମୀ କାର୍ଯ୍ୟ ଯୋଜନା ମଧ୍ୟରେ ନିମ୍ନଲିଖିତ ଶିଳ୍ପ ସଂସ୍ଥାଗୁଡ଼ିକ ପ୍ରତିଷ୍ଠା କରିବା ପାଇଁ ଏହି ନିଗମ ପକ୍ଷରୁ ପଦକ୍ଷେପ ନିଆଯାଉଛି । ସେଗୁଡ଼ିକ ହେଲା :

| କ୍ର:ନଂ | ଶିଳ୍ପ ସଂସ୍ଥା | ମୂଳଧନ ଟଙ୍କା କୋଟି ମୂଲ୍ୟରେ | ଉତ୍ପାଦନ | ନିଯୁକ୍ତି କ୍ଷମତା |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧. | ମିନିଷ୍ଟିଲ ପ୍ରୋଜେକ୍ଟ | ୧୨.୯୦ | ଷ୍ଟିଲ ଏବଂ ସ୍ପେଶାଲ ଗ୍ରେଡ୍ ପିଗ୍ ଆଇରନ୍ | ୧୭୮ |
| ୨. | କନିକାଲ୍ ଷ୍ଟିଲ ଟ୍ୟୁବଲାର୍ ପ୍ରୋଜେକ୍ଟ | ୩.୬୦ | କନିକାଲ ଷ୍ଟିଲ ଟ୍ୟୁବଲର୍ ପୋଲ୍ସ | ୮୮ |
| ୩. | ସ୍ପେଶାଲ ଆଲଏ ଷ୍ଟିଲ ପ୍ରୋଜେକ୍ଟ | ୩୦.୦୦ | ଆଲଏ ଷ୍ଟିଲ | ୩୦୦ |
| ୪. | ଷ୍ଟେନ୍‌ଲେସ୍ ଷ୍ଟିଲ ଏବଂ ଟିଟାନିୟମ କଣ୍ଡେନ୍‌ସର ଟ୍ୟୁବ୍ | ୧୪.୪୦ | ସ୍ପେଶାଲ ଷ୍ଟେନ୍‌ଲେସ୍ ଷ୍ଟିଲ ଏବଂ ୱେଲଡେଡ୍ ଟିଟେନିୟମ ଷ୍ଟିଲ | ୬୫ |
| ୫. | କ୍ୟାପ୍‌ଟିଭ୍ ପାୱାର୍ ପ୍ଲାଣ୍ଟ | ୯.୦୦ | | ୧୪ |
| | | ୬୯.୯୦ | | ୬୩୭ |

ଆଇ.ଡ଼ି.ସି.
ଭୁବନେଶ୍ୱର-୭୫୧୦୦୧

ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନାରେ 'ରାମାୟଣ'ର ପ୍ରଯୋଜକ ତଥା ନିର୍ଦ୍ଦେଶକ ଶ୍ରୀ ରାମାନନ୍ଦ ସାଗର, ଅଭିନେତା ଶ୍ରୀ ଦାରାସିଂହ ଓ ଶ୍ରୀ ଅରବିନ୍ଦ ତ୍ରିବେଦୀ । 



# ପିଲାଙ୍କ ପାଇଁ
# ଅଣ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା

**ଶ୍ରୀମତୀ ଶଶିପ୍ରଭା ପଟ୍ଟନାୟକ**

ଦେଶର ସମସ୍ତେ କିପରି ସାକ୍ଷର ହେବେ, ଅନ୍ତତଃ ପ୍ରାଥମିକ ଶିକ୍ଷା ପାଇ ପାରିବେ, ଏକଥା, ଭାରତବର୍ଷ ସ୍ୱାଧୀନତା ପାଇବା ବେଳଠାରୁ ବଡ଼ ବଡ଼ ଲୋକେ ଚିନ୍ତା କରି ଆସୁଛନ୍ତି । ୬ରୁ ୧୪ ବର୍ଷ ବୟସର ସବୁ ପିଲା ଯେପରି ସ୍କୁଲକୁ ଆସିବେ ଏବଂ ପ୍ରାଥମିକ ଶିକ୍ଷା ଶେଷ କରିବେ, ସେଥିପାଇଁ ବିଭିନ୍ନ ପନ୍ଥା ଗ୍ରହଣ କରାଯାଇଛି । ୧୯୮୨ ମସିହା 'ଗୁରୁଦିବସ' ଠାରୁ 'ଶିଶୁ ଦିବସ' ପର୍ଯ୍ୟନ୍ତ ଅର୍ଥାତ୍ ସେପ୍ଟେମ୍ବର ୫ ତାରିଖରୁ ନଭେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଗୋଟାଏ 'ନାମଲେଖା ଅଭିଯାନ' ଚାଲିଲା ସାରା ଦେଶରେ । ଯେତେଦୂର ପାରିଲେ ନିରକ୍ଷର ଏବଂ ପ୍ରାଥମିକ ଶିକ୍ଷା ଶେଷ ନକରି ପଢ଼ା ଛାଡ଼ି ରହି ଯାଇଥିବା ପିଲାଙ୍କୁ ଆଣି ସ୍କୁଲରେ ଭର୍ତ୍ତି କରାଇଲେ ।

ତେବେ ପ୍ରାଥମିକ ଶିକ୍ଷାକୁ ବାଧ୍ୟତାମୂଳକ କରାଯିବା, କାହିଁକି ଆବଶ୍ୟକ ହୋଇପଡ଼ିଛି ? ଆମର ଭୂତପୂର୍ବ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀ ସେଇ ନାମଲେଖା ଅଭିଯାନର ଶୁଭାରମ୍ଭ ଦିନ ଏ ସମ୍ବନ୍ଧରେ ସୂଚନା ଦେଇଥିଲେ ।

"....ଏବେକାର ଜୀବନ ବେଳକୁ ବେଳ ଜଟିଳ ହୋଇପଡୁଛି । ମଣିଷର ସୁବିଧା ମଧ୍ୟ ବଢ଼ିଚାଲିଛି । ଦ୍ରୁତଗତିରେ ଜ୍ଞାନର ପ୍ରସାର ଘଟୁଛି । ପ୍ରତିଯୋଗିତା ବଢ଼ିଚାଲିଛି । ତେଣୁ ପ୍ରତ୍ୟେକ ବ୍ୟକ୍ତିକୁ ବିଭିନ୍ନ କଥା ଜାଣିବାକୁ ପଡ଼ିବ ଏବଂ ନିଜର ଜ୍ଞାନକୁ କାମରେ ଲଗେଇବାକୁ ହେବ । ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଯାହା କିଛି ସୁବିଧା ସୁଯୋଗ ମିଳୁଛି, ତାହାର ଫାଇଦା ଉଠେଇବାକୁ ସେ ସମର୍ଥ ହେବା ଦରକାର । ଏଇସବୁ ଦୃଷ୍ଟିରୁ ପ୍ରାଥମିକ ଶିକ୍ଷା ଲାଭ କରିବା ନିହାତି ଦରକାରୀ ।

....ଏବେ ମଧ୍ୟ ଅନେକ ଶିଶୁ ଶିକ୍ଷା ଲାଭରୁ ବଞ୍ଚିତ । ସେମାନେ ଲେଖାପଢ଼ା ନ ଶିଖିଲେ କିମ୍ବା ବିଜ୍ଞାନର ମୂଳ ତତ୍ତ୍ୱ ସବୁ ନ ଜାଣିଲେ ବଡ଼ ହେଲା ବେଳକୁ ଜୀବନରେ ଯେଉଁସବୁ ସମସ୍ୟା ଆସିବ, ସେଗୁଡ଼ିକର ମୁକାବିଲା କରି ପାରିବେ କିପରି ? ପ୍ରତ୍ୟେକ ବାପ, ମା' ଦେଖିବା କଥା ତାଙ୍କ ପିଲା ଯେପରି ନିୟମିତ ପାଠପଢ଼ିବାକୁ ଯିବ । ସେ ପୁଅ ହୋଇଥାଉ ବା ଝିଅ ହୋଇଥାଉ ।....."

'ନାମଲେଖା ଅଭିଯାନ' ଶେଷ ହେଲା । ଉପସ୍ଥାନ ବଢ଼ାଇବା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଗଲା । ମଫସଲ ଅଞ୍ଚଳରେ ଗୋଟିଏ କିଲୋମିଟର ଭିତରେ ପିଲା ଯେପରି ପାଠପଢ଼ିବା ପାଇଁ ସୁବିଧା ପାଇପାରିବ, ସେଥିପାଇଁ ବିଦ୍ୟାଳୟମାନ ଖୋଲିଗଲା । ୧୯୮୪-୮୫ ମସିହା ସୁଦ୍ଧା ଭାରତରେ ୫୨,୦୦୦୦ଟି ପ୍ରାଥମିକ ବିଦ୍ୟାଳୟ ଓ ୧୩,୦୦୦୦ଟି ମାଧ୍ୟମିକ ବିଦ୍ୟାଳୟ ବସିଗଲା । କିନ୍ତୁ ଦେଖାଗଲା ଯେ ୬–୧୧ ବର୍ଷ ବୟସର ସବୁପିଲାଙ୍କ ମଧ୍ୟରୁ ଶତକଡ଼ା ୯୫ ଜଣ ନାମ ଲେଖାଇଛନ୍ତି । ଝିଅଙ୍କ ମଧ୍ୟରୁ ଶତକଡ଼ା ୭୭ ଜଣ ମାତ୍ର ସେଥିରେ ଅଛନ୍ତି । ବାକି ଶତକଡ଼ା ୨୩ ଜଣ ରହିଗଲେ । ୧୧–୧୪ ବର୍ଷ ବୟସର ଯେତେ ପିଲା ଅଛନ୍ତି, ସେଥିରୁ ମାତ୍ର ଶତକଡ଼ା ୫୦ ଜଣ ବିଦ୍ୟାଳୟକୁ ଆସିଲେ । ପୁଣି ସେମାନଙ୍କ ଭିତରେ ନାମ ଲେଖାଇଥିବା ଝିଅଙ୍କ ସଂଖ୍ୟା, ସେଇ ବୟସର ମୋଟ ଝିଅମାନଙ୍କର ଶତକଡ଼ା ୩୬ । ଅର୍ଥାତ୍ ୧୦୦ ଜଣ ଝିଅଙ୍କ ଭିତରୁ ୬୪ ଜଣ ୧୧–୧୪ ବର୍ଷ ବୟସର ଝିଅ ପାଠ ପଢ଼ିଲେ ନାହିଁ । ଏଥିରୁ ବୁଝାଯାଉଛି ଯେ ୧୯୫୦ ମସିହାରୁ ୧୯୮୫ ମସିହା ପର୍ଯ୍ୟନ୍ତ ଦୀର୍ଘ ୩୫ ବର୍ଷ କାଳ ଲାଗି ଲାଗି ୬–୧୪ ବର୍ଷର ସବୁ ପିଲାଙ୍କୁ ଆମେ ପ୍ରାଥମିକ ଶିକ୍ଷା ସ୍ତରକୁ ଆଣି ପାରିଲୁ ନାହିଁ ।

ଏହାର କାରଣ କ'ଣ ହୋଇପାରେ ? ହୁଏ ତ କେତେକ ସ୍ଥଳରେ ପାଠ ପଢ଼ିବା ପାଇଁ ବ୍ୟବସ୍ଥା ହୋଇ ନାହିଁ, ସେଥିପାଇଁ ସେଠାକାର ପିଲାଏ ପାଠ ପଢ଼ି ପାରୁ ନାହାନ୍ତି । କିମ୍ବା ଅନ୍ୟପକ୍ଷରେ ନିକଟରେ ସୁବିଧା ଥିଲେ ମଧ୍ୟ ପିଲାର ବା ତା'ର ବାପ ମା'ଙ୍କର ଶିକ୍ଷା ପ୍ରତି ଆଗ୍ରହ ନ ଥିବାରୁ ପିଲା ପଢ଼ିବାକୁ ଆସୁନାହିଁ । ଖାଲି ସେତିକି ନୁହେଁ, କୌଣସି ପ୍ରକାରେ ପ୍ରଥମେ ଶ୍ରେଣୀରେ ଯଦି ନାମ ଲେଖାଗଲା, ୫ମ ଶ୍ରେଣୀର ପାଠ ଶେଷ ହେବା ପର୍ଯ୍ୟନ୍ତ ମଧ୍ୟ ସମସ୍ତେ ରହୁ ନାହାନ୍ତି । ମଝିରୁ ଖସି ରହିଯାଉଛନ୍ତି ଅଧାପାଠୁଆ ହୋଇ । ହିସାବରୁ ଜଣାଯାଇଛି ଯେ ୧୦୦ ଜଣରୁ ୬୦ ଜଣ ଚାଲିଯାଉଛନ୍ତି ୫ମ ଶ୍ରେଣୀ ଭିତରେ । ୮ମ ଶ୍ରେଣୀ ଶେଷ ହେବା ବେଳକୁ ୭୫ ଜଣ ଗଲେଣି । ରହିଛନ୍ତି ମୂଳ ୧୦୦ ଜଣରୁ ମାତ୍ର ୨୫ ଜଣ । ଏ ପରିସ୍ଥିତିରେ ପଢ଼ାଛାଡ଼ି ଚାଲିଯାଉଥିବା ପିଲାଙ୍କୁ ଅଟକେଇ ରଖିବା ଏକ ବଡ଼ ସମସ୍ୟା । ସହରାଞ୍ଚଳ ଅପେକ୍ଷା ମଫସଲରେ ଅପାଠୁଆ ଓ ପାଠ ତ୍ୟାଗୀ ପିଲାଙ୍କ ସଂଖ୍ୟା ବେଶୀ ।

ଏହାର ଅନେକଗୁଡ଼ିଏ କାରଣ ଥାଇପାରେ । ସେଥିରୁ କେତୋଟି ହେଲା–

୧–ପ୍ରାଥମିକ ଶିକ୍ଷା ପିଲା ବା ତା'ର ବାପ ମା'ଙ୍କର ବ୍ୟକ୍ତିଗତ ଜୀବନରେ କିଛି କାମରେ ଲାଗିବ ବୋଲି ସେମାନେ ଉପଲବ୍ଧି କରୁ ନାହାନ୍ତି ।

କାରଣ ନିର୍ଦ୍ଧାରିତ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ଜୀବନ ସମ୍ପର୍କିତ ହୋଇନାହିଁ ।

୨–ଆର୍ଥିକ ଅନଟନ ଭିତରେ, ନିଜ ପରିସ୍ଥିତିର ମୁକାବିଲା କରିବା ପାଇଁ ପିଲା ଓ ତା'ର ପରିବାରର ସମସ୍ତେ ସର୍ବଦା ବ୍ୟସ୍ତ ରହୁଛନ୍ତି । ଦିନର ୪/୫ଘଣ୍ଟା ବନ୍ଦ ହୋଇ ପାଠପଢ଼ିବା ପାଇଁ ପିଲାର ଅବସର ନାହିଁ । ତା' ପକ୍ଷରେ ପେଟ ପୋଷିବାରେ ବାପ ମା'ଙ୍କୁ ସାହାଯ୍ୟ କରିବା, ପାଠପଢ଼ା ତୁଳନାରେ ଅଧିକ ଜରୁରୀ ବୋଲି ସେ ଅନୁଭବ କରୁଛି ।

୩–ମଫସଲ ଅଞ୍ଚଳର ଅନେକ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକଦ୍ୱାରା ସବୁଶ୍ରେଣୀର ଶିକ୍ଷାଦାନ କାମ ଚଳୁଛି । ସେ କ୍ଷେତ୍ରରେ ପିଲାକୁ ଶ୍ରେଣୀର ପରିବେଶ ଭଲ ନ ଲାଗିବା ସ୍ୱାଭାବିକ । ନିଜର ଇଚ୍ଛା ବିରୁଦ୍ଧରେ କେତେଦିନ ସେ ବିଦ୍ୟାଳୟରେ ରହିବ ?

୪–ଅଧିକାଂଶ ପ୍ରାଥମିକ ବିଦ୍ୟାଳୟରେ ଘର ଅଭାବ, ପିଲାଙ୍କ ପାଇଁ ଟେବୁଲ ବେଞ୍ଚ ଅଭାବ, ଶିକ୍ଷା ଉପକରଣ ଅଭାବ ଇତ୍ୟାଦି ଅତି ସାଧାରଣ କଥା । ଅଳ୍ପ ସମୟସୀମା ଭିତରେ ଅନେକ ବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ସେଥିରେ ଅନ୍ତତଃ ଯେତିକି ସୁବିଧା ନିହାତି ଆବଶ୍ୟକ, ତା'ପାଇଁ ଟଙ୍କା ଖର୍ଚ୍ଚ କରାଯାଇ ପାରିନାହିଁ । ଫଳରେ ପ୍ରାଥମିକ ଶିକ୍ଷାର ମାନ ରକ୍ଷା କରାଯାଇ ପାରିବା ସମ୍ଭବ ହେଲାନାହିଁ । ମୋଟ ଉପରେ ପିଲାକୁ ନିଜ ପରିବେଶରୁ ଆକର୍ଷିତ କରି ଆଣିବାଭଳି କୌଣସି ବାତାବରଣ ବିଦ୍ୟାଳୟରେ ନାହିଁ ।

ବର୍ତ୍ତମାନ ଦେଖିବାକୁ ହେବ, କେଉଁ ପିଲା ପାଠପଢ଼ାଠାରୁ ଦୂରେଇ ରହି ଯାଉଛନ୍ତି । ଯେଉଁ ଅଭିଭାବକ ବୁଝିଛନ୍ତି ଯେ ପିଲା ପାଠପଢ଼ିବା ନିହାତି ଦରକାର, ସେମାନଙ୍କ ପାଇଁ ଆମର ଚିନ୍ତା ନାହିଁ । ପିଲାକୁ ୫ ବର୍ଷ ପୂରିବା ମାତ୍ରେ ସେମାନଙ୍କୁ ନେଇ ବିଦ୍ୟାଳୟରେ ନିଶ୍ଚୟ ନାମ ଲେଖାଇ ଦେବେ ଏବଂ ନିୟମିତ ଯାଉଛି କି ନାହିଁ ନଜର ରଖିବେ । କିନ୍ତୁ ରହି ଯାଉଥିବା ପିଲାଏ ହେଲେ ସାଧାରଣତଃ ଗରିବ ଚାଷୀ, ମୂଲିଆ ବା ମଜଦୁର ଘରର ପିଲା; ହରିଜନ, ଆଦିବାସୀ ବା ଅନଗ୍ରସର ଅଞ୍ଚଳର ପିଲା । ବିଶେଷ କରି ଯେଉଁମାନେ ଆର୍ଥିକ ଦୁରବସ୍ଥା ଭିତରେ ଜୀବନ ନିର୍ବାହ କରୁଛନ୍ତି ସେଇମାନଙ୍କର ପିଲା । ଏଇ ପିଲାମାନେ ବାପ ମା'ଙ୍କୁ ଭରଣ ପୋଷଣ କରିବାରେ ସାହାଯ୍ୟ କରନ୍ତି । ନିଜେ କ୍ଷେତବାଡ଼ିରେ ମୂଲ ଲାଗନ୍ତି, ଗୋଠ ନେଇ ଚରାନ୍ତି, କଳକାରଖାନାରେ ଖଟନ୍ତି, କାହାଘରେ ବା ଦୋକାନରେ ଚାକିରୀ କରନ୍ତି । ଏଇ ଘରର ଝିଅମାନେ ଅତି ଅଳ୍ପ ବୟସରୁ ନିଜର ଛୋଟ ଭାଇ ଭଉଣୀଙ୍କର ଯତ୍ନ ନିଅନ୍ତି, ବାପ ମା' କାମକୁ ଗଲେ ରନ୍ଧାବଢ଼ା କରି ରଖନ୍ତି, ନିଜେ ମା' ସହିତ କାମକୁ ଯାଆନ୍ତି କିମ୍ବା କାହାଘରେ ବାସନମାଜି ପାଣି ଦେଇ କିଛି ରୋଜଗାର କରିଥାନ୍ତି । ଶିକ୍ଷା ଲୋକଠାରୁ ଦୂରରେ ରହି ଯାଉଥିବା ଏଇ ଅଞ୍ଚ ପିଲାଙ୍କ ପାଖରେ ପ୍ରାଥମିକ ଶିକ୍ଷା ପହଞ୍ଚାଇବା ହେଉଛି ଆମର ଲକ୍ଷ୍ୟ । ଆନୁଷ୍ଠାନିକ ଶିକ୍ଷା ଏମାନଙ୍କ ପାଇଁ ସୁବିଧାଜନକ ନୁହେଁ ।

ପରିସ୍ଥିତିକୁ ଆଖି ଆଗରେ ରଖି ସାର୍ବଜନୀନ ପ୍ରାଥମିକ ଶିକ୍ଷା ପାଇଁ ଏକ ଯୋଜନା କାର୍ଯ୍ୟକାରୀ କରାଯାଉଛି, ତାହା ଅଣଆନୁଷ୍ଠାନିକ ଶିକ୍ଷା । ଏହି ଶିକ୍ଷାକେନ୍ଦ୍ରଗୁଡ଼ିକୁ ଚାଟଶାଳୀ କୁହାଯାଉଛି । ୫ମ ଶ୍ରେଣୀର ଦକ୍ଷତା ହାସଲ କରାଇବା ପାଇଁ ପ୍ରାଥମିକ ଚାଟଶାଳୀ ଏବଂ ୬ଷ୍ଠ-୭ମ ଶ୍ରେଣୀର ପାଠ ପଢ଼ାଇବା ପାଇଁ ମାଧ୍ୟମିକ ଚାଟଶାଳୀମାନ ପ୍ରତିଷ୍ଠା କରାଯାଇଛି । ପ୍ରଥମେ ଗୋଟିଏ ଅଞ୍ଚଳ ସର୍ଭେକରି ଅପାଠୁଆ ଓ ପାଠଛାଡ଼ିଥିବା ପିଲାଙ୍କୁ ଠାବ କରାଯାଏ । ୨୫ ଜଣରୁ ଅଧିକ ପିଲା ମିଳିଗଲେ, ସେଇଠି ସେମାନଙ୍କ ପାଇଁ ଅଣଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ବା ଚାଟଶାଳୀଟିଏ ଖୋଲାଯାଏ । ଗାଁ ବାଲାଙ୍କ ସାହାଯ୍ୟ ସହଯୋଗ ଦ୍ୱାରା ଚାଟଶାଳୀଟି ଚାଲିବା କଥା । ଚାଟଶାଳୀ ବସିବା ପାଇଁ ବଖରାଏ ଘର ଯୋଗାଡ଼ କରିବା, ବସ୍ତିର ସବୁ ୬–୧୪ ବର୍ଷ ବୟସର ଅପାଠୁଆ ଓ ପାଠତ୍ୟାଗୀ ପିଲାଙ୍କୁ ଆଣି କେନ୍ଦ୍ରରେ ପହଞ୍ଚାଇବା, ସେମାନେ ନିୟମିତ ପଢ଼ିବାକୁ ଆସୁଛନ୍ତି କି ନାହିଁ ଲକ୍ଷ୍ୟ ରଖିବା, ସହାୟକ (ଶିକ୍ଷକ) ନିୟମିତ ଆସି ଠିକ୍ ଭାବରେ ପାଠ ପଢ଼ାଉଛନ୍ତି କି ନାହିଁ ତଦାରଖ କରିବା ତଥା ଚାଟଶାଳୀର ସର୍ବବିଧ ଉନ୍ନତି କରାଇବା ହେଉଛି ଗ୍ରାମବାସୀଙ୍କ ଦାୟିତ୍ୱ ।

ଏହି କେନ୍ଦ୍ରରେ ଶିକ୍ଷକତା କରିବା ପାଇଁ ମାଟ୍ରିକ ପାଶ୍ କରିଥିବା ଜଣେ ସ୍ଥାନୀୟ ବାସିନ୍ଦାଙ୍କୁ ସହାୟକ ଭାବରେ ନିଯୁକ୍ତି କରାଯାଏ । ସେ ପିଲାମାନଙ୍କୁ ସୁବିଧା ହେଲାଭଳି ବେଳ ଦେଖି ତିନିଘଣ୍ଟା ପାଇଁ ପାଠ ପଢ଼ାନ୍ତି । ସେଥିପାଇଁ ସରକାରଙ୍କ ତରଫରୁ ମାସିକ ୧୦୫ ଟଙ୍କା ପାରିଶ୍ରମିକ ମିଳେ । ତାହା ବ୍ୟତୀତ ପିଲାଙ୍କ ପାଇଁ ସିଲଟ, ଖଡ଼ି, ବହିପତ୍ର ମାଗଣାରେ ଯୋଗାଇ ଦିଆଯାଏ । ସହାୟକ, ଶ୍ରେଣୀ ଭିତରେ ବସିବା ନିମନ୍ତେ ଚୌକି ଓ ଟେବୁଲ, କଳାପଟା, ଛୋଟ ଆଲମାରୀଟିଏ ମଧ୍ୟ ସରକାର ଯୋଗାଇ ଦେଉଛନ୍ତି । ପିଲାଏ ନିଜ ଘରୁ ଚଟେଇ ଆଣି ସେଥିରେ ବସିପାରିବେ । ରାତିରେ ଚାଲୁଥିବା କେନ୍ଦ୍ର ପାଇଁ ଲଣ୍ଠନ ଓ କିରାସିନୀ କିଣା ପରି ଖୁଚୁରା ଖର୍ଚ୍ଚ ପାଇଁ ଅଳ୍ପ କିଛି ଆର୍ଥିକ ସମ୍ବଳ ମଧ୍ୟ ମିଳୁଛି । ଚାଟଶାଳୀର ଭଲମନ୍ଦ ବୁଝିବା ପାଇଁ ୨ ଜଣ ମୁଖିଆ ଲୋକ ଓ ୨ ଜଣ ଅଭିଭାବକଙ୍କୁ ମିଶାଇ ଗୋଟିଏ ପରିଚାଳନା ସମିତି ଗଠନ କରାଯାଉଛି । ସହାୟକ ନିଜ କେନ୍ଦ୍ରର ଉନ୍ନତି ପାଇଁ ଆବଶ୍ୟକବେଳେ ସେମାନଙ୍କର ପରାମର୍ଶ ନିଅନ୍ତି ।

ଓଡ଼ିଶାରେ ସରକାରୀ ସ୍ତରରେ ଶିକ୍ଷା ବିଭାଗର ଦୁଇଗୋଟି ସଂସ୍ଥା ମାଧ୍ୟମରେ ଅଣଆନୁଷ୍ଠାନିକ ଶିକ୍ଷା କାର୍ଯ୍ୟ ଚାଲିଛି । (୧) ପ୍ରୌଢଶିକ୍ଷା ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ (୨) ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ । ଏମାନଙ୍କ ବ୍ୟତୀତ ପ୍ରାଥମିକ ଶିକ୍ଷାର ପ୍ରସାର ପାଇଁ ଅନ୍ତଚେତନ ମଣ୍ଡଳ ।

ମୀପଡ଼ିତ୍ (ଫୁଲବାଣୀ), ଗିର୍ (ଢେଙ୍କାନାଳ) ପରି ଅନେକଗୁଡ଼ିଏ ବେସରକାରୀ ସମାଜସେବୀ ସଂସ୍ଥା ମଧ୍ୟ ରାଜ୍ୟର ଅନଗ୍ରସର ଅଞ୍ଚଳରେ ଅଣଆନୁଷ୍ଠାନିକ ଶିକ୍ଷା କେନ୍ଦ୍ରମାନ ସ୍ଥାପନ କରିଛନ୍ତି ।

ପ୍ରାଥମିକ ଶିକ୍ଷାର ଆବଶ୍ୟକତା ପୂରଣ କରିବା ପାଇଁ ପ୍ରୌଢଶିକ୍ଷା ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟଙ୍କ ଅଧୀନରେ ଯୋଜନାବଦ୍ଧ ଭାବରେ ଅଣଆନୁଷ୍ଠାନିକ ଶିକ୍ଷାକେନ୍ଦ୍ରମାନ ଗଢ଼ି ଉଠୁଛି । ବର୍ତ୍ତମାନ ସୁଦ୍ଧା ୭,୩୫୦ଟି ପ୍ରାଥମିକ ଚାଟଶାଳୀ ଓ ୩୦୦ଟି ମାଧ୍ୟମିକ ଚାଟଶାଳୀରେ ୧୬୮,୦୦୦ ଜଣ ପିଲା ପାଠ ପଢ଼ୁଛନ୍ତି । ଆଶା କରାଯାଏ ୭ମ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ଆଉ ୧୬,୪୬୧ଟି ପ୍ରାଥମିକ ଓ ୧୯,୧୨୯ଟି ମାଧ୍ୟମିକ ଚାଟଶାଳୀ ଖୋଲାଯାଇ ପାରିଲେ ୧୯୯୦ ମସିହା ବେଳକୁ ୬–୧୪ ବର୍ଷର ସବୁ ପିଲା ପ୍ରାଥମିକ ଶିକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ ହୋଇ ପାରିବେ ଅର୍ଥାତ୍ ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ସମ୍ଭବ ହେବ ।

ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦଙ୍କ ଅଧୀନରେ ୮୪୦ଟି ଅଣଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ପରିଚାଳିତ ହେଉଛି । ସେଗୁଡ଼ିକୁ ରାଜ୍ୟର ୭୦ଟି ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟର ପ୍ରତ୍ୟକ୍ଷ ଦାୟିତ୍ୱରେ ରଖାଯାଇଛି । ବାରମ୍ବାର ଏହି କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରି ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜଣେ ଲେଖାଏଁ ପ୍ରଶିକ୍ଷକ ପ୍ରତ୍ୟେକ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ନିଯୁକ୍ତ ହୋଇଛନ୍ତି । ସେଠାରେ ଗୁରୁ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଅଣଆନୁଷ୍ଠାନିକ ଶିକ୍ଷା ସମ୍ବନ୍ଧରେ ତାଲିମ ଦିଆଯାଉଛି । ଚାଟଶାଳୀଗୁଡ଼ିକର ସୁପରିଚାଳନା ଉପଯୁକ୍ତ ପାଠ୍ୟକ୍ରମ ପ୍ରସ୍ତୁତି, ପାଠ୍ୟପୁସ୍ତକ ପ୍ରଣୟନ, ଶିକ୍ଷଣ ପଦ୍ଧତି ନିରୂପଣ ଓ ମୂଲ୍ୟାୟନ ପ୍ରଣାଳୀ ଇତ୍ୟାଦି ସମ୍ବନ୍ଧରେ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର କର୍ମକର୍ତ୍ତାମାନେ ଗବେଷଣା ଲବ୍ଧ ଜ୍ଞାନ ଦ୍ୱାରା ଶିକ୍ଷାର ମାନ ବଢ଼ାଇବା ଦିଗରେ ଦିଗ୍‌ଦର୍ଶନ ଦେଉଥାନ୍ତି । ବାସ୍ତବ କ୍ଷେତ୍ରରେ ଉକ୍ତ ୮୪୦ଟି କେନ୍ଦ୍ରରେ ଗବେଷଣାମୂଳକ ପରୀକ୍ଷା ନିରୀକ୍ଷା କରାଯାଇଥାଏ । ସହାୟକ ଓ ଅନ୍ୟାନ୍ୟ ସଂପୃକ୍ତ କର୍ମଚାରୀମାନଙ୍କୁ ଉପଯୁକ୍ତ ତାଲିମ ଦେବା ପରିଷଦର ଅନ୍ୟ ଏକ ମୁଖ୍ୟ ଦାୟିତ୍ୱ ।

ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ଆନୁକୂଲ୍ୟରେ ଅଣଆନୁଷ୍ଠାନିକ ଶିକ୍ଷା ସମ୍ବନ୍ଧୀୟ ଏକ ପ୍ରକଳ୍ପ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି । ତାହା ହେଉଛି କେପ୍ ପ୍ରୋଜେକ୍ଟ ବା ପ୍ରାଥମିକ ଶିକ୍ଷାରେ ବ୍ୟାପକ ପ୍ରବେଶ ପ୍ରକଳ୍ପ । ମିଳିତ ଜାତି ସଂଘର ଆନ୍ତର୍ଜାତୀୟ ଶିଶୁ କଲ୍ୟାଣ ପାଣ୍ଠିରୁ ଆର୍ଥିକ

ସହାୟତା ଏଥିପାଇଁ ମିଳୁଛି । ଅଣଆନୁଷ୍ଠାନିକ ଶିକ୍ଷାର ପ୍ରଗତି ଓ ଗୁଣାତ୍ମକମାନ ନିର୍ଦ୍ଧାରଣ ଏହାର ଉଦ୍ଦେଶ୍ୟ । ୯ରୁ ୧୪ବର୍ଷ ବୟସର ନିରକ୍ଷର ଓ ପାଠତ୍ୟାଗୀ ପିଲା କିପରି ସାମଗ୍ରିକ ଶିକ୍ଷା ଲାଭ କରି ଦୁଇବର୍ଷରେ ୫ମ ଶ୍ରେଣୀର ଦକ୍ଷତା ହାସଲ କରି ପାରିବେ, ସେ ଦିଗରେ ଏ ପ୍ରକଳ୍ପ ମାଧ୍ୟମରେ ଗବେଷଣା ଚାଲିଛି । ପରିଷଦଙ୍କ ଅଧୀନରେ ପରିଚାଳିତ ୭୦୦ ପ୍ରାଥମିକ ଚାଟଶାଳୀରୁ ୭୦ ଟିରେ ଏହି ପ୍ରକଳ୍ପ ସମନ୍ୱୟ ପରୀକ୍ଷା ନିରୀକ୍ଷା କରାଯାଉଛି । ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦଙ୍କ ପରାମର୍ଶ ଅନୁସାରେ ଏଗୁଡ଼ିକର ସମସ୍ତ କାର୍ଯ୍ୟ ନିୟନ୍ତ୍ରିତ । ଓଡ଼ିଆ ପିଲାଙ୍କ ପାଇଁ ଉପଯୁକ୍ତ ହେଲାଭଳି ନୂଆଧରଣର ପାଠ୍ୟପୁସ୍ତକ ମଧ୍ୟ ଏଥିପାଇଁ ପ୍ରସ୍ତୁତ କରାଯାଉଛି ଏବଂ କେପ୍ କେନ୍ଦ୍ରରେ ପ୍ରଚଳନ କରାଯାଇ ଏହାର ଉପାଦେୟତା ପରୀକ୍ଷା କରାଯାଉଛି । ପ୍ରକଳ୍ପ ଜରିଆରେ ଯେଉଁ ଅନୁଭୂତି ଲାଭ ହେଉଛି, ତାହାକୁ ରାଜ୍ୟର ସମସ୍ତ ଅଣଆନୁଷ୍ଠାନିକ ଶିକ୍ଷା କ୍ଷେତ୍ରରେ ପ୍ରୟୋଗ କରାଯାଉଛି । ଏହା ନିଶ୍ଚିତ ଭାବରେ ଚାଟଶାଳୀ ଗୁଡ଼ିକରେ ଶିକ୍ଷାର ମାନ ବୃଦ୍ଧିରେ ସାହାଯ୍ୟ କରୁଛି । ଉଦାହରଣ ସ୍ୱରୂପ, ଏଠାରେ ଉଲ୍ଲେଖ କରାଯାଇପାରେ ଯେ 'କେପ୍ ପ୍ରକଳ୍ପ' ପାଇଁ ପ୍ରସ୍ତୁତ ଅକ୍ଷର ଶିକ୍ଷା ପୁସ୍ତକର ଅଧିକ ଉପାଦେୟତା ପ୍ରମାଣିତ ହେବାରୁ ତାହାକୁ ବ୍ୟାପକ ଭାବେ ଚାଟଶାଳୀ ଗୁଡ଼ିକରେ ପ୍ରଚଳନ କରାଯିବା ପାଇଁ ରାଜ୍ୟ ସରକାର ଅଧିକ ସଂଖ୍ୟାରେ ଏହାର ମୁଦ୍ରଣ କରାଉଛନ୍ତି ।

ଜାତୀୟ ଶିକ୍ଷା ନୀତିରେ ଅଣଆନୁଷ୍ଠାନିକ ଶିକ୍ଷା ଯୋଜନାକୁ ସ୍ଥାନ ଦିଆଯାଇଛି । ପାଠତ୍ୟାଗୀ ଓ ନିରକ୍ଷର ପିଲାଙ୍କୁ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ କରିବା ପର୍ଯ୍ୟନ୍ତ ଅଟକାଇ ରଖିବା ପାଇଁ କେତେକ ସୁବିଧା ଦେବାକୁ ସରକାର ଚିନ୍ତା କରିଛନ୍ତି । ଏଥିରେ, ପାଠପଢ଼ା ସମୟ ଭିତରେ ଥରେ ଖାଇବାକୁ ଦେବା ଏବଂ ବାଳିକାମାନଙ୍କୁ ପୋଷାକ ଯୋଗାଇ ଦେବା ପ୍ରଭୃତି ଅନ୍ତର୍ଭୁକ୍ତ । ଅଣଆନୁଷ୍ଠାନିକ ଶିକ୍ଷା କେନ୍ଦ୍ରଗୁଡ଼ିକରେ ଅନେକ କାର୍ଯ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ପଞ୍ଚାୟତ ରାଜଙ୍କ ସହାୟତାରେ ସଂପାଦିତ ହେବ ଏବଂ ଏଥିପାଇଁ ଆବଶ୍ୟକୀୟ ପାଣ୍ଠି ଯୋଗାଇ ଦିଆଯିବ ବୋଲି ସ୍ପଷ୍ଟୀକରଣ ହୋଇଛି । ସରକାର ଏହି ଯୋଜନାର ସଫଳତା ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । ମୋଟ ଉପରେ ଆନୁଷ୍ଠାନିକ ଶିକ୍ଷା ଓ ଅଣଆନୁଷ୍ଠାନିକ ଶିକ୍ଷା ମଧ୍ୟରେ କୌଣସି ପ୍ରକାର ଗୁଣାତ୍ମକ ପାର୍ଥକ୍ୟ ରହିବ ନାହିଁ । ଅଥଚ ପ୍ରାଥମିକ ଶିକ୍ଷାର ସାର୍ବଜନୀନକରଣ ସହଜ ସାଧ୍ୟ ହେବ । ଏହି ଅଣଆନୁଷ୍ଠାନିକ ଶିକ୍ଷା ପ୍ରଚଳନ ଫଳରେ ଅନୁନ୍ନତ ଅଞ୍ଚଳର ଲୋକେ ବିଶେଷ ଭାବରେ ଉପକୃତ ହେବେ । ଯେଉଁମାନେ ନିଜ ପିଲାଙ୍କ ଶିକ୍ଷାପ୍ରତି ସଚେତନ ନୁହନ୍ତି, ସେମାନଙ୍କ ନିକଟରେ ଏ ଧରଣର ଶିକ୍ଷା ବ୍ୟବସ୍ଥା କରାଯାଇପାରିଛି ସେମାନେ ହିଁ ଏହାର ସୁଯୋଗ ନେବା ଉଚିତ । ଏହି ଶିକ୍ଷା ସହଜ-ଲଭ୍ୟ, ସୁବିଧା ଜନକ ଏବଂ ଆନୁଷ୍ଠାନିକ ଶିକ୍ଷା ସହିତ ସମକକ୍ଷ, ଅଥଚ ବ୍ୟୟ ସାପେକ୍ଷ ନୁହେଁ । କେବଳ ସ୍ଥାନୀୟ ବାସିନ୍ଦାମାନଙ୍କର ସାହାଯ୍ୟ ଏବଂ ଅଭିଭାବକମାନଙ୍କର ସହଯୋଗ ଦ୍ୱାରା ଏହି କାର୍ଯ୍ୟକ୍ରମ ସଫଳ ହୋଇପାରିବ । ଏ ଦିଗରେ ଜନ ଜାଗରଣ ସୃଷ୍ଟି ହେବା ଆବଶ୍ୟକ ।

ପ୍ରାଥମିକ ଶିକ୍ଷା, ଜ୍ଞାନାଲୋକ ଆଡ଼କୁ ଆଗେଇବାରେ ପ୍ରଥମ ପଦକ୍ଷେପ । ତେଣୁ ଚାଲନ୍ତୁ, ସେଇ ଅପାଠୁଆ ଓ ଦରପାଠୁଆ ପିଲାଙ୍କୁ ଗୋଟିଏ ପାଦ ଆଗେଇ ଦେବାରେ ଆମେ ସମସ୍ତେ ସାହାଯ୍ୟ କରିବା । ଅଣଆନୁଷ୍ଠାନିକ ଶିକ୍ଷା ଯୋଜନା ଭିତରେ ଆମେ ନିଜକୁ ସାମିଲ କରିବା । ଆମେ— ଅଭିଭାବକ ଗ୍ରାମବାସୀ, ସମାଜସେବକ, ଶାସକ, ପ୍ରଶାସକ, ପରିଦର୍ଶକ ଶିକ୍ଷକ ବା ଶିକ୍ଷାବିତ୍ ଯେ କେହି ହେଉ ନା କାହିଁକି, ପ୍ରତ୍ୟେକଙ୍କର ଏଥିପାଇଁ କିଛି କିଛି କର୍ତ୍ତବ୍ୟ ଅଛି । ଆମର ଅଲକ୍ଷ୍ୟରେ ଯେଉଁ ବିରାଟ ଶିଶୁସମାଜ ପ୍ରାଥମିକ ଶିକ୍ଷା ଲାଭରୁ ବଞ୍ଚିତ, ସେମାନଙ୍କୁ ଏହି ଅଣଆନୁଷ୍ଠାନିକ ଶିକ୍ଷା ଜରିଆରେ ଯଥାଶୀଘ୍ର ଅନ୍ୟମାନଙ୍କ ସହିତ ବିସ୍ତର ବୃଦ୍ଧିରେ ସମକକ୍ଷ କରାଇବାକୁ ହେବ । ଦେଖିବେ, ଦିନେ ନା ଦିନେ ସେମାନେ ଆତ୍ମ ନିର୍ଭରଶୀଳ ହେବେ । ନିଜ ବ୍ୟକ୍ତିତ୍ୱର ବିକାଶ ପାଇଁ ସଚେତନ ହେବେ, ସମାଜପ୍ରତି ସମ୍ବେଦନଶୀଳ ହେବେ ଏବଂ ଦେଶପ୍ରତି ଅନୁରକ୍ତ ହେବେ ।

ଏସ୍.ସି.ଇ.ଆର୍.ଟି
ଭୁବନେଶ୍ୱର



ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟରେ ଓଡ଼ିଶା ରାଜନୀତି ବିଜ୍ଞାନ ସଂଘର ବାର୍ଷିକ ସମ୍ମିଳନୀରେ ...

# ଆମେ ଓ ଆମର ପରମ୍ପରା

ଶ୍ରୀ ମଙ୍ଗୁଲୁ ଚରଣ ବିଶ୍ୱାଳ

ପରମ୍ପରା ଆମର ଅସ୍ମିମଜ୍ଜାଗତ । ଆମର ଦୈନନ୍ଦିନ ଜୀବନ ସହିତ ଓତଃପ୍ରୋତ ଭାବେ ଜଡ଼ିତ । ପ୍ରତିଟି ପରମ୍ପରାର ଅର୍ଥ ସାଗର ପରି ଗଭୀର ଓ ଆକାଶ ପରି ବ୍ୟାପ୍ତ । ଏହା ସଂକୀର୍ଣ୍ଣତା ମଧ୍ୟରେ ସୀମାବଦ୍ଧ ନୁହେଁ । ପ୍ରତିଟି ପରମ୍ପରାର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଅଛି । ତାହା ସମାଜର ନିଶ୍ଚିତ ଭାବେ ମଙ୍ଗଳକାରକ । ସାମାଜିକ ସୁସ୍ଥ ବିକାଶରେ ସହାୟକ । ପ୍ରତିଟି ବ୍ୟକ୍ତିର ଶାରୀରିକ ତଥା ମାନସିକ ବିକାଶର ଦିଗ୍‌ଦର୍ଶକ । ଏହାର ବୈଜ୍ଞାନିକ ଦୃଷ୍ଟିକୋଣ ମଧ୍ୟ କମ୍ ନୁହେଁ । ଦ୍ୱିତୀୟତଃ ସମାଜ ଆମର ଧର୍ମ ପିଣ୍ଡିତ । ଯୁଗ ଯୁଗ ଧରି ଧର୍ମ ଧାରା ଆମର ସାମାଜିକ ଜୀବନକୁ ନିୟନ୍ତ୍ରଣ କରି ଆସିଛି । ତେଣୁ ପରମ୍ପରା ଭିତରେ ଧର୍ମକୁ ସାମିଲ କରି ଦିଆଯାଇଛି । ଅବଶ୍ୟ କୁହାଯାଇପାରେ ଏ ପରମ୍ପରାଗୁଡ଼ିକର ସ୍ରଷ୍ଟା କିଏ ? କିଏ ଏ ସମସ୍ତ ପ୍ରବହମାନ ପରମ୍ପରାର ପୃଷ୍ଟପୋଷକ ? ନିଶ୍ଚିତ ଭାବରେ କୁହାଯାଇପାରେ ଆମର ପିତା, ପ୍ରପିତା, ତାଙ୍କ ପ୍ରପିତାମାନେ ଏହାର ସ୍ରଷ୍ଟା ଓ ପୃଷ୍ଟପୋଷକ । ଆମେ ମଧ୍ୟ ସେହି ଗତାନୁଗତିକ ପ୍ରବାହରେ ଭାସିଆସିଛେତି । ବିନା ଯୁକ୍ତି, ବିନା ଦ୍ୱିଧାରେ ଆମେ ସେଗୁଡ଼ିକ ପାଳନ କରି ଆସିଛେତି । ସେଗୁଡ଼ିକ ପାଳନ କରିବାରେ ଆମର କି ଆନନ୍ଦ । କି ସ୍ଫୁର୍ତ୍ତି । କି ଉଦ୍ଦୀପନା ।

ଆମର କେତେଗୁଡ଼ିଏ ପରମ୍ପରା ଅନ୍ଧବିଶ୍ୱାସ ଓ କୁସଂସ୍କାରଯୁକ୍ତ । ଏହା ବୋଲି ସମସ୍ତ ପରମ୍ପରାକୁ ଏ ଯୁକ୍ତି ମଧ୍ୟକୁ ଟାଣି ଆଣିବା ଠିକ୍ ନୁହେଁ । ଆଜିର ନବ୍ୟ ଶିକ୍ଷିତ ଗୋଷ୍ଠୀ ଯୁକ୍ତି ବାଢ଼ନ୍ତି; ସମାଜରେ ଯେତେଗୁଡ଼ିଏ ପରମ୍ପରା ବା ଟ୍ରାଡ଼ିସନ୍ ରଖାଯାଇଛି ସବୁ ଅଯୌକ୍ତିକ ଓ କୁସଂସ୍କାରର ପର୍ଯ୍ୟାୟଭୁକ୍ତ । ଉଦାହରଣ ସ୍ୱରୂପ ଘରେ ରୋଗ ବଇରାଗ ହେଲେ ଆମର ପିତା ପ୍ରପିତାମାନେ ବ୍ରାହ୍ମଣ ଡକାଇ ହୋମ ଯଜ୍ଞ କରନ୍ତି । ଅଜି ଆମେ ଏ କଥାକୁ ସମାଲୋଚନା କରୁ । ରୋଗ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ସର୍ବ ପ୍ରଥମ କର୍ତ୍ତବ୍ୟ । ମାତ୍ର ହୋମ ଯଜ୍ଞ କରିବା ଅଯୌକ୍ତିକ ନୁହେଁ । ହୋମରେ ଘୃତାହୁତି ଦିଆଯାଏ । ତତ୍ ସଙ୍ଗେ ସଙ୍ଗେ ଝୁଣା, ଗୁଗୁଳ ଭାସ୍ୱର ଇତ୍ୟାଦିର ଧୂପ ଦିଆଯାଏ । ଏଗୁଡ଼ିକ ଆଣ୍ଟିସେପ୍‌ଟିକ୍ । ବାୟୁମଣ୍ଡଳରେ ଥିବା ରୋଗ ଜୀବାଣୁ ନଷ୍ଟ ହୋଇଯାଆନ୍ତି । ଫଳରେ ବାୟୁମଣ୍ଡଳ ଶୁଦ୍ଧତା ଆସେ ।

ପ୍ରତି ବର୍ଷ ଏକ ନିର୍ଦ୍ଦିଷ୍ଟ ଦିନରେ ମୃତ ପିତାମାତାମାନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ପାଳନ କରୁ । ଏ ପରମ୍ପରା କ'ଣ ଅଯୌକ୍ତିକ ? ଯେଉଁମାନଙ୍କ ଲାଗି ଆମର ସୁଖ ସୌଭାଗ୍ୟ, ଗର୍ବ ଗୌରବ ତାଙ୍କୁ ବର୍ଷକୁ ଥରୁଟିଏ ସ୍ମରଣ କରିବା ଆମର କର୍ତ୍ତବ୍ୟ ନୁହେଁ କି ?

ପୁତ୍ର କନ୍ୟାମାନଙ୍କର ପିତା ମାତାମାନେ ହେଉଛନ୍ତି ଜିଅନ୍ତା ଦେବତା । ସେମାନଙ୍କର ଆଦେଶ ଓ ଉପଦେଶ ପାଳନ କରିବା ଆମର ପ୍ରଧାନ ଓ ପବିତ୍ର କର୍ତ୍ତବ୍ୟ । ବୃଦ୍ଧ ବୟସରେ ସେମାନଙ୍କର ସେବା ଓ ଶୁଶ୍ରୁଷା କରିବା ଆମର ପରମ ଧର୍ମ । ଆଜିର ସମାଜ ଏମିତି ବର୍ଣ୍ଣ ଶଙ୍କର ହେଲାଣି ଯେ ପିତାଙ୍କୁ ପିତା ବୋଲି ମାତାଙ୍କୁ ମାତା ବୋଲି ସମ୍ବୋଧନ କରିବାକୁ ପୁତ୍ର କନ୍ୟାମାନେ ଦ୍ୱିଧା କଲେଣି । ସେମାନେ ଯୁକ୍ତି କଲେଣି ସେମାନେ କାମଜ । ପିତାମାତାଙ୍କର କାମ-ଶକ୍ତିରୁ ସେମାନଙ୍କର ଜନ୍ମ । ଯଦି ସମାଜରେ ଏଇ ପରମ୍ପରା ସୃଷ୍ଟି କରାଯାଏ, ଦେଶର ଭବିଷ୍ୟତ କ'ଣ ହେବ ? ଦେଶରେ କି ନାଗରିକ ସୃଷ୍ଟି ହେବେ ? ଉତ୍ତର ପୁରୁଷମାନେ ଆମକୁ କ୍ଷମା ଦେବେତ ? ଆଚ୍ଛା, ଯେଉଁମାନେ, ଆଜି ଯୁକ୍ତି କରୁଛନ୍ତି ସେତ ଦିନେ ପିତାମାତା ହେବେ । ଜରା, ବାର୍ଦ୍ଧକ୍ୟ ତାଙ୍କୁ ମଧ୍ୟ ଗ୍ରାସ କରିବ । ସେତିକିବେଳେ ତାଙ୍କ ପୁତ୍ର କନ୍ୟାମାନେ ତାଙ୍କ ପ୍ରତି ଅବହେଳା ପ୍ରଦର୍ଶନ କଲେ ତାହା ସହ୍ୟ କରି ପାରିବେତ ? କେତେକ ଯୁକ୍ତି କଲେଣି, ଯେଉଁମାନେ ପରମ୍ପରାକୁ ଯାବୁଡ଼ି ଧରିଛନ୍ତି ସେମାନେ କନ୍‌ଜରଭେଟିଭ୍ । ଆଚ୍ଛା ବାବା ଆମେ କନ୍‌ଜରଭେଟିଭ୍ । ତୁମେମାନେ କନ୍‌ଜର୍‌ଭେଟିଭ୍ ନୁହଁ । ତୁମେ ଆଲୋକର ସନ୍ଧାନରେ । ପିତାକୁ ପିତା ବୋଲି ସ୍ୱୀକାର କରିବ ନାହିଁ । ଏ ତୁମର କି ସଭ୍ୟତା ?

ଆଗେ ଆମର ସାମାଜିକ ଜୀବନ ଥିଲା ଖୁବ୍ ଦୃଢ଼ । ସମସ୍ତେ ଏକତା ସୂତ୍ରରେ ବାନ୍ଧି ହୋଇଥିଲେ । ଏକାନ୍ନବର୍ତ୍ତୀ ପରିବାର ସଂଖ୍ୟା ଥିଲା ଅଧିକ । ପରିବାରର ସର୍ବଜ୍ୟେଷ୍ଠ ବ୍ୟକ୍ତି ଗୃହର କର୍ତ୍ତା ଥିଲେ । ତାଙ୍କ ନିର୍ଦ୍ଦେଶ, ଆଦେଶ, ଉପଦେଶ ଥିଲା ଆମର ଶିରୋଧାର୍ଯ୍ୟ । ବୟୋଜ୍ୟେଷ୍ଠମାନଙ୍କର କନିଷ୍ଠମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଥିଲା । କନିଷ୍ଠମାନଙ୍କର ବରିଷ୍ଠମାନଙ୍କ ପ୍ରତି ଭକ୍ତି ଓ ସମ୍ମାନ ଥିଲା । କାଳସ୍ୟ କୁଟିଳା ଗତି । ଆଜି ସବୁ ଓଲଟ ପାଲଟ ହୋଇ ଯାଇଛି ।

ଆମର ବାରମାସକୁ ତେର ପର୍ବ ପାଳନ କରାଯାଉଥିଲା । ଏ ଗୁଡ଼ିକର ନିର୍ଦ୍ଦିଷ୍ଟ ସାମାଜିକ ମୂଲ୍ୟବୋଧ ଥିଲା । କର୍ମ କ୍ଳାନ୍ତ ଜୀବନ ପରେ ମଣିଷ ଟିକିଏ ଆମୋଦ ପ୍ରମୋଦ ପାଇବାର ସୁଯୋଗ ପାଉଥିଲା । ସମଷ୍ଟିଗତ ଜୀବନ ଧାରାର ସୂତ୍ରପାତ ହେଉଥିଲା । ନିଜ ନିଜ ମଧ୍ୟରେ ବାଦ ବିସମ୍ବାଦ ଈର୍ଷା ଦ୍ୱେଷ ସମସ୍ତ ଭୁଲି ଯାଉଥିଲେ । ଐକ୍ୟ, ସ୍ନେହ, ସୌହାର୍ଦ୍ଦ୍ୟ ଓ ବନ୍ଧୁତ୍ୱର ବିକାଶ ଘଟୁଥିଲା । ଆଜି ଜାତୀୟ ସଂହତି କ୍ଷେତ୍ରରେ ସୃଷ୍ଟି ହୋଇଥିବା ପ୍ରଧାନ ପ୍ରତିବନ୍ଧକ, ସେତେବେଳେ

ନଥିଲା । ଆଜି ଅନେକ ପର୍ବ ପର୍ବାଣୀ ପାଳିତ ହେଉଛି, ସେଥିରେ ସେତେବେଳା ଆନ୍ତରିକତା ଥିଲା ପରି ମନେ ହେଉ ନାହିଁ । ଏବେ ଦୁର୍ଗା ପୂଜା, ମହାଲକ୍ଷ୍ମୀ ପୂଜା, ଗଣେଶ ପୂଜା, ସରସ୍ୱତୀ ପୂଜା ସବୁ କିଛି ପାଳିତ ହେଉଛି । ହେଲେ କେଉଁଠି ନାମ ସଂକୀର୍ତ୍ତନ, ଝାଞ୍ଜଣା ଭଜନ ହୁଅନ୍ତା ଭଳା । କେବଳ ଟେପ୍‌ରୁ ବାଜି ଉଠୁଛି "ନଯାରେ ନ'ଯା ଗୋରୀ ବାଲି ଯାତରା ଦେଖୁ" ଇତ୍ୟାଦି ଶସ୍ତା ରଗୁ ସଙ୍ଗୀତ । କେତେ ମେଢ କେତେ ରୋଷଣୀ, ବ୍ୟାଣ୍ଡପାର୍ଟି, ଡ୍ରିସୋ ନାଚ । ପ୍ରସେସନ୍‌ରେ 'ହଜାର ହଜାର ଟଙ୍କା ଖର୍ଚ୍ଚ' । ପଇସାବାଲାର ମୂଲ୍ୟ ଥାଆନ୍ତା ଭଲା । ଗୋଟିଏ ପ୍ରସେସନ କଥା କହୁଛି । ମେଢ ଆଗେ ଆଗେ ପଂଝାଏ ଟୋକା ନାଚି ନାଚି ଗ୍ଲିଛନ୍ତି । ଡ୍ରିସୋ ନାଚ । ଦେଖୁଲି କାହାରି ହୋସ୍ ନାହିଁ । ସମସ୍ତେ ପିଇଛନ୍ତି । ସେଥିରୁ ଗୋଟେ ଦୁଇଟା ଟଳେ ପଡ଼ିଗଲେ । ସେମାନଙ୍କୁ ମୂର୍ଚ୍ଛାର ନେଲାପରି ବୋହି ନେଉଗଲେ । ଏଉ ପରମ୍ପରା ଆମେ ସୃଷ୍ଟି କରୁଛନ୍ତି । ଏଇମିତି ଆମେ ନିଶା ନିବାରଣ କରୁଛନ୍ତି ? ଗୋଟିଏ ବାହାଘର ପାର୍ଟିରେ ମୁଁ ଯାଇଥିଲି । ସେଠା ମଧ୍ୟ ସେୟା । ଅଧିକାଂଶଙ୍କର ପାଟିରୁ ଗନ୍ଧ ପିଟୁଛି । ଫେର୍ ଉଚ୍ଚଶିକ୍ଷିତ ବାବୁ ଗୁଡାଏ । କିଏ କ'ଣ କହୁଛି ? ତାହା ବି ଅଶ୍ରାବ୍ୟ । କନ୍ୟା ଘରେ ଯାହା କାଣ୍ଡ କଲେ ତାହା କହିବା ନିଷ୍ପ୍ରୟୋଜନ ।

ଆଗେ ପ୍ରତି ଗାଁରେ ଭାଗବତ ଟୁଙ୍ଗିଟିଏ ଥିଲା । ସେହିଠି ଧର୍ମ ଆଲୋଚନା ହେଉଥିଲା । ଲୋକମାନଙ୍କ ଉପରେ ତାହା ବହୁତ ପ୍ରଭାବ ପକାଉଥିଲା । ଫଳରେ ସମାଜରେ ଶାନ୍ତି, ଶୃଙ୍ଖଳା, ପରସ୍ପର ମଧ୍ୟରେ ସ୍ନେହ ପ୍ରୀତି ଓ ଉତ୍ତମ ବୁଝାମଣା ବଜାୟ ରହୁଥିଲା । ଦ୍ୱିତୀୟତଃ ଭାଗବତ ଟୁଙ୍ଗିଥିଲା ସେ ସମୟର କୋର୍ଟ । ସେହିଠି ଗାଁର ଯାବତୀୟ ଗଣ୍ଡଗୋଳ ନିଷ୍ପତ୍ତି ହେଉଥିଲା । ଗାଦି ଗୋସେଇଁଙ୍କୁ ଗୁହି କେହି ମିଛ କହୁ ନଥିଲେ । ଏବେ ଟୁଙ୍ଗି ଜାଗାରେ ତିଆରି ହୋଇଛି କ୍ଲବ୍ । ଦିନରାତି ଚେସ୍, କ୍ୟାରମ୍ ପଶା । ଅଧିକ ଟିଭି ଆସିଲାଣି । ଘଣ୍ଟା ଘଣ୍ଟା ଧରି ଦେଖାଚ୍ଲିଛି କ୍ରିକେଟ୍ ଖେଳ । ଅବସର ମିଳିଲେ ଚ୍ଲିଛି ରାଜନୀତି ଚର୍ଚ୍ଚା । ସ୍ୱୀକୃତିତ ନାହିଁ । ବଂଶ ପରଂପରାଗତ ବୃତ୍ତିରେ ପଶିବାକୁ ମଧ୍ୟ ସ୍ପୃହା ନାହିଁ । ବାପାଙ୍କ ହୋଟେଲରେ ଗିଳି ଦେଇ ନାନା ନବରଙ୍ଗ ଚ୍ଲିଛି କ୍ଲବ୍ ଘରେ । ଛାଡନ୍ତୁ ସେ କଥା । ଆଗରୁ କୁହାଯାଇଛି, ଧାର୍ମିକ ଭିତ୍ତିଭୂମି ଉପରେ ସମାଜ ଗଢ଼ି ଉଠିଥିଲା । ତେଣୁ ପୁଅଟିଏ ଜନ୍ମ ହେଲେ ନାମ ଦେଉଥିଲୁ ରାମ, ଶ୍ୟାମ, ଗୋପାଳ, ଶିବ, ବ୍ରହ୍ମା, ବରୁଣ, ଅଶ୍ୱିନୀ କୁମାର । ଝିଅଟିଏ ଜନ୍ମ ହେଲେ ଦେବୀ ରୂପ ନାମ ଦେଉଥିଲୁ । ଲକ୍ଷ୍ମୀ, ପାର୍ବତୀ, ସରସ୍ୱତୀ, ଇନ୍ଦିରା, ରାଧା ଇତ୍ୟାଦି । ଏବେ ସେ ନାମ ଗୁଡାକ ଆମକୁ ଗନ୍ଧାଇଲାଣି । ପୁଅ ଜନ୍ମ ହେଲେ ନାମ କିମ୍,ନେପୋଲିଅନ୍, ହିଟ୍‌ଲର୍, ଆଲେକ୍‌ଜାଣ୍ଡର୍ କିମ୍ବା କୌଣସି ସିନେମା ଅଭିନେତାଙ୍କ ନାମ ; ଯଥା— ଦିଲ୍ଲୀପ କୁମାର, ରାଜେନ୍ଦ୍ର କୁମାର, ରାକେଶ୍, ରାକେଶ୍ । ଝିଅ ନାମ ହେଲାଣି ହେଲେନ୍, ନାନ୍‌ସୀ, ମାର୍ଗାରେଟ୍, ଜଲି । କିମ୍ବା ହେମାମାଳିନୀ, ବୈଜୟନ୍ତୀମାଳା, ଜୟପ୍ରଦା, ଜୟା, ରେଖା । ଠାକୁର କିମ୍ବା ଠାକୁରାଣୀଙ୍କ ନାମଟିଏ ଦିଆଯାଇଥାଏ ଅନ୍ତକାଳେ ସ୍ମରଣ ରହିବ ବୋଲି । ଯେମିତି ଅଜାମିଳ ପୁଅ ନାମ ଡାକି ମୁକ୍ତି ପାଇଥିଲା । ନୂତନତା ଗ୍ରହଣ କରିବା ମନା ନାହିଁ । ପ୍ରଗତିବାଦୀ ହେବା ବାଞ୍ଛନୀୟ । ମଣିଷ ଚନ୍ଦ୍ରମଣ୍ଡଳରେ ପାଦ ଦେଲାଣି, ମଙ୍ଗଳ ଗ୍ରହରେ ବାସ କରିବାକୁ ଚେଷ୍ଟା ଅବ୍ୟାହତ/ରଖିଲାଣି, ଆମେ ଅତୀତକୁ ଯାବୁଡ଼ି ଧରିବା ଠିକ୍ ହେବ ନାହିଁ । ତେବେବି ଆମ ପରମ୍ପରାକୁ ଆମେ ହରାଇବା ନାହିଁ ।

ଆମ ଘରେ ପ୍ରତିଟି ପରବରେ ମଣ୍ଡା, ଗଇଁଠା, ଚକୁଳି, ଆରିସା, କାକରା ଇତ୍ୟାଦି ପିଠା ହେଉଥିଲା । ଆଜିସେ ସବୁ ସାତ ସପନ । ତା ବଦଳରେ ଇଡ଼ିଲି, ଦୋସା, ବିରିଆନି, ଆମ୍‌ଲେଟ୍, କଟ୍‌ଲେଟ୍ ପ୍ରଭୃତି ଇତ୍ୟାଦି ତିଆରି କଲୁଣି । କାଞ୍ଜି ଓଡ଼ିଶାର ଏକ ପ୍ରିୟ ଖାଦ୍ୟ । ଏହା ପିତ୍ତ ନାଶକ । ଏବେ ସମର ଓ ଚକ୍କା ଖାଇ କାଞ୍ଜିକୁ ଭୁଲି ଗଲୁଣି । ଆରିସା ପିଠା ଉତ୍କଳୀୟ ସଂସ୍କୃତି ସହିତ ଜଡ଼ିତ । ଏକଦା ଗୋଟେ ଇଣ୍ଟରଭ୍ୟୁରେ ଜଣେ ଝିଅକୁ ପଚରା ଯାଇଥିଲା— ତୁମେ ଆରିସା ପିଠା କେଉଁଥିରେ ତିଆରି ହୁଏ କହି ପାରିବ ? ସେ ସାଙ୍ଗେ ସାଙ୍ଗେ ଉତ୍ତର ଦେଲେ— ନା, ମୁଁ ଜାଣି ନାହିଁ । ସେ ଫେର୍ ଓଡ଼ିଆ ଭାଷା ସାହିତ୍ୟରେ ପୋଷ୍ଟଗ୍ରାଜୁଏଟ୍ । ଆରିସା ପିଠାର ଐତିହ୍ୟ କେତେ ପ୍ରାଚୀନ ଅଥଚ.... । ଏକଥା ଶୁଣି ମନରେ କେବଳ ଦୁଃଖ ଆସିଲା ତାହା ନୁହେଁ ମନରେ କ୍ଷୋଭ ଜାତ ହେଲା । ହାୟ ବିଧାତା । କିଥିଲା ଏ ରାଜ୍ୟ, କି ହୋଇଛି ଆଜ । ହିନ୍ଦୁ ସଂସ୍କୃତିରେ ଉପବାସ କରିବା ଗୋଟାଏ ପ୍ରଧାନ ବ୍ରତ । ସାଧାରଣତଃ ଏକାଦଶୀ, ଚତୁର୍ଦ୍ଦଶୀ, ବ୍ରତ, ଓଷା ଦିନଗୁଡ଼ିକରେ ଉପବାସ କରାଯାଏ । ଭାତ ଖିଆଯାଏ ନାହିଁ । ଟିକିଏ ଖିରିସା ଖିଆଯାଏ । ଖିରିସା ସାଧାରଣତଃ କଳାଯାଇ, ଚାଉଳ, ଗୁଡ, ଗୁଆ ଘିଅରେ ତିଆରି ହୁଏ । ଏହା ଏକ ସାତ୍ତ୍ୱିକ ଖାଦ୍ୟ । ସାତ୍ତ୍ୱିକ ଖାଦ୍ୟ ଖାଇଲେ ମନରେ ସାତ୍ତ୍ୱିକ ଭାବର ଉଦ୍ରେକ ହୁଏ । ମଣିଷ ହୁଏ ଶାନ୍ତ, କାନ୍ତ ଆଉ ନମ୍ର । ଆର୍ଯ୍ୟ ଋଷିମାନେ ଶରୀର ଉପରେ ଖାଦ୍ୟର ପ୍ରଭାବକୁ ଗବେଷଣା କରି ସାତ୍ତ୍ୱିକ ଶ୍ରେଣୀୟ ଖାଦ୍ୟ ଉତ୍କୃଷ୍ଟ ବୋଲି ପ୍ରମାଣ କରିଛନ୍ତି । ବର୍ତ୍ତମାନ ଆମେ ଏକଥା ସ୍ୱୀକାର କରିବାକୁ ସଂପୂର୍ଣ୍ଣ ଭାବେ ନାରାଜ । ଉପବାସ କରି ଖିରିସା ବଦଳରେ ସିମେଇଁ, ସୁଜି, ଖିରି କିମ୍ବା ପରଟା ତିଆରିକରି ଖାଉ । କିନ୍ତୁ ଏ ଖାଦ୍ୟ ଗୁଡ଼ିକରେ ସାତ୍ତ୍ୱିକତା ଅଛିକି ?

ଆଜି ଆମେ ଅନେକ ପରମ୍ପରାକୁ ଭୁଲିଗଲୁଣି । କେତେକକୁ କଦର୍ଥ କରି ପାଳନ କରୁଛେ । ଉଦାହରଣ ସ୍ୱରୂପ-ନୂଆଁବସ୍ତ୍ର ଟିଏ କିଣିଲେ କାନିରେ ସାମାନ୍ୟ ହଳଦୀଟିକେ ଲଗାଇ ଦେଇ ବ୍ୟବହାର କରୁ । କିନ୍ତୁ ଆଗେ ଏହା ନଥିଲା । ବସ୍ତ୍ର ଖଣ୍ଡିକୁ ହଳଦୀରେ ରଙ୍ଗ କରାଯାଇ ବ୍ୟବହାର କରାଯାଉଥିଲା । କାରଣ ହଳଦୀ ଏକ ଆଣ୍ଟିସେପଟିକ୍ ପଦାର୍ଥ । ଲୁଗାରେ ହଳଦୀ ବୋଳି ଦେଲେ ରୋଗ ଜୀବାଣୁ ନଷ୍ଟ ହୋଇ ଯାଆନ୍ତି । ଲୁଗା କଳରୁ ବାହାରି ବିଭିନ୍ନ ସ୍ଥାନ ଦେଇ ଲୁଗା ଆସେ । ଏଥିରେ ରୋଗଜୀବାଣୁ ଥିବା ସୁନିଶ୍ଚିତ । ତେଣୁ ଲୁଗାରେ ହଳଦୀ ବୋଳି ପିନ୍ଧିବା ଉଚିତ୍ । କିନ୍ତୁପରେ ଟିକିଏ ହଳଦୀ ଲଗାଇ, ଲୁଗା ବ୍ୟବହାର କରିବା ପରମ୍ପରାରେ ପରିଣତ ହୋଇଅଛି । ଏପରି ହେବା ଉଚିତ୍ ନୁହେଁ ।

ପିଠଉର ଝୋଟି ତିଆରି କରିବା ଉତ୍କଳୀୟ ସଂସ୍କୃତିର ନିଦର୍ଶନ । ମାର୍ଗଶୀର ମାଣବସା ଗୁରୁବାରଦିନ ଉତ୍କଳୀୟ ରମଣୀମାନେ ସ୍ୱସ୍ୱ ଘରେ ପିଠଉର ଝୋଟି ଦିଅନ୍ତି । ଏହା ଅଧିକ ନିଷ୍ଠା ଓ ପବିତ୍ରତାର ସହିତ କରାଯାଏ । ଏ ପରମ୍ପରାଟି ଆଜି ପର୍ଯ୍ୟନ୍ତ ରହିଅଛି । ବିବାହବେଳେ ଝୋଟିରେ ବେଦୀ ସଜ୍ଜା ଅତି ଚିତ୍ତାକର୍ଷକ ।

ବଡ ଦୁଃଖର କଥା ଆଜି ଆମେ ପରମ୍ପରାର ସାମାଜିକ ଆବଶ୍ୟକତାକୁ ସମ୍ପୂର୍ଣ୍ଣ ଭୁଲିଯାଇ ବିଦେଶୀୟ ପରମ୍ପରାକୁ ନିଜସ୍ୱ କରି ନେଇଛନ୍ତି । ଫଳରେ ଆମର ସାମାଜିକ ସ୍ରଷ୍ଟା କ୍ରମେ କ୍ରମେ ଶିଥିଳ ହୋଇ ଆସୁଛି । ସମାଜର ଐକ୍ୟ ନଷ୍ଟ ହେଉଛି । ଆଜି ଜାତୀୟ ସଂହତି ପାଇଁ ଯେଉଁ ଆବଶ୍ୟକତା ରହିଛି, ସେ ବାଧା ପ୍ରାପ୍ତ ହେଉଛି । ତେବେ ଆସନ୍ତୁ ପରମ୍ପରା ଗୁଡ଼ିକର ଯଥାଯଥ ବିନିଯୋଗ କରିବା ।

ପ୍ରଧାନଶିକ୍ଷକ, ଗୋବରା ହା:ଇ: ସ୍କୁଲ,
ସା/ପୋ-ଗୋବରା
ଭାୟା-ତେରା, ଜି: ଢେଙ୍କାନାଳ-୭୫୯୦୦୩



ଶ୍ରମିକମାନଙ୍କର ନ୍ୟାୟୋଚିତ ଦାବୀ କିପରି ଶୀଘ୍ର ସମାଧାନ ହେବ, ସେମାନେ ଅଧିକରୁ ଅଧିକ ଅଂଶୀଦାର ହେବେ, ବିଭିନ୍ନ ଶ୍ରମିକ ଆଇନର ଲାଭ ସେମାନେ ଯେପରି ଭୋଗ କରିପାରିବେ, ତାହାହିଁ ସରକାରଙ୍କର ଆନ୍ତରିକ ଇଚ୍ଛା ।

# ଗୋପାଳ ପ୍ରହରାଜ ଓ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ

ଡକ୍ଟର ରାଧାଗୋବିନ୍ଦ ଦାସ

ଉପେନ୍ଦ୍ରଭଞ୍ଜଙ୍କ ଗୀତାଭିଧାନକୁ ପ୍ରଥମ ଓଡ଼ିଆ ଅଭିଧାନ ରୂପେ ଅନେକ ଗବେଷକ ସ୍ୱୀକୃତି ଦେଇଥାନ୍ତି । ପ୍ରକୃତରେ ଗୀତାଭିଧାନ ଗୋଟିଏ ସମାର୍ଥବୋଧକ ଶବ୍ଦକୋଷ । ପଦ୍ୟରେ ଲିଖିତ ଏହି ଗ୍ରନ୍ଥଟି ଭଞ୍ଜଙ୍କର ବିବିଧ କାବ୍ୟ କବିତାରେ ବ୍ୟବହୃତ ବିବିଧ ଶବ୍ଦର ଅର୍ଥ ବୁଝିବା ପାଇଁ ପାଠକମାନଙ୍କୁ ସାହାଯ୍ୟ କରିଥାଏ । ଏହି ଗ୍ରନ୍ଥରୁ ଖଣ୍ଡିଏ ଲଣ୍ଡନର ଇଣ୍ଡିଆ ଅଫିସ ଲାଇବ୍ରେରୀରେ ସଂରକ୍ଷିତ ହୋଇଛି । ପ୍ରଥମ ଓଡ଼ିଆ-ଇଂରାଜୀ ଅଭିଧାନ ୧୮୧୧ ଖ୍ରୀଷ୍ଟାବ୍ଦରେ ମୋହନ ପ୍ରସାଦ ଠାକୁରଙ୍କ ଦ୍ୱାରା ସଂକଳିତ ହୋଇଥିଲା । ସେ ଥିଲେ ଶ୍ରୀରାମପୁର ଫୋର୍ଟ ଉଇଲିୟମସ୍ କଲେଜର ସହକାରୀ ଲାଇବ୍ରେରିଆନ୍ । ଏହି ସଂକଳନର ଉଦ୍ଦେଶ୍ୟ ଥିଲା ଇଷ୍ଟଇଣ୍ଡିଆ କମ୍ପାନୀର ତରୁଣ ଅଫିସରମାନଙ୍କୁ ଓଡ଼ିଆ ଶିକ୍ଷାରେ ସାହାଯ୍ୟ କରିବା । ଅବଶ୍ୟ ଏହି ଅଭିଧାନରେ କେତେକ ମୁଦ୍ରଣ ତ୍ରୁଟି ରହିଛି । ମୋହନ ପ୍ରସାଦ ଠାକୁର ଜଣେ ମହାନ ପ୍ରାଚ୍ୟ ତତ୍ତ୍ୱବିତ୍ ଥିଲେ । ଏଭଳି ଅଭିଧାନ ସଂକଳନ କରିବା ପାଇଁ ତାଙ୍କର ଯଥେଷ୍ଟ ସାମର୍ଥ୍ୟ ଥିଲା । ଯେଉଁ ପାଦ୍ରୀମାନେ ଓଡ଼ିଶାକୁ ଆସି କଟକରେ ବସବାସ କରିଥିଲେ ସେମାନେ ଓଡ଼ିଆ ଅଭିଧାନ ସଂକଳନ କରିବାରେ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ । ଅବଶ୍ୟ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଓଡ଼ିଶାରେ ଖ୍ରୀଷ୍ଟିଆନ୍ ଧର୍ମ ପ୍ରଚାର କରିବା । ଏହି ଅଭିଧାନ ସଂକଳନ ଦିଗରେ ଡକ୍ଟର ଏମୋସ୍ ସୁଟାନ ବିଶେଷ ନେତୃତ୍ୱ ନେଇଥିଲେ । ଓଡ଼ିଆ-ଇଂରାଜୀ ଅଭିଧାନ ତିନିଖଣ୍ଡରେ (୧୮୪୧–୪୩) ସଂକଳନ କରିବା ବ୍ୟତିରେକେ ଡକ୍ଟର ସୁଟାନ ସଂସ୍କୃତ ଓ ଓଡ଼ିଆ ଭାଷାରେ ଅନେକ ଗ୍ରନ୍ଥ ଲେଖିଥିଲେ ଓ ସଂପାଦନା କରିଥିଲେ । ତାଙ୍କ ବ୍ୟତୀତ ରେଭେରେଣ୍ଡ ଉଇଲିୟମ୍ ମିଲର୍ ଏବଂ ରେଭେରେଣ୍ଡ ଉଇଲିୟମ୍ ବ୍ରୁକ୍ସ୍ ଓଡ଼ିଆ-ଇଂରାଜୀ ଅଭିଧାନମାନ ସଂକଳନ କରିଥିଲେ ।

୧୮୯୦ରୁ ୧୯୧୬ ମସିହା ମଧ୍ୟରେ ଜଗନ୍ନାଥ ରାଓ, ମଧୁସୂଦନ ରାଓ ଏବଂ ପଣ୍ଡିତ ଗୋପୀନାଥ ନନ୍ଦ ଯଥାକ୍ରମେ ଉତ୍କଳ ଅଭିଧାନ, ସୁଖବୋଧ ଅଭିଧାନ ଏବଂ ଶବ୍ଦତତ୍ତ୍ୱବୋଧ ଅଭିଧାନ ପ୍ରଣୟନ କରିଥିଲେ । ଯଦିଓ ଉତ୍କଳ ଅଭିଧାନ ଓ ସୁଖବୋଧ ଅଭିଧାନ ଏବେ ବିଶେଷ ଭାବେ ପରିଦୃଷ୍ଟ ହେଉ ନାହିଁ ଶବ୍ଦତତ୍ତ୍ୱବୋଧ ଅଭିଧାନର ଲୋକପ୍ରିୟତା ଏବେ ମଧ୍ୟ ଅକ୍ଷୁଣ୍ଣ ରହିଛି । ଏସବୁ ଅଭିଧାନ ସଂକଳିତ ହେବାପରେ ମଧ୍ୟ ଅଭିଧାନକାରମାନେ ଶିକ୍ଷିତ ଓଡ଼ିଆ ଏବଂ ଅଣ ଓଡ଼ିଆମାନଙ୍କ ପାଇଁ ଏକ ଉତ୍ତମ ଅଭିଧାନର ଆବଶ୍ୟକତା ଉପଲବ୍ଧି କଲେ । କଟକ ଟ୍ରେନିଂ କଲେଜର ତତ୍କାଳୀନ ଅଧ୍ୟକ୍ଷ ମି: ହେଣ୍ଡରସନ୍ ଏହି ବୌଦ୍ଧିକ ଅଭାବ ଦୂରୀଭୂତ କରିବା ପାଇଁ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କୁ ଏକ ଉନ୍ନତମାନର ଅଭିଧାନ ସଂକଳନ କରିବା ନିମନ୍ତେ ଅନୁରୋଧ କଲେ । ସେତେବେଳେ ବଡ଼ ଓକିଲ ଭାବେ ପ୍ରହରାଜ ବିଶେଷ ଖ୍ୟାତିଲାଭ କରିଥିଲେ । ତାଙ୍କର ବହୁବିଧ ସାହିତ୍ୟିକ ଦକ୍ଷତା ଥିଲା । କାଳବିଳମ୍ବ ନକରି ସେ ଅଭିଧାନ ସଂକଳନରେ ମନୋନିବେଶ କଲେ ।

କଟକ ଜିଲ୍ଲାର ସିଦ୍ଧେଶ୍ୱରପୁର ଗ୍ରାମରେ ୧୮୭୪ ମସିହାରେ ଗୋପାଳ ଚନ୍ଦ୍ର ପ୍ରହରାଜ ଜନ୍ମଲାଭ କରିଥିଲେ । ସେ ଥିଲେ ଜମିଦାର ପରିବାରର । ବି.ଏ. ପାଶ୍ କରିବା ପରେ କଟକରେ ସେ ଆଇନ୍ ବ୍ୟବସାୟ ଆରମ୍ଭ କରିଥିଲେ । ୧୯୧୩ ମସିହାରେ ଅଭିଧାନ ସଂକଳନ କାମ ହାତକୁ ନେଲେ । ଅଭିଧାନର ସପ୍ତମ ତଥା ଶେଷଖଣ୍ଡ ମୁଦ୍ରଣ ପାଇଁ ଯିବା ପର୍ଯ୍ୟନ୍ତ ଓଡ଼ିଶା ତଥା ବାହାରେ ଥିବା ବିବିଧ କେନ୍ଦ୍ରମାନଙ୍କରୁ ସେ ସବୁସ୍ତରର ଲୋକଙ୍କ ଦ୍ୱାରା ବ୍ୟବହୃତ ଶବ୍ଦମାନ ସଂଗ୍ରହ କରିଥିଲେ । ବିଭିନ୍ନ ଅଞ୍ଚଳର ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ ଏହି ଦୁରୂହ କାର୍ଯ୍ୟରେ ତାଙ୍କୁ ସହାୟତା କରିଥିଲେ । ଯେଉଁ ଗଳିରେ ପ୍ରହରାଜ ବାସ କରୁଥିଲେ କଟକର ସେହି ଗଳି ଆଜି ଭାଷାକୋଷ ଲେନ୍ ରୂପେ ନାମିତ ହୋଇଛି । ପଣ୍ଡିତ କୁଳମଣି ଦାଶ, ଚନ୍ଦ୍ରଶେଖର ମିଶ୍ର ଏବଂ ଶ୍ରୀମତୀ ପୀତାମ୍ବରୀ ଦେବୀ ଶେଷ ଅଭିଧାନ ଖଣ୍ଡିକ ଦୋକାନକୁ ଆସିବା ଯାଏ ଗୋପାଳ ପ୍ରହରାଜଙ୍କୁ ଏହି ମହନୀୟ କାର୍ଯ୍ୟରେ ସାହାଯ୍ୟ କରିଥିଲେ । ମୟୂରଭଞ୍ଜର ମହାରାଜା ପୂର୍ଣ୍ଣଚନ୍ଦ୍ର ଦେବଙ୍କ ନାମରେ ଏହି ଅଭିଧାନ ନାମିତ ହୋଇଥିଲା । ମହାରାଜାଙ୍କ ଭ୍ରାତା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ଏହି ଅଭିଧାନର ପ୍ରକାଶନ ନିମନ୍ତେ ଦୁଇ କିସ୍ତିରେ ତେର ହଜାର ଟଙ୍କା ଦାନ କରିଥିଲେ । ଏହି ଯୁଗାନ୍ତକାରୀ ଅଭିଧାନ ସଂକଳନ ବ୍ୟତୀତ ପ୍ରହରାଜ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଅସଂଖ୍ୟ ମୂଲ୍ୟବାନ ସାହିତ୍ୟ କୃତୀ ସୃଷ୍ଟି କରିଥିଲେ । ସେଗୁଡ଼ିକ ମଧ୍ୟରୁ ଭାଗବତ ଟୁଙ୍ଗୀରେ ସଂଧ୍ୟା, ବାଇ ମହାନ୍ତି ପାଞ୍ଜି, ମିଆଁ ସାହେବଙ୍କ ରୋଜନାମଚା, ଦୁନିଆର ହାଲଚାଲ, ଢ଼ଗ ଢ଼ମାଳି ଏବଂ ଲୋକ କାହାଣୀ ବିଶେଷ ଉଲ୍ଲେଖଯୋଗ୍ୟ । ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ପ୍ରଥମଖଣ୍ଡ ୧୯୩୧ ମସିହାରେ ପ୍ରଥମେ ବିକ୍ରୟ ପାଇଁ ଦୋକାନକୁ ଆସିଲା । ଏହି ଭାଷାକୋଷର ପୂର୍ଣ୍ଣାଙ୍ଗ ପ୍ରକାଶ ନିମନ୍ତେ ଗୋପାଳ ଚନ୍ଦ୍ର ପ୍ରହରାଜ ଭାରତ ସରକାର ବିହାର, ଓଡ଼ିଶା, ମାଡ୍ରାଜ, ବଙ୍ଗଳା ସରକାର, ପାଟନା ଓ କଲିକତା ବିଶ୍ୱବିଦ୍ୟାଳୟ ତଥା ସମସ୍ତ ରାଜା ମହାରାଜା ଜମିଦାରମାନଙ୍କୁ ସାହାଯ୍ୟ ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ । ଅନେକ କ୍ଷେତ୍ରରେ

ତାଙ୍କର ଅନୁରୋଧ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥିଲା । ଭାଷାକୋଷର ବିଭିନ୍ନ ଖଣ୍ଡମାନଙ୍କରେ ଅନୁଦାନକାରୀମାନଙ୍କୁ ପ୍ରାକ୍‌କଥନରେ ପ୍ରଶଂସା କରାଯାଇଛି । ଅର୍ଥ ଅନୁଦାନ ବ୍ୟତୀତ ଅନ୍ୟ ଯେଉଁମାନେ ଯେଉଁପରି ଭାବେ ସାହାଯ୍ୟ କରିଛନ୍ତି ଅଭିଧାନ ପୃଷ୍ଠାରେ ପ୍ରହରାଜ ସେମାନଙ୍କ ପ୍ରତି କୃତଜ୍ଞତା ସ୍ୱୀକାର କରିଛନ୍ତି । ପ୍ରତ୍ୟେକ ଖଣ୍ଡରେ ପୃଷ୍ଠପୋଷକ ତଥା ଶୁଭେଚ୍ଛୁମାନଙ୍କର ଫଟୋ ପ୍ରକାଶିତ ହୋଇଛି । ଏସବୁ ଦେଖିଲେ ଓଡ଼ିଶାର ତତ୍କାଳୀନ ସାରସ୍ୱତ ସମାଜ ସମ୍ପର୍କରେ ସମ୍ୟକ ଧାରଣା କରିହୁଏ । ଏପରିକି ପୁସ୍ତକ ବନ୍ଧେଇ କରିଥିବା ଆଜାମ୍ ଅଲ୍ଲୀ ଖାଁଙ୍କର ଫଟୋ ଏଥିରେ ସନ୍ନିବେଶିତ ହୋଇଛି ।

ମୋଟ ୯,୨୪୮ ପୃଷ୍ଠା ବିଶିଷ୍ଟ ଏହି ଭାଷାକୋଷ ୭ଖଣ୍ଡରେ ସଂପୂର୍ଣ୍ଣ ହୋଇଛି । ଏହାର ପୃଷ୍ଠାଗୁଡ଼ିକ କୋୟାଲକ୍ୱାର୍ଟୋ ସାଇଜ୍‌ର । ଅଭିଧାନର ନିୟମାନୁଯାୟୀ ୧୮,୪,୦୦୦ ଟି ଓଡ଼ିଆ ଶବ୍ଦ ଏଥିରେ ସନ୍ନିବେଶିତ ହୋଇଛି । ଏହି ଶବ୍ଦଗୁଡ଼ିକର ଓଡ଼ିଆ ଅର୍ଥ ତଥା ଇଂରାଜୀ, ବଙ୍ଗଳା ଓ ହିନ୍ଦୀ ଭାଷାର ଅନୁରୂପ ଶବ୍ଦମାନ ଅକ୍ଷରାନୁକ୍ରମେ ସଜ୍ଜିତ ହୋଇଛି । ତେଣୁ ଏହାକୁ ଚାରି ଭାଷାର ଅତ୍ୟନ୍ତ ଉପାଦେୟ ଅଭିଧାନ ବୋଲି କୁହାଯାଇପାରେ । ପ୍ରତ୍ୟେକ ଓଡ଼ିଆ ଶବ୍ଦର ଓଡ଼ିଆ, ଇଂରାଜୀ, ବଙ୍ଗଳା ଓ ହିନ୍ଦୀ ଅର୍ଥ ଏଥିରେ ରହିଛି । ତତ୍‌ସହିତ ପ୍ରତ୍ୟେକ ଶବ୍ଦର ଉଚ୍ଚାରଣ, ବନାନ, ଉତ୍ପତ୍ତି, ଅର୍ଥବୋଧକ ସଙ୍କେତ ବ୍ୟବହାର ବିଧି, ଇତିହାସ ଏବଂ ଅନ୍ୟାନ୍ୟ ବ୍ୟାକରଣ ଟୀକା ଏଥିରେ ଦିଆଯାଇଛି । ବହୁ ସମୟରେ ଏହି ଅଭିଧାନ ଏକ ଜ୍ଞାନକୋଷ ପରି ପ୍ରତୀୟମାନ ହୁଏ । ସେଥିପାଇଁ ଏହା କେବଳ ବୃହତ୍ତମ ଜ୍ଞାନ କୋଷୀୟ ଓଡ଼ିଆ ଅଭିଧାନ ନୁହେଁ ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଅଭିଧାନ । ୧୯୪୦ ମସିହାରେ ଏହାର ଶେଷଖଣ୍ଡ ଦୋକାନକୁ ଆସିଥିଲା । ଗୋପାଳ ପ୍ରହରାଜଙ୍କର କାର୍ଯ୍ୟାଳୟରେ ମହାମାନବମାନଙ୍କର ପଦଧୂଳି ପଡ଼ିଥିଲା । ଏପରିକି ୧୯୩୬ ମସିହାରେ ମହାତ୍ମାଗାନ୍ଧୀ ତାଙ୍କ କାର୍ଯ୍ୟାଳୟକୁ ବୁଲି ଯାଇଥିଲେ । ଇଂରେଜ ସରକାର ତାଙ୍କୁ "ରାୟବାହାଦୁର" "କିଶର୍-ଇ-ହିନ୍ଦ" ଉପାଧିରେ ଭୂଷିତ କରିଥିଲେ ।

୭୧ ବର୍ଷ ବୟସରେ ୧୯୪୫ ମସିହାରେ ଗୋପାଳ ପ୍ରହରାଜ ଖାଦ୍ୟରେ ବିଷକ୍ରିୟା ହେତୁ ପ୍ରାଣ ହରାଇଥିଲେ । ତାଙ୍କର ଅକାଳ ବିୟୋଗ ହେତୁ ଭାଷାକୋଷର ସଂସ୍କରଣ ସଂପୂର୍ଣ୍ଣ ହୋଇପାରିଲା ନାହିଁ । ଶେଷଖଣ୍ଡ ପ୍ରକାଶିତ ହେବା ପରେ ୧୫,୦୦୦ ଶବ୍ଦ ସଂଗୃହୀତ ହୋଇଥିଲେ ମଧ୍ୟ ଆଉ ଏକ ଖଣ୍ଡରେ ତାହା ସନ୍ନିବେଶିତ ହୋଇ ପାରିଲା ନାହିଁ । ଏହା ଏକ ଜ୍ଞାନକୋଷ ନ ହୋଇଥିଲେ ମଧ୍ୟ ଜ୍ଞାନକୋଷର ସମସ୍ତ ଲକ୍ଷଣ ଏଥିରେ ରହିଛି । ପରବର୍ତ୍ତୀ କାଳରେ ଯେଉଁସବୁ ଓଡ଼ିଆ ଅଭିଧାନ ଓ ଭାଷାକୋଷ ସଙ୍କଳିତ ହୋଇଛି ସବୁଗୁଡ଼ିକ ଏହା ଉପରେ ବହୁ ପରିମାଣରେ ନିର୍ଭର କରିଛି । ତେଣୁ ଆଧୁନିକ ଭାରତୀୟ ସାହିତ୍ୟ କ୍ଷେତ୍ରରେ ଭାଷାକୋଷ ଏକ ଗୌରବମୟ ସ୍ଥାନ ଅଧିକାର କରିଛି । ଭାଷାକୋଷର ପ୍ରତ୍ୟେକ ଖଣ୍ଡ ସଂକଳନ କରିବା ସମୟରେ ପ୍ରହରାଜ ଯେଉଁସବୁ ପୁସ୍ତକ ଓ ପତ୍ରିକାଗୁଡ଼ିକର ସହାୟତା ନେଇଛନ୍ତି, ସେ ସମସ୍ତର ତାଲିକା ପ୍ରତ୍ୟେକ ଖଣ୍ଡର ଶେଷରେ ଉଲ୍ଲେଖ କରାଯାଇଛି । ଏହାର ମୋଟ ସଂଖ୍ୟା ମାତ୍ର ଷାଠିଏ । ସମ୍ଭବତଃ ଏହା ପୂର୍ଣ୍ଣାଙ୍ଗ ଓ ସୁବିସ୍ତୃତ ତାଲିକା ନୁହେଁ । ଏହାର ମୁଖବନ୍ଧରୁ ଜଣାଯାଏ ଯେ ରେଭରେଣ୍ଡ ହାଲେଲଙ୍କ ଲିଖିତ ୧୫୦୦ ପୃଷ୍ଠାବ୍ୟାପୀ ଅପ୍ରକାଶିତ ଓଡ଼ିଆ ଅଭିଧାନକୁ ସେ ପ୍ରଧାନ ସହାୟକ ଗ୍ରନ୍ଥ ରୂପେ ଗ୍ରହଣ କରିଥିଲେ ।

ପ୍ରହରାଜ ସମସାମୟିକ ସମସ୍ତ ଅଭିଧାନର ମଧ୍ୟ ପାଠ କରିଥିଲେ । ସେଗୁଡ଼ିକ ମଧ୍ୟରେ ଡକ୍ଟର ଫଲିନ୍‌ଙ୍କ ହିନ୍ଦୁସ୍ତାନି-ଇଂରାଜୀ ଅଭିଧାନ, ସୂର୍ଯ୍ୟନାରାୟଣ ନିର୍ଘଣ୍ଟ, ବଙ୍ଗଳା ଶବ୍ଦକୋଷ, ମାଡ୍ରାସ ବିଶ୍ୱବିଦ୍ୟାଳୟର ତାମିଲ୍ ଅଭିଧାନ, ହିନ୍ଦି ଶବ୍ଦସାଗର, ଆସାମର ହେମାକୋଷ ଏବଂ ମହାରାଷ୍ଟ୍ର ଶବ୍ଦକୋଷ ପ୍ରଭୃତି ଅନ୍ୟତମ ।

ଏହି ଭାଷାକୋଷର ମୁଖବନ୍ଧଗୁଡ଼ିକ ଅତୀବ ମର୍ମସ୍ପର୍ଶୀ ଏବଂ ମୂଲ୍ୟବାନ୍ । ଏଥିରୁ ତତ୍କାଳୀନ ଓଡ଼ିଶା ସଂପର୍କରେ ଆମେ ଅନେକ ଧାରଣା ଲାଭ କରିଥାଉ । ବର୍ଣ୍ଣିତ ବିଷୟଗୁଡ଼ିକରେ ଅନେକ କୌତୁହଳପୂର୍ଣ୍ଣ ହିତୋପଦେଶ ରହିଛି । ଏଗୁଡ଼ିକ ମଧ୍ୟରେ ଖଡ଼ିଆଳର ବଦାନ୍ୟ ବ୍ୟକ୍ତି ବୈଦେହୀ କୁମାରୀ ଦେବୀଙ୍କ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ସେ ଥିଲେ ଖଡ଼ିଆଳର ରାଜା ଲାଲ ସାହେବ ଶିବ ନାରାୟଣ ଲାଲଙ୍କ ଧର୍ମପତ୍ନୀ । ଲାଲ ସାହେବ ଭାଷାକୋଷର ଜଣେ ମହାନ୍ ପୃଷ୍ଠପୋଷକ ଥିଲେ । କଟକ ବକ୍ସିବଜାରସ୍ଥିତ ସୁଲତାନିଆ ମଦ୍ରାସା (ମୁସଲିମ୍ ବିଦ୍ୟାଳୟ)ର ସହକାରୀ ଶିକ୍ଷକ ମୌଲବୀ ଶେଖ ଅବଦୁଲ ରସିଦ୍ ନିଜ ପାଇଁ ଗୋଟିଏ ସେଟ୍ ଭାଷାକୋଷ କିଣିବା ସକାଶେ ପ୍ରକାଶନ ପୂର୍ବର ମୂଲ୍ୟ ୪୫ ଟଙ୍କା ଦେଉଥିଲେ । ତାଙ୍କର ଦରମା ମାସକୁ ମାତ୍ର ୧୨ ଟଙ୍କା ହୋଇଥିବାରୁ ମାସିକ ସହଜ କିସ୍ତିରେ ୪୫ ଟଙ୍କା ଦେବା ପାଇଁ ପ୍ରହରାଜ ମୌଲବୀଙ୍କୁ ଅନୁମତି ଦେଇଥାନ୍ତି । ଏହି ସମୟରେ ପ୍ରହରାଜ ମହାଶୟ ଗୋଟିଏ ସେଟ୍ ଭାଷାକୋଷ ପାଇବା ଦିଗରେ ଜଣେ ଗରିବ ଅଥଚ ଭାଷାପ୍ରେମୀ-ପ୍ରଶସ୍ତମନା ଶିକ୍ଷକଙ୍କ ବିଷୟ ମୁଖବନ୍ଧରେ ବର୍ଣ୍ଣନା କରିଥାଆନ୍ତି । ବଦାନ୍ୟ ରାଣୀ ବିଦେହୀ କୁମାରୀ ଏହି ମୁଖବନ୍ଧ ପାଠକରି ପ୍ରହରାଜଙ୍କ ନିକଟକୁ ଭାଷାକୋଷର ପ୍ରକୃତ ମୂଲ୍ୟ ୧୫୦ ଟଙ୍କା ମନିଅର୍ଡ଼ର କରି ପଠାଇଥିଲେ ଏବଂ ଅନୁରୋଧ କରିଥିଲେ ଯେ ମୌଲବୀ ଶେଖ୍ ଅବଦୁଲ ରସିଦ୍‌ଙ୍କଠାରୁ ଟଙ୍କା ନନେଇ ତାଙ୍କୁ ଗୋଟିଏ ସେଟ୍ ଭାଷାକୋଷ ଯୋଗାଇଦେବେ । ସେ ଆହୁରି ମଧ୍ୟ ଅନୁରୋଧ କରିଥିଲେ ଯେ ତାଙ୍କର ଉପହାର ସଂପର୍କରେ ପ୍ରହରାଜ ଯେପରି ମୌଲବୀଙ୍କୁ କୌଣସି କଥା ନଜଣାନ୍ତି । କିନ୍ତୁ ବିଦେହୀ କୁମାରୀ ଦେବୀଙ୍କର ଏହି ମାତୃପ୍ରେମ ବିଷୟ ପ୍ରହରାଜ ଭାଷାକୋଷର ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ କରିଥିଲେ । ପ୍ରହରାଜ ସର୍ବଦା ତାଙ୍କର ପୃଷ୍ଠପୋଷକ ତଥା ଶୁଭେଚ୍ଛୁମାନଙ୍କ ପ୍ରତି କୃତଜ୍ଞ ଥିଲେ ।

ଲାଇବ୍ରେରିଆନ୍,
ରାଜେନ୍ଦ୍ର କଲେଜ,
ବଲାଙ୍ଗିର-୭୬୭୦୦୨



ଓଡ଼ିଶା ହେଉଛି ବହୁ ସଂସ୍କୃତିର ମିଳନ ସ୍ଥଳ । ଯେଉଁମାନେ ଓଡ଼ିଶାକୁ ଆସିଛନ୍ତି, ସେମାନେ ତାହା ମଧ୍ୟରେ ଲୀନ ହୋଇ ଯାଇଛନ୍ତି । ବିଶାଳତା ଓ ଆତ୍ମ ବିଶ୍ୱାସ ହେଉଛି, ପ୍ରଗତିର ଧର୍ମ । ହୀନ ମନ୍ୟତା ଓ ସଂକୀର୍ଣ୍ଣତା ହେଉଛି ପତନର ଧର୍ମ ।

# କେନ୍ଦ୍ରୀୟ ମଧୁରଜଳ ମାଛଚାଷ ପ୍ରତିଷ୍ଠାନ

ଆମ ଦେଶରେ ମଧୁର ଜଳରେ ମାଛଚାଷ କରିବା କ୍ଷେତ୍ରରେ କେନ୍ଦ୍ରୀୟ ମଧୁର ଜଳ ମାଛଚାଷ ପ୍ରତିଷ୍ଠାନ ଏକ ଆଗୁଆ ପ୍ରତିଷ୍ଠାନ । ଏଫ୍.ଏ.ଓ/ୟୁ.ଏନ୍.ଡ଼ି.ପି.ର ନାକା (ଏନ୍.ଏ.ସି.ଏ.) ଅନୁଯାୟୀ ଜାଆଁଳ ଉତ୍ପାଦନ କରିବାରେ ଏହା ଆଞ୍ଚଳିକ ମୁଖ୍ୟ କେନ୍ଦ୍ର ରୂପେ ସ୍ୱୀକୃତି ଲାଭ କରିଛି । ମଧୁର ଜଳରେ ମାଛଚାଷ ବିଷୟରେ ସ୍ନାତକୋତ୍ତର କୃଷି ଶିକ୍ଷା ଓ ଗବେଷଣା ଏବଂ ଏମ୍.ଏସ୍.ସି. ତଥା ପି.ଏଚ୍.ଡ଼ି. ପାଇଁ ଏହା ଏକ ଆଗୁଆ ଶିକ୍ଷା କେନ୍ଦ୍ର ।

ଏହି ପ୍ରତିଷ୍ଠାନର ସଦର ମହକୁମା ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ଅନତି ଦୂରରେ କୌଶଲ୍ୟାଗଙ୍ଗଠାରେ ୧୪୭ ହେକ୍ଟର ଜମି ଉପରେ ଅବସ୍ଥିତ । ଏଠାରେ ଉନ୍ନତ ଗବେଷଣାଗାର ଓ ଫାର୍ମ ସୁବିଧା ରହିଛି । ଏହି ପ୍ରତିଷ୍ଠାନ ପରିସର ମଧ୍ୟରେ ଯେଉଁ ସବୁ ବିଷୟ ଉପରେ ଗବେଷଣା କରିବା ସୁବିଧା ରହିଛି, ସେଗୁଡ଼ିକ ହେଲା; ଉତ୍ପାଦନ କୌଶଳ, ଜଳାଶୟ ପରିବେଶର ସୁପରିଚାଳନା, ମତ୍ସ୍ୟ ପ୍ରଜନନ ବିଜ୍ଞାନ ଓ ସଙ୍କରଜାତ ବିଜ୍ଞାନ, ପୁନଃ ଉତ୍ପାଦନକ୍ଷମ ଶରୀର ବିଜ୍ଞାନ, ସୁଷମ ମତ୍ସ୍ୟ ଖାଦ୍ୟ, ମତ୍ସ୍ୟ ରୋଗ ବିଜ୍ଞାନ, ଦଳ ନିୟନ୍ତ୍ରଣ, ମଧୁର ଜଳ ମାଛଚାଷ କୌଶଳ, ମଧୁର ଜଳ ମାଛଚାଷ ଅର୍ଥନୀତି, ପରିସଂଖ୍ୟାନ ଓ ସଂପ୍ରସାରଣ । ଧାନ ତଥା ମତ୍ସ୍ୟଚାଷ ଏବଂ କୃଷି ବିଜ୍ଞାନ କେନ୍ଦ୍ର/ପ୍ରଶିକ୍ଷକ ତାଲିମ କେନ୍ଦ୍ରଗୁଡ଼ିକ ମଧ୍ୟ ଯଥାକ୍ରମେ କଟକ ଓ କୌଶଲ୍ୟାଗଙ୍ଗଠାରେ ଅବସ୍ଥିତ ।

ଏହି ପ୍ରତିଷ୍ଠାନର ଅନ୍ୟ ପାଞ୍ଚଟି କେନ୍ଦ୍ର ଦେଶର ବିଭିନ୍ନ ଅଞ୍ଚଳରେ ଅବସ୍ଥିତ ଏବଂ ସେଠାରେ ନିର୍ଦ୍ଦିଷ୍ଟ ବିଷୟଗୁଡ଼ିକ ଉପରେ ଗବେଷଣା ଚାଲିଛି । ଏହି କେନ୍ଦ୍ରଗୁଡ଼ିକ ହେଲା; ପଶ୍ଚିମବଙ୍ଗର ରାହାରାଠାରେ ଅବସ୍ଥିତ ନାଳ ପାଣିରେ ମାଛଚାଷ କେନ୍ଦ୍ର ଏବଂ କଲ୍ୟାଣୀଠାରେ ଥିବା ବେଙ୍ଗ ଉତ୍ପାଦନ ଓ ସଂବର୍ଦ୍ଧନ କେନ୍ଦ୍ର, କୃଷି ନଗରଠାରେ ଥିବା ପଶୁ ସମ୍ପଦ ଓ ମତ୍ସ୍ୟଚାଷ କାର୍ଯ୍ୟକାରୀ ଗବେଷଣା ପ୍ରକଳ୍ପ, କର୍ଣ୍ଣାଟକର ବାଙ୍ଗାଲୋରସ୍ଥିତ ଶୀତଳ ପରିବେଶ ମତ୍ସ୍ୟଚାଷ କେନ୍ଦ୍ର ଏବଂ ଆନ୍ଧ୍ର ପ୍ରଦେଶର କାକିନାଡାଠାରେ ଥିବା ମଧୁର ଜଳରେ ଚିଙ୍ଗୁଡ଼ି ଉତ୍ପାଦନ ତଥା ଚାଷ ଟେକ୍ନିକ୍ ।

ଦେଶରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଏହି ପ୍ରତିଷ୍ଠାନ ଦ୍ୱାରା ଅନେକଗୁଡ଼ିଏ ବୈଷୟିକ କୌଶଳର ବିକାଶ କରାଯାଇଛି । ତନ୍ମଧ୍ୟରେ ପ୍ରଥମ ହେଉଛି, ଭାରତୀୟ କାର୍ପଗୁଡ଼ିକୁ ଇଞ୍ଜେକ୍ସନ୍ ଦେଇ ଅଧିକ ପ୍ରଜନନକ୍ଷମ କରାଇବା । ବାହାରେ ରହିଥିବା ମାଛ ଜାଆଁଳ ପୋଖରୀର ଉନ୍ନତି କରାଯାଇଥିବା ସଙ୍ଗେ ସଙ୍ଗେ ଗୋଟିଏ ଆଭ୍ୟନ୍ତରୀଣ ମାଛ ଜାଆଁଳ ପୋଖରୀର ବିକାଶ ସାଧିତ ହୋଇଛି । ସଂପ୍ରତି ଇଞ୍ଜେକ୍ସନ୍ ଦିଆଯାଇ ସମଜାତୀୟ ଓ ବିଜାତୀୟ ପ୍ରଜନନ ଦ୍ୱାରା ମତ୍ସ୍ୟ ଉତ୍ପାଦିତ ହେଉଛି । ଦେଶୀୟ ମତ୍ସ୍ୟ ସମ୍ପଦର ଉନ୍ନତିଲାଗି ବଂଶ ବିସ୍ତାର ସମ୍ପର୍କିତ ଯନ୍ତ୍ରପାତିଗୁଡ଼ିକୁ ବର୍ତ୍ତମାନ ବ୍ୟବହାର କରାଯାଉଛି ।

ମାଛ ବିହନରୁ ଲାର୍ଭା କଳିବାର ସଘନ ପ୍ରଣାଳୀରେ ମଧ୍ୟ ଉନ୍ନତି ସାଧିତ ହୋଇଛି । ଏହା ମହଜୁଦ କରି ରଖିପାରିବା ଦ୍ରବ୍ୟର ଉତ୍ପାଦନ ଅଭିବୃଦ୍ଧିରେ ସହାୟକ ହେଉଛି । ଏକ ନୂତନ ପ୍ରଣାଳୀରେ ବହୁ ଜାତୀୟ ମାଛ ଜାଆଁଳ ଉତ୍ପାଦନ କରାଯାଉଛି । ଛଅ ପ୍ରକାର ଏସୀୟ ଯାଆଁଳ ବ୍ୟବହାର କରି "ମିଶ୍ରିତ ମାଛଚାଷ" ମଧ୍ୟ ହେଉଛି । ଏହା ଦେଶର ମାଛଚାଷ କ୍ଷେତ୍ରରେ ଏକ ନୂତନ ବିପ୍ଳବ ଆଣିଛି । ଏଥିରୁ ବର୍ଷକୁ ହେକ୍ଟର ପିଛା ୧୦ ହଜାର କିଲୋଗ୍ରାମ ମାଛ ଉତ୍ପାଦନ ହେଉଛି ।

ସଂପ୍ରତି ଏହି ପ୍ରତିଷ୍ଠାନରେ ମାଛମାନଙ୍କ ପାଇଁ ସୁଷମ ଖାଦ୍ୟର ଆବଶ୍ୟକତା ତଥା ଖାଦ୍ୟ ପ୍ରସ୍ତୁତି, ଉନ୍ନତ ମାନର ମାଛ ଜାଆଁଳ ଉତ୍ପାଦନ ପାଇଁ ପ୍ରଜନନ ବ୍ୟବସ୍ଥା, ମାଛମାନଙ୍କର ରୋଗ ଚିହ୍ନଟ ତଥା ପ୍ରତିକାର, ପୁଷ୍କରିଣୀଗୁଡ଼ିକର ରକ୍ଷଣାବେକ୍ଷଣ, ବାୟୁ ଉପରେ ନିର୍ଭର କରୁଥିବା ମାଛମାନଙ୍କର ପ୍ରଜନନ ଓ ଚାଷ ପ୍ରଣାଳୀ, ଶିକାରୀ ମାଛ ଓ ଚିଙ୍ଗୁଡ଼ି ଉତ୍ପାଦନ, ଜଳଜ ଉଦ୍ଭିଦର ବ୍ୟବହାର, ସମନ୍ୱିତ ମାଛଚାଷ ପ୍ରଭୃତି ବିଷୟରେ ତାଲିମ ତଥା ଗବେଷଣା କାର୍ଯ୍ୟ ଚାଲିଛି ।

ଏହି ପ୍ରତିଷ୍ଠାନରେ ଆର୍ଥିକ ଦୃଷ୍ଟିକୋଣରୁ ମାଛଚାଷୀଙ୍କ ନିମନ୍ତେ ଗବେଷଣାଗାରରୁ କ୍ଷେତ୍ର ପରଖ, ପ୍ରଦର୍ଶନ ଗବେଷଣା ଏବଂ ଶିବିର ତଥା ଶିବିର ବାହାରେ ତାଲିମ ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉନ୍ନତ କୌଶଳର ବିକାଶ ସାଧିତ ହୋଇଛି ।

# ମା'କ୍ଷୀରର ଉପାଦେୟତା

ଡାକ୍ତର ଚତୁର୍ଭୁଜ ନାୟକ

ବର୍ତ୍ତମାନ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ମା'କ୍ଷୀର ସେବନ ପ୍ରଣାଳୀକୁ ଅଧିକ ଉତ୍ସାହିତ କରାଯାଉଛି । ଏହା ଯେ, କେବଳ ଶିଶୁପାଇଁ ଉପକାରୀ ତାହାନୁହେଁ, ମା', ପରିବାର ଓ ସମାଜର ବିଭିନ୍ନ କ୍ଷେତ୍ରରେ ଏହାର ଉତ୍କର୍ଷତା ସମ୍ପର୍କରେ ପ୍ରଶ୍ନୋତ୍ତର ଛଳରେ ନିମ୍ନରେ ଆଲୋଚନା କରାଯାଉଛି ।

ପ୍ରଶ୍ନ: ଶିଶୁପାଇଁ ମା'କ୍ଷୀରର ଆବଶ୍ୟକତା କ'ଣ?

ଉତ୍ତର: ଶିଶୁପାଇଁ ମା'କ୍ଷୀରର ଉପାଦେୟତା ବିଭିନ୍ନ ଦିଗରୁ ବିଚାର କରାଯାଇପାରେ । ଏହା ହେଉଛି ଏକମାତ୍ର କ୍ଷୀର ଯାହାକି ବିଶୁଦ୍ଧ ଓ ସତେଜ ଆକାରରେ ତତ୍କ୍ଷଣାତ୍ ବ୍ୟବହାର ପାଇଁ ମିଳିଥାଏ । ପ୍ରସ୍ତୁତ କରିବାପାଇଁ କୌଣସି ଉପକରଣ ବା ଅର୍ଥର ଆବଶ୍ୟକତା ପଡେନାହିଁ । ଏହାର ଉତ୍ତାପ ଶରୀରର ଉତ୍ତାପ ସହ ସମାନ ଥିବାରୁ ଶିଶୁକୁ ସଙ୍ଗେ ସଙ୍ଗେ ଖାଇବାପାଇଁ ସୁବିଧା ହୁଏ ଓ ଏହାକୁ ଥଣ୍ଡା ବା ଗରମ କରିବାର ଆବଶ୍ୟକତା ନ ଥାଏ । ମା' ଦେହରେ ଥିବା ଅନେକ ରୋଗ ନିରୋଧକ ପଦାର୍ଥ (Antibodies) କ୍ଷୀରରେ ରହୁଥିବାରୁ ଏହା ଶିଶୁକୁ ପ୍ରଥମ ଅବସ୍ଥାରେ ଅନେକ ବ୍ୟାଧି ଯଥା: ପତଳା ଝାଡା ଓ ବାନ୍ତି, ଥଣ୍ଡା ଓ କାଶ, ଇନ୍‌ଫ୍ଲୁଏଞ୍ଜା, ପୋଲିଓ, ଡିଫ୍‌ଥେରିଆ ଇତ୍ୟାଦି କବଳରୁ ରକ୍ଷା କରିଥାଏ । ଲାଇସୋଜାଇମ ନାମକ ଏକ ପଦାର୍ଥ (Enzyme) ମା'କ୍ଷୀରରେ ପର୍ଯ୍ୟାପ୍ତ ପରିମାଣରେ ରହି ଶିଶୁ ଦେହରେ ଥିବା ବିଭିନ୍ନ ପ୍ରକାର ଜୀବାଣୁ ଓ ଭୂତାଣୁ ନଷ୍ଟ କରିଦିଏ । ଏହାଛଡା ଗାଈ କ୍ଷୀର ଖାଉଥିବା ଶିଶୁମାନଙ୍କ ଅପେକ୍ଷା ମା'କ୍ଷୀର ଖାଉଥିବା ଶିଶୁମାନଙ୍କୁ ପେଟବ୍ୟଥା, କ୍ଷୀର ଆଲର୍ଜି, ପୋକଡା ଦାନ୍ତ ଓ ଏକ୍‌ଜିମା ଇତ୍ୟାଦି ରୋଗ କମ୍ ହାରରେ ହୋଇଥାଏ । ଏହି ଶିଶୁମାନଙ୍କଠାରେ ସାଧାରଣତଃ କ୍ୟାଲସିଅମ୍ ଓ ମ୍ୟାଗ୍ନେସିଅମ୍‌ର ଅଭାବ ପରିଲକ୍ଷିତ ହୁଏନାହିଁ ତଥା ଏହି ପିଲାମାନଙ୍କୁ ଅଧିକ ମୋଟା ହେବାର ଲକ୍ଷଣକୁ ପ୍ରତିରୋଧ କରେ । ଅନୁସନ୍ଧାନରୁ ଜଣାଯାଇଛି ଯେ ପିଲାଦିନେ ମା'କ୍ଷୀର ଖାଇଥିବା ପିଲାମାନଙ୍କୁ ବୟସ୍କ ଅବସ୍ଥାରେ ପ୍ରଶିରା ମୋଟା ହୋଇଯିବା ଲକ୍ଷଣ କମ୍ ଦେଖାଯାଏ । ପରିସଂଖ୍ୟାନରୁ ଏହା ମଧ୍ୟ ଜଣାଯାଇଛି ଯେ, ମା'କ୍ଷୀର ପାନ କରୁଥିବା ପିଲାମାନଙ୍କର ବ୍ୟାଧିହାର ଓ ମୃତ୍ୟୁହାର ଅନ୍ୟ ପିଲାମାନଙ୍କଠାରୁ ଯଥେଷ୍ଟ କମ୍ ।

ପ୍ରଶ୍ନ: ଶିଶୁକୁ କ୍ଷୀରପାନ କରାଇବା ଦ୍ୱାରା ମାନସିକସ୍ତରରେ ମା' ବା ପିଲାମାନଙ୍କର କୌଣସି ହିତସାଧିତ ହୋଇଥାଏ କି?

ଉତ୍ତର: ଏହି ପ୍ରକ୍ରିୟାଦ୍ୱାରା ମା' ଓ ଶିଶୁ ମଧ୍ୟରେ ମାନସିକସ୍ତରରେ ଏକ ସୂକ୍ଷ୍ମ ବନ୍ଧନ ସୃଷ୍ଟି ହୋଇଥାଏ । ଏହି ସମୟରେ ମାତୃ ହୃଦୟରେ ସ୍ନେହ, ପ୍ରେମ ଓ ବିଭିନ୍ନ ଭାବଧାରା ଶିଶୁ ଦେହ ଓ ମନରେ ସଂଚରିତ ହୁଏ । ସ୍ତନପାନ ପରେ ମା' ଓ ଶିଶୁ ଉଭୟଙ୍କୁ ଅତ୍ୟନ୍ତ ତୃପ୍ତି ମିଳିଥାଏ, ଯାହାକି ଅନ୍ୟ କୌଣସି ଦିଗରୁ ମିଳିବା ସମ୍ଭବ ନୁହେଁ ।

ପ୍ରଶ୍ନ: ଦେଶର ଅର୍ଥନୀତି ଉପରେ ଏହାର କୌଣସି ପ୍ରଭାବ ଅଛି କି?

ଉତ୍ତର: ଯେଉଁମାନେ ଶିଶୁମାନଙ୍କୁ ମା'କ୍ଷୀର ପରିବର୍ତ୍ତେ ଗାଈ, ମଇଁଷି ବା କୃତ୍ରିମ କ୍ଷୀର ଦେଇଥାନ୍ତି, ସେମାନଙ୍କୁ ପ୍ରଚୁର ଅର୍ଥବ୍ୟୟ କରିବାକୁ ପଡିଥାଏ । ଏହାର ଯଥେଷ୍ଟ

କୁପ୍ରଭାବ ବ୍ୟକ୍ତି ଓ ପରିବାରର ଅର୍ଥନୀତି ଓ ସର୍ବୋପରି ଜାତୀୟ ଅର୍ଥନୀତି ଉପରେ ପ୍ରତିଫଳିତ ହୋଇଥାଏ । କିନ୍ତୁ ଅନ୍ୟପକ୍ଷରେ ମା'କ୍ଷୀର ପାନକରିବା ବ୍ୟବସ୍ଥାକୁ ଉତ୍ସାହିତ କରିବା ଦ୍ୱାରା କୌଣସିସ୍ତରରେ ଅର୍ଥବ୍ୟୟ କରିବାକୁ ପଡି ନଥାଏ ।

ପ୍ରଶ୍ନ: କେବଳ ମା'ଠାରୁ କ୍ଷୀର ଖାଇବା ଫଳରେ କୌଣସି ଅସୁବିଧା ଦେଖାଯାଏ କି ?

ଉତ୍ତର: ମା'କ୍ଷୀରରେ 'କେ'ଭିଟାମିନ୍ ଆବଶ୍ୟକ ପରିମାଣରେ ନ ଥିବାରୁ ପିଲାଠାରେ ରକ୍ତସ୍ରାବ ଜନିତ କେତେକ ଅସୁବିଧା ଦେଖାଯାଇପାରେ । ଦ୍ୱିତୀୟତଃ ଏଥିରେ ମଧ୍ୟ ଲୌହ ଓ ଖାଦ୍ୟପ୍ରାଣ'ଘ'କମ୍ ପରିମାଣରେ ଥାଏ । ତେଣୁ ଶିଶୁକୁ ୬ମାସ ହେବାପରେ ମା'କ୍ଷୀର ସହ ଉପରୋକ୍ତ ଲବଣ ଓ ଖାଦ୍ୟପ୍ରାଣ ଦେବା ଉଚିତ । ଠିକ୍ ସମୟପୂର୍ବରୁ ଜନ୍ମ ହୋଇଥିବା ଶିଶୁମାନେ (Prematured) ବଢ଼ିବାପାଇଁ ଅଧିକ ପରିମାଣରେ ଫସଫରସ୍, କ୍ୟାଲସିଅମ୍ ଓପୁଷ୍ଟିସାର ଖାଦ୍ୟ ଆବଶ୍ୟକ କରନ୍ତି, ଯାହାକି ମା'କ୍ଷୀରରେ ଯଥେଷ୍ଟ ପରିମାଣରେ ନ ଥାଏ । କିନ୍ତୁ ଏହାର ଉପକାରିତା ତୁଳନାରେ ଅପକାରିତା ଅତ୍ୟନ୍ତ ନଗଣ୍ୟ ଓ ଅତିରିକ୍ତ ଆବଶ୍ୟ-କୀୟ ଖାଦ୍ୟ ଠିକ୍ ସମୟରେ ଦେଲେ ଶିଶୁର କୌଣସି ଅସୁବିଧା ହୁଏ ନାହିଁ ।

ପ୍ରଶ୍ନ: କେଉଁ କେଉଁ ଅବସ୍ଥାରେ ମା'ମାନେ ପିଲାମାନଙ୍କୁ ସ୍ତନପାନ କରାଇବା ଅନୁଚିତ୍ ?

ଉତ୍ତର: ଠିକ୍ ସମୟର ବହୁପୂର୍ବରୁ ଜନ୍ମହୋଇଥିବା ଅପରିପକ୍ୱ (Prematured Babies) ପିଲାମାନେ ବହୁସମୟ ପର୍ଯ୍ୟନ୍ତ ଚୁମ୍ବି କରି ସ୍ତନପାନ କରିପାରନ୍ତି ନାହିଁ । ସ୍ତନର ଅଗ୍ରଭାଗ ଫାଟି ଯାଇଥିଲେ (Cracked nipple) ବା କୌଣସି କାରଣରୁ ଦୂଷିତ ହୋଇଥିଲେ ସେହି ଅବସ୍ଥାରେ କ୍ଷୀର ଦେବା ଅନୁଚିତ୍ କିନ୍ତୁ ଏହି ଅବସ୍ଥା କ୍ଷଣସ୍ଥାୟୀ ଓ ପ୍ରକୃତ ଚିକିତ୍ସା କଲେ ଅଳ୍ପଦିନ ମଧ୍ୟରେ ମା'କ୍ଷୀର ଦେବାପାଇଁ ସମର୍ଥ ହୋଇଯାଏ । କିନ୍ତୁ ବେରିବେରି, ଟାଇଫଏଡ୍, ଯକ୍ଷ୍ମା, ନେଫ୍ରାଇଟିସ କୁଷ୍ଠ ଓ କର୍କଟ ଇତ୍ୟାଦି ରୋଗଦ୍ୱାରା ଆକ୍ରାନ୍ତ ହୋଇଥିବା ମା'ମାନେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ଆଦୌ କ୍ଷୀରପାନ କରାଇବା ଉଚିତ ନୁହେଁ । ଏହାଛଡ଼ା ମା'ମାନେ ମଦ, ଅଫିମ ଅବା ଅନ୍ୟାନ୍ୟ ନିଶା ଜିନିଷ ବ୍ୟବହାର କରୁଥିଲେ ପିଲାମାନଙ୍କୁ କ୍ଷୀରଦେବା ଅନୁଚିତ୍ ।

ପ୍ରଶ୍ନ: କେଉଁ ପରିସ୍ଥିତିରେ ସାଧାରଣତଃ ଗାଁ ସହର ବା ସହରର ସ୍ତ୍ରୀ ଲୋକମାନେ ଶିଶୁକୁ କ୍ଷୀର ଦେବା ବନ୍ଦ କରିଦିଅନ୍ତି ?

ଉତ୍ତର: ପ୍ରସବ ସମୟରେ କିମ୍ବା ପ୍ରସବ ପରେ ପରେ ମା'ର ମୃତ୍ୟୁ ହୋଇଗଲେ ବାଧ୍ୟହୋଇ ଶିଶୁକୁ ଗାଈ ବା ଅନ୍ୟାନ୍ୟ କୃତ୍ରିମ କ୍ଷୀର ଦିଆଯାଏ । ଦ୍ୱିତୀୟତଃ ମା' ବା ଶିଶୁର ଅସୁସ୍ଥ ଅବସ୍ଥାରେ ତଥା ପରବର୍ତ୍ତୀ ସମୟରେ ମା' ଗର୍ଭବତୀ ହେଲେ ଭୁଲଧାରଣା(ଏହି ସମୟରେ କ୍ଷୀର ପାନ କରାଇଲେ ଶିଶୁପ୍ରତି କ୍ଷତିକାରକ) ବଶତଃ ମା'ମାନେ ଶିଶୁକୁ କ୍ଷୀରପାନ କରାନ୍ତି ନାହିଁ । ଅନେକ ସମୟରେ ପିଲା କାନ୍ଦିଲେ ମା'ର ଧାରଣା ହୁଏ ଯେ, ତାହାର କ୍ଷୀର ଶିଶୁପାଇଁ ଯଥେଷ୍ଟ ନୁହେଁ କିମ୍ବା କ୍ଷୀର ଖାଇବା ପରେ ପେଟଯନ୍ତ୍ରଣା ଯୋଗୁଁ ସେ କାନ୍ଦୁଥାଏ । ତେଣୁ ପିଲା କାନ୍ଦିବା ମାତ୍ରେ ମା'ମାନେ ପିଲାଙ୍କୁ ବୋତଲ କ୍ଷୀର ଦେଇଥାନ୍ତି । ଚାକିରି କରିଥିବା ସ୍ତ୍ରୀ ଲୋକମାନଙ୍କର ଶିଶୁମାନଙ୍କୁ ବାଧ୍ୟହୋଇ ଗାଈ ବା ବିଭିନ୍ନ ପ୍ରକାର କୃତ୍ରିମ କ୍ଷୀର ଦିଆଯାଏ

ଜନ୍ମ ସମୟରେ କମ ଓଜନର ପିଲାମାନଙ୍କ ପକ୍ଷରେ ମା'କ୍ଷୀର ଅପେକ୍ଷା ବୋତଲରୁ କ୍ଷୀର ଖାଇବା ସହଜ ହୋଇଥାଏ । କେତେକ କ୍ଷେତ୍ରରେ ବିଶେଷକରି ପିଲାଟି ପ୍ରଥମ ହୋଇଥିଲେ ମା'ମାନେ କେବଳ ନିଜର କ୍ଷୀର ଉପରେ ସମ୍ପୂର୍ଣ୍ଣ ଆସ୍ଥା ରଖିପାରନ୍ତି ନାହିଁ । ପିଲାମାନଙ୍କୁ ସୁନ୍ଦର ଓ ସୁସ୍ଥ ରଖିବା ପାଇଁ କୃତ୍ରିମ କ୍ଷୀରର ଉପକାରିତା ସମ୍ପର୍କରେ ଆଜିକାଲି ହେଉଥିବା ବିଜ୍ଞାପନର ବହୁଳ ପ୍ରସାର ଦ୍ୱାରା ମା'ମାନେ ପ୍ରଭାବିତ ହେଉଛନ୍ତି । କେତେକ କ୍ଷେତ୍ରରେ ଡାକ୍ତର ବା ସ୍ୱାସ୍ଥ୍ୟକର୍ମୀମାନଙ୍କର ପ୍ରକୃତ ଜ୍ଞାନ ବା ଆଗ୍ରହର ଅଭାବ ଯୋଗୁଁ ମା'ମାନେ ମଧ୍ୟ କୃତ୍ରିମ କ୍ଷୀର ଦେବା ପାଇଁ ପ୍ରଭାବିତ ହୋଇଥାନ୍ତି ।

ପ୍ରଶ୍ନ: ସ୍ତନପାନଦ୍ୱାରା ମା'ର କୌଣସି ବିଶେଷ ଉପକାର ହୋଇଥାଏ କି?

ଉତ୍ତର: ଗର୍ଭାବସ୍ଥାରେ ସ୍ତ୍ରୀ ଲୋକମାନଙ୍କର ଦେହରେ ଅଧିକ ଚର୍ବି ସୃଷ୍ଟି ହୋଇଥାଏ । ଯଦ୍ଦ୍ୱାରା ସେମାନେ ଅତ୍ୟଧିକ ମୋଟା ହୋଇଯିବାର ସମ୍ଭାବନା ଥାଏ । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ପିଲାଙ୍କୁ କ୍ଷୀର ଦେବା ଫଳରେ ଦେହରୁ ଅତ୍ୟଧିକ ଚର୍ବି ନିଷ୍କାସିତ ହୋଇଯାଏ । ଫଳରେ ସେମାନଙ୍କର ସୁନ୍ଦର ସ୍ୱାସ୍ଥ୍ୟ ରହିବା ସଙ୍ଗେ ସଙ୍ଗେ ସ୍ତନର ଗୁଣାତ୍ମକ କାର୍ଯ୍ୟକାରିତା ମଧ୍ୟ ବୃଦ୍ଧିପାଏ । ଦ୍ୱିତୀୟତଃ ପ୍ରସବପରେ ମା'ର ଗର୍ଭାଶୟ ଆକୃତି ବଡଥାଏ କିନ୍ତୁ ପିଲା ଚୁମ୍ବି କରି କ୍ଷୀର ଖାଇବା ଦ୍ୱାରା ମା' ଦେହରେ ଥିବା ପିଟୁଇଟାରୀ ଗ୍ରନ୍ଥୀ (Pitui-tary gland) ମାଧ୍ୟମରେ ଗର୍ଭାଶୟ ଆକୃତି

ହ୍ରାସପାଇ ଅଳ୍ପଦିନ ମଧ୍ୟରେ ସାଧାରଣ ଅବସ୍ଥାକୁ ଫେରିଆସେ

ପ୍ରଶ୍ନ: ପରିବାର ନିୟନ୍ତ୍ରଣ ସହ ସ୍ତନପାନର କୌଣସି ସମ୍ପର୍କ ରହିଛି କି?

ଉତ୍ତର: ପ୍ରସବପରେ ଶିଶୁକୁ ନିୟମିତ କ୍ଷୀରପାନ କରାଉଥିବା ସ୍ତ୍ରୀଲୋକମାନଙ୍କଠାରେ ସାଧାରଣତଃ ବିଳମ୍ବରେ ମାସିକ ଧର୍ମ ପୁନଃ ପ୍ରକାଶିତ ହୋଇଥାଏ । ତେଣୁ ଏହି ସମୟରେ ସାଧାରଣତଃ ସେମାନେ ପୁନର୍ବାର ଗର୍ଭବତୀ ହେବାର ସମ୍ଭାବନା କରାଯାଇ ନ ଥାଏ । ଯଦିଓ ଏହି ଅବସ୍ଥାରେ ଶତକଡା 10 ରୁ 20 ଭାଗ ସ୍ତ୍ରୀଲୋକମାନଙ୍କର ଗର୍ଭବତୀ ହେବାର ସମ୍ଭାବନା ଯଥେଷ୍ଟ ଅଧିକ ।

ତେଣୁ ଦେଶର ବର୍ତ୍ତମାନ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ନିୟନ୍ତ୍ରଣ କରିବାରେ ଏହାର ଭୂମିକା ରହିଛି ।

ପ୍ରଶ୍ନ: ସ୍ତନପାନ କରାଉ ନ ଥିବା ସ୍ତ୍ରୀଲୋକଙ୍କର କୌଣସି କ୍ଷତି ହୁଏ କି ?


ଉତ୍ତର: ଏହି ସ୍ତ୍ରୀଲୋକମାନେ ଅନେକ ସମୟରେ ସ୍ତନରେ ଭାରି ଭାରି ଭାବ ଓ ଯନ୍ତ୍ରଣା ଅନୁଭବ କରିଥାନ୍ତି । ଏହାଛଡା ସ୍ତନରେ ମଧ୍ୟ କ୍ଷତ ( Mastitis ) ହେବାର ସମ୍ଭାବନା ଯଥେଷ୍ଟ ଥାଏ ଓ ଏହାସହ ଜ୍ୱର (Milk Fever) ହୋଇପାରେ । ସ୍ତନରେ କର୍କଟ ରୋଗ Breast Cancer ଭୋଗୁଥିବା ସ୍ତ୍ରୀଲୋକମାନଙ୍କଠାରୁ ଅନୁସନ୍ଧାନରୁ ଜଣାଯାଇଛି ଯେ ପିଲାମାନଙ୍କୁ ସ୍ତନପାନ କରାଉନଥିବା ସ୍ତ୍ରୀଲୋକମାନଙ୍କ କ୍ଷେତ୍ରରେ ଏହାର ହାର ଯଥେଷ୍ଟ ଅଧିକ ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ, ଶିଶୁପାଇଁ ମା'କ୍ଷୀରର ଆବଶ୍ୟକତା ଅନିବାର୍ଯ୍ୟ ତେଣୁ ସମାଜର ବିଭିନ୍ନସ୍ତରରେ ଥିବା ସଚେତନଶୀଳ ବ୍ୟକ୍ତିମାନେ ଏହାର ଉପାଦେୟତା ସମ୍ପର୍କରେ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବା ବାଞ୍ଛନୀୟ ।

---

ସରକାରୀ ହୋମିଓ କଲେଜ,
ଭୁବନେଶ୍ୱର ।





ଜାତୀୟ ଉନ୍ନୟନ ପରିଷଦ ବୈଠକରେ.....



ଶାରୀରିକ ଅସାମର୍ଥ୍ୟଙ୍କ କଲ୍ୟାଣ ନିମନ୍ତେ
ଜାତୀୟ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କ ଗହଣରେ
ରାଷ୍ଟ୍ରପତି


Vol XLIV No. 10 UTKAL PRASANGA Regd. No. O-05/88
Licence No. C. R. N. P. 5—Licensed to post without Pre-Payment



ଭାରତ ରତ୍ନ, ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଓ ପଦ୍ମଶ୍ରୀ ଉପାଧି ପ୍ରାପ୍ତ ବିଶିଷ୍ଟ ବ୍ୟକ୍ତି ବୃନ୍ଦ ।



ଭାରତୀୟ ସମ୍ବାଦ ପତ୍ର ସମିତିର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟନ ।


ଶିଳ୍ପ ପ୍ରସଙ୍ଗ